# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୩/୨୦୨୩ (୧୮ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 3/2023 Page 18 ₹ 7.00

୪୯ଶ ଭାଗ ୧୮୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 188 ମୂଲ୍ୟ₹୭/-



DSPL-63

5 | ଓଡ଼ିଶା ସରକାର





## ଭୁବନେଶ୍ୱର

## ସିଙ୍ଗାପୁର • ବ୍ୟାଙ୍କକ୍

### ସିଧାସଳଖ ବିମାନ ସେବା



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

**ଶୁଭାରମ୍ଭ**

୩ ଜୁନ୍ ୨୦୨୩

ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର

OIPR-38001/13/0012/2324

- ଏହି ଆନ୍ତର୍ଜାତୀୟ ବିମାନ ସେବା ଓଡ଼ିଶା ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରୂପେ ପ୍ରାୟୋଜିତ ।
- ଇଣ୍ଡିଗୋ ଏୟାରଲାଇନ୍ସ ୩ ଜୁନ୍ ୨୦୨୩ରୁ ଭୁବନେଶ୍ୱରରୁ ସିଙ୍ଗାପୁର ଏବଂ ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ସେବା ଆରମ୍ଭ କରିବ ।
- ଓଡ଼ିଶା ସରକାର ମାନ୍ୟବର ପ୍ରଧାନମନ୍ତ୍ରୀ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟଙ୍କ ନିକଟରେ ସମସ୍ତ ସହଯୋଗ ପାଇଁ କୃତଜ୍ଞ ।
- ଏହି ସେବା ଓଡ଼ିଶାକୁ ଦକ୍ଷିଣ-ପୂର୍ବ ଏସୀୟ ଦେଶସମୂହ ତଥା ବିଶ୍ୱ ସହିତ ସଂଯୋଗ କରିବ ।
- ପ୍ରାରମ୍ଭିକ ଉପହାର ସ୍ୱରୂପ ଯିବା କିମ୍ବା ଆସିବା ପାଇଁ ଟିକେଟର ମୂଲ୍ୟ ୭ ହଜାର ୫ ଶହ ଟଙ୍କା ଏବଂ ଉଭୟ ଯିବା ଏବଂ ଆସିବା ପାଇଁ ୧୫ ହଜାର ଟଙ୍କା ରଖାଯାଇଛି ।

| | | | | |
|---|---|---|---|---|
| ସିଙ୍ଗାପୁର | ସ୍ଥାନୀୟ ସମୟ :୧୪:୧୦ | ଭୁବନେଶ୍ୱର | ସ୍ଥାନୀୟ ସମୟ :୧୮:୨୦ | ମଙ୍ଗଳବାର |
| ଭୁବନେଶ୍ୱର | ସ୍ଥାନୀୟ ସମୟ :୦୬:୨୫ | ସିଙ୍ଗାପୁର | ସ୍ଥାନୀୟ ସମୟ :୧୦:୩୫ | ଶନିବାର |

| | | | | |
|---|---|---|---|---|
| ବ୍ୟାଙ୍କକ୍ | ସ୍ଥାନୀୟ ସମୟ :୦୫:୩୫ | ଭୁବନେଶ୍ୱର | ସ୍ଥାନୀୟ ସମୟ :୦୮:୨୫ | ମଙ୍ଗଳବାର |
| ଭୁବନେଶ୍ୱର | ସ୍ଥାନୀୟ ସମୟ :୧୬:୫୦ | ବ୍ୟାଙ୍କକ୍ | ସ୍ଥାନୀୟ ସମୟ :୧୯:୪୦ | ଶନିବାର |



ବାଣିଜ୍ୟ ଓ ପରିବହନ ବିଭାଗ IndiGo

## ସଂକ୍ଷେପରେ

### ୟୁକ୍ରେନ୍ ଯୁଦ୍ଧକୁ ବିରୋଧକରି ଭାଟିକାନ୍ ଚର୍ଚ୍ଚରେ ଉଲଗ୍ନ ହେଲେ

**ଭାଟିକାନ୍ ସିଟି, ୨।୬:** ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ବିରୋଧକରି ଗୁରୁବାର ସେଣ୍ଟ ପିଟର୍ସ ବାସିଲିଆରେ ଜଣେ ବ୍ୟକ୍ତି ନିଜ ଦେହରୁ ପୋଷାକ କାଢ଼ିଦେଇଥିଲେ। ସେ ଉଲଗ୍ନ ହୋଇ ଚର୍ଚ୍ଚ ସମ୍ମୁଖରେ ଛିଡ଼ା ହୋଇଥିଲେ। ବ୍ୟକ୍ତି ଜଣକ ନିଜ ନଖରେ ଦେହକୁ ରାମ୍ପୁଡ଼ି କ୍ଷତ ସୃଷ୍ଟି କରିଥିଲେ। ତାଙ୍କ ପଛପଟେ ପେଣ୍ଟିଂରେ ଲେଖାଯାଇଥିଲା, ୟୁକ୍ରେନୀୟ ଶିଶୁମାନଙ୍କୁ ରକ୍ଷାକର। ଭାଟିକାନ୍ ସୁରକ୍ଷା କର୍ମୀମାନେ ତାଙ୍କୁ ଇଟାଲୀୟ ପୋଲିସକୁ ଜିମା ଦେଇଛନ୍ତି। ବ୍ୟକ୍ତିଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ।

### ଅସୁସ୍ଥ ସ୍ତ୍ରୀଙ୍କୁ ଭେଟିବା ଲାଗି ସିସୋଡିଆଙ୍କୁ ଅନୁମତି


ମନୀଷ ସିସୋଡ଼ିଆ

**ନୂଆଦିଲ୍ଲୀ, ୨।୬:** ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ଗିରଫ ହୋଇ ଜେଲରେ ଥିବା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ମନୀଷ ସିସୋଡ଼ିଆଙ୍କୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ୩ ତାରିଖ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ ସେ ତାଙ୍କ ଅସୁସ୍ଥ ସ୍ତ୍ରୀଙ୍କୁ ଘରେ ଭେଟିପାରିବେ। ଏଥିପାଇଁ ଦିଲ୍ଲୀ ହାଇକୋର୍ଟ ତାଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଏହି ସମୟ ମଧ୍ୟରେ ସେ ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟ କାହାକୁ ଭେଟିପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି। ସେ ଇଣ୍ଟରନେଟ ବ୍ୟବହାର କରିବେ ନାହିଁ କିମ୍ବା ଗଣମାଧ୍ୟମ ସହ କଥା ହେବେ ନାହିଁ। ଶନିବାର ସୁଦ୍ଧା ସ୍ତ୍ରୀଙ୍କ ଅସୁସ୍ଥତା ସମ୍ପର୍କିତ ମେଡିକାଲ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସିସୋଡ଼ିଆଙ୍କ ସ୍ତ୍ରୀ ସ୍କ୍ଲେରୋସିସ୍ ରୋଗରେ ଆକ୍ରାନ୍ତ, ଯାହା ମସ୍ତିଷ୍କ ଏବଂ କେନ୍ଦ୍ରୀୟ ସ୍ନାୟୁ ବ୍ୟବସ୍ଥାକୁ ଅକାମୀ କରିଦିଏ।

### ଭାରତକୁ ପ୍ରତ୍ୟର୍ପଣ ବିରୋଧରେ ଆମେରିକା କୋର୍ଟରେ ତାହାଉର ରାଣାଙ୍କ ଆବେଦନ



**ୱାଶିଂଟନ, ୨।୬(ପି.ଟି.):** ୨୬/୧୧ ମୁମ୍ବାଇ ଆକ୍ରମଣ ଅଭିଯୁକ୍ତ ପାକିସ୍ତାନୀ ବଂଶୋଦ୍ଭବ କାନାଡୀୟ ତାହାଉର ରାଣା ଭାରତକୁ ପ୍ରତ୍ୟର୍ପଣ ନିର୍ଦ୍ଦେଶ ବିରୋଧରେ ଆମେରିକା କୋର୍ଟରେ ପିଟିଶନ ଦାଏର କରିଛନ୍ତି। ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ ଲାଗି ଗତ ମାସରେ ଆମେରିକା କାଲିଫର୍ନିଆର ଡିଷ୍ଟ୍ରିକ୍ଟ କୋର୍ଟ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟ ଅନୁମୋଦନ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି ୬୨ ବର୍ଷୀୟ ରାଣା ଆଟର୍ନିଙ୍କ ଜରିଆରେ ରିଟ୍ ପିଟିଶନ ଦାଏର କରିଛନ୍ତି। ତାଙ୍କୁ ପ୍ରତ୍ୟର୍ପଣ କରାଯିବା ଦ୍ୱାରା ଆମେରିକା-ଭାରତ ପ୍ରତ୍ୟର୍ପଣ ଚୁକ୍ତିନାମାର ଉଲ୍ଲଂଘନ ହେବ ବୋଲି ଆଟର୍ନି ଯୁକ୍ତି ଦର୍ଶାଇଛନ୍ତି।

### ଆମେରିକା ସ୍ପେଲିଂ ବି ଜିତିଲେ ଭାରତୀୟ ବଂଶୋଦ୍ଭବ ଦେବ ଶାହା




**ୱାଶିଂଟନ, ୨।୬:** ଭାରତୀୟ ବଂଶୋଦ୍ଭବ ୧୪ ବର୍ଷୀୟ ଦେବ ଶାହା ଗୁରୁବାର ରାତିରେ ଆମେରିକାର ସମ୍ମାନଜନକ ୨୦୨୩ ସ୍କ୍ରିପ୍ସ ନ୍ୟାଶନାଲ ସ୍ପେଲିଂ ବି ଜିତି ୫୦,୦୦୦ ଡଲାର ନଗଦ ରାଶି ପୁରସ୍କାର ପାଇଛନ୍ତି। ୧୧ ଅକ୍ଷର ବିଶିଷ୍ଟ ଶବ୍ଦ 'ସେମୋଫାଇଲ୍'ର ଠିକ୍ ଉଚ୍ଚାରଣ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ଫ୍ଲୋରିଡ଼ାର ଏହି ଅଷ୍ଟମ ଶ୍ରେଣୀ ଛାତ୍ର ୨୦୧୯ ଏବଂ ୨୦୨୧ରେ ମଧ୍ୟ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ସ୍ପେଲିଂ ବି'ର ଗତ ୨୪ ବର୍ଷର ଇତିହାସରେ ସେ ଦକ୍ଷିଣ ଏସୀୟ ଐତିହ୍ୟ ଥିବା ୨୨ତମ ଚାମ୍ପିୟନ୍। ଭର୍ଜିନିଆର ୧୪ ବର୍ଷୀୟ ଚାର୍ଲୋଟ୍ ୱାଲ୍ସ ଏହି ପ୍ରତିଯୋଗିତାରେ ଦ୍ୱିତୀୟ ହୋଇଛନ୍ତି।






## ଚାଇନାର ଶେଷ ସମ୍ରାଟଙ୍କ ଘଣ୍ଟା ୬ ନିୟୁତ ଡଲାର

**ହଂକଂ:** ଚାଇନାର ଶେଷ ସମ୍ରାଟ ଆସିନ୍-ଗିଓରୋ ପୁୟିଙ୍କ ହାତଘଣ୍ଟା ହଂକଂରେ ୬ ନିୟୁତ ଡଲାରରେ ନିଲାମ ହୋଇଛି। ଐତିହାସିକ ଦୃଷ୍ଟିକୋଣରୁ ମହତ୍ତ୍ୱପୂର୍ଣ୍ଣ ରେଫ୍ ୯୬ କ୍ୱାଣ୍ଟିମେ ଲ୍ୟୁନ୍ ଟାଇମ୍‌ପିସ୍ ଘଣ୍ଟାରେ ମୁକୁଟ ସଦୃଶ ଏକ ଚନ୍ଦ୍ର ରହିଛି। ୧୯୦୮ରେ ପୁୟିଙ୍କୁ ମାତ୍ର ୨ ବର୍ଷ ହୋଇଥିବାବେଳେ ତାଙ୍କର ରାଜ୍ୟାଭିଷେକ ହୋଇଥିଲା। କିନ୍ତୁ ୧୯୧୨ରେ ଶିନ୍‌ହାଇ ବିପ୍ଳବ ବେଳେ ରାଜଭାର ତ୍ୟାଗ କରିବାକୁ ସେ ବାଧ୍ୟ ହୋଇଥିଲେ। ୧୯୩୦ ଦଶକରେ ସେ ଜାପାନ ଅଧିକୃତ ମାନୁଚୁକୁଓରେ ନେତା ପାଲଟିଥିଲେ। ୧୯୪୫ରେ ଜାପାନର ପତନ ପୂର୍ବରୁ ତାଙ୍କୁ ବନ୍ଦୀ କରି ସୋଭିଏତ୍ ପ୍ରିଜନ୍ କ୍ୟାମ୍ପକୁ ନିଆଯାଇଥିଲା। କ୍ୱିଙ୍ଗ୍ ରାଜବଂଶର ଅନ୍ତିମ ଶାସକ ପୁୟି ଏହାକୁ ପିନ୍ଧି ଉକ୍ତ ଶିବିରକୁ ଯାଇଥିଲେ। ଏହାକୁ ୩ ନିୟୁତ ଡଲାରରେ ନିଲାମ ପାଇଁ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ମାତ୍ର ୫ ମିନିଟ୍ ମଧ୍ୟରେ ୫.୧ ନିୟୁତ ଡଲାରର ବିଡିଂ ହୋଇଥିଲା। କ୍ରେତାଙ୍କ ପ୍ରିମିୟମ୍ ଫିଙ୍କୁ ମିଶାଇଲେ ମୋଟ ମୂଲ୍ୟ ୬.୨ ନିୟୁତ ଡଲାର ହେଉଛି ବୋଲି ବ୍ରିଟିଶ୍ ଅକ୍ସନ ହାଉସ୍ ଫିଲିପ୍ସ ପକ୍ଷରୁ କୁହାଯାଇଛି।


ଜୋର୍ଡାନ୍ ରାଜା ଅବ୍‌ଦୁଲ୍ଲାଙ୍କ ବଡ଼ପୁଅ କ୍ରାଉନ୍ ପ୍ରିନ୍ସ ହୁସେନ ସାଉଦି ବ୍ୟବସାୟୀ ଖାଲେଦ୍ ଅଲ୍-ସୈଫ୍‌ଙ୍କ ସାନଝିଅ ତଥା ସ୍ଥପତି ରାଜୱା ଅଲ୍-ସୈଫ୍‌ଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।

# ଅଯୋଧ୍ୟାରେ ରାଲି କରିପାରିବେନି ବ୍ରିଜ୍‌ଭୂଷଣ

**ଅଯୋଧ୍ୟା, ୨।୬**

ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଚର୍ଚ୍ଚିତ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ଜୁନ୍ ୫ରେ ରାଲି କରିବାକୁ ଶୁକ୍ରବାର ଅଯୋଧ୍ୟା ଜିଲା ପ୍ରଶାସନ ବାରଣ କରିଛି। ଅନୁମତି ନ ମିଳିବା ପରେ ତାଙ୍କ ବିରୋଧରେ ପୋଲିସ ତଦନ୍ତ ଚାଲିଥିବାରୁ ରାମକଥା ପାର୍କରେ ହେବାକୁ ଥିବା 'ଜନଚେତନା ମହାରାଲି'କୁ କିଛିଦିନ ପାଇଁ ସ୍ଥଗିତ ରଖିଥିବା ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ସଫେଇ ଦେଇଛନ୍ତି।

ବ୍ରିଜ୍‌ଭୂଷଣଙ୍କ ବିରୋଧରେ ୭ ଜଣ ଅନ୍ତର୍ଜାତୀୟ ମହିଳା କୁସ୍ତିଯୋଦ୍ଧା ଓ ଅଲିମ୍ପିଆନ୍ ମାନସିକ ନିର୍ଯାତନା ଏବଂ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣି ତାଙ୍କୁ ଡବ୍ଲ୍ୟୁଏଫ୍‌ଆଇ ଅଧ୍ୟକ୍ଷ ପଦରୁ ହଟାଇବା ସହ ଗିରଫ କରିବା ଦାବିରେ ଅଡ଼ିବସିଛନ୍ତି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ ହୋଇଥିଲେ ହେଁ ତାଙ୍କୁ ଗିରଫ କରାଯାଉ ନାହିଁ। ଏହାର ପ୍ରତିବାଦରେ ଗତ ୨୮ ତାରିଖରେ କୁସ୍ତିଯୋଦ୍ଧାମାନେ ଦିଲ୍ଲୀର ଯନ୍ତରମନ୍ତରରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ନୂଆ ସଂସଦ ଭବନକୁ ଯିବାବେଳେ ପୋଲିସ ସେମାନଙ୍କୁ ମାଡ଼ମାରି ବସ୍‌ରେ ଉଠାଇନେଇଥିଲା। ଏହାର ଦୁଇଦିନ ପରେ ରେସଲର୍ ସାକ୍ଷୀ ମଲିକ, ଭିନେଶ ଫୋଗଟ୍ ଓ ବଜରଙ୍ଗ ପୁନିଆ ହରିଦ୍ୱାର ଗଙ୍ଗାନଦୀରେ ନିଜ ପଦକ ବିସର୍ଜନ ପାଇଁ ଯାଇଥିଲେ। କିନ୍ତୁ ଭାରତୀୟ କିଷାନ ୟୁନିୟନ୍ (ବିକେୟୁ) ଅଧ୍ୟକ୍ଷ ନରେଶ ଟିକାଏତ୍ ମେଡାଲ ନ ଭସାଇବାକୁ ବୁଝାଇଥିଲେ। ଏଥିସହ ୫ ଦିନ ମଧ୍ୟରେ ବ୍ରିଜ୍‌ଭୂଷଣଙ୍କୁ ଗିରଫ କରିବାକୁ ମହଲତ ଦେଇଥିଲେ। ଅନ୍ୟପକ୍ଷେ ପ୍ରଭାବଶାଳୀ ଭାଜପା ନେତା ବ୍ରିଜ୍‌ଭୂଷଣ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ସାଧୁସନ୍ଥଙ୍କୁ ନେଇ ଅଯୋଧ୍ୟାର ରାମକଥା ପାର୍କରେ ବିଶାଳ ସମାବେଶ ଆୟୋଜନ କରିବାକୁ ସ୍ଥିର କରିଥିଲେ। ଏନେଇ ଅଯୋଧ୍ୟା ସର୍କଲ ଅଫିସର ଏସ୍.ପି. ଗୌତମ କହିଛନ୍ତି, ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଜୁନ୍ ୫ରେ ଅନ୍ୟ କାର୍ଯ୍ୟକ୍ରମ ଥିବାରୁ ବ୍ରିଜ୍‌ଭୂଷଣଙ୍କ ତରଫରୁ ଭାଜପା କାଉନ୍‌ସିଲର ଚମେଲା ଦେବୀଙ୍କ ଅନୁରୋଧକୁ ଗ୍ରହଣ କରାଯାଇ ନାହିଁ। ବ୍ରିଜ୍‌ଭୂଷଣ ନିଜ ହିତାକାଂକ୍ଷୀମାନଙ୍କ ଉଦ୍ଦେଶ୍ୟରେ ଏକ ଫେସ୍‌ବୁକ୍ ପୋଷ୍ଟରେ ଉଲ୍ଲେଖ କରିଛନ୍ତି, ଆପଣମାନଙ୍କ ସମର୍ଥନରେ ମୁଁ ଲୋକ ସଭାରେ ୨୮ ବର୍ଷ ପ୍ରତିନିଧିତ୍ୱ କଲିଣି। ଶାସକ ଦଳରେ ରହି ସବୁ ବର୍ଗର ଲୋକଙ୍କୁ ଏକାଠି କରିଛି। ଏଥିଲାଗି ମୋ ରାଜନୈତିକ ବିରୋଧୀ ଓ ସେମାନଙ୍କ ଦଳଗୁଡ଼ିକ ମୋ ବିରୋଧରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ସମାଜରେ ବିସ୍ତାର ଲାଭ କରୁଥିବା ଖରାପ କାର୍ଯ୍ୟ ବନ୍ଦ କରିବା ପାଇଁ ସନ୍ଥ ସମ୍ମିଳନୀ କରିବାକୁ ଧାର୍ଯ୍ୟ ହୋଇଥିଲା। କିନ୍ତୁ ଦିଲ୍ଲୀ ପୋଲିସ ମୋ ବିରୋଧରେ ତଦନ୍ତ କରୁଥିବାରୁ ଏହାକୁ ସ୍ଥଗିତ ରଖାଯାଇଛି।

### ଅନୁମତି ଦେଲାନାହିଁ ଜିଲା ପ୍ରଶାସନ



ବ୍ରିଜ୍‌ଭୂଷଣ ଶରଣ ସିଂ

## ଯୌନ ଅନୁଗ୍ରହ ମାଗୁଥିଲେ ବ୍ରିଜ୍‌ଭୂଷଣ

**ନୂଆଦିଲ୍ଲୀ/କୁରୁକ୍ଷେତ୍ର, ୨।୬**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମୁଖ୍ୟ ବ୍ରିଜ୍‌ଭୂଷଣ ଶରଣ ସିଂ ମହିଳା କୁସ୍ତିଯୋଦ୍ଧାମାନଙ୍କୁ ଅଣ୍ଡାଳୁଥିଲେ। ସେମାନଙ୍କୁ ଅନୁପଯୁକ୍ତ ବ୍ୟକ୍ତିଗତ ପ୍ରଶ୍ନ ପଚାରୁଥିଲେ। କ୍ୟାରିୟର ପାଇଁ ସୁଯୋଗ ଦେବା ବଦଳରେ ଯୌନ ଅନୁଗ୍ରହ ଦାବି କରୁଥିଲେ। ଏପରି କି ଜଣେ ନାବାଳିକା କୁସ୍ତିଯୋଦ୍ଧାଙ୍କ ବକ୍ଷକୁ ସେ ସ୍ପର୍ଶ କରୁଥିଲେ। ସେ ତାଙ୍କ ପିଛା ମଧ୍ୟ କରୁଥିଲେ ବୋଲି ବ୍ରିଜ୍‌ଭୂଷଣଙ୍କ ବିରୋଧରେ ହୋଇଥିବା ଦୁଇଟି ଏଫ୍‌ଆଇଆର୍‌ରେ ଉଲ୍ଲେଖ କରାଯାଇଛି। ଯେଉଁମାନେ ଯୌନ ସୁବିଧା ଦେବାକୁ ମନା କରୁଥିଲେ ସେମାନଙ୍କୁ ବୃତ୍ତିଗତ ସୁଯୋଗରୁ ବଞ୍ଚିତ କରାଯାଉଥିଲା। ୭ ମହିଳା କୁସ୍ତିଯୋଦ୍ଧାଙ୍କ ଏହି ଅଭିଯୋଗ ଆଧାରରେ ଦିଲ୍ଲୀର କନଟ ପ୍ଲେସ୍ ଥାନାରେ ୨ଟି ଏଫ୍‌ଆଇଆର୍ ହୋଇଛି। ଗୋଟିଏ ଏଫ୍‌ଆଇଆର୍ ୬ ବୟସ୍କା ରେସଲରଙ୍କ ଅଭିଯୋଗ ଆଧାରରେ ହୋଇଥିବାବେଳେ ଅନ୍ୟଟି ଜଣେ ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ହୋଇଛି। ୨୦୧୨ରୁ ୨୦୨୨ ମଧ୍ୟରେ ଭାରତ ଓ ବିଦେଶରେ ବ୍ରିଜ୍‌ଭୂଷଣଙ୍କ ଏହି କୁକାର୍ଯ୍ୟକୁ ନେଇ ଗତ ଏପ୍ରିଲ ୨୧ରେ ଅଭିଯୋଗ ହୋଇଥିବାବେଳେ ୨୮ ତାରିଖରେ ପୋଲିସ ମାମଲା ରୁଜୁ କରିଛି। ଅନ୍ୟପକ୍ଷେ ବ୍ରିଜ୍‌ଭୂଷଣ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

> ଦେଶ ପାଇଁ ପଦକ ଆଣିଥିବା ଝିଅମାନେ ନ୍ୟାୟ ପାଇଁ ରାସ୍ତାରେ ଗୁହାରି କରୁଥିବାବେଳେ ଅପରାଧ ଅଭିଯୁକ୍ତଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୁରକ୍ଷା ଦେଉଛନ୍ତି।
> **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> ଅଭିଯୁକ୍ତ ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କୁ ସରକାରଙ୍କ ବ୍ୟବସ୍ଥା ସୁରକ୍ଷା ଦେଉଛି। ପ୍ରଧାନମନ୍ତ୍ରୀଙ୍କ ନୀରବତା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।
> **-ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

> କୁସ୍ତିଯୋଦ୍ଧାମାନେ ନ୍ୟାୟ ପାଆନ୍ତୁ ବୋଲି ଆମେ ଚାହୁଁଛୁ। କିନ୍ତୁ ବ୍ରିଜ୍‌ଭୂଷଣଙ୍କ ବିରୋଧରେ ଆଇନାନୁସାରେ କାର୍ଯ୍ୟାନୁଷ୍ଠାନ ହେବ।
> **-ଅନୁରାଗ ଠାକୁର, କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ**

## ଧାର୍ଯ୍ୟ ତାରିଖ ପୂର୍ବରୁ ଗିରଫ କର: ଖାପ୍ ମହାପଞ୍ଚାୟତ


ରାକେଶ ଟିକାଏତ୍

ହରିୟାଣାର କୁରୁକ୍ଷେତ୍ରରେ କୁସ୍ତିଯୋଦ୍ଧାଙ୍କ ସମର୍ଥନରେ ଶୁକ୍ରବାର ଖାପ୍ ମହାପଞ୍ଚାୟତ ଅନୁଷ୍ଠିତ ହୋଇଯାଇଛି। ବ୍ରିଜ୍‌ଭୂଷଣଙ୍କୁ ଗିରଫ କରା ନ ଗଲେ କୃଷକମାନେ ଜୁନ୍ ୯ରେ ବିକ୍ଷୋଭରତ କୁସ୍ତିଯୋଦ୍ଧାଙ୍କୁ ଦିଲ୍ଲୀର ଯନ୍ତରମନ୍ତରକୁ ପୁଣି ନେଇଯିବେ। ଏଥିପାଇଁ ସରକାରଙ୍କୁ ମହଲତ ଦିଆଯାଇଛି। ଧାର୍ଯ୍ୟ ତାରିଖ ପୂର୍ବରୁ ବ୍ରିଜ୍‌ଭୂଷଣଙ୍କୁ ଗିରଫ କରାଯାଉ। ଅନ୍ୟଥା ଦେଶବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ଖାପ୍ ମହାପଞ୍ଚାୟତ ଶେଷ ହେବା ପରେ ଭାରତୀୟ କିଷାନ୍ ୟୁନିୟନ୍ (ବିକେୟୁ) ନେତା ରାକେଶ ଟିକାଏତ୍ ଖବରଦାତାମାନଙ୍କୁ କହିଛନ୍ତି। ଏଥିସହ କୁସ୍ତିଯୋଦ୍ଧାଙ୍କ ବିରୋଧରେ ଦିଲ୍ଲୀ ପୋଲିସ ରୁଜୁ କରିଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର କରିବାକୁ ଟିକାଏତ୍ ଦାବି କରିଛନ୍ତି। ୧୯୮୩ରେ ଭାରତ ପାଇଁ ବିଶ୍ୱକପ୍ ଆଣିଦେଇଥିବା କ୍ୟାପ୍‌ଟେନ୍ କପିଲ ଦେବଙ୍କ କ୍ରିକେଟ ଟିମ୍ ମଧ୍ୟ କୁସ୍ତିଯୋଦ୍ଧାଙ୍କ ସମର୍ଥନରେ ବାହାରି ଦିଲ୍ଲୀ ପୋଲିସର ବର୍ବରତାକୁ ନିନ୍ଦା କରିଛି।

## ରହସ୍ୟଜନକ ଶବ୍ଦ: ଲୋକେ ଆତଙ୍କିତ

**କୋଟ୍ଟାୟାମ୍, ୨।୬**

କେରଳର କୋଟ୍ଟାୟାମ୍ ଜିଲା ଚେନ୍ନାପଡ୍ଡି ଗ୍ରାମରେ ଶୁକ୍ରବାର ସକାଳେ ଦୁଇଥର ରହସ୍ୟଜନକ ଭୂତଳ ଶବ୍ଦ ଶୁଣିବାକୁ ମିଳିଛି। ଏହାକୁ ନେଇ ସ୍ଥାନୀୟ ଲୋକେ ଆତଙ୍କିତ ହୋଇଯାଇଛନ୍ତି। ସମ୍ପୃକ୍ତ ଅଞ୍ଚଳରେ କିଛିଦିନ ପୂର୍ବେ ମଧ୍ୟ ଅନୁରୂପ ଶବ୍ଦ ଶୁଣିବାକୁ ମିଳିଥିଲା। ତେବେ ଏହି ଶବ୍ଦ ଯୋଗୁ ପାରିପାର୍ଶ୍ୱିକ ସ୍ଥିତିରେ କିଛି ପରିବର୍ତ୍ତନ ଆସିନାହିଁ। କେବଳ ଏକ ବୈଜ୍ଞାନିକ ଅନୁଧ୍ୟାନ ହିଁ ଏହି ଭୂତଳ ଶବ୍ଦର କାରଣ ଖୋଜିପାରିବ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଥମ ଥର ଶବ୍ଦ ଶୁଣାଯିବା ପରେ କେରଳର ମାଇନିଂ ଓ ଜିଓଲୋଜି ବିଭାଗ ଅଧିକାରୀମାନଙ୍କ ବିଶେଷଜ୍ଞ ଟିମ୍ ସେହି ସ୍ଥାନକୁ ଯାଇ ଯାଞ୍ଚ କରିଥିଲା। ସେଣ୍ଟର ଫର୍ ଆର୍ଥ ସାଇନ୍ସେସ୍ (ସିଇଏସ୍)ର ଏକ ଟିମ୍ ଖୁବ୍‌ଶୀଘ୍ର ସେଠାରେ ବିସ୍ତୃତ ଅଧ୍ୟୟନ କରିବ ବୋଲି ଜଣାପଡ଼ିଛି।

## ୨୨ରେ ଆମେରିକା କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ ମୋଦି



**ୱାଶିଂଟନ, ୨।୬**

ଆମେରିକା ଗସ୍ତରେ ଯିବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ୍ ୨୨ରେ ୟୁଏସ୍ କଂଗ୍ରେସର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ। ଭାରତର ଭବିଷ୍ୟତ ସମ୍ପର୍କରେ ମୋଦି ତାଙ୍କର ଦୂରଦୃଷ୍ଟି ଶେୟାର କରିବା ସହ ଦୁଇ ଦେଶ ସମ୍ମୁଖୀନ ହେଉଥିବା ବିଭିନ୍ନ ବୈଶ୍ୱିକ ଚ୍ୟାଲେଞ୍ଜ ସମ୍ପର୍କରେ କହିବେ ବୋଲି ଶୁକ୍ରବାର କଂଗ୍ରେସ ସଦସ୍ୟମାନଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ଉକ୍ତ ବିବୃତିରେ ହାଉସ୍ ସ୍ପିକର କେଭିନ୍ ମାକ୍କାର୍ଥୀ, ସିନେଟର ସଂଖ୍ୟାଗରିଷ୍ଠ ନେତା ଚୁକ୍ ସ୍କୁମର, ସିନେଟ୍ ରିପବ୍ଲିକାନ ନେତା ମିଚ୍ ମାକୋନେଲ୍ ଏବଂ ହାଉସ୍ ଡେମୋକ୍ରାଟିକ୍ ନେତା ହାକିମ୍ ଜେଫ୍ରିସ୍ ସ୍ୱାକ୍ଷର କରିଛନ୍ତି।

## ଦେଶଦ୍ରୋହ ଆଇନକୁ ନ୍ୟାୟିକ କମିଶନଙ୍କ ସମର୍ଥନ

**ନୂଆଦିଲ୍ଲୀ, ୨।୬**

### ଜେଲଦଣ୍ଡ ବଢ଼ାଇବାକୁ ପ୍ରସ୍ତାବ

ଦେଶଦ୍ରୋହ ଉପରେ ଉପନିବେଶୀୟ ଆଇନକୁ ବଜାୟ ରଖିବା ଲାଗି ଭାରତର ନ୍ୟାୟିକ କମିଶନ ସୁପାରିସ କରିଛନ୍ତି। ଦେଶର ଏକତା, ସଂହତିର ସୁରକ୍ଷା ପାଇଁ ଏହି ଆଇନ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ନ୍ୟାୟିକ କମିଶନ କହିଛନ୍ତି। ଆତଙ୍କବାଦ ମାମଲାଗୁଡ଼ିକର ବିଚାର ପାଇଁ ଯଦିଓ କେନ୍ଦ୍ର ଓ ରାଜ୍ୟ ଆଇନ ରହିଛି, ଭାରତର ଏକତା ଓ ସଂହତିର ସୁରକ୍ଷା ପାଇଁ ଆଇପିସିର ଧାରା ୧୨୪ଏ ଏକ ପାରମ୍ପରିକ ଦଣ୍ଡ ବ୍ୟବସ୍ଥା ଭାବେ କାର୍ଯ୍ୟ କରିଥାଏ। ଦେଶକୁ ଭାଗ ଭାଗ କରିବା ପ୍ରବୃତ୍ତିକୁ ତୁରନ୍ତ ଓ ପ୍ରଭାବଶାଳୀ ଭାବେ ଦମନ କରିବା ପାଇଁ ଏହି ଆଇନ ତ୍ୱରିତ୍ ଜାତୀୟ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ। ଉକ୍ତ ଆଇନରେ ସଂଶୋଧନ କରି ଏହାକୁ ଅଧିକ ସ୍ପଷ୍ଟ କରାଯିବା ସହ ଜେଲଦଣ୍ଡ ବ୍ୟବସ୍ଥାକୁ ୩ରୁ ୭ ବର୍ଷକୁ ବୃଦ୍ଧି କରିବାକୁ କମିଶନ ପ୍ରସ୍ତାବ ଦେଇଛନ୍ତି।


କଲୋରାଡୋ ସ୍ପ୍ରିଙ୍ଗସ୍ଥିତ ଆମେରିକା ଏୟାରଫୋର୍ସ ଏକାଡେମୀର ଫାଲକନ୍ ଷ୍ଟାଡିୟମରେ ଆୟୋଜିତ ୨୦୨୩ ବାୟୁସେନା ଏକାଡେମୀ ଗ୍ରାଜୁଏଶନ ଉତ୍ସବ ବେଳେ ରାଷ୍ଟ୍ରପତି ଜୋ ବାଇଡେନ୍ ମଞ୍ଚ ଉପରେ ପଡ଼ିଯାଇଛନ୍ତି।

## ଶାହାଙ୍କ ଅପିଲ୍ ପରେ ୧୪୦ ଅସ୍ତ୍ର ସମର୍ପଣ

**ନୂଆଦିଲ୍ଲୀ, ୨।୬**

### ମଣିପୁରର ୫ ଜିଲାରୁ କର୍ଫ୍ୟୁ ଉଠିଲା

ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଶାନ୍ତି ଫେରାଇ ଆଣିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆହ୍ୱାନ ଦେବାର ଦିନକ ପରେ ୫ ଜିଲାରୁ କର୍ଫ୍ୟୁ ପ୍ରତ୍ୟାହାର ହୋଇଥିବାବେଳେ ଅନ୍ୟ ଅଞ୍ଚଳଗୁଡ଼ିକରେ କୋହଳ କରାଯାଇଛି। ହିଂସାକାଣ୍ଡ ବେଳେ ପୋଲିସ ଅସ୍ତ୍ରାଗାରରୁ ୨,୦୦୦ ଅସ୍ତ୍ରଶସ୍ତ୍ର ଲୁଟ୍ ହୋଇଥିଲା। ଶାହାଙ୍କ ଚେତାବନୀ ପରେ ୧୪୦ ଅସ୍ତ୍ର ସମର୍ପଣ କରାଯାଇଥିବା ପୋଲିସ କହିଛି। ସେହି ଅସ୍ତ୍ର ମଧ୍ୟରେ ଏକେ-୪୭, ଇନ୍‌ସାସ ରାଇଫଲ, ଟିଅରଗ୍ୟାସ୍, ଷ୍ଟେନ୍ ଗନ୍, ଗ୍ରେନେଡ୍ ଲଞ୍ଚର ଓ ପିସ୍ତଲ ରହିଛି।

ଶାହା ତାଙ୍କର ୪ ଦିନିଆ ଗସ୍ତ ଅବସରରେ ବିଭିନ୍ନ ସଂଗଠନକୁ ଭେଟିଥିଲେ। ଯେଉଁମାନେ ଅସ୍ତ୍ର ସମର୍ପଣ ନ କରିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୁରୁବାର ସ୍ୱରାଷ୍ଟ୍ରମନ୍ତ୍ରୀ ଚେତାବନୀ ଦେଇଥିଲେ। ହିଂସାର ବିଚାରବିଭାଗୀୟ ତଦନ୍ତ ସାଙ୍ଗକୁ ଶାନ୍ତି ଫେରାଇ ଆଣିବା ଲାଗି ଏକ ଶାନ୍ତି କମିଟି ଗଠନ କରାଯିବ ବୋଲି ସେ ଘୋଷଣା କରିଥିଲେ। ମଣିପୁରରେ ଗତମାସରେ ସାମ୍ପ୍ରଦାୟିକ ସଂଘର୍ଷରେ ୯୮ ଜଣଙ୍କ ଜୀବନ ଯିବା ସହ ୩୧୦ ଜଣ ଆହତ ହୋଇଥିଲେ। ମେଇତି ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି ମାନ୍ୟତାକୁ ବିରୋଧ କରି ମେ' ୩ରେ ୧୦ ଜିଲାରେ ଆଦିବାସୀ ଏକତା ଶୋଭାଯାତ୍ରା ବେଳେ ସଂଘର୍ଷ ଘଟିଥିଲା।

## ଭାରତୀୟ ଗଣତନ୍ତ୍ର ଭୁଶୁଡ଼ିଲେ ବିଶ୍ୱ ପ୍ରଭାବିତ ହେବ: ରାହୁଲ

**ୱାଶିଂଟନ, ୨।୬ (ପି.ଟି.)**

ଭାରତୀୟ ଗଣତନ୍ତ୍ର ସାରା ବିଶ୍ୱର ହିତ ପାଇଁ ଉଦ୍ଦିଷ୍ଟ। ଗଣତନ୍ତ୍ର ଭୁଶୁଡ଼ିଲେ, ବିଶ୍ୱ ଉପରେ ଏହାର ପ୍ରଭାବ ପଡ଼ିବ ଏବଂ ଏହା ଆମେରିକାର ଜାତୀୟ ସ୍ୱାର୍ଥ ନୁହେଁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି। ଗଣତନ୍ତ୍ର ପ୍ରସଙ୍ଗ ଦେଶର ଆଭ୍ୟନ୍ତରୀଣ ବ୍ୟାପାର। ଗଣତନ୍ତ୍ର ପ୍ରତି ଦେଖାଦେଇଥିବା ସଙ୍କଟ ବିରୋଧରେ ଲଢ଼େଇ ପାଇଁ ସେ ପ୍ରତିଶ୍ରୁତିବଦ୍ଧ। ଭାରତର ଗଣତନ୍ତ୍ର ପାଇଁ ଲଢ଼େଇ କରିବା ଆମର କାମ ବୋଲି ଗୁରୁବାର ନ୍ୟାଶନାଲ ପ୍ରେସ୍ କ୍ଲବ୍‌ଠାରେ ରାହୁଲ ଏକ ଖବରଦାତା ସମ୍ମିଳନୀକୁ କହିଛନ୍ତି। ସେହିପରି ଖ୍ୟାତନାମା ଭାରତୀୟ ଆମେରିକୀୟ ଫ୍ରାଙ୍କ୍ ଇସ୍‌ଲାମଙ୍କ ଦ୍ୱାରା ରାହୁଲଙ୍କ ପାଇଁ ଆୟୋଜିତ ଏକ ଅଭ୍ୟର୍ଥନା କାର୍ଯ୍ୟକ୍ରମରେ ସେ ଗଣତନ୍ତ୍ର ଉପରେ ଏକ ପ୍ରଶ୍ନର ସମାନ ଉତ୍ତର ଦେଇଥିଲେ। ଭାରତ-ଆମେରିକା ସମ୍ପର୍କକୁ ଅଧିକ ପ୍ରଶସ୍ତ କରିବା ଆବଶ୍ୟକ ରହିଛି। ଏହା କେବଳ ପ୍ରତିରକ୍ଷା ସମ୍ପର୍କରେ ସୀମିତ ରହିବା ଉଚିତ ନୁହେଁ ବୋଲି ରାହୁଲ କହିଥିଲେ।



'ମୁସଲିମ୍ ଲିଗ୍ ସମ୍ପୂର୍ଣ୍ଣ ଧର୍ମନିରପେକ୍ଷ ଦଳ ବୋଲି ନ୍ୟାଶନାଲ ପ୍ରେସ୍ କ୍ଲବ୍‌ରେ ଖବରଦାତାମାନଙ୍କ ସହ ଆଲୋଚନା ବେଳେ ରାହୁଲ ଦାବି କରିଥିଲେ। କେରଳରେ ମୁସ୍‌ଲିମ୍ ଲିଗ୍ ସହ କଂଗ୍ରେସର ମେଣ୍ଟକୁ ନେଇ ପ୍ରଶ୍ନ ହେବାରୁ ରାହୁଲ ଉପରୋକ୍ତ ଉତ୍ତର ଦେଇଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ନେଇ କଂଗ୍ରେସ ଏବଂ ଭାଜପା ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଯାଇଛି। ମହମ୍ମଦ ଅଲି ଜିନ୍ନାଙ୍କ 'ମୁସ୍‌ଲିମ୍ ଲିଗ୍' ପାଇଁ ଦେଶ ଧର୍ମ ଆଧାରରେ ଭାଗ ଭାଗ ହୋଇଥିଲା। ଉକ୍ତ ଦଳକୁ ଧର୍ମନିରପେକ୍ଷ କହିବା ଦୁର୍ଭାଗ୍ୟଜନକ ବୋଲି କେନ୍ଦ୍ରମନ୍ତ୍ରୀ କିରେନ୍ ରିଜିଜୁ କହିଛନ୍ତି। ରାହୁଲଙ୍କ ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦାୟକ। ବିଦେଶ ମାଟିରେ ରାଷ୍ଟ୍ରକୁ ଅପମାନିତ କରିବାକୁ ଦେଶବାସୀ କଦାପି ଗ୍ରହଣ କରିବେ ନାହିଁ ବୋଲି ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ କହିଛନ୍ତି। ଏହାର ଜବାବରେ କଂଗ୍ରେସ ନେତା ପଓ୍ୱନ ଖେରା କହିଛନ୍ତି, ଜିନ୍ନାଙ୍କ ମୁସ୍‌ଲିମ୍ ଲିଗ୍ ଏବଂ ଇଣ୍ଡିଆନ୍ ୟୁନିୟନ ମୁସଲିମ୍ ଲିଗ୍ (ଆଇୟୁଏମ୍‌ଏଲ୍) ଦୁଇଟି ଅଲଗା ଦଳ। କେରଳରେ ଆଇୟୁଏମ୍‌ଏଲ୍ ସହ କଂଗ୍ରେସର ମେଣ୍ଟ ରହିଛି। ରାହୁଲ ଉକ୍ତ ମୁସଲିମ୍ ଲିଗ୍ ସମ୍ପର୍କରେ କହିଥିବା ଖେରା ସଫେଇ ଦେଇଛନ୍ତି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜୁନ୍ ୩/୨୦୨୩ | Bhubaneswar, Saturday, June 3/2023 | ପୃଷ୍ଠା-୧



**ପ୍ରଥମ ଫିଲ୍ମ ପାଇଁ ଓଜନ କମାଇଥିଲେ ସୋନାକ୍ଷୀ**

ବଲିଉଡର ଦବଙ୍ଗଗର୍ଲ ଭାବେ ପରିଚିତ ସୋନାକ୍ଷୀ ସିହ୍ନା ତାଙ୍କର ପ୍ରଥମ ଫିଲ୍ମ 'ଦବଙ୍ଗ' ପାଇଁ ନିଜର ୩୦ କିଲୋ ଓଜନ କମାଇଥିଲେ।

୧୨

୧୬

**ପେଗୁଲାଙ୍କୁ ହରାଇଲେ ମେର୍ଟେନ୍ସ**

ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ୩ୟ ର୍ୟାଙ୍କପ୍ରାପ୍ତ ଜେସିକା ପେଗୁଲାଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ଏଲିସ ମେର୍ଟେନ୍ସ।



# ଭୟଙ୍କର ଟ୍ରେନ୍ ଦୁର୍ଘଟଣା: ୧୨୦ ମୃତ

- **ବାହାନଗାରେ ମାଲବାହୀକୁ ଧକ୍କା ଦେଲା କରମଣ୍ଡଳ**
- **କରମଣ୍ଡଳ ବଗି ସହ ପିଟିହେଲା ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ**

ବାଲେଶ୍ୱର ଅଫିସ/ବାହାନଗା, ୨।୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଭୟଙ୍କର ଟ୍ରେନ ଦୁର୍ଘଟଣା ଘଟିଛି। ଶାଲିମାର-ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ (୧୨୮୪୧) ଓ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସ୍ (୧୨୮୬୪) ଦୁର୍ଘଟଣାଗ୍ରସ୍ତ ହେବାରୁ ୧୨୦ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏଥିରେ ୮୦୦ରୁ ଅଧିକ ଆହତ ହୋଇଥିବା ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ରାତି ସାଢ଼େ ୧ଟାରେ ଘଟଣାସ୍ଥଳରୁ ସୂଚନା ଦେଇଛନ୍ତି। ବଗି ତଳେ ଅନେକ ଯାତ୍ରୀ ଚାପି ହୋଇ ରହିଥିବାରୁ ମୃତାହତଙ୍କ ସଂଖ୍ୟା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିୟୋଜିତ ଯବାନ ଓ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ତେବେ ରାତିର ଅନ୍ଧାର ଏଥିରେ କିଛି ମାତ୍ରାରେ ବାଧକ ସାଜିଛି। ରାତି ସାରା ଉଦ୍ଧାର କାର୍ଯ୍ୟ ଚାଲିଥିବାବେଳେ ଦୁର୍ଘଟଣାରେ ନିଖୋଜ ହୋଇଥିବା ଆତ୍ମୀୟଙ୍କ ☞ପୃଷ୍ଠା-୨



ବାଲେଶ୍ୱର ଜିଲା ବାହାନଗା ନିକଟରେ ଶୁକ୍ରବାର କରମଣ୍ଡଳ, ବେଙ୍ଗାଲୁରୁ-ହାଓଡା ଓ ମାଲବାହୀ ଟ୍ରେନ୍ ମଧ୍ୟରେ ଦୁର୍ଘଟଣା ପରର ଦୃଶ୍ୟ। **(ଅଧିକ ରିପୋର୍ଟ ଓ ଫଟୋ: ପୃଷ୍ଠା-୬/୭)**

## ମୃତକଙ୍କ ପରିବାରକୁ ୧୨ ଲକ୍ଷ ଟଙ୍କାର ଅନୁକମ୍ପା ସହାୟତା ଘୋଷଣା

ଭୁବନେଶ୍ୱର, ୨।୬(ବ୍ୟୁରୋ)

ରେଳ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ଲାଗି ୧୦ ଲକ୍ଷ ଟଙ୍କା, ଗୁରୁତର ଆହତଙ୍କ ଲାଗି ୨ ଲକ୍ଷ ଏବଂ ସାମାନ୍ୟ ଆହତଙ୍କ ଲାଗି ୫୦ ହଜାର ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ଆହତଙ୍କ ଆରୋଗ୍ୟ କାମନା ସହ ମୃତକଙ୍କ ପରିବାର ବର୍ଗଙ୍କ ନିକଟରେ ସେ ସମବେଦନା ଜଣାଇଛନ୍ତି। ☞ପୃଷ୍ଠା-୨

## ଆଜି ଘଟଣାସ୍ଥଳ ଯିବେ ମୁଖ୍ୟମନ୍ତ୍ରୀ

### କଣ୍ଟ୍ରୋଲ୍ ରୁମ୍‌ରୁ ତଦାରଖ କଲେ

ଭୁବନେଶ୍ୱର, ୨।୬(ବ୍ୟୁରୋ)

ବାହାନଗା ଷ୍ଟେଶନ ନିକଟରେ ଟ୍ରେନ୍ ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିବା ସହିତ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆରସି)ଙ୍କ କଣ୍ଟ୍ରୋଲ୍ ରୁମ୍‌ରେ ପହଞ୍ଚି ଘଟଣାର ତଦାରଖ କରିଛନ୍ତି। ଏଥିସହ ସେ ନିଜେ ଶନିବାର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ସୂଚନା ଦେଇଛନ୍ତି। ଏହି ଦୁର୍ଘଟଣାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଏସ୍ଆର୍‌ସି ସତ୍ୟବ୍ରତ ସାହୁ, ଶିଳ୍ପ ସଚିବ ହେମନ୍ତ ଶର୍ମା, ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂ, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ ଏବଂ ରେଲୱେ ☞ପୃଷ୍ଠା-୨

## ଓଜେଇଇ: ୪୮,୭୮୩ ପରୀକ୍ଷାର୍ଥୀଙ୍କୁ ର୍ୟାଙ୍କ

ଭୁବନେଶ୍ୱର,୨।୬(ବ୍ୟୁରୋ)

ଓଡିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଓଜେଇଇ) ଫଳ ଶୁକ୍ରବାର ପ୍ରକାଶ ପାଇଛି। ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ପୂର୍ବାହ୍ନ ୧୧ଟାରେ ଫଳ ଘୋଷଣା କରିବା ସହ ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଚଳିତବର୍ଷ ଓଜେଇଇ ପାଇଁ ମୋଟ୍ ୫୫,୯୭୯ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିବାବେଳେ ୪୮,୮୧୫ ପରୀକ୍ଷାର୍ଥୀ (୮୭%) ପରୀକ୍ଷା ଦେଇଥିଲେ। ତେବେ ଏମାନଙ୍କ ମଧ୍ୟରୁ ୪୮,୭୮୩ ପରୀକ୍ଷାର୍ଥୀଙ୍କୁ ଅନୁରୂପ ପାଠ୍ୟକ୍ରମରେ ର୍ୟାଙ୍କ ପ୍ରଦାନ କରାଯାଇଛି। ବିଭିନ୍ନ ପାଠ୍ୟକ୍ରମର ପରୀକ୍ଷାର୍ଥୀମାନେ www.ojee.nic.inରୁ ନିଜ ର୍ୟାଙ୍କ କାର୍ଡ ପାଇପାରିବେ। ପ୍ରଦର୍ଶନ ଅନୁସାରେ ରାଜ୍ୟର ବିଭିନ୍ନ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ବିଭିନ୍ନ ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ କାଉନସେଲିଂରେ ଅଂଶଗ୍ରହଣ କରିପାରିବେ। ସୂଚନାଥାଉ କି, ଚଳିତ ବର୍ଷ ମେ ୮ରୁ ୧୫ ତାରିଖ ମଧ୍ୟରେ ଓଜେଇଇ ଅନୁଷ୍ଠିତ ହୋଇଥିଲା। ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ଏବଂ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରଚଳିତ ୧୨ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମ ଯଥା ବି କ୍ୟାଟ୍, ଲାଟେରାଲ ଏଣ୍ଟ୍ରି-ଟେକ୍ (ଡିପ୍ଲୋମା), ଲାଟେରାଲ ଏଣ୍ଟ୍ରି-ଟେକ୍ (ବିଏସ୍‌ସି), ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ପଦବୀ ଖାଲି ପଡ଼ିଛି**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା କହୁଥିବ ଜଗି**
**ଚାଷକୁ ଥିବଟି ସଙ୍ଗୀ**
**କେବେ ନୋହିବାର ରୋଗୀ**
**ସଖୀ ଭଲ ହେ।**

ଜଗି ରଖି କଥା କହିବା ଉଚିତ। କଥା କହିବାରେ ସାବଧାନତା ଅବଲମ୍ବନ କଲେ ଅସୁବିଧା ହୁଏ ନାହିଁ। ଘରଲୋକଙ୍କୁ ନେଇ ଚାଷବାସ କଲେ ଚାଷରେ ସଫଳତା ମିଳିବା ସୁନିଶ୍ଚିତ। ସେହିପରି ଶାରୀରିକ ପରିଶ୍ରମ କଲେ ସହଜରେ ବ୍ୟକ୍ତି ରୋଗାକ୍ରାନ୍ତ ହେଉ ନ ଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାନ ଥିଲେ ସୁନା ନାହିଁ**
**ସୁନା ଥିଲେ କାନ ନାହିଁ।**

ଈଶ୍ୱର ସମସ୍ତଙ୍କୁ ସବୁ ଜିନିଷ ପରିପୂର୍ଣ୍ଣ କରି ଦେଇ ନ ଥାନ୍ତି। କାହାର ବହୁ କୁଟୁମ୍ବ ପରିବାର ଅଥଚ ଧନ ଅଭାବରୁ ପିଲାମାନଙ୍କ ପେଟକୁ ଗଣ୍ଡେ ଖାଇବାକୁ ଦେବା କଷ୍ଟକର ହେଉଛି ତ ପୁଣି କାହାର ଅଚଳାଚଳ ସମ୍ପତ୍ତି ଅଛି କିନ୍ତୁ ସେସବୁ ଭୋଗ କରିବାକୁ କେହି ନାହାନ୍ତି। ଈଶ୍ୱରଙ୍କ ସୃଷ୍ଟିରେ ଥିବା ଏପ୍ରକାର ପ୍ରଭେଦକୁ ଲକ୍ଷ୍ୟ କରି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ




# ୬ ମୃତକଙ୍କ ପରିବାରକୁ ସହାୟତା

ଭୁବନେଶ୍ୱର,୨।୬(ବ୍ୟୁରୋ)

ମାଲକାନଗିରି ଜିଲାରେ ଗତ ଗୁରୁବାର କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଡଙ୍ଗା ବୁଡ଼ିଯାଇ ୨ ଜଣ ଏବଂ ଏୟାରଷ୍ଟ୍ରିପ୍ ପାଚେରି ଭୁଶୁଡ଼ି ୨ ଜଣଙ୍କ ଜୀବନ ଯାଇଛି। ସେହିପରି ଗଞ୍ଜାମ ଜିଲା ଛତ୍ରପୁର ବ୍ଲକର ଆର୍ଯ୍ୟପଲ୍ଲୀ ସମୁଦ୍ରରେ ଗାଧୋଇବା ବେଳେ ୨ଜଣ ଛାତ୍ରଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏହି ସହାୟତା ପ୍ରଦାନ କରିବା ପାଇଁ ସେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆହତଙ୍କୁ ନିଃଶୁଳ୍କ ଚିକିତ୍ସା ସେବା ଯୋଗାଇଦେବାକୁ ପରାମର୍ଶ ଦେଇଛନ୍ତି।

# ଆଜି ଆନ୍ଦୋଳନରୁ ଓହରିପାରନ୍ତି ଅମଲା

## ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା

ଭୁବନେଶ୍ୱର, ୨।୬(ବ୍ୟୁରୋ)

ଶିକ୍ଷାଗତ ଯୋଗ୍ୟତା ଆଧାରରେ ଦରମା ଦାବି କରି ଗୁରୁବାରଠାରୁ ସାମୂହିକ ଛୁଟିରେ ରହି ବ୍ଲକ, ତହସିଲ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ଜିଲାସ୍ତରରେ କାର୍ଯ୍ୟରତ ଅମଲା। ଏହାପରେ ଜିଲାସ୍ତରରେ ସରକାରୀ କାର୍ଯ୍ୟ ଅଚଳ ହୋଇପଡ଼ିଛି। ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ଶୁକ୍ରବାର ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଲୋକସେବା ଭବନ କାର୍ଯ୍ୟାଳୟରେ ଜିଲାସ୍ତରୀୟ ବିଭିନ୍ନ ଅମଲା ସଂଘର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଛନ୍ତି। ଜିଲାସ୍ତରରେ କାର୍ଯ୍ୟରତ ଅମଲାମାନେ ପାଉଥିବା ଦରମାର ଅସଙ୍ଗତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅବଗତ ହେବା ସହ ଏ ସମ୍ପର୍କରେ ସବିଶେଷ ତଥ୍ୟକୁ ଅନୁଶୀଳନ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଅମଲାମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରୁଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସେମାନଙ୍କ ମୂଲ୍ୟବାନ ଯୋଗଦାନ ରହିଆସିଛି। ତେଣୁ ସମୂହ ଛୁଟି ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗଦାନ ପାଇଁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି। ଜିଲାସ୍ତରରେ ଆଲୋଚନା କରିବା ପରେ ଏ ନେଇ ନିଷ୍ପତ୍ତି ନିଆଯିବ ବୋଲି ମିଳିତ ମଞ୍ଚ ପକ୍ଷରୁ କୁହାଯାଇଛି। ତେବେ ଶନିବାର ଅମଲାମାନେ ଆନ୍ଦୋଳନରୁ ଓହରିପାରନ୍ତି ବୋଲି ଏକ ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। ଆଲୋଚନାରେ ମିଳିତ ମଞ୍ଚର ଅଧ୍ୟକ୍ଷ ନାରାୟଣ ଦାସଙ୍କ ସମେତ ଓଡ଼ିଶା ଅମଲା ସଂଘର ସଭାପତି ଜ୍ଞାନରଞ୍ଜନ ଦାସ, ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ଗଣମାଧ୍ୟମ ସମ୍ପାଦକ ଗୁରୁ ଗୋବିନ୍ଦ ଦଳାଇ, ଓଡ଼ିଶା ରାଜସ୍ୱ ଅମଲା ସଂଘ ସାଧାରଣ ସମ୍ପାଦକ ନରେଶ କୁମାର ମହାପାତ୍ର, ଉପସଭାପତି ପ୍ରକାଶ କୁମାର ମାଳିଆ, ଟ୍ରେଜେରି ଅମଲା ସଂଘର ସଭାପତି ସମୀର କୁମାର କାନୁନ୍‌ଗୋ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ରାଉତରାଏ ପ୍ରମୁଖ ଉପସ୍ଥିତ ଥିଲେ।



ତେଲଙ୍ଗାନାର ପ୍ରତିଷ୍ଠା ଦିବସ ଓ ୧୦ମ ପୂର୍ତ୍ତି ଉତ୍ସବ ଶୁକ୍ରବାର ହାଇଦ୍ରାବାଦସ୍ଥିତ ରାଜ୍ୟ ସଚିବାଳୟଠାରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ.ଚନ୍ଦ୍ରଶେଖର ରାଓ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ମାସାଧିକକାଳ ଆୟୋଜିତ ହେବାକୁ ଥିବା ସମାରୋହ ଉତ୍ସବକୁ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ସରକାରଙ୍କର ବହୁ ବରିଷ୍ଠ ମନ୍ତ୍ରୀ, ପଦାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି ।

ପ୍ରଥମ ପୃଷ୍ଠାରୁ...

## ଭୟଙ୍କର ଟ୍ରେନ୍ ...

ସନ୍ଧାନରେ ସେମାନଙ୍କ ପରିବାର ଆକୁଳ ହେଉଥିବା ଦେଖିବାକୁ ମିଳିଛି। ଏପରିକି ଯାତ୍ରୀଙ୍କ ପରିବାର ଲୋକେ ରାଜ୍ୟ ଓ ରାଜ୍ୟ ବାହାରୁ ଦୁର୍ଘଟଣାସ୍ଥଳକୁ ଆସୁଛନ୍ତି। ସୂଚନା ଅନୁଯାୟୀ, ବାହାନଗା ଷ୍ଟେଶନର ୧୦୦ ମିଟର ପୂର୍ବରୁ ଥିବା ମୁଖ୍ୟ ଫାଟକ ନିକଟ ୧ ନମ୍ବର ଲାଇନ୍‌ରେ ଏକ ମାଲବାହୀ ଟ୍ରେନ ଛିଡ଼ା ହୋଇଥିଲା। ସନ୍ଧ୍ୟା ପ୍ରାୟ ୭ଟାରେ ଶାଲିମାରରୁ ଆସୁଥିବା କରମଣ୍ଡଳ ଏକ୍ସପ୍ରେସ ଟ୍ରାକ୍ ବଦଳାଇ ୨ ନମ୍ବର ଲାଇନ୍‌କୁ ଯିବା ପରିବର୍ତ୍ତେ ମାଲବାହୀ ଟ୍ରେନର୍ ପଛପଟୁ ଧକ୍କା ଦେଇଥିଲା। ଫଳରେ କରମଣ୍ଡଳ ଏକ୍ସପ୍ରେସର ୧୨ଟି ବଗି ଓଲଟିପଡ଼ିଥିଲା। ଏହି ସମୟରେ ୩ ନମ୍ବର ଲାଇନ୍‌ରେ ବେଙ୍ଗାଲୁରୁରୁ ହାଓଡା ଯାଉଥିବା ସୁପରଫାଷ୍ଟ ଏକ୍ସପ୍ରେସ୍ କରମଣ୍ଡଳ ଏକ୍ସପ୍ରେସର ଦୁର୍ଘଟଣାଗ୍ରସ୍ତ ବଗିକୁ ଧକ୍କା ଦେଇଥିଲା। ଏଥିଯୋଗୁ ବେଙ୍ଗାଲୁରୁ-ହାଓଡା ସୁପରଫାଷ୍ଟ ଏକ୍ସପ୍ରେସର ୪ଟି ବଗି ଓଲଟି ପଡିଥିଲା। ଦୁର୍ଘଟଣାସ୍ଥଳରେ ୯ଟି ଏନ୍‌ଡିଆର୍‌ଏଫ୍ ଟିମ୍‌ରେ ୨୪୦ ଯବାନ, ୪ଟି ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଏହି ଅଭିଯାନରେ ରେଲୱେ ରେସ୍କ୍ୟୁ ଟିମ୍ ଏବଂ ବହୁସଂଖ୍ୟକ ଅଗ୍ନିଶମ ଦଳ ସାମିଲ ହୋଇଛନ୍ତି। ଜିଲା ପ୍ରଶାସନିକ ଅଧିକାରୀ ଓ ରେଳ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଘଟଣାସ୍ଥଳରେ ପହଞ୍ଚି ପୋଲିସ ସହାୟତାରେ ଉଦ୍ଧାର ଓ ଆଇନଶୃଙ୍ଖଳା କାର୍ଯ୍ୟକୁ ତଦାରଖ କରୁଛନ୍ତି। ଆହତଙ୍କୁ ନିକଟସ୍ଥ ଗୋପାଳପୁର, ବାହାନଗା, ଖନ୍ତାପଡ଼ା, ସୋର ହସ୍‌ପିଟାଲକୁ ଆମ୍ବୁଲାନ୍ସ ଯୋଗେ ନିଆଯାଇଥିବାବେଳେ ଗୁରୁତରଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଓ ବାରିପଦା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ସମସ୍ତ ହସ୍‌ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଡାକ୍ତରମାନଙ୍କୁ ଆଲର୍ଟ ରହିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅନେକ ଗୁରୁତରଙ୍କୁ କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲକୁ ଅଣାଯିବା ବ୍ୟବସ୍ଥା କରାଯାଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦୁର୍ଘଟଣାସ୍ଥଳରେ ୧୬୭ଟି ୧୦୮-ଆମ୍ବୁଲାନ୍ସ, ଆସକା ଲାଇଟ୍ ବ୍ୟବସ୍ଥା କରାଯାଇଛି। ଆହତମାନଙ୍କୁ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସା ସେବା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ୨୦ଜଣ ଡାକ୍ତରୀ ଛାତ୍ର ଓ ଅନ୍ୟ ୨୪ଜଣ ଡାକ୍ତରଙ୍କୁ ଜିଲା ଓ ଅନ୍ୟ ହସ୍ପିଟାଲରୁ ବାଲେଶ୍ୱର ମେଡିକାଲ କଲେଜରେ ଯୋଗ ଦେଇଛନ୍ତି। ଜରୁରୀକାଳୀନ ଫୋନ୍ ନଂ.-୬୭୮୨୨୬୨୨୮୬, ହାଓଡା ହେଲ୍‌ପଲାଇନ୍ ନଂ.-୦୩୩୨୬୩୮୨୨୧୭, ଖଡ଼ଗପୁର ହେଲ୍‌ପଲାଇନ୍ ନଂ.-୮୯୭୨୦୭୩୯୨୫ ଓ ୯୩୩୨୩୯୨୩୩୯, ବାଲେଶ୍ୱର ହେଲ୍‌ପଲାଇନ୍ ନଂ.-୮୨୪୯୫୯୧୫୫୯ ଓ ୭୯୭୮୪୧୮୩୨, ଶାଲିମାର ହେଲ୍‌ପଲାଇନ୍ ନଂ.- ୯୯୦୩୩୭୦୭୪୬ ଜାରି କରାଯାଇଛି।

## ମୃତକଙ୍କ ପରିବାରକୁ ...

ମନ୍ତ୍ରୀ ବୈଷ୍ଣବ ଶନିବାର ଘଟଣାସ୍ଥଳରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍) ରୁ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଓ ଆହତଙ୍କୁ ୫୦ହଜାର ଟଙ୍କା ଲେଖାଏ ଦେବା ପାଇଁ ଘୋଷଣା କରିଛନ୍ତି।

## ଆଜି ଘଟଣାସ୍ଥଳ ...

ଏଡିଜି ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଗଣମାଧ୍ୟକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଛନ୍ତି ଯେ, ଉଦ୍ଧାର କାର୍ଯ୍ୟରେ ସାମିଲ ହେବା ଲାଗି ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ଟିମ୍, ଅଗ୍ନିଶମ ବାହିନୀ ନିୟୋଜିତ କରାଯାଇଛି। ଆହତମାନଙ୍କୁ ଚିକିତ୍ସା କରିବା ଲାଗି ସମସ୍ତ ପ୍ରକାର ଡାକ୍ତରୀ ସୁବିଧାର ବ୍ୟବସ୍ଥା କରାଯାଉଛି। ଭୁବନେଶ୍ୱରରୁ ଯାଇଥିବା ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ରହି ଉଦ୍ଧାର କାର୍ଯ୍ୟକୁ ତଦାରଖ କରୁଛନ୍ତି। ଯାତ୍ରୀ ଓ ସେମାନଙ୍କ ସମ୍ପର୍କୀୟ ନିମନ୍ତେ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ୦୬୭୪-୨୫୩୪୧୭୭ ନମ୍ବରରେ ଯୋଗାଯୋଗ କରିବା ପାଇଁ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ଏସ୍‌ଆରସିଙ୍କ କଣ୍ଟ୍ରୋଲ ରୁମ୍‌ରେ ପରିବହନ ସଚିବ ଉଷା ପାଢ଼ୀ ଏବଂ ଓଏସ୍‌ଡିଏମ୍‌ଏ ଏମ୍‌ଡି ଜ୍ଞାନରଞ୍ଜନ ଦାସ ରହି କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୋଲିସ୍ ମହାନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ଏବଂ ଉନ୍ନୟନ କମିଶନରଙ୍କ ସମେତ ସେ ନିଜେ କାର୍ଯ୍ୟାଳୟରେ ଉପସ୍ଥିତ ରହି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ତଦାରଖ କରିବେ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଆଇନଶୃଙ୍ଖଳା ସ୍ଥିତି ରକ୍ଷା କରିବା ସହ ଯାତ୍ରୀମାନଙ୍କୁ ସୁରକ୍ଷା ଦେବା ଲାଗି ଅତିରିକ୍ତ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ରାତିରେ ଯେପରି ଉଦ୍ଧାର କାର୍ଯ୍ୟ ଜାରି ରହିପାରିବ ସେନେଇ ମଧ୍ୟ ବ୍ୟବସ୍ଥା କରାଯାଉଥିବା ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ କଲିକତା ଗସ୍ତ ବାତିଲ କରି ସେଠାରୁ ସେ ଶନିବାର ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପ୍ରଭାରୀ ଏ. ଚେଲ୍ଲାକୁମାର ମଧ୍ୟ ଘଟଣାସ୍ଥଳକୁ ଯିବେ ବୋଲି ଜଣାପଡ଼ିଛି।

## ଓଜେଇଇ: ୪୮,୭୮୩ ...

ବି. ଫାର୍ମ, ଏମ୍‌ବିଏ, ଏମ୍‌ସିଏ/ଏମଏସ୍‌ସି.(କମ୍ପ୍ୟୁଟର ସାଇନ୍ସ), ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି-ଫାର୍ମ, ଏମ୍.ଫାର୍ମ, ଏମ୍.ଆର୍କ, ଏମ୍.ପ୍ଲାନ୍ ଓ ଏମ୍.ଟେକ୍ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) ମାଧ୍ୟମରେ ପରୀକ୍ଷା କରାଯାଇଥିଲା। ରାଜ୍ୟର ସମସ୍ତ ୩୦ଟି ଜିଲାର ୪୪ କେନ୍ଦ୍ର ସହିତ ରାଜ୍ୟ ବାହାରେ ୩ଟି ସହର ଯଥା କୋଲକାତା, ପାଟନା ଏବଂ ରାଞ୍ଚିରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ରାଜଭବନ ନିକଟ ସରକାରୀ ଆଇଟିଆଇ ପରିସର ବିଭାଗର ସମ୍ମିଳନୀ କକ୍ଷରେ ଫଳ ଘୋଷଣା ଅବସରରେ ବିଭାଗୀୟ ପ୍ରମୁଖ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ଯୁଗ୍ମ ଶାସନ ସଚିବ, ଓଜେଇଇ ଅଧ୍ୟକ୍ଷ ଓ ସଚିବ ଉପସ୍ଥିତ ଥିଲେ।

| ପାଠ୍ୟକ୍ରମ | ଟପ୍ପରଙ୍କ ନାମ |
|---|---|
| ବି.ଫାର୍ମ | ସୌରଭ କୁମାର ପତି |
| ଲାଟେରାଲ ଏଣ୍ଟ୍ରି-ଟେକ୍(ଡିପ୍ଲୋମା) | ରଜତ ଶତ୍ରୁସାଲ |
| ଲାଟେରାଲ ଏଣ୍ଟ୍ରି-ଟେକ୍(ବିଏସ୍‌ସି) | ରକ୍ଷିତ ରାଜ ଗୁପ୍ତା |
| ଲାଟେରାଲ ଏଣ୍ଟ୍ରି-ଫାର୍ମ | ଶୁଭଶ୍ରୀ ମହାନ୍ତି |
| ଏମ୍‌ବିଏ | ସତ୍ୟଜିତ ସାହୁ |
| ଏମ୍‌ସିଏ/ଏମଏସ୍‌ସି.(କମ୍ପ୍ୟୁଟର ସାଇନ୍ସ) | ଅପୂର୍ବ ସୁନ୍ଦର ନାୟକ |
| ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ | ପ୍ରିୟଙ୍କା ଦେ |
| ବି.କ୍ୟାଟ୍ (ସିନେମାଟୋଗ୍ରାଫି) | ପ୍ରିୟଙ୍କା ଦେ |
| ବି.କ୍ୟାଟ୍(ଫିଲ୍ମ ଏଡିଟିଙ୍ଗ୍) | ସଞ୍ଚାଳି ଗୁପ୍ତା |
| ଏମ୍.ଫାର୍ମ | ରଶ୍ମିରଞ୍ଜନ ପାଣିଗ୍ରାହୀ |
| ଏମ୍. ଆର୍କ | ପ୍ରିୟଙ୍କା କେଡ଼ିଆ |
| ଏମ୍. ପ୍ଲାନ୍ | ରୂପାଲୀ ରତ୍ନ ପ୍ରିୟା |
| ସିଭିଲ୍ ଇଞ୍ଜିନିୟରିଂ | ସୁବାସ ଚନ୍ଦ୍ର ପୃଷ୍ଟି |
| ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ | ସତ୍ୟଜିତ ମହାନ୍ତି |
| ମେକାନିକାଲ ଇଞ୍ଜିନିୟରିଂ | ସୁମିତ ପରିଡ଼ା |
| କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ/ଆଇଟି | ଦୀପକ କୁମାର ସ୍ୱାଇଁ |
| ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂ | ଏମ୍. ଭାର୍ଗବୀ |
| କେମିକାଲ ଇଞ୍ଜିନିୟରିଂ | ସଂଗ୍ରାମ ପାତ୍ର |
| ମେଟାଲୁର୍ଜିକାଲ ଇଞ୍ଜିନିୟରିଂ | ଶତ୍ରୁଘ୍ନ ନାୟକ |
| ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ | ଶ୍ରୀରାମ ଦିୱାନା |
| ବାୟୋଟେକ୍ନୋଲୋଜି | ରାହୁଲ ନାୟକ |
| ପ୍ଲାଷ୍ଟିକ ଇଞ୍ଜିନିୟରିଂ | ବ୍ୟୋମକେଶ କାମିଲା |
| ଟେକ୍ସଟାଇଲ୍ ଇଞ୍ଜିନିୟରିଂ | ଅଙ୍କିତ ସାମଲ |

# ଆଜିର ରାଶିଫଳ


ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com


**ମେଷ** ବୁଧାଦିତ୍ୟ ଯୋଗଜନିତ ଆଜି ପ୍ରତ୍ୟେକ କାମକୁ ସଫଳତାର ସହ ସମ୍ପନ୍ନ କରିବେ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭପୂର୍ବକ ସମ୍ମାନିତ ହେବେ। ଶିଳ୍ପ, ବ୍ୟବସାୟ, ପରିବହନ, କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସଫଳ ହେବେ। ନିର୍ମାଣ, ପ୍ରକାଶନ, ଗଣ ଯୋଗାଯୋଗ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**ବୃଷ** ପ୍ରତ୍ୟେକ ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। କଳା, ସାହିତ୍ୟ, ଚଳଚ୍ଚିତ୍ର, ସଭାସମିତି, ସାମ୍ବାଦିକତା, ଏଜେନ୍ସିପ୍ରରୁ ପ୍ରଶଂସିତ ହେବେ। ସମ୍ପର୍କୀୟଙ୍କଠାରୁ ଅଯାଚିତ ସାହାଯ୍ୟ, ସହଯୋଗ ପ୍ରାପ୍ତ ହେବ।

**ମିଥୁନ** ଧନାଧିପତି ଷଷ୍ଠଭାବସ୍ଥ ଯୋଗୁ ଅର୍ଥସମ୍ପର୍କକୁ କେନ୍ଦ୍ରକରି ସମସ୍ୟାର ସମ୍ମୁଖୀନ ହେବେ। ଭୁଲ୍ ବୁଝାମଣାଜନିତ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ମନ ସାମୟିକ ଖୁସି ରହିବ। ଅସଫଳତାର କାରଣ ଖୋଜିବାକୁ ଯାଇ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ ବଦଳି ହେତୁ ଆକସ୍ମିକ ସ୍ଥାନ ପରିବର୍ତ୍ତନଜନିତ କେତେକ ସମସ୍ୟା ଆସିପାରେ। ବିଭିନ୍ନ ଦୁଶ୍ଚିନ୍ତାରେ ନିଜ ଲୋକଙ୍କୁ ଭୁଲ୍ ବୁଝି ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। ଆଜି କୌଣସି ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଚେରି ମାମଲା, ଘରୋଇ କଳହ କ୍ଷେତ୍ରରେ ଟେନସନ୍ ଦୂର ହେବ।

**ସିଂହ** ପଦାଧିକାରୀଙ୍କ ଆଦେଶରେ ଯାତ୍ରା କରିବାକୁ ବାଧ ହେବେ। ମନ ବିଚଳିତ ରହିବା କାରଣରୁ କେତେକ କ୍ଷେତ୍ରରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ମୁସ୍କିଲ୍ ହୋଇପାରେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇଯିବ।

**କନ୍ୟା** ଘରୋଇ ସମସ୍ୟାର ସମାଧାନ ସକାଶେ ଆତ୍ମୀୟଙ୍କ ସାହାଯ୍ୟ ଭିକ୍ଷା କରିବେ। କର୍ମକ୍ଷେତ୍ରରେ କେତେକ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କଷ୍ଟ ହେବ। ଭୁଲ୍ ବୁଝାମଣାରୁ ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ତୁଳା** କର୍ମକ୍ଷେତ୍ରରେ କିଛି ନା କିଛି କାରଣକୁ ନେଇ ଟେନ୍‌ସନ ଲାଗିରହିବ। ପ୍ରଚଣ୍ଡ ଖରାରେ ଦୀର୍ଘପଥ ଅତିକ୍ରମ କରିବା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ପରିଲକ୍ଷିତ ହେବ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିପାରନ୍ତି। ସାହିତ୍ୟ, ରାଜନୀତି, ସାମ୍ବାଦିକତା, ଆଇନ ଅଦାଲତ ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** ଜନ୍ମଚନ୍ଦ୍ର ହେତୁ ଦୂର ସ୍ଥାନକୁ ଯିବା ସମୟରେ ଅନ୍ୟମନସ୍କ ହେଲେ ଅସୁବିଧା ଭୋଗିବେ। ପ୍ରତ୍ୟେକ ସ୍ତରରେ ସହମତି ଭିତ୍ତିରେ କାମ କରିବା ହିତକର ହୋଇପାରେ। ସଂଗଠନ, ଆନୁଷ୍ଠାନିକ କାମ, ରାଜନୀତି, ଅଧ୍ୟାପନା ତଥା ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠା ବଢ଼ିବ। କଳା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ଧନୁ** ପାରିବାରିକ ସମସ୍ୟା କେତେକାଂଶରେ କମି ଯାଇଥିବା କାରଣରୁ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। ଶତ୍ରୁତାଜନିତ ପ୍ରତିରୋଧ କାମକୁ କେତେକାଂଶରେ ବିଶୃଙ୍ଖଳିତ କରିପାରେ। ଶିଳ୍ପ, ବ୍ୟବସାୟ, ପରିବହନରେ ସମସ୍ୟା ସମାଧାନ ହେବ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି।

**ମକର** ଆଜି ଯେଉଁ କାମ ଆରମ୍ଭ କରିବେ ସେଥିରେ ସଫଳ ହେବେ। କାହା ପାଖରେ ବହୁତ ଦିନରୁ ରହିଯାଇଥିବା ବାକି ଟଙ୍କା ଆଜି ଅପରାହ୍ନରେ ପାଇବେ। ଅତି ଭଲ ସମ୍ପର୍କ ରଖିଥିବା ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ସମୟରେ କୌଣସି ସମସ୍ୟା ଉପୁଜିପାରେ।

**କୁମ୍ଭ** ଭଲ ସମ୍ପର୍କ ନ ଥିବା କାରଣରୁ ପଡ଼ୋଶୀମାନେ ସାଧାରଣ କଥାରୁ କଳହ କରିପାରନ୍ତି। ସାଧାରଣ ମନେ ନକରି ପିଲାମାନଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରିବା ଭଲ ହେବ। ପୁରାତନ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବ, ଯାହାକି ଦୁଶ୍ଚିନ୍ତାର କାରଣ ହୋଇପାରେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟ ଦିଗଟି ମନ୍ଦ ହେବନି।

**ମୀନ** ଶୁଭଚନ୍ଦ୍ର ପ୍ରଭାବରୁ ଆନୁଷ୍ଠାନିକ କାମରେ ବନ୍ଧୁ, ବୁଦ୍ଧିଜୀବୀ କିମ୍ବା ଆତ୍ମୀୟଙ୍କ ଦ୍ୱାରା ପ୍ରଶଂସାଭାଜନ ହୋଇପାରନ୍ତି। ଘରୋଇ କ୍ଷେତ୍ରରେ ବାଦବିବାଦ କିମ୍ବା ଜମିଜମା ବିଷୟ ଜଟିଳ ହୋଇପାରେ। ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଏକ ଭିନ୍ନ ପରିବେଶରେ ପୁଣି ଯୋଡ଼ି ହୋଇଯିବ। ଜମିଜମା କାରବାର, କାରଖାନା, ହୋଟେଲ, ତେଜରାତି ଦୋକାନ ପ୍ରଭୃତିରୁ ବିଶେଷ ଲାଭବାନ୍ ହେବେ।

ଆଜି ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ଯୁକ୍ତ ପୂର୍ଣ୍ଣିମା, ଶନିବାର, ଶ୍ରୀଜୀଉଙ୍କର ଚତୁର୍ଥୀ ହୋମ ଓ ସେନାପଟାଲାଗି, ଜୁନ୍ ୩ ତାରିଖ, ପୂର୍ଣ୍ଣିମା ବିହିତ ଚନ୍ଦ୍ରପୂଜା ଓ ଉପବାସ, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶ୍ରାଦ୍ଧଦିବସ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୬ ଗତେ ଘ.୧୨।୧୧ ମଧ୍ୟେ, ଘ.୦୩।୦୧ ଗତେ ଘ.୦୩।୪୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୨୭ ଗତେ ଘ.୧୦।୦୬ ମଧ୍ୟେ ରାହୁକାଳ ॥

## ବିମଳେନ୍ଦୁ ସୋନପୁର ଜିଲାପାଳ

**ଭୁବନେଶ୍ୱର,୨।୬(ବ୍ୟୁରୋ):** ରାଜ୍ୟ ସରକାର ବିମଳେନ୍ଦୁ ରାୟଙ୍କୁ ସୋନପୁର ଜିଲାପାଳ ଭାବେ ନିଯୁକ୍ତି ଦେଇଛନ୍ତି। ଶୁକ୍ରବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିମଳେନ୍ଦୁ ଏବେ ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଅଛନ୍ତି। ସୋନପୁର ଜିଲାପାଳ ଆବୋଲି ସୁନୀଲ ନରୱ୍ୱଣେଙ୍କୁ ଝାରସୁଗୁଡ଼ାକୁ ବଦଳି କରାଯାଇଥିଲା। ଉପନିର୍ବାଚନ ପୂର୍ବରୁ ନରୱ୍ୱଣେ ଝାରସୁଗୁଡ଼ା ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସେବେଠାରୁ ସୋନପୁରରେ ଜିଲାପାଳ ପଦବୀ ଖାଲିପଡ଼ିଥିଲା। ବରିଷ୍ଠ ଓଏଏସ୍ ଅଧିକାରୀ ତଥା ସୋନପୁର ଜିଲାର ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ସେହିଦିନଠାରୁ ଜିଲାପାଳ ଦାୟିତ୍ୱରେ ଥିଲେ।

## ୩୦ ସୁଦ୍ଧା ସ୍କୁଲପିଲାଙ୍କୁ ମିଳିବ ୟୁନିଫର୍ମ

**ଭୁବନେଶ୍ୱର,୨।୬(ବ୍ୟୁରୋ):** ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା ସରକାରୀ ଓ ସରକରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକର ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣା ୟୁନିଫର୍ମ ପୋଷାକ ବଣ୍ଟନ କରିବ ଗଣଶିକ୍ଷା ବିଭାଗ। ଏଥିଲାଗି ବିଭାଗ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଛି। ମାସ ଶେଷ ସୁଦ୍ଧା ବଣ୍ଟନ ପ୍ରକ୍ରିୟା ସୁନିଶ୍ଚିତ କରିବାକୁ ସମସ୍ତ ଜିଲା ଅଧିକାରୀଙ୍କୁ ଓସେପା ନିର୍ଦ୍ଦେଶକ ଚିଠି ଲେଖି ଜଣାଇଛନ୍ତି। ପ୍ରତ୍ୟକ ଛାତ୍ରୀଛାତ୍ରଙ୍କୁ ୫୦୦ ଟଙ୍କା ମୂଲ୍ୟରେ ୨ ହଳ ସ୍କୁଲ ୟୁନିଫର୍ମ ପୋଷାକ, ୨୦୦ ଟଙ୍କା ମୂଲ୍ୟରେ ୧ ହଳ ଜୋତା ଓ ୨ ହଳ ମୋଜା ପ୍ରଦାନ କରାଯିବ। ସେହିପରି ୧୨୫ ଟଙ୍କା ମୂଲ୍ୟରେ ଗୋଟିଏ ଟି-ଶାର୍ଟ ଓ ୧୨୫ ଟଙ୍କାରେ ଗୋଟିଏ ଟ୍ରାକ୍ ପ୍ୟାଣ୍ଟ, ୩୦ ଟଙ୍କାରେ ଗୋଟିଏ ଟୋପି ଓ ୨୦ ଟଙ୍କା ମୂଲ୍ୟରେ ଗୋଟିଏ ପରିଚୟ ପତ୍ର ପ୍ରଦାନ କରାଯିବ। ପିଲାଙ୍କ ପିଛା ଖର୍ଚ୍ଚ ହେଉଥିବା ୧ ହଜାର ଟଙ୍କା ମଧ୍ୟରୁ ୬୦୦ ଟଙ୍କା ସମଗ୍ର ଶିକ୍ଷା ଯୋଜନାରୁ ଓ ୪୦୦ ଟଙ୍କା ରାଜ୍ୟ ସରକାରଙ୍କ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରୁ ଖର୍ଚ୍ଚ କରାଯିବ। ଅନ୍ୟପକ୍ଷରେ ଚଳିତ ୨୦୨୩-୨୪ ଶିକ୍ଷାବର୍ଷରୁ ଗଣଶିକ୍ଷା ବିଭାଗ ଦ୍ୱାରା ରାଜ୍ୟରେ ମୁଖ୍ୟମନ୍ତ୍ରୀ ଶିକ୍ଷକ ପରିଧାନ ଯୋଜନା ଆରମ୍ଭ ହେବାକୁ ଯାଉଛି। ସେହିଭଳି ଚଳିତ ବର୍ଷଠାରୁ ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାରେ ଛାତ୍ରୀଛାତ୍ରଙ୍କୁ ସାଇକେଲ ଆବଣ୍ଟନ ଅର୍ଥରାଶି ମଧ ବୃଦ୍ଧି କରାଯାଇଛି। ପୂର୍ବରୁ ସାଇକେଲ ବାବଦକୁ ଛାତ୍ରୀଛାତ୍ରଙ୍କୁ ୨୬୦୦ ଟଙ୍କା ମିଳୁଥିବାବେଳେ ଏବେ ୩୫୦୦ ଟଙ୍କା ଦିଆଯିବ। ୨୦୨୩ ସୁଦ୍ଧା ସମସ୍ତ ସ୍କୁଲରେ ଆଇଟି ଲାବ ପ୍ରତିଷ୍ଠା କରାଯିବ। ଏଥିସହ ଖୁବ୍‌ଶୀଘ୍ର ପ୍ରାଥମିକ ସ୍କୁଲ ପିଲାଙ୍କୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯିବ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିଠାରୁ ଭୁବନେଶ୍ୱରରୁ ସିଙ୍ଗାପୁର, ବ୍ୟାଙ୍କକ୍‌କୁ ସିଧାସଳଖ ବିମାନ ଉଡ଼ିବ

**ଭୁବନେଶ୍ୱର, ୨।୬ (ବ୍ୟୁରୋ)**

ଭୁବନେଶ୍ୱରରୁ ଦୁବାଇକୁ ସିଧାସଳଖ ବିମାନ ଉଡ଼ିବା ପରେ ୩ ତାରିଖ ଶନିବାରଠାରୁ ସିଙ୍ଗାପୁର ଓ ବ୍ୟାଙ୍କକ୍‌କୁ ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ସକାଳ ୬ଟା ୨୫ରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ପ୍ରଥମ ବିମାନ ସିଙ୍ଗାପୁର ଅଭିମୁଖେ ଉଡ଼ାଣ ଭରିବ। ଏହାକୁ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ପ୍ରମିଳା ମଲ୍ଲିକ ପତାକା ଦେଖାଇ ଉଦ୍‌ଘାଟନ କରିବେ। ଏହି ବିମାନଟି ୪ ଘଣ୍ଟାରେ ସିଙ୍ଗାପୁରରେ ପହଞ୍ଚିବ। ସେହିପରି ଅପରାହ୍ନ ୪ଟା ୫୦ରେ ଭୁବନେଶ୍ୱର-ବ୍ୟାଙ୍କକ୍ ବିମାନ ସେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଥିବା ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ସୂଚନା ଦେଇଛନ୍ତି। ଉଭୟ ରୁଟ୍‌ରେ ଇଣ୍ଡିଗୋ ଏୟାର ଲାଇନ୍ସ ପକ୍ଷରୁ ସପ୍ତାହରେ ଦୁଇଥର ମଙ୍ଗଳବାର ଓ ଶନିବାର ଏହି ବିମାନ ସେବା ଯୋଗାଇ ଦିଆଯିବ। ଭୁବନେଶ୍ୱରରୁ ସିଙ୍ଗାପୁରକୁ ସିଧାସଳଖ ବିମାନ ଯାତ୍ରାରେ ଅନେକ ଅତିଥି ରହିଥିବାବେଳେ ଏମାନଙ୍କ ମଧ୍ୟରେ ଭୁବନେଶ୍ୱର, କଟକ ଏବଂ ବ୍ରହ୍ମପୁର ମେୟର ରହିଛନ୍ତି। ଏହି ପଦକ୍ଷେପ ଓଡିଶାର ଯୁବକଙ୍କ ପାଇଁ ଚାକିରି ସୁଯୋଗକୁ ପ୍ରୋତ୍ସାହିତ କରିବ। ସେହିଭଳି ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ବିକଶିତ କରିବା ସହ ଆଇଟି ଏବଂ ଆଇଟିଏସ କ୍ଷେତ୍ରକୁ ମଧ ସମୃଦ୍ଧି କରିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଏହି ନ୍ତର୍ଜାତୀୟ ବିମାନଗୁଡ଼ିକ ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ତଥା ସୁଲଭ ଯାତ୍ରା ବିକଳ୍ପ ଯୋଗାଇଦେବା ସହିତ ବାଣିଜ୍ୟ ଓ ପର୍ଯ୍ୟଟନ କ୍ଷେତ୍ରକୁ ବ୍ୟାପକ ଭାବେ ଉତ୍ସାହିତ କରିବ ବୋଲି ସୂଚନା ଦିଆଯାଇଛି।

## ୪୦ ଡିଗ୍ରୀ ଉପରେ ୨୧ ସହର



**ଅସହ୍ୟାଳ ତାତି**

- ସମ୍ବଲପୁର ୪୪.୪ ଡିଗ୍ରୀ
- ଆହୁରି ୮ ଦିନ ନିସ୍ତାର ନାହିଁ

**ଭୁବନେଶ୍ୱର,୨।୬(ବ୍ୟୁରୋ)**

ସକାଳ ହେବା ମାତ୍ରେ ମାଡ଼ିଆସୁଛି ପ୍ରଚଣ୍ଡ ଗ୍ରୀଷ୍ମ। ଦିନ ବଢ଼ିବା ସାଙ୍ଗକୁ ତାତି ଅସହ୍ୟ ହେଉଛି। ସକାଳ ୮ଟାରୁ ପାରଦ ୩୩ ଡିଗ୍ରୀ ଟପିଯାଉଛି। ମଧାହ୍ନକୁ ୪୦ ଡିଗ୍ରୀ ପାରହୋଇ ଯାଉଛି। ଗରମ ସାଙ୍ଗକୁ ଗୁଳୁଗୁଳି ଅଣନିଃଶ୍ୱାସୀ କରିଦେଉଛି। ଚାରିଆଡ଼େ ସତେଯେମିତି ଅଗ୍ନିବର୍ଷା ହେଉଛି। ଘରେ କିମ୍ବା ବାହାରେ ନିସ୍ତାର ନାହିଁ। ମଣିଷ, ପଶୁ ପକ୍ଷୀ ଗରମରେ ସିଝୁଛନ୍ତି। ପାଣିମୁନ୍ଦାଏ ପାଇଁ ଜୀବଜନ୍ତୁ ଡହଳବିକଳ ହେଉଛନ୍ତି। ସନ୍ଧ୍ୟା ଯାଏ ମଧ ତାତିର ପ୍ରକୋପ କମୁନାହିଁ। ଶୁକ୍ରବାର ତାତି ଆହୁରି ଅସହ୍ୟ ହୋଇଛି। ରାଜ୍ୟର ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ସେଲ୍‌ସିୟସକୁ ଟପି ଯାଇଛି। ୩ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ରହିଥିବା ବେଳେ ୫ଟି ସ୍ଥାନରେ ୪୩ ଡିଗ୍ରୀ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁରରେ ସର୍ବୋଚ୍ଚ ତାପମାତ୍ରା ୪୪.୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୪୪, ବୌଦ୍ଧ ୪୪, ଝାରସୁଗୁଡ଼ା ୪୩.୮, ହୀରାକୁଦ ୪୩.୬, ବଲାଙ୍ଗୀର ୪୩.୩, ରାଉରକେଲା ୪୩.୨, ସୁନ୍ଦରଗଡ଼ ୪୩, ଭବାନୀପାଟଣା ୪୨.୬, ଫୁଲବାଣୀ ୪୨.୫, ଟିଟିଲାଗଡ଼ ୪୨.୩, ଅନୁଗୋଳ ୪୨.୧, ବରଗଡ଼ ୪୨, ଭବାନୀପାଟଣା ୪୧.୬, ମାଲକାନଗିରି ୪୧.୫, ନୂଆପଡ଼ା ୪୧.୫, ତାଳଚେର ୪୧.୪, ଚାନ୍ଦବାଲି ୪୦.୭, ବାରିପଦା ୪୦.୨, କଟକ ୪୦.୧ ଏବଂ ଭଦ୍ରକରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

ଏଭଳି ଉତ୍ତପ୍ତ ପରିବେଶ ଆହୁରି ୮ ଦିନ ଯାଏ ବଳବତ୍ତର ରହିବ। ୬ରୁ ୧୦ ତାରିଖରେ ଅସହ୍ୟ ଗରମ ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ମଧ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ ଏବଂ ଢେଙ୍କାନାଳ ଜିଲାରେ ଝଡ଼ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

## ଆଜି ଅପରାହ୍ନ ୨ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ



**ପୁରୀ ଅଫିସ, ୨।୬**

ଆସନ୍ତା ୪ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ଏହି ଦିନ ଶ୍ରୀବିଗ୍ରହମାନେ ୧୦୮ ଗରା ସୁବାସିତ ଜଳରେ ସ୍ନାନବେଦିରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲ୍ଲଭ ହାତୀବେଶରେ ଦର୍ଶନ ଦେବେ। ଠାକୁରମାନେ ଗୋଟି ପହଣ୍ଡିରେ ସ୍ନାନବେଦିକୁ ଆସବେ। ସ୍ନାନଯାତ୍ରା ପୂର୍ବରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଗୁପ୍ତ ନୀତି ସମ୍ପାଦନ କରିବେ। ତେଣୁ ପରମ୍ପରା ଅନୁଯାୟୀ ନୀତି ନିମନ୍ତେ ଶୁକ୍ରବାର ଦଇତାପତି ସେବକମାନେ ଶ୍ରୀମନ୍ଦିରରେ ପ୍ରବେଶ କରିଛନ୍ତି। ସ୍ନାନଯାତ୍ରା ଉଦ୍ଦେଶ୍ୟରେ ଚାରମାଳ ବନ୍ଧା ଓ ସେନାପଟା ଲାଗି ସମେତ ମହାପ୍ରଭୁଙ୍କ ଗୁପ୍ତ ନୀତି ସମ୍ପନ୍ନ ପାଇଁ ୨ତାରିଖ ଶୁକ୍ରବାର ରାତି ୧୦ଟାରୁ ୩ତାରିଖ ଶନିବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଶ୍ରୀବିଗ୍ରହମାନଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଧାନ ସଂଗ୍ରହରେ ଓଡ଼ିଶା ଦେଶର ୪ର୍ଥ: ମନ୍ତ୍ରୀ

**ଭୁବନେଶ୍ୱର, ୨।୬(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୪ ବର୍ଷର ବିଭିନ୍ନ କୃଷିଭିତ୍ତିକ ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ଓ ସଫଳତା ସମୀକ୍ଷା କରିଛନ୍ତି। କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁକ୍ରବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ରାଜ୍ୟ ସରକାର ଚାଷୀଙ୍କ ଆୟବୃଦ୍ଧି ଓ ସେମାନଙ୍କୁ ସଶକ୍ତ କରିବାକୁ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ଧାନ ସଂଗ୍ରହ କ୍ଷେତ୍ରରେ ଓଡ଼ିଶା ଦେଶର ୪ର୍ଥ ବୃହତ୍ ରାଜ୍ୟ ଭାବେ ଉଭାହୋଇଛି। ଖାଦ୍ୟଶସ୍ୟ ଉତ୍ପାଦନ ଗତ ୨୩ ବର୍ଷ ମଧ୍ୟରେ ୨ ଗୁଣରୁ ଅଧିକ ବୃଦ୍ଧି ପାଇ ୧୩୬.୦୭ ଲକ୍ଷ ଟନ୍‌ରେ ପହଞ୍ଚିଛି। ପନିପରିବା ଉତ୍ପାଦନ ହୋଇଥିବା ୩ ଗୁଣ ବୃଦ୍ଧି ପାଇ ୯୮.୫୨ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ଓଡ଼ିଶା ମିଲେଟ ମିଶନ୍ କାର୍ଯ୍ୟକ୍ରମ ୩୦ ଜିଲାର ୧୭୭ ବ୍ଲକକୁ ସମ୍ପ୍ରସାରିତ ହୋଇଛି। ଭାରତ ସରକାରଙ୍କ ନୀତି ଆୟୋଗ ଓଡ଼ିଶା ରାଜ୍ୟର କ୍ଷୁଦ୍ରଶସ୍ୟ ପ୍ରୋତ୍ସାହନକୁ ଏକ ଅଗ୍ରଣୀ ବ୍ୟବସ୍ଥା ଭାବେ ଅଭିହିତ କରିଛନ୍ତି। ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ରାଜ୍ୟ ୫ଥର କୃଷିକର୍ମଣ ପୁରସ୍କାର ପାଇଛିବୋଲିମନ୍ତ୍ରୀ ସୂଚନା ଦେଇଛନ୍ତି।







ଆମର ଅନନ୍ୟ କଲେକଶନ୍ ବିଷୟରେ ଜାଣିବା ପାଇଁ ସ୍କାନ୍ କରନ୍ତୁ
ଏବେ ଏଥିରେ ମଧ ଉପଲବ୍ଧ www.reliancejewels.com

ଅନଗୁଳ: ଅନୁ ଶପିଂ ମଲ୍, ଅମଳପଡା, ମେନ୍ ରୋଡ୍ ଫୋନ୍: 8249389498/06764-231280 । ବରଗଡ଼: ଓରିଏଣ୍ଟାଲ ହୋଟେଲ ବିଲ୍ଡିଂ, କେନାଲ ଏଭିନ୍ୟୁ ଲେନ୍ ପ୍ରାଇଭେଟ୍ ବସ୍ ଷ୍ଟାଣ୍ଡ ସାମ୍ନା, ଫୋନ୍: 9113959255 । ବ୍ରହ୍ମପୁର (ଓଡିଶା): ବଡ଼ ବଜାର, ନଦିଆ ଗୁରୁଜୀ ଛକ ସମ୍ମୁଖ, ବ୍ରହ୍ମପୁର, ଫୋନ୍: 7008995399, 0680-2250017/18 । ଭଦ୍ରକ: ରିଲାଏନ୍ସ ଟ୍ରେଲ୍ସ, ବାଲଗୋପାଳ ମନ୍ଦିର ସାମ୍ନା, କଚେରୀ ରୋଡ୍, ଭଦ୍ରକ. ଫୋନ୍: 9078000357 । ଭୁବନେଶ୍ୱର: ଜନପଥ, ସତ୍ୟ ନାଗର ଫୋନ୍: 7008218533, 9835924332 ଚନ୍ଦ୍ରଶେଖରପୁର, ନାଲକୋ ଛକ, ସାମନ୍ତ ବିହାର, କଳିଙ୍ଗ ହସ୍ପିଟାଲ ଛକ ଫୋନ୍: 7894455782, 9861207889, 0674-2303541 । କଟକ: କ୍ୟାଣ୍ଟନମେଣ୍ଟ ରୋଡ୍, 553, ଗୋପାଳ ଭବନ, ହାଉଡ଼ା ମୋଟର୍ସ ନିକଟ, ଫୋନ୍: 7682848136, 0671-2520011 । ଢେଙ୍କାନାଳ: ପ୍ଲଟ୍ ନଂ. 2720/23182, ଜଗନ୍ନାଥ ରୋଡ୍, ବ୍ୟାଙ୍କ ଅଫ୍ ବରୋଦା ସାମ୍ନା, ମୀନା ବଜାର, ଫୋନ୍: 9348432641 । ଯାଜପୁର: ପ୍ଲଟ୍ ନଂ. 923/924, ଗ୍ରାମ, ଭାଟିଆ, ୟୁନିଟ୍ ନଂ. 4, ଚୋର୍ଦା ବାଇପାସ୍ ଛକ, ଯାଜପୁର ରୋଡ୍, ଯାଜପୁର, ଫୋନ୍: 9078084953 । ଝାରସୁଗୁଡ଼ା: ସରବହାଲ ରୋଡ୍, ରିଲାଏନ୍ସ ଟ୍ରେଣ୍ଡସ ନିକଟ, ଝାରସୁଗୁଡ଼ା. ଫୋନ୍: 6645291740 /9861925764/8926977419 । କେନ୍ଦୁଝର: ପ୍ଲଟ୍ ନଂ. 405/706, ମାଧପୁର ଛକ, ହୋଟେଲ ଅଙ୍କିତା ସାମ୍ନା । ଫୋନ୍: 7008752980 । ରାଉରକେଲା: ଗୁରନାମ ଟାୱର, ଉଦିତ ନଗର, କଚେରୀ ରୋଡ୍, ଫୋନ୍: 8120007888/8456006992 । ସମ୍ବଲପୁର: ବୁଢାରାଜା ମେନ୍ ରୋଡ୍, ସହଯୋଗ ନଗର, ସମ୍ବଲପୁର. ଫୋନ୍: 6372909946 । ବାଲାଙ୍ଗୀର: ପ୍ଲଟ୍ ନଂ. 265/1408, ତଳ ଏବଂ ପ୍ରଥମ ମହଲା, ଗୋପାଳଜୀ ରୋଡ୍, ମା' ସମଲେଶ୍ୱରୀ ମନ୍ଦିର ନିକଟ, ୱାର୍ଡ଼ ନଂ. – 12, ଓଡ଼ିଶା : ଫୋନ୍: 7008120335
ଆମକୁ ଅନୁସରଣ କରନ୍ତୁ:

❝ ମଣିଷ ଏ ବିଶ୍ୱରେ ନିଜକୁ ପ୍ରତିଷ୍ଠା କରିବ ଅନ୍ୟ ସବୁ ସୃଷ୍ଟ ବସ୍ତୁ ଓ ପ୍ରାଣୀମାନଙ୍କ ଭିତରେ । ଏହା ତା'ର ପ୍ରଥମ କାର୍ଯ୍ୟ । କିନ୍ତୁ ତା'ସଙ୍ଗେ ସଙ୍ଗେ ସେ ନିଜକୁ ବିକାଶ କରି କରି ଚାଲିବ– ଏବଂ ଶେଷରେ ସେ ନିଜର କ୍ଷୁଦ୍ର ମାନବୀୟ ସୀମାକୁ ମଧ୍ୟ ଅତିକ୍ରମ କରିଯିବ । ତା'ର ଆଂଶିକ ସତ୍ତା ହୋଇଉଠିବ ପୂର୍ଣ୍ଣ ସତ୍ତା । ତା'ର ଖଣ୍ଡ ଖଣ୍ଡ ଚେତନା ହୋଇଉଠିବ ଏକ ଅଖଣ୍ଡ ଓ ପୂର୍ଣ୍ଣାଙ୍ଗ ଚେତନା । **–ଶ୍ରୀଅରବିନ୍ଦ**



# ପଦବୀ ଖାଲି ପଡ଼ିଛି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ପାଖାପାଖି ୨ ମାସ ହେଲା ଦୋହାରେ ଭାରତୀୟ ରାଷ୍ଟ୍ରଦୂତ ପଦବୀ ଖାଲି ରହିବା ଯୋଗୁ କାତାରରେ ଭାରତର କୂଟନୈତିକ ପ୍ରତିନିଧିତ୍ୱରେ ବଡ଼ ଶୂନ୍ୟସ୍ଥାନ ଦେଖାଯାଇଛି । ପୂର୍ବରୁ ଦୋହାରେ ଥିବା ଭାରତର ରାଷ୍ଟ୍ରଦୂତ ଦୀପକ ମିତ୍ତଲ ସ୍ୱଦେଶକୁ ଫେରି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍ଓ)ରେ ଯୋଗଦେଇଛନ୍ତି । ଯୁଗ୍ମ ସଚିବ (ଗଲ୍ଫ) ବିପୁଲ ସେହି ପଦବୀରେ ଅବସ୍ଥାପିତ ହେବେ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଛି । କିନ୍ତୁ ବହିର୍ବ୍ୟାପାର ମନ୍ତ୍ରଣାଳୟ (ଏମ୍ଇଏ) ଔପଚାରିକ ଭାବେ ଏ ସମ୍ପର୍କରେ ଘୋଷଣା କରିନାହିଁ । ଦୋହାରେ ଭାରତୀୟ ରାଷ୍ଟ୍ରଦୂତଙ୍କ ଅନୁପସ୍ଥିତି କେବଳ ଏକ ଅମଲାତାନ୍ତ୍ରିକ ବିଷୟ ନୁହେଁ, ବରଂ ସିଧାସଳଖ ପ୍ରଭାବିତ ହେଉଥିବା ବ୍ୟକ୍ତିମାନଙ୍କ ଉପରେ ଏହାର ଗମ୍ଭୀର ପରିଣାମ ରହିଛି । ବିଶେଷକରି ଗତ ବର୍ଷ ଅଗଷ୍ଟରୁ ଦୋହାରେ ଏକାନ୍ତ କାରାବାସରେ ଥିବା ୮ ଜଣ ପୂର୍ବତନ ନୌସେନା ଅଧିକାରୀ ଅସହାୟ ଅନୁଭବ କରୁଛନ୍ତି । ଭାରତୀୟ ରାଷ୍ଟ୍ରଦୂତ ନ ଥିବାରୁ ସେମାନଙ୍କ ସମ୍ପର୍କୀୟଙ୍କ ଭଲମନ୍ଦ ଓ ମାମଲାର ନ୍ୟାୟିକ ସ୍ଥିତି ସମ୍ପର୍କରେ ସେମାନେ କିଛି ଜାଣିପାରୁନାହାନ୍ତି । ଏହି ନୌସେନା ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଫର୍ଦ୍ଦ ପ୍ରସ୍ତୁତ ହୋଇ କାତାର ଆଇନ ଅନୁଯାୟୀ ବିଚାର ପ୍ରକ୍ରିୟା ଚାଲିଛି । ଏଣୁ ଅଧିକାରୀମାନଙ୍କ ପରିବାରବର୍ଗ ସେମାନଙ୍କ ସ୍ଥିତିକୁ ନେଇ ଅଧିକ ଚିନ୍ତିତ ରହିଛନ୍ତି । ରାଷ୍ଟ୍ରଦୂତ ନିଯୁକ୍ତ ହୋଇ ନ ଥିବାରୁ ଯୋଗାଯୋଗ କରିବା ପାଇଁ ସୁଯୋଗ ନାହିଁ କିମ୍ବା ଆଗକୁ କି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ମାର୍ଗଦର୍ଶନ କରିବାକୁ କେହି ନାହାନ୍ତି । ଏଭଳି ଅନିଶ୍ଚିତତା ମଧ୍ୟରେ ଏମ୍ଇଏ ତୁରନ୍ତ ଜଣେ ଦକ୍ଷ ଓ ସକ୍ଷମ ରାଷ୍ଟ୍ରଦୂତଙ୍କୁ ଦୋହାରେ ନିଯୁକ୍ତ କରିବା ଆବଶ୍ୟକ ।

### ସିଭିଲ ସର୍ଭିସ୍‌ରେ ମହିଳାଙ୍କ ପ୍ରଭାବ

ଭାରତୀୟ ଅମଲାତାନ୍ତ୍ରିକ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ହେଉଛି । ନିକଟରେ ୟୁପିଏସ୍‌ସି ସିଭିଲ ସର୍ଭିସ୍ ପରୀକ୍ଷାଫଳ ପ୍ରକାଶ ପାଇଛି ଓ ଏଥିରେ ଏକ ଅଭୂତପୂର୍ବ ଉନ୍ନତି ସାମ୍ନାକୁ ଆସିଛି । ଯୋଗ୍ୟ ତାଲିକାର ଶୀର୍ଷ ୪ଟି ସ୍ଥାନ ମହିଳାମାନେ ଦଖଲ କରିଛନ୍ତି । ଇଶିତା କିଶୋର ପ୍ରଥମ, ଗରିମା ଲୋହିଆ ଦ୍ୱିତୀୟ, ଉମା ହରଥି ତୃତୀୟ ଏବଂ ସ୍ମୃତି ମିଶ୍ର ଚତୁର୍ଥ ସ୍ଥାନରେ ରହିଛନ୍ତି । ଶୀର୍ଷ ୨୫ ଜଣ ସଫଳ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ୧୪ ଜଣ ମହିଳା । ଲଗାତର ୨ ବର୍ଷ ହେଲା ସିଭିଲ ସର୍ଭିସ୍‌ର ଶୀର୍ଷତମ ର୍ୟାଙ୍କରେ ମହିଳାମାନଙ୍କ ପ୍ରାଧାନ୍ୟ ରହିଛି । ଏଭଳି ପରିବର୍ତ୍ତନର ଧାରା ସିଭିଲ ସର୍ଭିସ୍‌ରେ ମହିଳାମାନଙ୍କ ଉଲ୍ଲେଖନୀୟ ପ୍ରଗତିର ଗୁରୁତ୍ୱକୁ ପ୍ରକାଶ କରିଛି । ସିଭିଲ ସର୍ଭିସ୍‌ରେ ସେମାନଙ୍କ ପ୍ରତିନିଧିତ୍ୱ ବି ସମୟକ୍ରମେ ବଢ଼ିବାରେ ଲାଗିଛି ଓ ମହିଳାମାନଙ୍କ କ୍ରମୋନ୍ନତିର ଯାତ୍ରା ଅତ୍ୟନ୍ତ କଠିନ ରହିଆସିଛି । ୧୯୫୧ରେ ପ୍ରଥମ ମହିଳା ଆନ୍ନା ଜର୍ଜ ମାଲହୋତ୍ରା ଆଇଏଏସ୍ ଅଫିସର ଭାବେ ଯୋଗଦେବାଠାରୁ ଆରମ୍ଭ କରି ଏବକାର ପ୍ରାର୍ଥୀମାନଙ୍କର ଲହର ଯାଏ, ମହିଳାମାନେ ସଂଘର୍ଷପୂର୍ଣ୍ଣ ଆହ୍ୱାନର ସାମ୍ନା କରିଆସିଛନ୍ତି । ପରିସଂଖ୍ୟାନରୁ ଜଣାପଡେ , ଚଳିତ ବର୍ଷ ସ୍ୱୀକୃତ ତଥା ସଫଳ ୯୩୩ ପ୍ରାର୍ଥୀମାନଙ୍କର ଏକ ତୃତୀୟାଂଶରୁ ଅଧିକ ହେଉଛନ୍ତି ମହିଳା । ଦୁଇ ଦଶକ ପୂର୍ବରୁ ଏହା ଥିଲା ପ୍ରାୟ ୨୦ ପ୍ରତିଶତ ଏବଂ ତା'ତୁଳନାରେ ଏବକାର ସଫଳତାରେ ଆଖିଦୃଶିଆ ବୃଦ୍ଧି ଘଟିଛି । ସିଭିଲ ସର୍ଭିସ୍‌ରେ ମହିଳାମାନଙ୍କ ସଂଖ୍ୟା ବୃଦ୍ଧି ସୂଚାଉଛି ଯେ, ପାରମ୍ପରିକ ପୁରୁଷପ୍ରାଧାନ୍ୟ ଅମଲାତାନ୍ତ୍ରିକ ଦୃଶ୍ୟପଟରେ ଏକ ବଡ଼ ପରିବର୍ତ୍ତନ ଘଟିଛି । ସେମାନଙ୍କ ଯୋଗଦାନ ଏକ ଅଧିକ ସମ୍ମିଳିତ ଓ ବ୍ୟାପକ ଶାସକୀୟ ଢାଞ୍ଚା ପାଇଁ ବାଟ ଦେଖାଇବାର ସମ୍ଭାବନା ସୃଷ୍ଟି ହୋଇଛି ।

### ମଦ ସମସ୍ୟା

ତାମିଲନାଡୁ ପୋଲିସର ପ୍ରୋହିବିଶନ ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ (ପିଇଡବ୍ଲ୍ୟୁ) କର୍ମଚାରୀମାନଙ୍କୁ ଡିଜିପିଙ୍କ ତରଫରୁ ନିଆଯାଇଥିବା ଏକ ପଦକ୍ଷେପ ରକ୍ଷା କରିଦେଇ ପାରେ । ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସି. ଶୈଳେନ୍ଦ୍ର ବାବୁ ପୋଲିସ ଅଧିକାରୀମାନଙ୍କୁ ଏକ ଲିଖିତ ବାର୍ତ୍ତା ପଠାଇ ଅନ୍ୟ କୌଣସି ଡ୍ୟୁଟିରେ ମୁତୟନ ହେବା ଲୋଭରୁ ବିରତ ହେବାକୁ କହିଛନ୍ତି । ଏହି ନିର୍ଦ୍ଦେଶନାମା ରାଜ୍ୟର ସବୁ କମିଶନର ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଇ ଦିଆଯାଇଛି । ସ୍ପଷ୍ଟତଃ, ପିଇଡବ୍ଲ୍ୟୁ ଅଧିକାରୀମାନଙ୍କୁ ଅନ୍ୟସବୁ କ୍ଷେତ୍ରକୁ ନିଆଯିବା ସହ ଦାୟିତ୍ୱ ଦିଆଯାଇଛି, ଯେଉଁଥିରେ ସେମାନଙ୍କ ମୂଳ ଉଦ୍ଦେଶ୍ୟ ସହ କୌଣସି ସମ୍ପର୍କ ନାହିଁ । ସୂତ୍ରରୁ ଜଣାପଡ଼ିଛି , ପିଇଡବ୍ଲ୍ୟୁ ୟୁନିଟ୍ ଅଧିକାରୀମାନଙ୍କୁ ବ୍ୟକ୍ତି, ବିଲ୍ଡିଂ ଓ ସଂସ୍ଥା ସୁରକ୍ଷା ଦାୟିତ୍ୱରେ ଲଗାଯାଉଛି , ଯାହା ସେମାନଙ୍କ କାମ ନୁହେଁ । ତାମିଲନାଡୁରେ ବେଆଇନ ମଦ ବିକ୍ରି ବିରୋଧରେ ଲଢେଇ କରିବା ବଦଳରେ ଅନେକ ସମୟରେ ସେମାନଙ୍କୁ ଅତିରିକ୍ତ କାର୍ଯ୍ୟ କରିବାକୁ ବାଧ୍ୟ କରାଯାଉଛି । ତେବେ ଡିଜିପି ଏବେ ସେମାନଙ୍କୁ ରକ୍ଷା କରିବାକୁ ଆଗେଇ ଆସିଛନ୍ତି ଓ ପିଇଡବ୍ଲ୍ୟୁ ବିଭାଗକୁ ତା'ର ପ୍ରକୃତ ଦାୟିତ୍ୱ ଓ ମଦ ଉପଦ୍ରବୀଙ୍କ ଉପରେ ନଜର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବେଆଇନ ମଦ କାରବାରକୁ ନେଇ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଚାଲିଛି । ଭିଲୁପୁରମ୍ ଏବଂ ଚେଙ୍ଗଲାପାଟ୍ଟୁ ଜିଲାରେ ଗୋଟିଏ ପରେ ଗୋଟିଏ ବିପର୍ଯ୍ୟୟ ଘଟି ମିଥାନଲ ମିଶ୍ରିତ ମଦ ପିଇ ୨୪ ଜଣଙ୍କ ମୃତ୍ୟୁ ହୋଇଛି । ଖୁବ୍ ନିକଟରେ ଥାଞ୍ଜାଭୁର ଜିଲାରେ ବିଷାକ୍ତ ମଦ ଯୋଗୁ ୨ ଜଣଙ୍କ ମୃତ୍ୟୁ ହୋଇଥିବା ଫୋରେନ୍‌ସିକ ଅନୁଧ୍ୟାନରୁ ଜଣାପଡ଼ିଛି । ସାୟାନାଇଡଯୁକ୍ତ ମଦ ପିଇବା ଯୋଗୁ ଏଭଳି ଘଟିଛି । ଏଣୁ ସଂଯମ ଓ ସୁରକ୍ଷା ଭାବନା ଦୃଷ୍ଟିରୁ ଆଶା କରାଯାଏ ଯେ, ଡିଜିପିଙ୍କ ନିର୍ଦ୍ଦେଶ ପରେ ପିଇଡବ୍ଲ୍ୟୁର ମୁଖ୍ୟ ଦାୟିତ୍ୱ ପ୍ରତି ଏହାର ଅଧିକାରୀମାନେ ଅଧିକ ଧ୍ୟାନଦେବା ଦରକାର ।

Email: dilipcherian@gmail.com

# ଆଇନ ତା' ବାଟରେ ଯାଏ ତ



ସହଦେବ ସାହୁ

କୌଣସି ଅଭିଯୋଗର ସମାଧାନରେ ବା ସେବାପ୍ରାପ୍ତିରେ ବିଳମ୍ବ ଯୋଗୁ ସରକାରଙ୍କ ଉପରେ ଅଙ୍ଗୁଳି ଉଠିଲେ ଶାସକ ଦଳର ପ୍ରବକ୍ତା କହନ୍ତି ଆଇନ ତା' ବାଟରେ ଯାଉଛି, ଆପଣ କାହିଁକି ବ୍ୟସ୍ତ ହେଉଛନ୍ତି ? 'ବାଟ'ରେ ଯେ କେତେ 'ଡାଇଭର୍ସନ' (ବିଳମ୍ବ ବା ଅବହେଳା ଭଳି) ହେଉଛି ତାହା ସରକାରୀ ଦଳ ମାନେନାହିଁ । ଆଇନକୁ କେହି ବାଟ କଢ଼ାଉଛି ତାହା ସାଧାରଣ ଲୋକେ ଦେଖିପାରନ୍ତିନାହିଁ । ଗଣତନ୍ତ୍ର ସରକାରରେ ତ୍ରିଶାଖା ମଧ୍ୟରୁ ବିଧାୟିକା ଶାଖା ଆଇନ ତିଆରି କରେ, ତାହା କ୍ଲୀବ ଓ ନିର୍ଜୀବ ; ତା'ର ଜୀବନ୍ୟାସ ଦିଅନ୍ତି କାର୍ଯ୍ୟପାଳିକା(ପ୍ରଶାସନ)ର କର୍ମଚାରୀ ଓ ଅଧିକାରୀମାନେ ଏବଂ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ ତା'ର ବିଚାର କରନ୍ତି ନ୍ୟାୟପାଳିକାର ଅଧିକାରୀମାନେ । ନ୍ୟାୟିକ ରାୟକୁ କାର୍ଯ୍ୟକାରୀ କରନ୍ତି ପ୍ରଶାସନିକ ଅଧିକାରୀମାନେ, ସେଠି ବି ଆଇନର ବାଟରେ ଖାଲ ଢିପ ଦେଖାଯାଏ ଶାସକ ଦଳର ଇଙ୍ଗିତରେ । ଚାର୍ଲସ୍ ଡିକେନ୍ସ କ'ଣ ବୃଥାରେ କହିଥିଲେ, 'ଦ ଲ ଇଜ୍ ଆନ୍ ଆସ୍'– ଆଇନ ଗୋଟିଏ ଗଧ ! ଆଇନଟି କିପରି କାର୍ଯ୍ୟକାରୀ ହେବ, ତାକୁ ସ୍ପଷ୍ଟ କରିବା (ବାଟ ଦେଖାଇବା) ପାଇଁ ରୁଲ୍‌ସ ବି ତିଆରି କରନ୍ତି ପ୍ରଶାସନିକ ଅଧିକାରୀମାନେ, ଯଦିଓ ବିଧାୟକ ସଭାର ସମ୍ମତି ନିଆଯାଏ । କେତେକ ନେତା ତ କହନ୍ତି 'ଶୋ' ମି ଦ ମ୍ୟାନ୍, ଆଇ ଉଇଲ୍ ଶୋ' ୟୁ ଦି ଲ' ଅର୍ଥାତ୍ ଲୋକ ଦେଖି ଆଇନ ଲାଗୁ କରାଯାଇପାରେ । ପୋଲିସ ହାତରେ ଗରିବ ବା ଦଳିତଟିଏ ନିର୍ଯାତିତ ହେଉଥିବା ବେଳେ ପ୍ରଭାବୀ ବ୍ୟକ୍ତିକୁ ସେମାନେ ଗାଡ଼ିରେ ବସାଇ ତା' ଘରେ ଛାଡ଼ିଦେଇ ଆସିଥା'ନ୍ତି । ବିରୋଧୀ ଦଳର କେହି ଅଭିଯୁକ୍ତ ହେଲେ ଆଇନର ବାଟ ଏକ ଚିକ୍କଣ ରାଜପଥ ଭଳି । ଓଡ଼ିଶାର ଉଦାହରଣ ଦେଲେ ମାନହାନି ମକଦ୍ଦମାର ଶିକାର ହେବାକୁ ପଡ଼ିପାରେ, ତେଣୁ ଦିଲ୍ଲୀର ଯନ୍ତରମନ୍ତରଠାରେ କୁସ୍ତିଯୋଦ୍ଧାମାନଙ୍କ ଅଭିଯୋଗର ଉଦାହରଣ ଦେବି । ସେମାନେ ଭାରତୀୟ କୁସ୍ତି ସଂଘ ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନଗତ ଅଶାଳୀନ ବ୍ୟବହାରର ଅଭିଯୋଗ ଆଣିଥିଲେ ବି ପୋଲିସ୍ ଚୁପ୍ ଥିଲା । ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶରେ ଏତଲା ଗ୍ରହଣ କଲା, ତଥାପି ବ୍ରିଜ୍‌ଭୂଷଣଙ୍କୁ ଗିରଫ ତ ଦୂରର କଥା, ପଚରାଉଚରା ବି କରିନାହିଁ । କାରଣ ଦିଲ୍ଲୀ ପୋଲିସକୁ କଣ୍ଟ୍ରୋଲ କରୁଥିବା କେନ୍ଦ୍ର ସରକାର ଚଳାଉଥିବା ଦଳର ସାଂସଦ, ବରଂ ପୋଲିସ ଆନ୍ଦୋଳନକାରୀଙ୍କୁ ଟାଣିଘୋଷାରି ଅନ୍ୟତ୍ର ନେଇଛି । ଅଥଚ ସମରୂପ ଅଭିଯୋଗରେ ତେହଲ୍‌କା ସମ୍ପାଦକ ଗିରଫ ହେଲେ ଓ ଜେଲ୍ ଗଲେ !

ଏ ତ ଫୌଜଦାରି ଆଇନର 'ବାଟ' କଥା । ଅଣଫୌଜଦାରି ମାମଲାରେ ବି ଆଇନ ତା ବାଟରେ ଯାଉନାହିଁ, ନାଗରିକ–ଅଧିକାର ଆଇନ କ୍ଷେତ୍ରରେ ତ ବାଟଯାକ ଗାତ ! କର୍ମଚାରୀ/ଅଧିକାରୀ ନ ଚାହିଁଲେ ବାଟ ବନ୍ଦ ! ଗୋଟିଏ ଉଦାହରଣ ହେଉଛି ସରକାରୀ ସେବା ପାଇବାର ଅଧିକାର ଆଇନ: ଦି ଓଡିଶା ରାଇଟ୍ ଟୁ ପବ୍ଲିକ୍ ସର୍ଭିସେସ୍ (ଓଆର୍‌ଟିପିଏସ୍) ଆକ୍ଟ । ୨୦୧୨ରୁ ତିଆରି ଏହି ଆଇନ ଲୋକଙ୍କୁ ଯଥା ସମୟରେ ସେବା ଯୋଗାଇବା ପାଇଁ ବାଟ ବତାଉଛି । ଏ ଆଇନ ଟାଉଟର ସଂଖ୍ୟା ବଢ଼ାଉଛି । ଲୋକଙ୍କୁ ଏତେ ହଇରାଣ କରୁଛି ଯେ ଲୋକେ ଏହାକୁ ଭୁଲି ଘୁଷ୍ ଦେଇ କାମ କରିନେବା ଶସ୍ତା ପଡ଼ିବ ବୋଲି ଭାବିଲେଣି । ଓଡ଼ିଶାର ଅଡିଟର ଜେନେରାଲ ତାଙ୍କର ଏକ ରିପୋର୍ଟରେ ଜଣାଇଛନ୍ତି କିପରି ଓଆର୍‌ଟିପିଏସ୍ ଆକ୍ଟ ଓ ରୁଲ୍‌ସ ଏକ ରାସ୍ତାରେ ଗାଡ଼ିକୁ ସ୍ଲୋ କରୁଥିବା ରମ୍ବଲରଷ୍ଟ୍ରିପ୍ ଭଳି କାମ କରୁଛି ତ କେଉଁଠି ଗଡ଼ାରେ ପଡ଼ି ଭାଙ୍ଗିଯାଉଛି । ତେଣୁ ଘୁଷ୍ ଏକ ଇକୋନୋମିକ୍ ଆକ୍ଟିଭିଟି ହୋଇଛି । ତାହା ଉପଭୋକ୍ତାର ସମୟ ବଞ୍ଚାଏ ଓ ବ୍ୟୟଭାର କମାଏ (ବାରମ୍ବାର ଦଉଡ଼ିବା ଖର୍ଚ୍ଚ, ଅଫିସ୍ ପାଖରେ ରହିବାର ଖର୍ଚ୍ଚ ଏବଂ ଦେହ ତଥା ମନର ପୀଡ଼ାରୁ ବଞ୍ଚାଏ) ଓ ଅଧିକାରୀର ଲାଭ ହୁଏ, ଦରମା ଉପରେ ଅତିରିକ୍ତ କିଛି ମିଳିଯାଏ । ଏ ସବୁର କାରଣ ଆଇନର ବାଟ ଓଗାଳିବା ଅଧିକାରୀମାନଙ୍କ ଉପରେ ଆକ୍ସନ୍ ନିଆହେଉନାହିଁ, ଯାହାର କାରଣ ଉପରିସ୍ଥ ଅଧିକାରୀମାନେ ଅଧସ୍ତନ କର୍ମଚାରୀର କାର୍ଯ୍ୟ–ସମ୍ପାଦନ ସମୀକ୍ଷା କରୁନାହାନ୍ତି, କାରଣ ସେପରି କରୁନାହାନ୍ତି ବୋଲି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । କିନ୍ତୁ ନାଗରିକର ପ୍ରାପ୍ୟରୁ କିଛି କମିଯାଏ ତ ଉଦ୍ଦିଷ୍ଟ ଉପକାର ମିଳେନାହିଁ, ତେଣୁ ସରକାରଙ୍କ ଲକ୍ଷ୍ୟ ଭ୍ରଷ୍ଟ ହେବାରେ ଅଧିକାରୀମାନେ ଦାୟୀ । ଅଧିକାରୀମାନେ ଭ୍ରଷ୍ଟ ହେବାରେ ମନ୍ତ୍ରୀମାନେ ଦାୟୀ । ଶେଷରେ ମନ୍ତ୍ରୀମାନେ ଭ୍ରଷ୍ଟ ହେବାରେ ସେମାନଙ୍କୁ ଜିତାଉଥିବା ଭୋଟରମାନେ ଦାୟୀ ।



ଓଡ଼ିଶା ଅଡିଟର ଜେନେରାଲ ବିଭିନ୍ନ ବିଭାଗରେ କିପରି ଓଆର୍‌ଟିପିଏସ୍ ଆକ୍ଟ ୨୦୧୨ ଓ ରୁଲ୍‌ସ କାମ କରୁଛି ତା' ସମୀକ୍ଷା କରି ଯାହା ଲେଖିଛନ୍ତି ତାହାକୁ ସଂକ୍ଷିପ୍ତ ଆକାରରେ ଏଠାରେ ଉଲ୍ଲେଖ କରିବା ଉଚିତ । ଏ ଆଇନର କାର୍ଯ୍ୟକାରିତା ନିରୀକ୍ଷଣ ବା ସମୀକ୍ଷା କରିବା ଦାୟିତ୍ୱ ପ୍ରତ୍ୟେକ ଡିପାର୍ଟମେଣ୍ଟ ଉପରେ ନ୍ୟସ୍ତ କରାଯାଇଛି, ଯାହାର ସର୍ବୋଚ୍ଚ ନିୟନ୍ତ୍ରକ ହେଉଛି ଜେନେରାଲ ଆଡ୍‌ମିନିଷ୍ଟ୍ରେଶନ ବିଭାଗ ଅଧୀନସ୍ଥ ଆଡ୍‌ମିନିଷ୍ଟ୍ରେଟିଭ୍ ରିଫର୍ମ ଶାଖା । ସାଧାରଣ ପ୍ରଶାସନ(ପ୍ରଶାସନିକ ସଂସ୍କାର) ବିଭାଗ ୨୦୧୩ ଡିସେମ୍ବରରେ ରୁଲ୍‌ସ ତିଆରିକରି ଓଆରଟିପିଏସ୍ ଆକ୍ଟ ଅଧୀନରେ ବିଭିନ୍ନ ସେବା କେମିତି ମିଳୁଛି ତା'ର ମନିଟରିଂ କରିବା ଓ ସେବା ପାଇବାର ସୁବିଧା ପାଇଁ ସେଣ୍ଟ୍ରାଲ ମନିଟରିଂ ସିଷ୍ଟମ୍ (ସିଏମ୍ଏସ୍) ଚାଲୁ କଲେ, କିନ୍ତୁ କେହି ତା' ବ୍ୟବହାର କରୁନାହିଁ ବୋଲି ଅଡିଟର ଜେନେରାଲ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ତେଣୁ ଏ ଆଇନଟି ତା' ବାଟରେ ଯାଉନାହିଁ । ସମ୍ପୃକ୍ତ ଅଫିସ୍ ଆବେଦନ ପତ୍ର ପାଇଲା କ୍ଷଣି ସିଏମ୍ଏସ୍‌ରେ ଏକ କ୍ରମିକ ନମ୍ବର ଦେଇ ପ୍ରାପ୍ତି ସ୍ୱୀକାର କରିବ, ଏଥିରେ ଜଣାଇବ ଆବେଦନକାରୀ କ'ଣ କ'ଣ କାଗଜ/ଦଲିଲ ଦେବା ଦରକାର, କ'ଣ କ'ଣ ଅଭାବ ରହିଛି ଯାହା ସେ ପୂରଣ କରିବ । କେଉଁ ତାରିଖ ସୁଦ୍ଧା ସମାଧାନ ହେବ ଜଣାଇ ତାକୁ ଗୋଟିଏ ଏସ୍ଏମ୍ଏସ୍ ଯିବ । ଏଥିଲାଗି ପ୍ରତି ଅଫିସ୍‌ରେ ଜଣେ ଅଫିସର ଉଦ୍ଦିଷ୍ଟ 'ଡେଜିଗ୍‌ନେଟେଡ୍ ଅଫିସର' (ଡିଓ) ରହିବ, ତାଙ୍କ ନିଷ୍ପତ୍ତି ଉପରେ ଅସନ୍ତୁଷ୍ଟ ହେଲେ ଆବେଦନକାରୀ ଅପିଲ କରିପାରେ, ପ୍ରତି ବିଭାଗରେ ଜଣେ ଆପିଲେଟ୍ ଅଥରିଟି(ଏଏ) ଓ ତାଙ୍କ ଉପରେ ଜଣେ ରିଭିଜନାଲ୍ ଅଥରିଟି (ଆର୍‌ଏ) ରହିବ । ଅଡିଟ୍ କେତେଗୁଡ଼ିଏ ନଥି ତନଖି କରି ଦେଖିଛନ୍ତି, (୧) କମ୍ପ୍ୟୁଟର ବ୍ୟବହାର ହେଉନାହିଁ, (୨) ଡାଟା ବା ତଥ୍ୟ ଭରଣା ହେଉନାହିଁ, (୩) କଟକ ଜିଲା ସବ୍‌ରେଜିଷ୍ଟ୍ରାର୍ ମେ' ୨୦୧୭ରୁ ଓ ସମ୍ବଲପୁର ଡିଏସ୍‌ଆର୍ ଜାନୁୟାରୀ ୨୦୧୬ରୁ କାମ କରୁଛି, ଆଇନଟି ୪ ଓ ୫ ବର୍ଷ ଚାଲୁ ହେଲାପରେ, (୪) ଟ୍ରାନ୍ସପୋର୍ଟ ବିଭାଗରେ ଆବେଦନର କାମ ସରିଗଲା ପରେ ହିଁ ତା'ର ଡାଟା ପୂରଣ କରାଯାଇଛି, ତା' ମାନେ ମନିଟରିଂ ହେଉନାହିଁ, କାମ କରି ନ ଥିଲେ ନାଗରିକର ଦରଖାସ୍ତ କ'ଣ ଓ କିପରି ଅଛି ତା'ର ତଥ୍ୟ ନାହିଁ, ତେଣୁ ସିଏମ୍ଏସ୍‌ର ଉଦ୍ଦେଶ୍ୟ ବିଫଳ । ପୁଣି ଆବେଦନକାରୀକୁ ପ୍ରାପ୍ତିସ୍ୱୀକାର ପଠାଯାଉନାହିଁ । ଡିପାର୍ଟମେଣ୍ଟ ବି ଜାଣିନାହିଁ ଦରଖାସ୍ତକାରୀ ତା' ଆବେଦନର ଜବାବ ପାଇଛି କି ନାହିଁ । କୌଣସି ଡିପାର୍ଟମେଣ୍ଟ ଏହି ଆକ୍ଟ ଅଧୀନରେ କିପରି କାମ ହେଉଛି ତାହା ସମୀକ୍ଷା କରୁନାହିଁ, କୌଣସି ଅଫିସ୍ କମ୍ପ୍ୟୁଟରରୁ ମାସିକ ପ୍ରୋଗ୍ରେସ୍ ରିପୋର୍ଟ ଦେଉନାହିଁ, ସବୁ ସାଧାରଣ ଟାଇପ୍‌କରା ବା ହାତଲେଖା । ଆଇନ କିପରି ତା' ବାଟରେ ଯାଉଛି ଦେଖିଲେ ତ !

ଗଣତନ୍ତ୍ର ଶାସନର ନିୟମ ମଧ୍ୟ ତା' ବାଟରେ ଯାଉନାହିଁ । ଅମଲାତନ୍ତ୍ର ଆନିମସ୍ ଅର୍ଥାତ୍ ଅଜ୍ଞାତ ରହିବା କଥା । ମନ୍ତ୍ରୀମାନେ ତାଙ୍କ ବିଭାଗ କଥା ଓ ଯୋଜନା ବା ପ୍ରସ୍ତାବ ଜଣାଇବେ । ଜଣେ ସଚିବ ମନ୍ତ୍ରୀ ଭଳି ଆଚରଣ ଦେଖାଇବା କୋଉ ଆଇନର କୋଉ ବାଟରେ ଅଛି ?

sahadevas@yahoo.com

## ଏଇ ଭାରତରେ

କିଛି ନୂତନତ୍ୱ ନିଶାରେ କଲ୍ୟାଣ କୁମାର କଲେଜ ପଢ଼ାରେ ଡୋରି ବାନ୍ଧିଦେଲେ । ପରେ ତାଙ୍କ ପିତାଙ୍କ କମ୍ପାନୀରେ ଏକ ମେଶିନ ତିଆରି କରି ସେଥିରେ ଶସ୍ୟଜାତ ବର୍ଜ୍ୟରୁ କପ୍, ଗିନା ଓ ଚାମଚ ଆଦି ତିଆରି କରୁଛନ୍ତି । ତାମିଲନାଡୁ କୋଏମ୍ବାଟୁର ନିବାସୀ କଲ୍ୟାଣ ଏଥିରେ ଭଲ ଆୟ କରିବା ସହ ପରିବେଶ ସୁରକ୍ଷା ମଧ୍ୟ କରିପାରୁଛନ୍ତି । କୁଣ୍ଡା ଓ ଗହମ ଚୋପା, କଇଁଆ ମଞ୍ଜି, କଦଳୀ ପତ୍ରରୁ ସେ ଏହିସବୁ ଉତ୍ପାଦ ତିଆରି କରୁଛନ୍ତି । କଲ୍ୟାଣ ବିବିଏ କୋର୍ସ ଛାଡ଼ି ପ୍ରଥମେ ତାଙ୍କ ପିତାଙ୍କ କମ୍ପାନୀରେ ୨୦୧୭ରେ ପ୍ଲାଷ୍ଟିକ ବିକଳ୍ପ ଉତ୍ପାଦ ପାଇଁ ମେଶିନ ତିଆରି କରିବା ଆରମ୍ଭ କରିଥିଲେ । ପ୍ରଥମେ ଗୁଆପତ୍ର ଖୋଳପାରୁ ପ୍ଲେଟ୍ ପାଇଁ ଓ ପରେ ଶସ୍ୟ ବର୍ଜ୍ୟରୁ କପ୍ ତିଆରି ଲାଗି ମେଶିନ ନିର୍ମାଣ କରିଥିଲେ । ସେ ତିଆରି କରୁଥିବା ଛୋଟ ମେଶିନର ଦାମ୍ ୩ ଲକ୍ଷ ଓ ବଡ଼ ମେଶିନ ୩୦ ଲକ୍ଷ ଟଙ୍କାରେ ବିକ୍ରି କରାଯାଉଛି । ସେ ଏବେ ଯେଉଁ ମେଶିନ ବ୍ୟବହାର କରୁଛନ୍ତି ତାହା ଏକାଥରକେ ୧୦୦୦ କପ୍ ତିଆରି କରୁଛି ଓ ବଡ଼ ମେଶିନରେ ଦିନକୁ ୧୦,୦୦୦ କପ୍ ତିଆରି ହେଉଛି । ମୋଟିଏ ମାସରେ ସେ ୧୦ ଲକ୍ଷ କପ୍ ବିକ୍ରି କରୁଛନ୍ତି ।

# ଚମ୍ପାବତୀ ଉପାଖ୍ୟାନ



ଜୟଶ୍ରୀ ପଟ୍ଟନାୟକ

ସକାଳୁ ସକାଳୁ ମାଲିକ ଘର ଆଗରେ ଭିଡ଼ ଦେଖି ମୁଁ ଟିକେ ଭୟଭୀତ ହୋଇପଡ଼ିଲି । ଯେତେବେଳେ ଘଟଣା କ'ଣ ଘଟିଛି ତାହା ବୁଝିବାକୁ ଗଲି ଜଣାପଡ଼ିଲା ଯେ, ଚମ୍ପାବତୀ ନାମ୍ନୀ ଯେଉଁ ଭଦ୍ରମହିଳା ଜଣକ ପ୍ରତିଦିନ କାଳିଅନ୍ଧାରରୁ ଉଠି ମାଲିକ ଘର ଗଛରୁ ଫୁଲ ଚୋରାଏ ସେ ଆଜି ନାଳ ଉପରେ ପଡ଼ିଥିବା ସ୍ଲାବ୍ ଖଣ୍ଡେ ଭାଙ୍ଗିଯିବାରୁ ନାଳରେ ଗଳିପଡ଼ିଛି । ଅଣ୍ଟାରୁ ଗୋଡ଼ ନାଳ ଭିତରେ ଆଉ ଅଣ୍ଟାରୁ ମୁଣ୍ଡ ନାଳ ଉପରେ । ଓଜନ ଆନୁମାନିକ ଅଶୀ ସରିକି ହେବ । ତାକୁ ପୁଣି ନାଳରୁ କିଏ ଉଠେଇବ ଲୋ ମା' ! ନାଳକୁ ଲାଗି ପିଚୁରାସ୍ତା ଲମ୍ବିଯାଇଛି । ରାତିଦିନ ଗାଡ଼ିମୋଟର ଓ ଆମ୍ବୁଲାନ୍ସ ଶବ୍ଦରେ କାନଅତଡ଼ା ଫାଟିଯାଉଛି । ଖୁବ୍ ଚଳଚଞ୍ଚଳ ହୋଇପଡ଼େ ରାଜଧାନୀ ପାହାନ୍ତିପ୍ରହରୁ । ଏହି ସମୟରେ ଚମ୍ପାବତୀଙ୍କ ଡାକ କାହା କାନରେ ପଡୁ ନ ଥାଏ । ନାଳ ଭିତରେ ପଡ଼ିଯାଇଥିବାରୁ ନାଳର ଗଙ୍ଗାପାଣିରେ ଗୋଡ଼ ଦୁଇଟି ଓଦା ହୋଇ ଥରୁଥାଏ । ସବୁ ହେଲା ଯେ ତାକୁ ନାଳରୁ ଉଠେଇବ କିଏ ସେନେଇ ବିଚାରବିମର୍ଶ ଚାଲିଲା । ଏହି ସମୟରେ କାଉ କା ନ ବୋଲୁଣୁ କାମରେ ଆସି ଯୋଗଦେଇଥିବା ସଫେଇ କର୍ମଚାରୀ ତଥାକଥିତ ଢଙ୍ଗରେ ପହଞ୍ଚିଗଲେ ମାଲିକ ଘର ଆଗରେ । ଆରେ ସ୍ତ୍ରୀ ଲୋକଟି ନାଳରେ ପଡ଼ିଯାଇଛି ବୋଧେ କହି ଡାକିଲା ସାଥୀ କର୍ମଚାରୀମାନଙ୍କୁ, ଆସ ସମସ୍ତେ ମିଶି ସ୍ତ୍ରୀ ଲୋକଟାକୁ ନାଳରୁ ଉଠାଇବା । ଦୁଇପଟ ଦୁଇଜଣ ଲେଖାଏଁ ଚାରିଜଣ ସଫେଇବାଲା ତା' ବାହୁକୁ ଧରି ଉପରକୁ ଉଠେଇବାକୁ ଚେଷ୍ଟା କଲାବେଳକୁ ମହିଳା ଜଣକ କହିଲେ– ତୁମେମାନେ ମୋତେ ଛୁଇଁଲେ ମୋ ଦେହ ଅପବିତ୍ର ହେଇଯିବ । ଆରେ ୟେ କି କଥା ! ନାଳ ଭିତରେ ପଡ଼ିଥିବା ମଣିଷ କେମିତି ଜୀବନ ବଞ୍ଚାଇବ ସେ କଥା ସିନା ଚିନ୍ତା କରିବ ୟେ ଓଲଟି କହୁଛି ମୋତେ ଛୁଅଁନାହିଁ ମୋ ଦେହ ଅପବିତ୍ର ହେବ । ମୋତେ ଗଙ୍ଗାପାଣିରେ ଗାଧୋଇ ତୁଳସୀ ଖାଇବାକୁ ହେବ । ସେମାନେ ତ ସହଜେ ସଫେଇବାଲା, ସେମାନେ କୋଉ କହିବା ଛାଡ଼ିଦେବେ ଯେ ? ସେମାନଙ୍କ ଭିତରୁ ଜଣେ କହିଲା ମାଉସୀ ଲୋ ! ତୁ ତ ନାଳ ଭିତରେ ପଶି ଅଧା ଓଦା ହେଲୁଣୁ । ପାଦ ଦୁଇଟି ନଳାପାଣିରେ ବୁଡ଼ିରହିଛି ପୁଣି ପବିତ୍ର ଅପବିତ୍ର କଥା କାହିଁକି ତୁଣ୍ଡରେ ଧରୁଛୁ କହିଲୁ ? ଆଉ ଜଣେ କହିଲା ମାଉସୀ ! ତୋ ଦେହ ରକ୍ତ ଆଉ ମୋ ଦେହ ରକ୍ତ କ'ଣ ଅଲଗା ? ତୃତୀୟ ଜଣକ କହିଲା ତୋ ଦେହ ତ ନଳାପାଣିରେ ଗନ୍ଧଉଛି । ଚତୁର୍ଥ ଜଣକ କହିଲା ଏଡ଼େ ମୋଟୀ ହେଇଛୁ ଯେ ତୋତେ ଉଠେଇବ କିଏ ନାଳରୁ ? ମୁଁ ଯଦି ଉଠେଇବି ତା'ହେଲେ କେତେ ଟଙ୍କା ମଦପାଣିକୁ ଦେବୁ ଆମକୁ କହିଲେ ଯାଇ ଉଠେଇବୁ । ନ ହେଲେ ସେମିତି ଛିଡ଼ା ହୋଇଥା' । ଏତିକି କହି ଚାରିଜଣ ଯାକ ସେ ଠାବରୁ ଚାଲିଗଲେ ସେମାନଙ୍କ କାମରେ ହାଜିରା ଦେବାଲାଗି ।

ଧୀରେ ଧୀରେ ରାସ୍ତାରେ ଯାଉଥିବା ଲୋକମାନଙ୍କ ନଜରରେ ପଡ଼ିଲା ଚମ୍ପାବତୀ । ହାତରେ ଥିବା ଫୁଲଜରିରେ ଟଗର ଆଉ ପର ବାଡ଼ିରୁ ଲଗି ଲଗେଇ ଆଣିଥିବା କନିଅର ଓ



ମନ୍ଦାର ଫୁଲ ରହିଛି । କିଛି ସମୟ ପରେ ପାଖରେ ଘର କାମରେ ବ୍ୟବହୃତ ହେଉଥିବା ନିଶୁଣିକୁ ଆଣି ନାଳରେ ଥୁଆହେଲା ଆଉ ମାଉସୀ ଜଣକ ଉପରକୁ ଉଠିଲେ ଶିଡ଼ି ସାହାଯ୍ୟରେ । ପାଖ ପାଇପ୍‌ରେ ଧୁଆଧୋଇ ହୋଇ ଫୁଲଜରିକୁ ସାଙ୍ଗରେ ନ ନେଇ ଅଳିଆ ଗଦାରେ ଫିଙ୍ଗିଦେଲା । ଘରେ ପହଞ୍ଚି ଯାହା ଘଟିଥିଲା ସେ ସମ୍ପର୍କରେ ଘରଲୋକଙ୍କୁ ଜଣାଇବା ପରେ ଘରଲୋକ ଆସି ସକାଳୁ ସକାଳୁ ମାଲିକ ଘର ଉପରେ ତୁମ୍ବିତୋଫାନ । କ'ଣ ନା, କି ଘର ତିଆରି କରିଛ ଯେ ନାଳ ଉପରେ ସ୍ଲାବ୍ ଖଣ୍ଡେ ଭଲରେ ପକାଇପାରୁନାହଁ ? ମାଲିକ ମଉସା କହିଲେ, ତୁମେ କି ଘର ବନେଇଛ ଯେ ଫୁଲଗଛ ପାଇଁ ଜାଗା ଟିକେ ନ ରଖି ୟା ବାଡ଼ିକୁ ତା ବାଡ଼ି କାଳିଅନ୍ଧାରରେ ପଶି ସବୁ ଫୁଲ ଚୋରିକରି ନେଉଛ । ଆସିଲ ବୋଲି ତ ନାଳରେ ପଡ଼ି ଖଣ୍ଡିଆ ଖାବରା ହେଲ ଆଉ ଫୁଲ ପ୍ରତିଦିନ ନେଉଛ ବୋଲି ଧରା ବି ପଡ଼ିଲ । ବଜାରରୁ ପରିବା, ସଉଦା, ନଡ଼ିଆ, କଦଳୀ ଆଣୁଛ ଆଉ ଫୁଲ ଟିକେ କିଣି ଆଣିବାକୁ କ'ଣ ଠାକୁର ମନା କରିଛନ୍ତି ଆଉ କହିଛନ୍ତି ଯେ, ପରବାଡ଼ିରୁ ଚୋରିକରି ଆଣି ପୂଜାକଲେ ମୁଁ ସନ୍ତୁଷ୍ଟ ହେବି ବୋଲି ? ଆମ ଘରେ ଗଛ ଥାଇ ଆମେ ବଜାରରୁ କିଣିକି ପୂଜା କରୁଛୁ ଅଥଚ ତୁମେ ଆମ ଗଛରୁ ଫୁଲ ନେଇ ପୂଜା କରିବ । ଚୋରି କରିବ ପୁଣି କୁଆଡୁ ଆସି ଝଗଡ଼ା କରିବ ? କି ଓଲଟା ଜମାନା ହୋ । ରୁଣ୍ଡ ହୋଇଥିବା ଲୋକମାନେ ମାଲିକ ମଉସାଙ୍କ କଥାର ସପକ୍ଷ ନେଲାରୁ ଚମ୍ପାବତୀ ଘର ଲୋକେ ସେଠାରୁ ପଳାଇଲେ । କଥା ହେଉଛି ଏମିତି ଅନେକ ପୁରୁଷ ଓ ମହିଳା କାଳିଅନ୍ଧାରରୁ ବାଡ଼ି ଖଣ୍ଡେ ଧରି ଚାଲିବା ବାହାନାରେ କାହା ବାଡ଼ିରୁ ନା କାହା ବାଡ଼ିରୁ ଫୁଲ ଚୋରି କରିବାରେ ଅଭ୍ୟସ୍ତ ହୋଇଗଲେଣି । କାହାର ସୁନାହାର ଛିଣ୍ଡେଇ କିଏ ନେଲାଣି ତ କାହା ଘରେ ଚୋର ପଶିଲାଣି, କିଏ ଷ୍ଟ୍ରିଟ୍ କୁକୁର ହାବୁଡ଼ରେ ପଡ଼ି ସାଙ୍ଗରେ ଆଣିଥିବା ବାଡ଼ିରେ ହୁରୁଡ଼ାଇ ପ୍ରାଣ ବଞ୍ଚାଉଛନ୍ତି । ତଥାପି ଏ ଗୁଣ ଲାଗେ ତାଙ୍କର ପ୍ରକୃତିଗତ ଗୁଣ । ଆଉ ଯେତେବେଳେ ଦୁର୍ଘଟଣା ଘଟୁଛି ସେତେବେଳେ ରାସ୍ତାର ଦୋଷ । ସୁନା ଚୋରି ହେଲେ ପୋଲିସର ଦୋଷ ଏମିତି ଏମିତି କେତେ କଥା ବାହାରେ । ବାସ୍ତବରେ ଆମେ ଆମ ଗୁଣକୁ କେତେ ସଜାଡୁଛେ ? ବହୁତ ପଇସା ଦେଇ ଜାଗା କିଣି ଘର କରୁଛେ, ଆପାର୍ଟମେଣ୍ଟରେ ରହୁଛେ କିନ୍ତୁ ରହୁଥିବା ସ୍ଥାନର ଚାରିପଟେ ଇଞ୍ଚେ ବି ଜାଗା ରଖୁନାହୁଁ । ପର ଦୁଆରୁ ଫୁଲ ଚୋରି କରିବା ଆମର ସାନପଣ ନୁହଁ ବରଂ ଘର ଚାରିପାଖେ ଫୁଲଗଛ ଲଗାଇବା ଓ ମାଟିହାତ ହେବାକୁ ସାନପଣ ମଣୁଛୁ । ପ୍ରଚଣ୍ଡ ନିଦାଘରେ ଘରେ ଏସି ବା କୁଲର ତଳେ ଜୀବନ କାଟିବାକୁ ପସନ୍ଦ କରୁଛୁ ହେଲେ ଘର ଚାରିପାଖରେ ଗଛ ଲଗାଇ ଫୁଲ ସହିତ ପ୍ରାକୃତିକ ପରିବେଶରେ ପବନ ଖାଇ ଘଡ଼ିଏ ସକାଳ ଓ ସଞ୍ଜର ଶାନ୍ତ ପରିବେଶରେ ପରିବାର ସହିତ କଟେଇବା ପାଇଁ ଶ୍ରେୟ ମଣୁନାହୁଁ । ଗାଡ଼ି ରଖିବାକୁ ଗ୍ୟାରେଜ କରିବା ହେଲେ ଯେଉଁ ଦେବଦେବୀଙ୍କ ପାଇଁ ଇଞ୍ଚେ ମାଟି ବି ନାହିଁ ଫୁଲଗଛଟିଏ ପୋତି ଘରୁ ବାହାରୁଥିବା ପରିବା ଚୋପାକୁ ଜୈବିକ ଖତ କରି ପକାଇ ପରିବେଶକୁ ସୁସ୍ଥ ରଖିବା କଥା ଚିନ୍ତା କରିବାକୁ । ଏସବୁ କଥା ହେଜିବା କେବେ ? ଏସବୁ କରିବା ଦ୍ୱାରା ଜଗତେ କେବଳ ଜନେ ହସିବେ । ସୁଧିଜନେ ଯାହା ଭଲ ବୋଲି ବିଚାର କରୁଛନ୍ତି ସେଇୟା କରନ୍ତୁ । କାରଣ କଥାରେ ଅଛି ପରା– ''ଘୁଷୁରି ପ୍ରକୃତି ପଙ୍କରେ ଲୋଟେ ମଣିଷ ପ୍ରକୃତି ମଳେ ତୁଟେ ।''

**ଭୁବନେଶ୍ୱର, ମୋ:୭୯୭୮୧୧୦୪୭୪**

## ୨୫ ବର୍ଷ ତଳର ଧରିତ୍ରୀ

୩ ଜୁନ୍ ୧୯୯୮

- ଅଂଶୁଘାତରେ ୪୧୦ ଜଣ ମୃତ୍ୟୁବରଣ କରିଥିବା ନେଇ ରାଜ୍ୟ ସରକାରଙ୍କ ସ୍ୱୀକାରୋକ୍ତି ।
- ପ୍ରବଳ ଘୂର୍ଣ୍ଣିବାତ୍ୟା ଯୋଗୁ ତାଳଚେର–ଭଞ୍ଜନଗର ନୟାଗଡ଼ ଦେଇ ଭୁବନେଶ୍ୱରକୁ ଆସୁଥିବା ୨୨୦ କେଭି ଡବଲ ସର୍କିଟ ଲାଇନର ତିନୋଟି ଟାୱାର ଭୁଶୁଡ଼ି ପଡ଼ିବାରୁ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ।
- ଆସାମର ବୋଡୋ ଲିବରେସନ ଟାଇଗର ଉଗ୍ରପନ୍ଥୀମାନେ ରାଜ୍ୟର ଉତ୍ତର ପୂର୍ବାଞ୍ଚଳରେ ଏକ ବଡ଼ ଧରଣର ବୋମା ବିସ୍ଫୋରଣ ଘଟାଇ ୩ଟି ପୋଲକୁ ଭାଙ୍ଗିଦେବା ସହିତ ଯୋଗାଯୋଗ ବ୍ୟବସ୍ଥାକୁ ବିଚ୍ଛିନ୍ନ କରିଦେଇଛନ୍ତି ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 5 | | 8 | | | 4 | 3 | |
| 3 | 4 | 1 | | 2 | | | | 9 |
| | | | | | | 7 | | |
| | | | | 9 | | | 2 | |
| | | | | | | 9 | | 4 |
| 6 | | | | | 8 | 1 | | |
| | | | | | | 2 | | 5 |
| | | 4 | | | | | | |
| | | | 2 | 5 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 2 | 5 | 4 | 9 | 8 | 1 | 7 |
| 5 | 9 | 8 | 7 | 1 | 6 | 2 | 3 | 4 |
| 1 | 7 | 4 | 8 | 3 | 2 | 5 | 6 | 9 |
| 9 | 2 | 1 | 3 | 6 | 8 | 7 | 4 | 5 |
| 4 | 8 | 3 | 1 | 5 | 7 | 6 | 9 | 2 |
| 7 | 5 | 6 | 9 | 2 | 4 | 1 | 8 | 3 |
| 3 | 1 | 7 | 4 | 8 | 5 | 9 | 2 | 6 |
| 8 | 6 | 9 | 2 | 7 | 3 | 4 | 5 | 1 |
| 2 | 4 | 5 | 6 | 9 | 1 | 3 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଫୁଲନଖରା–ନିଆଳି ରାସ୍ତା ଓସାରିଆ ହେଉ

ମହାଶୟ,

କଟକ ଉପକଣ୍ଠ ଫୁଲନଖରା ଛକରୁ ନିଆଳି ରାସ୍ତାର ସମ୍ପ୍ରସାରଣ କରାଯାଉ । ଏହି ରାସ୍ତା ଉପରେ ବହୁ ସଂଖ୍ୟକ ଲୋକ ନିର୍ଭର କରୁଥିବାରୁ ଯାତାୟାତରେ ସୁଧାର ଆଣିବା ଆବଶ୍ୟକତା ରହିଛି । ଏହି ରାସ୍ତାରେ ଚାରିଚକିଆ, ତିନିଚକିଆ ଏବଂ ଦୁଇ ଚକିଆ ଗାଡ଼ି ଯାଇଥାଏ । ତା'ଛଡା ନିର୍‌ତାର, ଜାତୀୟ ଅଙ୍ଗ ପ୍ରତିରୋପଣ ଚିକିତ୍ସାଳୟ ରହିଛି । ଡିପିଏସ୍ (ପବ୍ଲିକ୍ ସ୍କୁଲ) ଏବଂ ଇଞ୍ଜିନିୟରିଂ କଲେଜ ଥିବାରୁ ରାସ୍ତାର ରକ୍ଷଣାବେକ୍ଷଣ କରାଯାଉ । କୃଷିଭିତ୍ତିକ ମାଲ୍ ପରିବହନରେ ରାସ୍ତାଟି ଅଣଓସାରିଆ ଥିବାରୁ ସମସ୍ୟା ଦେଖାଦେଉଛି । ଗୁରୁତ୍ୱ ଦୃଷ୍ଟିରୁ ଗମନାଗମନ ସୁଗମ କରାଯାଉ ।

**–ରମେଶ ଚନ୍ଦ୍ର ବେହେରା,ଆୟଉପୁର, କଟକ**

## ଚିରନ୍ତନୀ

କି ଉଦ୍ଦେଶ୍ୟେ ଏ ସୃଷ୍ଟିର
କି ସନ୍ଦେଶ କିବା ତା'ର ବାଣୀ
କି ଅମୂଲ୍ୟ ନିଧି ତୁଲେ
ଅବିଶ୍ରାମ ଧାଇଁଚାଲେ ପ୍ରାଣୀ ।
(ଜଡ଼–ଦର୍ଶନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଡମ୍ଭଯୋଡ଼ି ଗ୍ରାମରେ ଆନ୍ଥ୍ରାକ୍ସ: ୨ ଆକ୍ରାନ୍ତଙ୍କ ସହ ୭ ଚିହ୍ନଟ

**ଦଶମନ୍ତପୁର,(ଡି.ଏନ୍.ଏ.):** କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ନନ୍ଦିଗାଁ ପଞ୍ଚାୟତର ଡମ୍ଭଯୋଡ଼ି ଗ୍ରାମରେ ଆନ୍ଥ୍ରାକ୍ସ ରୋଗ ଦେଖିବାକୁ ମିଳିଛି। ଏଥିରେ ୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ସଂକ୍ରମିତ ହୋଇଥିବା ୭ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ଗତ କିଛିଦିନ ତଳେ ଉକ୍ତ ଗ୍ରାମର କେତେଜଣ ଲୋକ ମୃତ ଗୋରୁର ମାଂସ ଖାଇବା ଯୋଗୁ ଆନ୍ଥ୍ରାକ୍ସ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି। ଖବରପାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ ପାଢ଼ୀଙ୍କ ନିର୍ଦ୍ଦେଶରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍, ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ଏବଂ ପ୍ରାଣୀ ଚିକିତ୍ସା ବିଭାଗର ଏକ ଟିମ୍ ଶୁକ୍ରବାର ଡମ୍ଭଯୋଡି ଗ୍ରାମରେ ପହଞ୍ଚିଛନ୍ତି। ଆକ୍ରାନ୍ତଙ୍କ ନମୁନା ସଂଗ୍ରହ କରିବା ସହ ଗ୍ରାମବାସୀଙ୍କୁ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଛି।

# ସାମ୍ନାକୁ ଆସିଲା ସତ, ଗୁଳିର ଜବାବ ଗୁଳି

**ବାରିପଦା ଅଫିସ,୨।୬:** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଚହଲା ରେଞ୍ଜ ଅଞ୍ଚଳରେ ଶିକାରୀ-ବନ କର୍ମଚାରୀ ମୁହାଁମୁହିଁ ଘଟଣାର ସତ ସାମ୍ନାକୁ ଆସିଛି। ଶିକାରୀଙ୍କ ଆକ୍ରମଣ ପରେ ଆତ୍ମରକ୍ଷା ଲାଗି ବନ କର୍ମଚାରୀ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥ ହେମ୍ବ୍ରମଙ୍କ ମୃତ୍ୟୁ ହୋଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନି କହିଛନ୍ତି। ଶିକାରୀଙ୍କ ଗୁଳିରେ ଫରେଷ୍ଟ ଗାର୍ଡ ବିମଳ ଜେନାଙ୍କ ମୃତ୍ୟୁ ପରେ ବନ କର୍ମଚାରୀମାନେ ପ୍ରତିଶୋଧପରାୟଣ ହୋଇ ଗୁଳିର ଜବାବ ଗୁଳିରେ ଦେଇଥିବା କୁହାଯାଉଛି।

ଗୁରୁବାର ରାତିରେ ତାଳବନ୍ଧ ଓ ଚହଲା ରେଞ୍ଜର କୋର୍ ଅଞ୍ଚଳରେ ବନ କର୍ମଚାରୀମାନେ କୋମ୍ବିଂ ଅପରେଶନ ଜାରି ରଖିଥିଲେ। ୧୦ରୁ ଉର୍ଦ୍ଧ୍ୱ ଶିକାରୀ ଧନୁତୀର, ବନ୍ଧୁକ, ଶିକାର ସରଞ୍ଜାମ ସମେତ କୁକୁର ସାଙ୍ଗରେ ଧରି ଅଭୟାରଣ୍ୟରେ ପ୍ରବେଶ କରୁଥିବା ସମୟରେ ବନ କର୍ମଚାରୀଙ୍କ ହାବୁଡରେ ପଡ଼ିଥିଲେ। ବନ କର୍ମଚାରୀମାନେ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଶିକାରୀମାନେ ଧନୁତୀର ସହ ଗୁଳି ଚଳାଇଥିଲେ। ସୁରକ୍ଷା ପାଇଁ ବନ କର୍ମଚାରୀ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ୟ ଶିକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ ବନ କର୍ମଚାରୀମାନେ ଶିକାର ସାମଗ୍ରୀ ସମେତ ୨ ବନ୍ଧୁକ ଜବତ କରିଛନ୍ତି। ତେବେ ଗୋରୁ ଚରାଇବାକୁ ଯାଇଥିବା ବେଳେ ବନ କର୍ମଚାରୀମାନେ ଶିକାରୀ ଭାବି ଗୁଳି କରିବାରୁ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଯେଉଁ ଅଭିଯୋଗ କରିଛନ୍ତି ତାହାକୁ କ୍ଷେତ୍ର ନିର୍ଦ୍ଦେଶକ ଗୋଗନେନି ଖଣ୍ଡନ କରିଛନ୍ତି। ଶିମିଳିପାଳର କୋର ଅଞ୍ଚଳରେ ଗୋରୁ ଚରାଇବା ନେଇ କୌଣସି ଅନୁମତି ନ ଥିବା ବେଳେ ଜଗନ୍ନାଥ ଶିକାର ଉଦ୍ଦେଶ୍ୟରେ ଯାଇଥିବା ନେଇ ବନ ବିଭାଗ ପାଖରେ ଯଥେଷ୍ଟ ପ୍ରମାଣ ରହିଛି ବୋଲି ଗୋଗନେନି କହିଛନ୍ତି।






## ଉମ୍ଯୋଡ଼ି ଗ୍ରାମରେ ଆନ୍ଥ୍ରାକ୍ସ: ୨ ଆକ୍ରାନ୍ତଙ୍କ ସହ ୭ ଚିହ୍ନଟ

ଦଶମନ୍ତପୁର,(ଡି.ଏନ୍.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍ ନନ୍ଦିଗାଁ ପଞ୍ଚାୟତର ଉମ୍ଯୋଡ଼ି ଗ୍ରାମରେ ଆନ୍ଥ୍ରାକ୍ସ ରୋଗ ଦେଖିବାକୁ ମିଳିଛି। ଏଥିରେ ୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ସଂକ୍ରମିତ ହୋଇଥିବା ୭ଜଣ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ଗତ କିଛିଦିନ ତଳେ ଉକ୍ତ ଗ୍ରାମର କେତେଜଣ ଲୋକ ମୃତ ଗୋରୁର ମାଂସ ଖାଇବା ଯୋଗୁ ଆନ୍ଥ୍ରାକ୍ସ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି। ଖବରପାଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅରୁଣ ପାଢ଼ୀଙ୍କ ନିର୍ଦ୍ଦେଶରେ ଜିଲା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍, ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ଏବଂ ପ୍ରାଣୀ ଚିକିତ୍ସା ବିଭାଗର ଏକ ଟିମ୍ ଶୁକ୍ରବାର ଉମ୍ଯୋଡି ଗ୍ରାମରେ ପହଞ୍ଚିଛନ୍ତି। ଆକ୍ରାନ୍ତଙ୍କ ନମୁନା ସଂଗ୍ରହ କରିବା ସହ ଗ୍ରାମବାସୀଙ୍କୁ ଆବଶ୍ୟକ ଔଷଧ ବଣ୍ଟନ କରାଯାଇଛି।

# ସାମ୍ନାକୁ ଆସିଲା ସତ, ଗୁଳିର ଜବାବ ଗୁଳି

ବାରିପଦା ଅଫିସ,୨।୬: ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ଚହଲା ରେଞ୍ଜ ଅଞ୍ଚଳରେ ଶିକାରୀ-ବନ କର୍ମଚାରୀ ମୁହାଁମୁହିଁ ଘଟଣାର ସତ ସାମ୍ନାକୁ ଆସିଛି। ଶିକାରୀଙ୍କ ଆକ୍ରମଣ ପରେ ଆତ୍ମରକ୍ଷା ଲାଗି ବନ କର୍ମଚାରୀ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥ ହେମ୍ବ୍ରମଙ୍କ ମୃତ୍ୟୁ ହୋଇଛି ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗନେନି କହିଛନ୍ତି। ଶିକାରୀଙ୍କ ଗୁଳିରେ ଫରେଷ୍ଟ ଗାର୍ଡ ବିମଳ ଜେନାଙ୍କ ମୃତ୍ୟୁ ପରେ ବନ କର୍ମଚାରୀମାନେ ପ୍ରତିଶୋଧପରାୟଣ ହୋଇ ଗୁଳିର ଜବାବ ଗୁଳିରେ ଦେଇଥିବା କୁହାଯାଉଛି।

ଗୁରୁବାର ରାତିରେ ତାଳବନ୍ଧ ଓ ଚହଲା ରେଞ୍ଜର କୋର୍ ଅଞ୍ଚଳରେ ବନ କର୍ମଚାରୀମାନେ କୋମ୍ବିଂ ଅପରେଶନ ଜାରି ରଖିଥିଲେ। ୧୦ରୁ ଊର୍ଦ୍ଧ୍ୱ ଶିକାରୀ ଧନୁତୀର, ବନ୍ଧୁକ, ଶିକାର ସରଞ୍ଜାମ ସମେତ କୁକୁର ସାଙ୍ଗରେ ଧରି ଅଭୟାରଣ୍ୟରେ ପ୍ରବେଶ କରୁଥିବା ସମୟରେ ବନ କର୍ମଚାରୀଙ୍କ ହାବୁଡରେ ପଡ଼ିଥିଲେ। ବନ କର୍ମଚାରୀମାନେ ଅଟକାଇବାକୁ ଚେଷ୍ଟା କରିବା ସମୟରେ ଶିକାରୀମାନେ ଧନୁତୀର ସହ ଗୁଳି ଚଳାଇଥିଲେ। ସୁରକ୍ଷା ପାଇଁ ବନ କର୍ମଚାରୀ ଗୁଳି ଚଳାଇବାରୁ ଶିକାରୀ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିଲା। ପରେ ଅନ୍ୟ ଶିକାରୀମାନେ ସେଠାରୁ ଚମ୍ପଟ ମାରିଥିଲେ। ଘଟଣାସ୍ଥଳରୁ ବନ କର୍ମଚାରୀମାନେ ଶିକାର ସାମଗ୍ରୀ ସମେତ ୨ ବନ୍ଧୁକ ଜବତ କରିଛନ୍ତି। ତେବେ ଗୋରୁ ଚରାଇବାକୁ ଯାଇଥିବା ବେଳେ ବନ କର୍ମଚାରୀମାନେ ଶିକାରୀ ଭାବି ଗୁଳି କରିବାରୁ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଯେଉଁ ଅଭିଯୋଗ କରିଛନ୍ତି ତାହାକୁ କ୍ଷେତ୍ର ନିର୍ଦ୍ଦେଶକ ଗୋଗନେନି ଖଣ୍ଡନ କରିଛନ୍ତି। ଶିମିଳିପାଳର କୋର ଅଞ୍ଚଳରେ ଗୋରୁ ଚରାଇବା ନେଇ କୌଣସି ଅନୁମତି ନ ଥିବା ବେଳେ ଜଗନ୍ନାଥ ଶିକାର ଉଦ୍ଦେଶ୍ୟରେ ଯାଇଥିବା ନେଇ ବନ ବିଭାଗ ପାଖରେ ଯଥେଷ୍ଟ ପ୍ରମାଣ ରହିଛି ବୋଲି ଗୋଗନେନି କହିଛନ୍ତି।







# ବାହାନଗା ଟ୍ରେନ୍ ଦୁର୍ଘଟଣା ପରର ଦୃଶ୍ୟ









## ଦୁର୍ଘଟଣାସ୍ଥଳରେ ପଶ୍ଚିମବଙ୍ଗ ଟିମ୍

**କୋଲକାତା,୨।୬**

ବାଲେଶ୍ୱର ଜିଲା ବାହାନଗା ବଜାର ନିକଟରେ ଶୁକ୍ରବାର ଶାଲିମାର-କରମଣ୍ଡଳ ଏକ୍ସପ୍ରେସ୍ ଏକ ମାଲବାହୀ ଟ୍ରେନ୍ ସହ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ବାହାରେ ରହୁଥିବା ପଶ୍ଚିମବଙ୍ଗର ଅନେକ ଲୋକ ଆହତ ହୋଇଛନ୍ତି। ଆହତଙ୍କୁ ସହାୟତା ପାଇଁ ପଶ୍ଚିମବଙ୍ଗ ସରକାର ଏକ ଟିମ୍‌କୁ ଦୁର୍ଘଟଣାସ୍ଥଳକୁ ପଠାଇଛନ୍ତି। ମନ୍ତ୍ରୀ ମାନସ ଭୁନାଙ୍କ ନେତୃତ୍ୱରେ ଉକ୍ତ ଟିମ୍ ସେଠାରେ ପହଞ୍ଚିବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ କରିଛନ୍ତି। ପଶ୍ଚିମବଙ୍ଗ ସରକାର ଓଡ଼ିଶା ସରକାର ଏବଂ ସାଉଥ୍ ଇଷ୍ଟର୍ନ ରେଲୱେ ସହ ସମନ୍ୱୟ ରଖି କାର୍ଯ୍ୟ କରୁଛି। ସରକାରଙ୍କ ପକ୍ଷରୁ ଏମର୍ଜେନ୍ସି କଣ୍ଟ୍ରୋଲ ରୁମ୍ ପ୍ରତିଷ୍ଠା କରାଯାଇଛି, ଯାହାର ଯୋଗାଯୋଗ ନମ୍ବର ହେଉଛି ୦୩୩-୨୨୧୪୩୫୨୬/୨୨୫୩୫୧୮୫।

ଜଣେ ରେଲୱେ ଅଧିକାରୀ କହିଛନ୍ତି, ଜାତୀୟ ବିପର୍ଯ୍ୟୟ ପ୍ରସମନ ବଳ (ଏନ୍‌ଡିଆର୍‌ଏଫ୍)ର ୯ଟି ଟିମ୍‌ରେ ୨୪୦ ଯବାନଙ୍କୁ ଦୁର୍ଘଟଣାସ୍ଥଳକୁ ପଠାଯାଇଛି। ରେଲୱେ ପକ୍ଷରୁ ହେଲ୍ପଲାଇନ୍ ନମ୍ବର ୦୩୩-୨୬୩୮୨୨୭(ହାଓଡା), ୮୯୭୨୦୭୩୯୨୫(ଖଡ଼ଗପୁର), ୮୨୪୯୫୯୧୫୫୯ ଜାରି କରାଯାଇଛି।

“ ଓଡ଼ିଶାର ବାଲେଶ୍ୱର ଜିଲାରେ ଟ୍ରେନ୍ ଦୁର୍ଘଟଣା ଖବର ପାଇ ମର୍ମାହତ। ମୃତକଙ୍କ ପରିବାରକୁ ସମବେଦନା। ଆହତମାନଙ୍କ ତ୍ୱରିତ ଆରୋଗ୍ୟ କାମନା କରୁଛି। ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି।

**- ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

“ ଶାଲିମାର-କରମଣ୍ଡଳ ଏକ୍ସପ୍ରେସ୍ ଦୁର୍ଘଟଣା ବ୍ୟଥିତ କରିଛି। ଦୁର୍ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛି। ପ୍ରଭାବିତଙ୍କୁ ସବୁ ପ୍ରକାର ସହାୟତା ଦିଆଯାଉଛି। ମୃତକଙ୍କ ପରିବାରକୁ ସମବେଦନା ଜଣାଉଛି। ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

**- ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

### ଘଟଣା ଚକିତ କରିଦେଇଛି: ମମତା

ପଶ୍ଚିମବଙ୍ଗରୁ ଯାତ୍ରୀମାନଙ୍କୁ ନେଇଯାଉଥିବା କରମଣ୍ଡଳ ଏକ୍ସପ୍ରେସ୍ ବାଲେଶ୍ୱର ନିକଟରେ ଦୁର୍ଘଟଣାଗ୍ରସ୍ତ ହେବା ଚକିତ କରିଦେଇଛି ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଟୁଇଟ୍ ଯୋଗେ କହିଛନ୍ତି। ଏହି ଦୁର୍ଘଟଣାରେ ଆମର ଅନେକ ଲୋକ ଗୁରୁତର ଆହତ ହୋଇଛନ୍ତି। ଆମେ ଓଡ଼ିଶା ସରକାର ଏବଂ ପୂର୍ବତଟ ରେଳପଥ ଅଧିକାରୀଙ୍କ ସହ ଯୋଗାଯୋଗ ଜାରି ରଖି ଉଦ୍ଧାର ଓ ସହାୟତା ନିମନ୍ତେ ପଦକ୍ଷେପ ନେଉଛି। ଜରୁରୀକାଳୀନ କଣ୍ଟ୍ରୋଲ ରୁମ୍ ଖୋଲାଯିବା ସହ ୦୩୩-୨୨୧୪୩୫୨୬/୨୨୫୩୫୧୮୫ ଜାରି କରାଯାଇଛି। ୫-୬ ଜଣିଆ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଉଛି। ସେମାନେ ଓଡ଼ିଶା ସରକାର ଓ ରେଲୱେ କର୍ତ୍ତୃପକ୍ଷଙ୍କ ଦ୍ୱାରା ହେଉଥିବା ଉଦ୍ଧାର କାର୍ଯ୍ୟରେ ସହଯୋଗ କରିବେ। ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସେ ନିଜେ ଅନୁଧ୍ୟାନ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ବାନାର୍ଜୀ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

### ଅନ୍ଧାର ଭିତରେ ସ୍ଥିତି ଭୟଙ୍କର ଥିଲା



ମୁଁ କରମଣ୍ଡଳରେ ହାୱଡ଼ାରୁ ଘରକୁ ଫେରୁଥିଲି। ଟ୍ରେନ୍‌ଟି ବାହାନଗା ଷ୍ଟେଶନର କିଛି ବାଟ ଯିବାପରେ ହଠାତ୍ ଧକ୍କା ହେବା ଭଳି ଶବ୍ଦ ଶୁଭାଯାଇଥିଲା। ମୋ ସହ ଟ୍ରେନ୍ ଭିତରେ ଥିବା ସମସ୍ତ ଯାତ୍ରୀ ପରସ୍ପର ସହ ଧକ୍କା ହୋଇ ଛିଟିକି ପଡିଥିଲେ। କିଛି ଭାବିବା ପୂର୍ବରୁ ଟ୍ରେନ୍‌ଟି ଓଲଟି ପଡିଥିଲା। ଅଧିକାଂଶ ଯାତ୍ରୀ ବଗି ତଳେ ଚାପି ହୋଇଥିବାବେଳେ ମୁଁ ବଗି ପାଖରେ ପଡିଯାଇଥିଲି। ସେହି ସ୍ଥାନଟି ଅନ୍ଧାର ହୋଇଥିବାରୁ କିଛି ଜଣାପଡୁ ନ ଥିଲା। ଖାଲି କାନ୍ଦ ବୋବାଳି ଶୁଭୁଥିଲା। ମୋତେ ବଞ୍ଚେଇ ଦିଅ ବୋଲି ଚିତ୍କାର କରୁଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ମୁଁ ଉଦ୍ଧାର ହୋଇ ହସ୍ପିଟାଲରେ ପହଞ୍ଚିଛି। ମୋ ମୁଣ୍ଡରେ ଆଘାତ ଲାଗିଥିବାବେଳେ ଗୋଡ ମଧ ଭାଙ୍ଗି ଯାଇଛି।

**- ଯଜ୍ଞଦତ୍ତ ରାଉତ, ଭଦ୍ରକ (ଦୁର୍ଘଟଣାଗ୍ରସ୍ତ କରମଣ୍ଡଳ ଯାତ୍ରୀ)**














ବାହାନଗା ଷ୍ଟେଶନ ନିକଟରେ ସଂଗଠିତ ଭୟଙ୍କର ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ଯାତ୍ରୀଙ୍କୁ ସେବା ଯୋଗାଇବା ପାଇଁ ଶୁକ୍ରବାର ରାତିରେ କଟକ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟି ସମ୍ମୁଖରେ ଲୋକଙ୍କ ଭିଡ଼।

## ଭାରତରେ ବଡ଼ ଟ୍ରେନ୍ ଦୁର୍ଘଟଣା

- ୧୯୮୧ରେ ବିହାରର ସହର୍ସା ନିକଟରେ ୯୦୦ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇ ବାଘମତି ନଦୀକୁ ଖସିପଡ଼ିଥିଲା। ଏଥିରେ ୫୦୦ ଜଣଙ୍କର ମୃତ୍ୟୁ ଘଟିଥିଲା।
- ୧୯୯୫ରେ ଦିଲ୍ଲୀ ଅଭିମୁଖେ ଯାତ୍ରା କରୁଥିବା ପୁରୁଷୋତ୍ତମ ଏକ୍ସପ୍ରେସ୍ ଉତ୍ତର ପ୍ରଦେଶର ଫିରୋଜାବାଦ ନିକଟରେ କାଳିନ୍ଦୀ ଏକ୍ସପ୍ରେସ୍ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ୩୫୮ ଯାତ୍ରୀ ପ୍ରାଣ ହରାଇଥିଲେ।
- ୧୯୯୯ରେ ୨,୫୦୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଯାଉଥିବା ଦୁଇଟି ଟ୍ରେନ୍ ଆସାମର ଗାଇସଲ ନିକଟରେ ପରସ୍ପର ସହ ଧକ୍କାହେବାରୁ ଅନ୍ୟୁନ ୨୯୦ ଜଣଙ୍କର ମୃତ୍ୟୁ ଘଟିଥିଲା।
- ୧୯୯୮ରେ କୋଲକାତା ଯାଉଥିବା ଜମ୍ମୁ ତାୱି-ସିଆଲଦା ଏକ୍ସପ୍ରେସ୍ ପଞ୍ଜାବର ଖାନ୍ନା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୧୨ ଯାତ୍ରୀଙ୍କ ମୃତ୍ୟୁ ଘଟିଥିଲା।
- ୨୦୦୨ରେ ହାଓଡା-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ଗୟା ଓ ରଫିଗଞ୍ଜ ଷ୍ଟେଶନ ମଧ୍ୟରେ ଲାଇନ୍‌ଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣାରେ ୧୪୦ ଯାତ୍ରୀଙ୍କ ଜୀବନ ଯାଇଥିଲା।
- ୨୦୧୦ରେ ମୁମ୍ବାଇ-ହାଓଡା କୁର୍ଲା ଲୋକମାନ୍ୟ ତିଲକ ଜ୍ଞାନେଶ୍ୱରୀ ସୁପରଫାଷ୍ଟ ଡିଲକ୍ସ ଏକ୍ସପ୍ରେସ୍ ପଶ୍ଚିମବଙ୍ଗର ମେଦିନୀପୁର ନିକଟ ଖେମାଶୁଲି ଓ ସରଡିହ ମଝିରେ ଲାଇନ୍‌ଚ୍ୟୁତ ହେବା ପରେ ଅନ୍ୟ ଏକ ଟ୍ରେନ୍ ସହ ଧକ୍କା ହୋଇଥିଲା। ଏଥିରେ ୧୭୦ ଯାତ୍ରୀ ପ୍ରାଣ ହରାଇଥିଲେ।
- ୨୦୧୬ ନଭେମ୍ବର ୨୦ରେ ଇନ୍ଦୋର-ପାଟନା ଏକ୍ସପ୍ରେସ୍ ୧୯୩୨୧ କାନପୁର ନିକଟ କୁଖରାୟନ୍‌ରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫୦ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୧୫୦ ଯାତ୍ରୀ ଆହତ ହୋଇଥିଲେ।
- ୨୦୦୫ ଅକ୍ଟୋବର ୨୯ରେ ବନ୍ୟା ଯୋଗୁ ଆନ୍ଧ୍ରପ୍ରଦେଶର ଭାଲିଗୋଣ୍ଡାରେ ଏକ ଛୋଟ ରେଳ ବ୍ରିଜ୍ ଭୁଶୁଡ଼ିପଡ଼ିଥିଲା। ଡେଲ୍ଟା ସୁପରଫାଷ୍ଟ ପାସେଞ୍ଜର ଟ୍ରେନ୍ ସେହି ପଥ ଦେଇ ଯାଉଥିବାବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୧୧୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୦ ଯାତ୍ରୀ ଆହତ ହୋଇଥିଲେ।
- ୨୦୧୦ ଜୁଲାଇ ୧୯ରେ ଉତ୍ତର ବଙ୍ଗ ଏକ୍ସପ୍ରେସ୍ ଏବଂ ବନାଞ୍ଚଳ ଏକ୍ସପ୍ରେସ୍ ପଶ୍ଚିମବଙ୍ଗର ସାଇନ୍ଥିଆରେ ପରସ୍ପରକୁ ଧକ୍କାଦେବାରୁ ୬୩ ଜଣଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୧୬୫ ଯାତ୍ରୀ ଆହତ ହୋଇଥିଲେ।
- ୨୦୧୨ ମେ' ୨୨ରେ ହୁବ୍ଲି-ବାଙ୍ଗାଲୋର ଏକ୍ସପ୍ରେସ୍ ଆନ୍ଧ୍ରପ୍ରଦେଶରେ ଏକ ମାଲବାହୀ ଟ୍ରେନ୍‌କୁ ଧକ୍କାଦେବାରୁ ସେଥିରେ ନିଆଁ ଲାଗିଯାଇଥିଲା। ଏହି ଦୁର୍ଘଟଣାରେ ୨୫ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବାବେଳେ ୪୩ ଆହତ ହୋଇଥିଲେ।

### ସେହି ଶୁକ୍ରବାର...

#### ୧୪ ବର୍ଷ ତଳେ କରମଣ୍ଡଳ ନେଇଥିଲା ୧୬ ଜୀବନ

୧୪ ବର୍ଷ ତଳେ ଯାଜପୁରରୋଡ୍‌ଠାରେ କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ୨୦୦୯ ଫେବୃୟାରୀ ୧୩ ତାରିଖ ସନ୍ଧ୍ୟାରେ କରମଣ୍ଡଳର ୧୧ଟି ସ୍ଲିପର ଓ ୨ଟି ଜେନେରାଲ ବଗିକୁ ମିଶାଇ ମୋଟ ୧୩ ବଗି ଲାଇନଚ୍ୟୁତ ହୋଇଥିଲା। ଏହି ଦୁର୍ଘଟଣାରେ ୧୬ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬୧ ଜଣ ଆହତ ହୋଇଥିଲେ। ଘଟଣାକ୍ରମରେ ସେଦିନ ଥିଲା ଶୁକ୍ରବାର। ବାଲେଶ୍ୱର ଜିଲା ବାହାନଗାଠାରେ ମଧ୍ୟ ଠିକ୍ ସେହି ବାର ଓ ସେହି ସମୟରେ ଦୁର୍ଘଟଣା ଘଟିଛି। ତତ୍‌କାଳୀନ ରେଳମନ୍ତ୍ରୀ ଲାଲୁ ଯାଦବ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଟ୍ରେନଟି ଟ୍ରାକ୍ ବଦଳାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ବୋଲି ତଦନ୍ତରୁ ଜଣାପଡ଼ିଥିଲା। ସେତେବେଳେ ଟ୍ରେନର ବେଗ ଘଣ୍ଟାପ୍ରତି ୧୧୫ କି.ମି. ଥିଲା।

#### ଟ୍ରାକ୍ଟରରେ ବୁହାହେଲା ମୃତଦେହ

ବାହାନଗା ଟ୍ରେନ ଦୁର୍ଘଟଣାସ୍ଥଳରେ ଦେଖିବାକୁ ମିଳିଥିଲା ହୃଦୟ ବିଦାରକ ଦୃଶ୍ୟ। ମୃତ ଓ ଆହତମାନଙ୍କୁ ହସ୍ପିଟାଲ ନେବା ପାଇଁ ନିୟୋଜିତ ଆମ୍ବୁଲାନ୍ସ ସଂଖ୍ୟା କମ୍ ପଡ଼ିବାରୁ ମୃତକଙ୍କୁ ଟ୍ରାକ୍ଟର ଡାଲାରେ ବୋହି ନିଆଯାଇଥିଲା। ଏପରିକି ସ୍ଥାନୀୟ ଲୋକଙ୍କ ବାଇକ୍‌ରେ ବସି କିଛି ଯାତ୍ରୀ ମେଡିକାଲ ଯାଇଥିବା ଦେଖିବାକୁ ମିଳିଥିଲା।

#### ଆମକୁ ବଞ୍ଚାଅ, ମେଡିକାଲ ନେଇଚାଲ

ବାହାନଗା ଟ୍ରେନ ଦୁର୍ଘଟଣାସ୍ଥଳର କରୁଣ ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଛି। ବଗି ତଳେ ଚାପି ହୋଇ ରହିଥିବା ଯାତ୍ରୀଙ୍କ ଆକୁଳ ଚିତ୍କାର ଦେଖଣାହାରୀଙ୍କୁ ସ୍ତବ୍ଧ କରିଦେଇଥିଲା। ଉଦ୍ଧାରକାରୀ ଟିମ୍ ପହଞ୍ଚିବା ପୂର୍ବରୁ ଚାପି ହୋଇରହିଥିବା ଯାତ୍ରୀ ଆମକୁ ବଞ୍ଚାଅ, ମେଡିକାଲ ନେଇଚାଲ ବୋଲି ବ୍ୟାକୁଳ ହୋଇ କହୁଥିବା ହୃଦୟ ବିଦାରକ ଥିଲା।





# କାହାର ହାତ ତ କାହାର ଗୋଡ଼ ନାହିଁ

ବାହାନଗା ଟ୍ରେନ ଦୁର୍ଘଟଣାରେ ଗୁରୁତର ଆହତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ବାଲେଶ୍ୱର ଓ ଭଦ୍ରକର ବିଭିନ୍ନ ମେଡିକାଲରେ ୩୫୦ରୁ ଉର୍ଦ୍ଧ୍ୱ ଗୁରୁତରଙ୍କୁ ଭର୍ତ୍ତି କରାଯାଇଛି। ତେବେ ଗୁରୁତରଙ୍କ ମଧ୍ୟରୁ କାହାର ହାତ ନାହିଁ ତ କାହାର ଗୋଡ଼ ନାହିଁ। ପୁଣି ପ୍ରଚୁର ରକ୍ତସ୍ରାବ ଯୋଗୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଏଭଳି ସ୍ଥିତିର ମୁକାବିଲା କରିବା ନିମନ୍ତେ ଗୁରୁତରଙ୍କୁ ରକ୍ତ ଦେବା ଜରୁରୀ ହୋଇପଡ଼ିଛି। ହେଲେ ଡାକ୍ତରଖାନା ବ୍ଲଡ ବ୍ୟାଙ୍କରେ ରକ୍ତ ଅଭାବ ଦେଖାଦେଇଛି। ତେଣୁ ଡାକ୍ତରଖାନାରେ ଡାକବାଜି ଯୋଗେ ସ୍ଥାନୀୟ ଲୋକ ଓ ସ୍ୱେଚ୍ଛାସେବୀଙ୍କୁ ରକ୍ତ ଦେବାକୁ ଅନୁରୋଧ କରାଯାଇଛି। ଅନେକ ଲୋକେ ଗୁରୁତରଙ୍କ ଜୀବନ ବଞ୍ଚାଇବା ନିମନ୍ତେ ରକ୍ତଦାନ କରିବାକୁ ଆଗେଇ ଆସିଥିବା ଦେଖିବାକୁ ମିଳିଛି।

### ଡାକ୍ତର କମ୍ ପଡ଼ିଲେ

ସୋର ଡାକ୍ତରଖାନା ବାହାରେ ୨୦୦ରୁ ଅଧିକ ଗୁରୁତର ଯାତ୍ରୀ ପହଞ୍ଚିଥିଲେ ହେଁ ଚିକିତ୍ସା କରିବାକୁ ଡାକ୍ତର ନ ଥିଲେ। ଫଳରେ ସେମାନେ କଷ୍ଟରେ ତଳେ ବସିଥିବା ବେଳେ ସମ୍ପର୍କୀୟମାନେ ସ୍ଥିତି ଦେଖି ଭାଙ୍ଗି ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତା ସେମାନଙ୍କ ପାଇଁ ଏକମାତ୍ର ଭରସା ପାଲଟିଥିଲା।

## ୬ ଟ୍ରେନ୍ ବାତିଲ, ୯ଟିର ଗତିପଥ ବଦଳିଲା

ଭୁବନେଶ୍ୱର, ୨।୬ (ବ୍ୟୁରୋ)

ବାଲେଶ୍ୱର ଜିଲା ବାହାନଗା ଷ୍ଟେଶନ ନିକଟରେ ହୋଇଥିବା ଟ୍ରେନ୍ ଦୁର୍ଘଟଣା ପରେ ଦକ୍ଷିଣ ପୂର୍ବ ରେଳପଥ ଓ ପୂର୍ବତଟ ରେଳପଥ ପକ୍ଷରୁ ୬ଟି ଟ୍ରେନ ବାତିଲ କରାଯାଇଥିବାବେଳେ ୯ଟିର ଗତିପଥ ବଦଳାଯାଇଛି। ସେହିପରି ୬ଟି ଟ୍ରେନକୁ ଆଂଶିକ ଭାବେ ବାତିଲ କରାଯାଇଛି। ବାତିଲ କରାଯାଇଥିବା ଟ୍ରେନଗୁଡିକ ହେଲା ୧୨୮୩୭ ହାୱଡା-ପୁରୀ ଏକ୍ସପ୍ରେସ, ୧୨୮୬୩ ହାୱଡା-ଏସ୍‌ଏମ୍‌ଭିପି ସୁପରଫାଷ୍ଟ ଏକ୍ସପ୍ରେସ, ୧୨୮୩୯ ହାୱଡା-ଚେନ୍ନାଇ ମେଲ୍ ଏକ୍ସପ୍ରେସ, ୧୨୮୯୫ ଶାଲିମାର୍-ପୁରୀ ଏକ୍ସପ୍ରେସ୍, ୨୦୮୩୧ ଶାଲିମାର-ସମ୍ବଲପୁର ଏକ୍ସପ୍ରେସ ଓ ୦୨୮୩୭ ସାନ୍ତରାଗାଛି-ପୁରୀ ଏକ୍ସପ୍ରେସ। ସେହିପରି ଶନିବାର ପର୍ଯ୍ୟନ୍ତ ୧୮୦୨୨ ଖଡଗପୁର-ଖୋର୍ଦ୍ଧାରୋଡ୍ ଏକ୍ସପ୍ରେସ, ୧୨୮୯୧ ବାଙ୍ଗିରିପୋଷି- ଭୁବନେଶ୍ୱର ଏକ୍ସପ୍ରେସ, ୦୮୪୧୨ ଭୁବନେଶ୍ୱର-ବାଲେଶ୍ୱର ମେମୁ , ୧୮୦୨୧ ଖୋର୍ଦ୍ଧା-ଖଡଗପୁର ଏକ୍ସପ୍ରେସ, ୧୨୮୯୨ ଭୁବନେଶ୍ୱର-ବାଙ୍ଗିରପୋଷି ଏକ୍ସପ୍ରେସ, ୧୮୪୧୧ ବାଲେଶ୍ୱର-ଖଡଗପୁର ମେମୁ ଟ୍ରେନ୍‌କୁ ଆଂଶିକ ବାତିଲ ହୋଇଥିବା ସୂଚନା ଦିଆଯାଇଛି।

## ଉଦ୍ଧାର କାର୍ଯ୍ୟରେ ସାମିଲ ହେବାକୁ କାର୍ଯ୍ୟକର୍ତ୍ତାଙ୍କୁ ନଡ୍ଡା, ପିସିସି ସଭାପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୬(ବ୍ୟୁରୋ)

ବାହାନଗା ଟ୍ରେନ୍ ଦୁର୍ଘଟଣା ପରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଟେଲିଫୋନ୍ ଯୋଗେ ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ କଥା ହୋଇଛନ୍ତି। ଭାଜପା କାର୍ଯ୍ୟକର୍ତ୍ତାମାନେ ରେଳ ଦୁର୍ଘଟଣାରେ ଆହତମାନଙ୍କୁ ଚାଲିଥିବା ଉଦ୍ଧାର କାର୍ଯ୍ୟରେ ସାମିଲହେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଆହତଙ୍କୁ ଚିକିତ୍ସାରେ ସହାୟତା, ଆବଶ୍ୟକ କରୁଥିବା ରୋଗୀଙ୍କୁ ରକ୍ତ ଦେବା ସହ ଔଷଧ ଏବଂ ରିଲିଫ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ମନମୋହନ ତାଙ୍କ କୋରାପୁଟ ଗସ୍ତ ବାତିଲକରି ଭଦ୍ରକ ଫେରିଛନ୍ତି। ଅନ୍ୟପଟେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଉଦ୍ଧାର କାର୍ଯ୍ୟରେ ସାମିଲ ହେବାକୁ ବାଲେଶ୍ୱର ଜିଲା କାର୍ଯ୍ୟକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ନିକଟସ୍ଥ ୫ ଜିଲାର ମେଡିକାଲ ଟିମ୍‌କୁ ଘଟଣାସ୍ଥଳ ଯିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨।୬(ବ୍ୟୁରୋ)

**ଘରୋଇ ହସ୍ପିଟାଲଗୁଡ଼ିକୁ ବେଡ୍ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ**

**ମୃତଦେହ ନିକଟସ୍ଥ ଜିଲାର ଶବ ବ୍ୟବଚ୍ଛେଦ ଗୃହକୁ ନିଆଯିବ**

ବାଲେଶ୍ୱର ଜିଲାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତଙ୍କୁ କିଛି ନିର୍ଦ୍ଦେଶ ଦେଇଛନ୍ତି। ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଏବଂ ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପିଏଚ୍‌ଓଗୁଡିକର ସମସ୍ତ ମେଡିକାଲ ଟିମ୍ ଫାଷ୍ଟ ଏଡ୍ ବକ୍ସ ଏବଂ ବେଡ୍‌ସିଟ୍ ସହିତ ଯାଇ ଘଟଣାସ୍ଥଳରେ ପହଞ୍ଚିବେ। ସମସ୍ତ ମୃତ ଶରୀର ବେଡ୍‌ସିଟ୍ ଗୁଡାଇ ନିକଟସ୍ଥ ଜିଲାର ଶବ ସଂରକ୍ଷଣ ଗୃହକୁ ନେବା ଲାଗି କୁହାଯାଇଛି। ୫୦ ଆମ୍ବୁଲାନ୍ସ ଘଟଣାସ୍ଥଳକୁ ନେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସିଡିଏମ୍‌ଓମାନେ ଏହାର ତଦାରଖ କରିବେ। ଏସ୍‌ସିବିରୁ ମେଡିକାଲ ଟିମ୍ ଘଟଣାସ୍ଥଳକୁ ଯାଇଛନ୍ତି। ଘରୋଇ ଡାକ୍ତରଖାନାରେ ଆହତଙ୍କୁ ତୁରନ୍ତ ଚିକିତ୍ସା ଦେବାକୁ କୁହାଯାଇଛି। ବିଏସ୍‌କେୱାଇ ସୁବିଧା ଥିବା ଘରୋଇ ଡାକ୍ତରଖାନାଗୁଡିକ ମଧ୍ୟ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ସହ ବେଡ୍ ପ୍ରସ୍ତୁତ ଲାଗି କୁହାଯାଇଛି।



ଟ୍ରେନ୍ ଦୁର୍ଘଟଣା ପରେ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ବରିଷ୍ଠ ଅଧିକାରୀମାନେ ଉଦ୍ଧାର, ଚିକିତ୍ସା ଓ ସହାୟତା କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

## ଭଦ୍ରକ ଡାକ୍ତରଖାନାରେ ସ୍ୱତନ୍ତ୍ର ବ୍ୟବସ୍ଥା

ଭଦ୍ରକ ଅଫିସ, ୨।୬

ବାଲେଶ୍ୱର ଜିଲା ବାହାନଗାଠାରେ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବା ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ଯାତ୍ରୀମାନଙ୍କ ମଧ୍ୟରୁ ପ୍ରାୟ ୨୦ଜଣଙ୍କୁ ରାତିରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଠାରେ ସେମାନଙ୍କ ଚିକିତ୍ସା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାତି ପ୍ରାୟ ୧୦ଟା ବେଳେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ, ଭାଜପା ନେତା ଡା.ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ରହି ଚିକିତ୍ସା ବ୍ୟବସ୍ଥାର ତଦାରଖ କରିଥିଲେ। ଜିଲାର ସମସ୍ତ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, ଫାର୍ମାସିଷ୍ଟମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିୟୋଜିତ କରାଯାଇଛି। ଡାକ୍ତରଖାନା ପରିସରରେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୁତୟନ ଅଛନ୍ତି। ଏହାସହ ଏକ ଡାକ୍ତରୀ ଟିମ୍, ୨୦ଟି ଆମ୍ବୁଲାନ୍ସ ଓ ମହାପ୍ରୟାଣ ଗାଡ଼ି ଦୁର୍ଘଟଣାସ୍ଥଳକୁ ପଠାଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର କହିଛନ୍ତି।


ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଯାତ୍ରୀ।

## ଘଟଣାସ୍ଥଳରେ ରାଜସ୍ୱ ମନ୍ତ୍ରୀ, ଏମ୍‌ପି, ବିଧାୟକ

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସେ ଉଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି। ସେହିପରି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଘଟଣାସ୍ଥଳକୁ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦୁର୍ଘଟଣା ବାବଦରେ ସେ ରେଳମନ୍ତ୍ରୀଙ୍କ ସହ ଆଲୋଚନା କରିବା ସହ ଘଟଣାସ୍ଥଳରୁ ମେଡିକାଲକୁ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। ବିଜେଡି ରାଜ୍ୟ ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖିଛନ୍ତି। ଏମାନଙ୍କ ସହ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସ, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ବିଜେଡି ମହିଳା ମୋର୍ଚ୍ଚାର ରାଜ୍ୟ ସମ୍ପାଦିକା ସୁବାସିନୀ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ତଦାରଖ କରିଛନ୍ତି।



### ପ୍ରଚଣ୍ଡ ଶବ୍ଦରେ ଘର ଦୁଲୁକିଗଲା

ସନ୍ଧ୍ୟା ୬ଟା ୪୦ମିନିଟ୍‌ରେ ହଠାତ୍ ଏକ ଜୋରରେ ଶବ୍ଦ ହେଲା। ଆଉ ଆମ ଘର ଦୁଲୁକିଗଲା। ପ୍ରଥମେ ଭାବିଲି କ୍ରଶରରେ ବଡ଼ ପଥର ଫଟାଯାଉଛି। ହେଲେ ଲୋକଙ୍କ ଚିତ୍କାର ଓ କୋଳାହଳ ଶୁଣି ଘର ବାହାରକୁ ଆସି ଦେଖିବା ବେଳକୁ କରମଣ୍ଡଳ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ଷ୍ଟେଶନ ନିକଟରେ ଘର ହୋଇଥିବାରୁ ଦୁର୍ଘଟଣାସ୍ଥଳକୁ ଦୌଡ଼ି ଯାଇ ଦେଖିବା ବେଳକୁ ସେଠାରେ କୌଣସି ଲୋକ ନ ଥିଲେ। ପରେ ଲୋକଙ୍କୁ ଡାକିବା ପରେ ଧୀରେ ଧୀରେ ଲୋକମାନେ ରୁଣ୍ଡ ହୋଇ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଦୁର୍ଘଟଣା ଏତେ ଭୟଙ୍କର ହୋଇଥିଲା ଯେ ଆଖିରେ ଦେଖିହେବ ନାହିଁ। ୧ହଜାରରୁ ଅଧିକ ଲୋକ ଏଣେତେଣେ ଛିଟିକି ପଡ଼ିଥିଲେ।

- ଭାଗ୍ୟଲକ୍ଷ୍ମୀ ଧୁପାଳ, ସ୍ଥାନୀୟ ବାସିନ୍ଦା

### ଏମିତି ଦୁର୍ଘଟଣା ଜୀବନରେ ଦେଖିନି

ମୋ ଜୀବନରେ ଏଭଳି ଦୁର୍ଘଟଣା ପ୍ରଥମ ଥର ଦେଖିଲି। ଘଟଣା ଘଟିବାର ୪୫ ମିନିଟ୍ ପରେ ସମସ୍ତ ଗଣମାଧ୍ୟମ ପ୍ରତିନିଧି ଆସିଥିଲେ। ବଗି ଭିତରେ ଚାପି ହୋଇ ରହିଥିବା ଲୋକେ ଉଦ୍ଧାର ଲାଗି ଚିତ୍କାର କରୁଥିଲେ। କିଏ ବଞ୍ଚାଅ ବଞ୍ଚାଅ ବୋଲି କହୁଥିବା ବେଳେ କିଏ ପାଣି ପାଣି ବୋଲି ଡାକ ଛାଡୁଥିଲେ। କରୁଣ ଚିତ୍କାର ଓ କାନ୍ଦବୋବାଳିରେ ପରିବେଶ ଫାଟିପଡୁଥିଲା। ଟ୍ରେନ ବଗି ଏମିତି ଓଲଟି ପଡ଼ିଥିଲା ଯେ, ଲୋମ ଟାଙ୍କୁରି ଉଠିଥିଲା। ସତ କହିବାକୁ ଗଲେ ଏଭଳି ହୃଦୟ ବିଦାରକ ଦୃଶ୍ୟ କେବେ ଦେଖି ନ ଥିଲି।

- ଅମିୟ କୁମାର ଉପାଧ୍ୟାୟ, ବାହାନଗା ଷ୍ଟେଶନ ନିକଟ ବାସିନ୍ଦା

### ଯାଜପୁର ରୋଡ୍ ଷ୍ଟେଶନରେ ଯାତ୍ରୀଙ୍କ ଭିଡ଼

ଯାଜପୁର ଅଫିସ, ୨।୬

ବାହାନଗାରେ କରମଣ୍ଡଳ ଏକ୍ସପ୍ରେସ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଯାଜପୁର ରୋଡ୍ ରେଳଷ୍ଟେଶନରେ ଅଟକି ରହିଛି ପୁରୀ-ବାଙ୍ଗିରୀପଶି ବାରିପଦା ସୁପରଫାଷ୍ଟ ଏକ୍ସପ୍ରେସ। ଏଠାରୁ ଆଗକୁ ଟ୍ରେନ୍ ଚଳାଚଳ ବାତିଲ କରାଯାଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ଟ୍ରେନରୁ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇଯିବାକୁ ପରାମର୍ଶ ଦିଆଯାଇଛି। ଯାତ୍ରୀଙ୍କ ମଧ୍ୟରେ ଅନେକ ଭିନ୍ନକ୍ଷମ, ରୋଗୀ, ବୃଦ୍ଧାବୃଦ୍ଧ, ମହିଳା ଓ ଶିଶୁ ରହିଥିଲେ ମଧ୍ୟ ଗନ୍ତବ୍ୟସ୍ଥଳକୁ ଯିବାପାଇଁ ସେମାନଙ୍କ ଲାଗି କୌଣସି ବନ୍ଦୋବସ୍ତ କରାଯାଇନାହିଁ। ଯାତ୍ରୀମାନେ ଷ୍ଟେଶନ ଚଟାଣରେ ବସିରହି ନାନା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। କେବଳ ସେମାନଙ୍କ ଟିକେଟ ରାଶି ଫେରାଇ ଦେବାର ବନ୍ଦୋବସ୍ତ କରି ରେଳୱେ କର୍ତ୍ତୃପକ୍ଷ ଚୁପ୍ ରହିଛନ୍ତି। ସେମାନଙ୍କ ଖାଇବା, ପିଇବା କିମ୍ବା ଯାତ୍ରାର କୌଣସି ବ୍ୟବସ୍ଥା କରାଯାଇନାହିଁ, ଯାହାକୁ ନେଇ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ଅନ୍ୟତ୍ର ସହଯୋଗ ଲୋଡ଼ିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩ ଜୁନ୍ ୨୦୨୩



## ସଂକ୍ଷେପରେ

### ଯାତ୍ରୀଙ୍କୁ ଆକ୍ରମଣ କରି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନେଇଗଲେ ଦୁର୍ବୃତ୍ତ

ଭୁବନେଶ୍ୱର,୨।୬(ବ୍ୟୁରୋ): ରାଜଧାନୀରେ ଅସହ୍ୟ ହେଲାଣି ଦୁର୍ବୃତ୍ତଙ୍କ ଉତ୍ପାତ । କେତେବେଳେ ଘରେ ପଶି ଚୋରି କରୁଛନ୍ତି ପୁଣି କେତେବେଳେ ରାସ୍ତାରେ ଯାତ୍ରୀଙ୍କୁ ଆକ୍ରମଣ କରି ଛିନତାଇ କରୁଛନ୍ତି । ଏହିକ୍ରମରେ ଅଟୋରେ ଆସୁଥିବା ଜଣେ ପାସେଞ୍ଜରକୁ ଆକ୍ରମଣ କରି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମୈତ୍ରୀ ବିହାର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି । ଏନେଇ ଲୁଟର ଶିକାର ହୋଇଥିବା ଅନୁକୂଳ ସିଙ୍ଗଲ ନାମକ ଯୁବକ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାର ତଦନ୍ତ ଚଳାଇଛି । ସୂଚନାନୁସାରେ ଅନୁକୂଳ ଭୋର ସମୟରେ ଜୟଦେବ ବିହାରରୁ ଅଟୋ ଯୋଗେ ମୈତ୍ରୀ ବିହାରକୁ ଫେରୁଥିବାବେଳେ ଜନତା ମୈଦାନ ନିକଟରେ କିଛି ଦୁର୍ବୃତ୍ତ ଅଟୋ ଉପରେ ଆକ୍ରମଣ କରିଥିଲେ। ଏହାପରେ ତାଙ୍କ ନିକଟରେ ଥିବା ଲାପଟପ, ଟଙ୍କା ଏବଂ ଅନ୍ୟାନ ସାମଗ୍ରୀ ଲୁଟି ନେଇଥିବା ସେ ଅଭିଯୋଗ କରିଛନ୍ତି ।

### ମଦ ଦୋକାନରୁ ଚୋରି

ବାଲିପାଟଣା,୨।୬(ଡି.ଏନ୍.ଏ.): ବାଲିପାଟଣା ଛକ ନିକଟ ମଦ ଦୋକାନରୁ ୫୦ହଜାର ଟଙ୍କା ଓ ମଦ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଦୋକାନ ମାଲିକ ଆଶିଷ ପ୍ରତିହାରୀଙ୍କ ଅଭିଯୋଗକ୍ରମେ ପାଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଗ୍ରୀଲ୍ କାଟି ଦୋକାନ ଭିତରେ ପଶି ଡ୍ର'ରୁ ୫୦ ହଜାର ଟଙ୍କା ଓ ମଦ ଚୋରି କରି ନେଇଯାଇଛନ୍ତି। ଆଶିଷ ଶୁକ୍ରବାର ସକାଳେ ଦୋକାନରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଜଣେ ଯୁବକ ମୁହଁରେ ଗାମୁଛା ପକାଇ ଚୋରି କରୁଥିବା ସିସିଟିଭିରେ କଏଦ ହୋଇଛି।

### ୫ ରେ ଖୋର୍ଦ୍ଧା ଜିଲା ମହିଳା କ୍ରିକେଟ ଚୟନ ଶିବିର

ଖୋର୍ଦ୍ଧା ଅଫିସ,୨।୬: ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଥିବା ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ଖୋର୍ଦ୍ଧା ଜିଲା ଦଳ ଗଠନ ନିମନ୍ତେ ଆସନ୍ତା ୫ ତାରିଖରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଚୟନ ଶିବିର ଅନୁଷ୍ଠିତ ହେବ। ଇଚ୍ଛୁକ ମହିଳାମାନେ ସେମାନଙ୍କର ବୟସ ପ୍ରମାଣପତ୍ର, ଆବଶ୍ୟକ କ୍ରିକେଟ ସରଞ୍ଜାମ ସହିତ ୫ ତାରିଖ ସକାଳ ୯ଟାରେ ଉକ୍ତ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଉପସ୍ଥିତ ରହିବା ପାଇଁ ଖୋର୍ଦ୍ଧା ଜିଲା କ୍ରିକେଟ ସମ୍ପାଦକ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।

### ଶିକ୍ଷକ ପ୍ରଶିକ୍ଷଣ ଶିବିର

ବାଲିଅନ୍ତା,୨।୬(ଡି.ଏନ୍.ଏ.): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସରରେ ଗୁରୁବାର ଏକ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଉତ୍କଳ ଶିକ୍ଷା ବିକାଶ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରରେ ୫ଟି ଜିଲାରୁ ୧୦୦ରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ଉତ୍ସବରେ ଡିଆଇଇଟି ଅଧକ୍ଷ ସନ୍ତୋଷ ପରିଡ଼ା, ଉତ୍କଳ ଶିକ୍ଷା ବିକାଶ ପରିଷଦ ଅଧକ୍ଷ ମଙ୍ଗୁଳି ଚରଣ ମହାନ୍ତି, ସମ୍ପାଦକ ସୁରେନ୍ଦ୍ର ଖୁଣ୍ଟିଆ, ସରସ୍ୱତୀ ଶିକ୍ଷା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ଶିବିରର ପ୍ରଶିକ୍ଷକ ରୂପେ ତିଲୋତ୍ତମା ସ୍ୱାଇଁ, ପ୍ରଫୁଲ୍ଲ ସାମଲ, ତୋଫାନ ରାଉତରାୟ ଓ ସନ୍ତୋଷ ପରିଡ଼ା ଯୋଗଦେଇ ବିଜ୍ଞାନ ବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷକମାନେ ଶିକ୍ଷାଦାନ ପଦ୍ଧତି, ଶିକ୍ଷାର ମାନ ନିର୍ଦ୍ଧାରଣ, ସ୍ମାର୍ଟ ବୋର୍ଡର ବ୍ୟବହାର, ଆଇସିଟି ଆଧାରିତ ଶିକ୍ଷାଦାନ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଉପସ୍ଥିତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଦଳଗତ ଭାବେ ନିଜ ନିଜର ପାଠ୍ୟ ଖସଡ଼ା ଉପସ୍ଥାପନ କରିଥିଲେ। ଜମ୍ବୁଧର ଜେନା ଧନ୍ୟବାଦ ଦେଇଥିଲେ।

# ପୁଣି ଜମି ଦଖଲକାରୀ ଗ୍ୟାଙ୍ଗର ଆତଙ୍କ

**୪ ଗିରଫ, ଏକାଧିକ ଫେରାର**
- ସୁରକ୍ଷାକର୍ମୀଙ୍କୁ ମାଡ଼ମାରି କ୍ରେନ୍‌ରେ ଭାଙ୍ଗିଲେ ପାଚେରି
- ବିବାଦୀୟ ଜମିରୁ ଫାଇଦା ନେବାକୁ ଉଦ୍ୟମ

ଭୁବନେଶ୍ୱର,୨।୬(ବ୍ୟୁରୋ)



ରାଜଧାନୀରେ ପୁଣି ଜମି ଦଖଲକାରୀ ଗ୍ୟାଙ୍ଗ ଆତଙ୍କ ଖେଳାଇଛନ୍ତି। ଏକ ବିବାଦୀୟ ଜମିରେ ହସ୍ତକ୍ଷେପ କରି ଫାଇଦା ନେବାକୁ ଉଦ୍ୟମ କରିବାକୁ ଯାଇ ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ କ୍ରେନରେ ପାଚେରି ଭାଙ୍ଗି ମୂଲ୍ୟବାନ ସମ୍ପତ୍ତି ନଷ୍ଟ କରିଛନ୍ତି। ଏ ନେଇ ଏତଲା ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଏହି ଗ୍ୟାଙ୍ଗର ୪ଜଣଙ୍କୁ ଶୁକ୍ରବାର ଗିରଫ କରିଛି। ସେମାନେ ହେଲେ ଭୁବନେଶ୍ୱର ବିଭିନ୍ନ ଅଞ୍ଚଳରେ ରହୁଥିବା ଗଞ୍ଜାମର ସିଦ୍ଧାନ୍ତ ଦାସ ଓ ବାବୁ ନାୟକ ଏବଂ ଉତ୍ତରପ୍ରଦେଶର ଅଂଶୁ ମୋହରିଆ ଓ ମନୋଜ ଯାଦବ ଦାସ। ପୋଲିସ ଏକ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ କାହାଠାରୁ ଟଙ୍କା ନେଇ ଏଭଳି କାଣ୍ଡ ଘଟାଇଛନ୍ତି ତାହାକୁ ନେଇ ପୋଲିସ ଖୋଳତାଡ଼ କରୁଛି ।

ପୋଲିସ ସୂଚନାନୁସାରେ, ସ୍ଥାନୀୟ ଥାନା ଅଞ୍ଚଳରେ ଏକ ପ୍ଲଟ୍ ରହିଛି। ଡକ୍ଟର ତୁଷାର ମିଶ୍ର ଓ କିରୁଥିକା ପ୍ରଭାକରନ ଉକ୍ତ ପ୍ଲଟ୍‌ଟିକୁ ପରସ୍ପର ନିଜର ଦାବି କରିବା ସହ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ଏହା ଉପରେ ୧୧୪ ଧାରା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉଭୟ ପକ୍ଷ ଥାନାରେ ହାଜର ହୋଇ ମକଦ୍ଦମା ଜମି ବଣ୍ଟନ ପାଇଁ ଅନୁରୋଧ କରିଥିଲେ। କିରୁଥିକା ପ୍ରଭାକରନ ଉକ୍ତ ପ୍ଲଟ୍ ଉପରେ ଗୋଟିଏ ଆଉଟ୍ ହାଉସ ନିର୍ମାଣ କରିଥିଲେ ଓ ପ୍ଲଟ ଭିତରେ ୪ଟି ସୋଲାର୍ ପ୍ୟାନେଲ ବ୍ୟବହାର କରି ସିସିଟିଭି କ୍ୟାମେରା ଲଗାଇଥିଲେ। ପରେ ଉଭୟ ପକ୍ଷଙ୍କ ମଧ୍ୟରେ ସମାଧାନ ହୋଇଥିଲା। ହେଲେ ଗୁରୁବାର ରାତିରେ ହଠାତ୍ ଅଭିଯୁକ୍ତମାନେ କେତେଜଣ ସହଯୋଗୀଙ୍କୁ ଧରି ଗୋଟିଏ କ୍ରେନ ସହିତ ଉକ୍ତ ପ୍ଲଟ୍ ପାଖକୁ ଆସି ସୁରକ୍ଷା ଦାୟିତ୍ୱରେ ଥିବା ଗୋବିନ୍ଦ ଓବାସୁଦେବଙ୍କୁ ମରଣାସ୍ତ୍ର ଦେଖାଇ ଆକ୍ରମଣ କରିବା ସହ ମୋବାଇଲ ଫୋନ ଛଡାଇ ନେଇଥିଲେ। ଏହାପରେ କ୍ରେନ ଦ୍ୱାରା ପାଚେରି ଭାଙ୍ଗିବା ସହିତ ଘର, ସୋଲାର ପ୍ୟାନେଲ, ସିସିଟିଭି କ୍ୟାମେରା ଆଦିକୁ ନଷ୍ଟ କରିଦେଇଥିଲେ। ଏନେଇ ଥାନାରେ ଏତଲା ପରେ ପୋଲିସ ଆଇପିସିର ବିଭିନ୍ନ ଦଫାରେ ମାମଲା ଏକ ମାମଲା (ନଂ.୨୬୬/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଓ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ଭଞ୍ଜକଳା ମଣ୍ଡପରେ ଶୁକ୍ରବାର ଅନୁଷ୍ଠିତ ନାଟ୍ୟଧାରାର ୨ୟ ସନ୍ଧ୍ୟାରେ ନାଟକ 'ବିପ୍ଳବୀ କୃତ୍ତିବାସ'ର ଏକ ଦୃଶ୍ୟ।

# ରାଜ୍ୟପାଳଙ୍କୁ ବାର୍ଷିକ ରିପୋର୍ଟ ପ୍ରଦାନ କଲେ ବୀମା ଲୋକପାଳ



ଭୁବନେଶ୍ୱର, ୨।୬ (ବ୍ୟୁରୋ)

**୯୦ ପ୍ରତିଶତ ଅଭିଯୋଗର ବିଚାର ବୀମାଧାରୀଙ୍କ ସପକ୍ଷରେ**

ବୀମା ଲୋକପାଳ ମନୋଜ ପରିଡ଼ା ୨୦୨୨-୨୩ ବର୍ଷର ବାର୍ଷିକ ରିପୋର୍ଟ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ରିପୋର୍ଟ ଅନୁସାରେ, ମାର୍ଚ୍ଚ ୩୧ରେ ବୀମା ଲୋକପାଳଙ୍କ ଦ୍ୱାରା ସମସ୍ତ ବିଚାରାଧୀନ ଅଭିଯୋଗର ସମାଧାନ କରାଯାଇଛି। ଚଳିତବର୍ଷ ମୋଟ ୧୫୩୫ଟି ଅଭିଯୋଗର ବିଚାର କରାଯାଇଥିବାବେଳେ ୯୦ ପ୍ରତିଶତ ବୀମାଧାରୀଙ୍କ ସପକ୍ଷରେ ଯାଇଛି। ବୀମା ଅଭିଯୋଗର ନିବାରଣ ନିମନ୍ତେ ୯୦ ଦିନ ସମୟସୀମା ଥିଲେ ମଧ୍ୟ ୬୦ଦିନ ମଧ୍ୟରେ ସମସ୍ତ ଅଭିଯୋଗର ସମାଧାନ କରାଯାଇଥିଲା। ଭାରତ ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ପ୍ରତିଷ୍ଠାନରେ ବିନା ଆଇନଜୀବୀଙ୍କ ସହାୟତା ତଥା ବିନା ମୂଲ୍ୟରେ ସମସ୍ତ ବୀମା ସମ୍ପର୍କିତ ଅଭିଯୋଗର ସମାଧାନ କରାଯାଉଛି। ଚଳିତବର୍ଷ ଅନ୍ୟ ଜିଲାଗୁଡ଼ିକୁ ବୀମା ଲୋକପାଳ ଗସ୍ତ କରି ସେଠାରେ ବୀମାଧାରୀଙ୍କ ଅଭିଯୋଗଗୁଡ଼ିକର ବ୍ୟକ୍ତିଗତ ଶୁଣାଣି କରି ରାୟ ପ୍ରଦାନ କରିବେ। ବୀମାଧାରୀମାନେ ଅନ୍‌ଲାଇନ୍ ମାଧ୍ୟମରେ ନିଜ ଅଭିଯୋଗଗୁଡ଼ିକ ବୀମା ଲୋକପାଳଙ୍କ ନିକଟକୁ ପଠାଇବାର ସୁବିଧା ପ୍ରଦାନ କରାଯାଇଥିବା ବୀମା ଲୋକପାଳ ପରିଡା ସୂଚନା ଦେଇଛନ୍ତି। ତେବେ ରିପୋର୍ଟ ପ୍ରଦାନ ଅବସରରେ ରାଜ୍ୟପାଳ ପ୍ରଫେସର ଲାଲ୍ ବୀମା ଲୋକପାଳ ପ୍ରତିଷ୍ଠାନର କାର୍ଯ୍ୟ ତଥା ଉପଲବ୍ଧି ବିଷୟରେ ଅଧିକ ପ୍ରଚାର ପ୍ରସାର କରିବା ନିମନ୍ତେ ମତ ଦେଇଥିଲେ। ଏହାଦ୍ୱାରା ଅନେକ ବୀମାଧାରୀ ଲୋକପାଳ ପ୍ରତିଷ୍ଠାନର ସାହାଯ୍ୟ ନେଇ ଉପକୃତ ହୋଇପାରିବେ ବୋଲି ରାଜ୍ୟପାଳ କହିଥିଲେ।

## କେନାଲ ବନ୍ଧ କାର୍ଯ୍ୟ ତଦାରଖ କଲେ ବିଧାୟକ

ବାଲିଅନ୍ତା,୨।୬(ଡି.ଏନ୍.ଏ.)

ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲୀ ଶୁକ୍ରବାର ବାଲିଅନ୍ତା ଅଞ୍ଚଳ ଗସ୍ତରେ ଆସି ଚାଲିଥିବା ପୁରୀ ମୁଖ୍ୟ କେନାଲ ବନ୍ଧର ଦକ୍ଷିଣ ପାର୍ଶ୍ୱ ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତଦାରଖ କରିଥିଲେ। ବାଲିଅନ୍ତା ସାଇଫନ ଛକଠାରୁ ଅଣ୍ଡିଲୋସ୍ଥିତ ନୂତନ କେନାଲ ପୋଲ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟକୁ ବିଧାୟକ ଢାଲି ବୁଲି ଦେଖିଥିଲେ। ବର୍ଷାଦିନ ପୂର୍ବରୁ ଏହି ରାସ୍ତାରେ ମାଟି ମୋରମ ଓ ମେଟାଲ କାର୍ଯ୍ୟ ସାରିବାକୁ ବିଧାୟକ ଢାଲୀ ଉପସ୍ଥିତ ଜଳସେଚନର ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଠାରେ ରାସ୍ତା କାର୍ଯ୍ୟ ନେଇଥିବା ଠିକାଦାର ମାଟି ଓ ମୋରମ ଚାଲାଣ ସମୟରେ ସରକାରୀ ଅଧିକାରୀ ଗାଡ଼ି ଅଟକାଇ ରୟାଲିଟି କାଟୁଥିବା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ମାଟି, ମୋରମ ଠିକ୍ ଭାବେ ନ ଆସିବାରୁ ରାସ୍ତାକାର୍ଯ୍ୟରେ ବର୍ଷା ବାଧା ସୃଷ୍ଟି ହେଉଛି। ଏ ନେଇ ବିଧାୟକ ଢାଲୀ ଘଟଣା ସମ୍ପର୍କରେ ଭୁବନେଶ୍ୱର ଉପ ଜିଲାପାଳ, ବାଲିପାଟଣା ତହସିଲଦାରଙ୍କୁ ଅବଗତ କରି ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଫୋନ ମାଧ୍ୟମରେ ଜଣାଇଥିଲେ। ବିଧାୟକଙ୍କ ଏହି ରାସ୍ତା କାର୍ଯ୍ୟ ତଦାରଖ ସମୟରେ ବାଲିଅନ୍ତା ସରପଞ୍ଚ କୃଷ୍ଣକେଶବ ଆପଟ, ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡ଼ଙ୍ଗୀ, ଭୀମସେନ ବେହେରା ଓ କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଚାଷଜମିରୁ ଗଳିତ ମୃତଦେହ ଜବତ

ଭୁବନେଶ୍ୱର,୨।୬(ବ୍ୟୁରୋ)

**ପରିଚୟ ଅସ୍ପଷ୍ଟ, ହତ୍ୟା ସନ୍ଦେହ**

ରାଜଧାନୀ ଉପକଣ୍ଠ ତମାଣ୍ଡୋ ଥାନା ଅନ୍ତର୍ଗତ ନପୁଟ ଅଞ୍ଚଳରେ ଥିବା ଏକ ଚାଷଜମିରୁ ଶୁକ୍ରବାର ଏକ ଗଳିତ ମୃତଦେହ ମିଳିଛି। ମୃତଦେହଟି ପଚିଶଢ଼ି ନଷ୍ଟ ହୋଇଯାଇଥିବାରୁ ତାଙ୍କ ପରିଚୟ ଜଣାପଡିନାହିଁ। ବୟସ ପାଖାପାଖି ୪୫ ବର୍ଷ ହେବ। ମୃତ୍ୟୁର ପ୍ରକୃତ କାରଣ ଜଣାପଡିନଥିବାବେଳେ ତାଙ୍କୁ କେହି ହତ୍ୟା କରିବା ପରେ ଏଠାରେ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଖବରପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ଶବ ସଂରକ୍ଷଣ ଗୃହରେ ରଖିଛି। ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଖୋଳତାଡ଼ କରୁଛି। ଅପରପକ୍ଷେ ପରିଚୟ ଜାଣିବାକୁ ଆଖପାଖ ଅଞ୍ଚଳରେ ଲୋକଙ୍କୁ ପୋଲିସ ପଚରାଉଚରା କରିବା ସହ କେହି ନିଖୋଜ ଥିଲେ ଥାନାରେ ଜଣାଇବାକୁ କୁହାଯାଇଛି। ସେହିପରି ବ୍ୟବଚ୍ଛେଦ ପରେ ଘଟଣାର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାନୁସାରେ, ଗୁରୁବାର ସନ୍ଧ୍ୟାରେ କେତେଜଣ ଲୋକ ଚାଷଜମିକୁ ଯାଇଥିବାବେଳେ ମୃତଦେହ ଦେଖି ଭୟଭୀତ ହୋଇଯାଇଥିଲେ। ଏନେଇ ପୋଲିସକୁ ଖବର ଦେଇଥିଲେ।

# ଶ୍ରୀଲିଙ୍ଗରାଜଙ୍କ ନୀତି ବିଭ୍ରାଟରେ ସୁଧାର ଆସୁନି

ପୁରୁଣା ଭୁବନେଶ୍ୱର,୨।୬(ଡି.ଏନ୍.ଏ.)

ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ କେତେକ ପରମ୍ପରା ବନ୍ଦ ରହିଥିବାବେଳେ ବିବାଦ ଯୋଗୁ ଅନେକ ସମୟରେ ଅନ୍ୟ ପୂଜାନୀତିରେ ବିଭ୍ରାଟ ଲାଗି ରହୁଛି। ମନ୍ଦିର ଓ ଜିଲା ପ୍ରଶାସନର ନୀରବତା ଯୋଗୁ ଏଥିରେ ସୁଧାର ଆସୁ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ପ୍ରକାଶ ଯେ, ଚଳିତବର୍ଷ ଶୀତଳଷଷ୍ଠୀ ଯାତ୍ରାରେ ବିଭିନ୍ନ ବ୍ୟତିକ୍ରମକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଦେବଦମ୍ପତିଙ୍କ ବିବାହ କାର୍ଯ୍ୟରେ କପିଳେଶ୍ୱର ଦେବ ଯୋଗଦେଇ ନ ଥିଲେ। ବିବାହ ଦିନ ଶ୍ରୀଲିଙ୍ଗରାଜ ମନ୍ଦିରର ମୁଖଶାଳାରେ ବିଭିନ୍ନ ଫୁଲରେ ସୁସଜ୍ଜିତ ତୋରଣ ନିର୍ମାଣ ହୋଇଥାଏ। ତାହା ଚଳିତବର୍ଷ ହୋଇ ନ ଥିଲା। ଶ୍ରୀଲିଙ୍ଗରାଜଙ୍କ ଶ୍ୱଶୁରାଳୟ କେଦାରଗୌରୀ ମନ୍ଦିରରୁ ଶ୍ରୀଜୀଉ ସ୍ୱମନ୍ଦିର ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ କେଦାରଗୌରୀ ମନ୍ଦିର ପକ୍ଷରୁ ୧୦ହଜାର ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ବ୍ୟବସ୍ଥା କରାଯାଇଥାଏ। ଚଳିତବର୍ଷ ପରିଚାଳନାରେ ତ୍ରୁଟି ଯୋଗୁ ଅନେକ ଶ୍ରଦ୍ଧାଳୁ ପ୍ରସାଦ ସେବନରୁ ବଞ୍ଚିତ ହୋଇଥିଲେ। ଏହି ବିବାହ ଶୋଭାଯାତ୍ରାରେ ପ୍ରଦୀପ ସେବା ଟ୍ରଷ୍ଟ ଏବଂ ସିଭିଲ ଡିଫେନ୍ସ ଭଳି କେତେକ ଅନୁଷ୍ଠାନର ସହଯୋଗ ନ ଥିଲେ ଏହି କାର୍ଯ୍ୟକ୍ରମ ଆହୁରି ଫିକା ପଡ଼ିଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ୨୦୧୪ ଅଁଳାନବମୀ ପରଠାରୁ ଠାକୁରଙ୍କ ହାଣ୍ଡି ଭଙ୍ଗା ଯାତ୍ରା ପରମ୍ପରାର ପୂର୍ଣ୍ଣଚ୍ଛେଦ ପଡ଼ିବା ସହ ପ୍ରତ୍ୟକ୍ଷଭାବେ ସମ୍ପର୍କ ଥିବା ଉଭୟ ଠାକୁରଙ୍କ ଅନେକ ଜାନିଯାତ୍ରାରେ ମଧ୍ୟ ପୂର୍ଣ୍ଣଚ୍ଛେଦ ପଡ଼ିଛି। କପିଳେଶ୍ୱର ମନ୍ଦିରର ମଳିଆ ଏବଂ ଖୁଣ୍ଟିଆ ସେବାୟତଙ୍କ ମଧ୍ୟରେ ଦ୍ୱନ୍ଦ୍ୱପାଇଁ ୯୦୦ବର୍ଷର ହାଣ୍ଡିଭଙ୍ଗା ଯାତ୍ରା ବନ୍ଦ ରହିଛି। ଅନେକ ସମୟରେ ଶ୍ରୀଜୀଉଙ୍କ ଜାନିଯାତ୍ରାରେ ଦେଖାଯାଉଥିବା ବିଭ୍ରାଟକୁ ନେଇ ବ୍ୟତିକ୍ରମ ଦେଖାଦେଉଅଛି। ଶ୍ରୀଜୀଉଙ୍କ ନୀତିକାନ୍ତି ଘଣ୍ଟାଘଣ୍ଟା ଧରି ବନ୍ଦ ରହିବା ଏବଂ ଠାକୁର ଉପବାସ ରହିବା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି। ଖୁବ୍‌ଶୀଘ୍ର ଠାକୁରଙ୍କ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଗଲେ ଏହି ସମସ୍ତ ବିଭ୍ରାଟରେ ସୁଧାର ଆସିବ ବୋଲି ବୁଦ୍ଧିଜୀବୀଙ୍କ ମହଲରେ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟରେ ଅଦ୍ୟାବଧି କୌଣସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ସ୍ଥାୟୀ ନିଯୁକ୍ତ ଦିଆଯାଇନାହିଁ।

# ଜୁନ୍ ୪ରେ ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ଟୁଇନ୍ସ'

ଭୁବନେଶ୍ୱର,୨।୬ (ବ୍ୟୁରୋ)



ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଘରୋଇ ଓଡ଼ିଆ ଚ୍ୟାନେଲ ଜୀ ସାର୍ଥକର ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ଟୁଇନ୍ସ'ର ୱାର୍ଲ୍ଡ ଟେଲିଭିଜନ ପ୍ରିମିୟର ଶୋ' ୨୦୨୩ ଜୁନ୍ ୪ ରେ ପ୍ରସାରିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଜୀ ସାର୍ଥକ ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜୀ ସାର୍ଥକର ନୂଆ ଚଳଚ୍ଚିତ୍ର 'ଟୁଇନ୍ସ'ର ଅଡିଓ ରିଲିଜ ଓ ପୋଷ୍ଟର ଉନ୍ମୋଚନ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଏସ୍‌ପିପି ପ୍ରଡକ୍ସନ ବ୍ୟାନର ଦ୍ୱାରା ନିର୍ମିତ ଏବଂ କ୍ଷୀରୋଦ ପଟ୍ଟନାୟକଙ୍କ ପ୍ରଯୋଜନା ଓ ନିର୍ଦ୍ଦେଶକ ରାଶେଷ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଟୁଇନ୍ସ ପ୍ରସ୍ତୁତି ହୋଇଛି। ଏ ସମ୍ପର୍କରେ ଜୀ ସାର୍ଥକର ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ୍ କହିଛନ୍ତି, ଉକ୍ତ ଚଳଚ୍ଚିତ୍ରରେ ଚୁଲ୍‌ବୁଲି ନାୟିକା ରିୟା ଦେ ଏବଂ ଡ୍ୟାସିଂ ଷ୍ଟାର ହରିହର ଦାଶଙ୍କ ସମେତ ସନ୍ତୋଷ ଦାଶ, କୀର୍ତ୍ତି ମହାନ୍ତି ଏବଂ ଲତାସା ପ୍ରମୁଖ ନଜର ଆସିବେ। ସୂଚନାଯୋଗ୍ୟ, ୨୦୨୩ ଜୁନ୍ ୪ ସନ୍ଧ୍ୟା ୬ଟା ୩୦ରେ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଟୁଇନ୍ସ' ଜୀ ସାର୍ଥକରେ ପ୍ରସାରିତ ହେବ। ବିଶେଷକରି ଦୁଇ ଯାଆଁଳା ଭଉଣୀ ଆଭା ଓ ଆରତୀଙ୍କ କାହାଣୀକୁ ନେଇ ଚଳଚ୍ଚିତ୍ର ଟୁଇନ୍ସ ତିଆରି ହୋଇଛି।

# ବ୍ୟବଚ୍ଛେଦରେ ବିଳମ୍ବ : କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

ଭୁବନେଶ୍ୱର,୨।୬(ବ୍ୟୁରୋ)



ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆ ସାହିର ଏକ ବସ୍ତି ଅଞ୍ଚଳରେ ରହୁଥିବା ବର୍ଷା ରେଡ୍ଡୀ ନାମୀ ଜଣେ ମହିଳା ଗୁରୁବାର ଆତ୍ମହତ୍ୟା କରିଥିଲେ। ଏନେଇ ପୋଲିସ ସୂଚନାପାଇ ମୃତଦେହକୁ ଜବତ କରି କ୍ୟାପିଟାଲ ହସ୍ପିଟାଲ ମର୍ଗରେ ରଖିଥିଲା। ଶୁକ୍ରବାର ଉକ୍ତ ମହିଳାଙ୍କ ମୃତଦେହ ବ୍ୟବଚ୍ଛେଦ ବିଳମ୍ବ ହେବାରୁ ହସ୍ପିଟାଲ ପରିସରର ଶବଗୃହ ନିକଟରେ ପରିବାର ଓ ତାଙ୍କ ସଂପର୍କୀୟ ହୋହଲ୍ଲା କରିଥିଲେ। ଠିକ୍ ସମୟରେ ପୋଲିସ କାଗଜପତ୍ର ଶବ ଗୃହରେ ଦାଖଲ ନ କରିବାରୁ ବ୍ୟବଚ୍ଛେଦରେ ବିଳମ୍ବ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଉତ୍ତେଜନା ଲାଗି ରହିବାରୁ ସ୍ଥାନୀୟ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ମୈତ୍ରୀ ବିହାର ଥାନା ପୋଲିସ ସେଠାରେ ପହଞ୍ଚି ରିପୋର୍ଟ ଦାଖଲ ପରେ ବ୍ୟବଚ୍ଛେଦ ହୋଇଥିଲା।

# ସାଇକେଲ ଚଳାଇ ଫିଟ୍ ରୁହନ୍ତୁ



ପୁରୁଣା ଭୁବନେଶ୍ୱର,୨।୬(ଡି.ଏନ୍.ଏ.)

**ଆଜି ବିଶ୍ୱ ବାଇସାଇକେଲ ଦିବସ**

ଶନିବାର ବିଶ୍ୱ ବାଇସାଇକେଲ ଦିବସ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ପୋଖରୀପୁଟ ଅଞ୍ଚଳରେ ରହୁଥିବା କୁନି ପିଲାମାନଙ୍କ ଦ୍ୱାରା ଏକ ସଚେତନତା ସାଇକେଲ ରାଲି କରାଯାଇଛି। ସାଇକେଲ ଚଲାଇଲେ ଶରୀର କିଭଳି ନୀରୋଗ ଓ ଫିଟ୍‌ନେସ ରୁହେ ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଯାଇଥିଲା। ଏଥିସହ ସାଇକେଲର ଉପାଦେୟତା ସମ୍ପର୍କରେ ପ୍ଲାକାର୍ଡ ଦ୍ୱାରା ସଚେତନତା କରାଯାଇଥିଲା। ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ ପାରା ସେଲର ବାପିନା ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ରାଲିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଦୃଷ୍ଟିବାଧିତ ଖେଳାଳିଙ୍କ କୋଚ ତ୍ରିଲୋଚନ ବେଉରା, ପରିବେଶବିତ୍ ସୁଶାନ୍ତ ସାହୁ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା ଚିତ୍ରଶିଳ୍ପୀ ଅନସୂୟା ସାହୁ ପ୍ରମୁଖ ଯୋଗଦେଇଥିଲେ।

# ୩ ସରକାରୀ ହସ୍ପିଟାଲରେ କର୍ପସ ଫଣ୍ଡ ଗଠନ

ଭୁବନେଶ୍ୱର,୨।୬(ବ୍ୟୁରୋ)

- ପ୍ରତ୍ୟେକ ହସ୍ପିଟାଲରେ ରହିବ ୧ କୋଟି ଫଣ୍ଡ
- ସୁପରସ୍ପେଶାଲିଷ୍ଟ ଡାକ୍ତରଙ୍କ ଅଭାବ ପୂରଣ ପାଇଁ ପଦକ୍ଷେପ

ରାଜ୍ୟର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ସରକାରଙ୍କ ପକ୍ଷରୁ ଆଉ ଏକ ପଦକ୍ଷେପ ହାତକୁ ନିଆଯାଇଛି। ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲଗୁଡ଼ିକରେ ସୁପରସ୍ପେଶାଲିଷ୍ଟ ଡାକ୍ତରଙ୍କ ଅଭାବ କାରଣରୁ ଅନେକ ସମୟରେ ସମସ୍ୟା ଦେଖା ଦେଇଥାଏ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କଟକର ଏସ୍‌ସିବି, ବ୍ରହ୍ମପୁରର ଏମ୍‌କେସିଜି ଏବଂ ବୁର୍ଲାର ଭିମ୍‌ସାର୍ ମେଡିକାଲ କଲେଜ୍ ଏବଂ ହସ୍ପିଟାଲରେ ମୋଟ ୩କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରିଛନ୍ତି। ପ୍ରତ୍ୟେକ କର୍ପସ ଫଣ୍ଡରେ ୧କୋଟି ଟଙ୍କା ଲେଖାଏ ରଖାଯିବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ବିଜ୍ଞପ୍ତି ଜାରି କରାଯାଇଛି। ପ୍ରତ୍ୟେକ କର୍ପସ ଫଣ୍ଡରେ ଜଣେ ଚେୟାରପର୍ସନ ରହିବା ସହ ସଦସ୍ୟ ଏବଂ କନ୍‌ଭେନର ରହିବେ। ସମସ୍ତ ଏସ୍‌ସିବି ମେଡିକାଲର କର୍ପସ ଫଣ୍ଡରେ କଟକ କମିଶନର ଚେୟାରପର୍ସନ ଭାବେ ରହିବେ। ଏଥିସହ ହସ୍ପିଟାଲ ଡିନ୍ ଏବଂ ପ୍ରିନ୍ସିପାଲ, ଅତିରିକ୍ତ ଡିଏମ୍‌ଇଟି/ଜୁନିୟର ଡିଏମ୍‌ଇଟି (ଡିଏମ୍‌ଇଟିଙ୍କ ଦ୍ୱାରା ଚୟନ ହୋଇଥିବା), ଚେୟାପର୍ସନଙ୍କ ଦ୍ୱାରା ଚୟନ ହୋଇଥିବା ବ୍ୟକ୍ତି ଏଥିରେ ସଦସ୍ୟ ଭାବେ ରହିବେ। ଏହାବାଦ୍ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ମେମ୍ବର କନ୍‌ଭେନର ଭାବେ ରହିବେ। ସେହିପରି ଏମ୍‌କେସିଜି ହସ୍ପିଟାଲରେ ଗଞ୍ଜାମ ଜିଲାପାଳ ଓ ଉପଜିଲାପାଳ ଏବଂ ଭିମ୍‌ସାର ହସ୍ପିଟାଲରେ ସମ୍ବଲପୁର ଜିଲାପାଳ ଓ ଉପଜିଲାପାଳ ଚେୟାରପର୍ସନ ଭାବେ ରହିବେ। ଭିମ୍‌ସାର ହସ୍ପିଟାଲର ନିର୍ଦ୍ଦେଶକ ମଧ୍ୟ ଏଥିରେ ଜଣେ ସଦସ୍ୟ ରହିବେ। ଏହାବାଦ୍ ସମ୍ପୃକ୍ତ ହସ୍ପିଟାଲଗୁଡ଼ିକରେ ଡିନ୍ ଏବଂ ପ୍ରିନ୍ସିପାଲ, ଅତିରିକ୍ତ ଡିଏମ୍‌ଇଟି/ଜୁନିୟର ଡିଏମ୍‌ଇଟି (ଡିଏମ୍‌ଇଟିଙ୍କ ଦ୍ୱାରା ଚୟନ ହୋଇଥିବା), ଚେୟାପର୍ସନଙ୍କ ଦ୍ୱାରା ଚୟନ ହୋଇଥିବା ବ୍ୟକ୍ତି ସଦସ୍ୟ ଭାବେ ଏବଂ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ମେମ୍ବର କନ୍‌ଭେନର ଭାବେ ରହିବେ। ସରକାରୀ ହସ୍ପିଟାଲରେ ସୁପରସ୍ପେଶିଆଲିଷ୍ଟ ଡାକ୍ତରଙ୍କର ଅଭାବ ରହୁଛି। ଏହି ସମୟରେ କୌଣସି ଏମରଜେନ୍ସି କେସ୍‌ରେ ବାହାରୁ ଡାକ୍ତରଙ୍କୁ ଆଣିବା ସମ୍ଭବପର ହେଉ ନ ଥିଲା। ମାତ୍ର ଏବେ ସେଥିରେ ପରିବର୍ତ୍ତନ ଆସିବ। ଜରୁରିକାଳୀନ ପରିସ୍ଥିତି ସୃଷ୍ଟି ହେଲେ ଏହି ସିଲେକ୍ସନ କମିଟି ପକ୍ଷରୁ ସୁପରସ୍ପେଶାଲିଟି ଡାକ୍ତରଙ୍କୁ ଅଣାଯିବ। ଏବଂ ଏନେଇ ସମସ୍ତ ଖର୍ଚ୍ଚ ଏହି କର୍ପସ ଫଣ୍ଡରୁ ବହନ କରାଯିବ। ଏହାଦ୍ୱାରା ଅନେକ ଜୀବନ ରକ୍ଷା କରାଯାଇପାରିବ ବୋଲି ଆଶା କରାଯାଉଛି। ଏହା ଏନ୍‌ଏମ୍‌ସି (ନ୍ୟାଶନାଲ୍ ମେଡିକାଲ କଲେଜ୍) ଗାଇଡ୍‌ଲାଇନ୍ ଆଧାରରେ କରାଯାଇଛି।

## ସଂକ୍ଷେପରେ

### ପିଲା ଚୋରି ଉଦ୍ୟମ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୨।୬(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ଥାନା ଅଧୀନ ସୁକରପଡ଼ା ପଞ୍ଚାୟତ ହଳଧରପୁର ଗ୍ରାମରେ ପିଲାଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ବ୍ୟବହୃତ ଏକ ବାଇକ୍‌କୁ ଜବତ କରି ପୋଲିସ ତଦନ୍ତ ଚଳାଇଛି। ଗତ ମାସ ୨୨ ତାରିଖ ରାତିରେ ହଳଧରପୁର ଗ୍ରାମର ଗଣେଶ ମଲିକ ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ଓ ୩ ସନ୍ତାନ ସହ ଘରେ ଶୋଇଥିଲେ। ସ୍ଥାନୀୟ ଗ୍ରାମର ୨ ଯୁବକ ତାଙ୍କ ଘରର କବାଟ ଭାଙ୍ଗି ଘରେ ପ୍ରବେଶ କରି ଶୁଭଲକ୍ଷ୍ମୀଙ୍କ କୋଳରେ ଶୋଇଥିବା ତାଙ୍କର ୭ ବର୍ଷର କନ୍ୟା ଦୁର୍ଗାରାଣୀଙ୍କୁ ଚୋରି କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ଜଣେ ଦୁର୍ବୃତ୍ତ ଶୁଭଲକ୍ଷ୍ମୀଙ୍କ ଉପରେ ପଡିଯାଇଥିଲେ। ଶୁଭଲକ୍ଷ୍ମୀ ଚିତ୍କାର କରିବାରୁ ଗଣେଶ ଉଠି ପଡ଼ି ଅନ୍ୟ ଜଣେ ଦୁର୍ବୃତ୍ତଙ୍କୁ କାବୁ କରିନେଇଥିଲେ। ଏଥିରେ ପ୍ରତିହିଂସା ପରାୟଣ ହୋଇ ସମ୍ପୃକ୍ତ ଦୁର୍ବୃତ୍ତ ଦ୍ୱୟ ଗଣେଶଙ୍କୁ ମାଡ଼ ମାରି ଦୌଡ଼ି ପଳାଇଥିଲେ। ଗଣେଶ ଦୁର୍ବୃତ୍ତଙ୍କ ବାଇକ୍ ନଂ.ଓଡି-୦୫-ପି-୦୮୦୩କୁ କାବୁ କରି ନେଇଥିଲେ। ପରେ ବାଇକ୍‌ଟିକୁ ନିଶ୍ଚିନ୍ତକୋଇଲି ପୋଲିସକୁ ହସ୍ତାନ୍ତର କରିଥିଲେ। ଘଟଣାର ଆପୋସ ସମାଧାନ ସୁକରପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ହେବାର ଥିଲେ ମଧ ସମ୍ପୃକ୍ତ ବ୍ୟକ୍ତିମାନେ ଆସି ନ ଥିଲେ। ଫଳରେ ଏ ସମ୍ପର୍କରେ ଶୁକ୍ରବାର ଶୁଭଲକ୍ଷ୍ମୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

### ଅମଲାଙ୍କ ସମୂହ ଛୁଟିକୁ ୨ ଦିନ ପୂରିଲା: ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

**ବଡ଼ମ୍ବା/ସାଲେପୁର,୨।୬ (ଡି.ଏନ୍.ଏ.):** ରାଜ୍ୟ ମିଳିତ ଅମଲା ମଞ୍ଚ ଆହ୍ୱାନକ୍ରମେ ବଡ଼ମ୍ବା ଓ ସାଲେପୁର ବ୍ଲକ ଅଧୀନ ବିଭିନ୍ନ କାର୍ଯ୍ୟାଳୟର ଅମଲାମାନେ ଗୁରୁବାରଠାରୁ ସମୂହ ଛୁଟି ନେଇଛନ୍ତି। ଫଳରେ ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକରେ ସରକାରୀ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ଏଥିଯୋଗୁ ଉଭୟ ବଡ଼ମ୍ବା ଓ ସାଲେପୁର ତହସିଲ, ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା, କୋଷାଗାର, ଶିକ୍ଷା, ସବ୍‌ରେଜିଷ୍ଟ୍ରାର, କୃଷି, ଉଦ୍ୟାନ କୃଷି ଓ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବଡ଼ମ୍ବା ଅମଲା ମଞ୍ଚ ସଭାପତି ଅନୁଜ ବେହେରା କହିଛନ୍ତି। ଉପରୋକ୍ତ ବିଭାଗଗୁଡ଼ିକରେ କାର୍ଯ୍ୟରତ ସରକାରୀ ଅମଲା ଗ୍ରେଡ୍ ପେ ୪୨୦୦କୁ ବୃଦ୍ଧି କରାଯିବାକୁ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ହେଲେ ସରକାର ଟାଳଟୁଳ ନୀତି ଅବଲମ୍ବନ କରି ଆସୁଛନ୍ତି। ଏହାର ପ୍ରତିବାଦରେ ଅମଲାମାନେ ୧୦ ଦିନ ଧରି କଳାବ୍ୟାଜ୍ ପିନ୍ଧି କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଏପରିକି ମେ' ୩୧ ସୁଦ୍ଧା ସରକାର ଯଦି କୌଣସି ପଦକ୍ଷେପ ଗ୍ରହଣ ନ କରନ୍ତି, ସେମାନେ ସମୂହ ଛୁଟିରେ ଯିବା ପାଇଁ ଚେତାବନୀ ଦେଇଥିଲେ।

### ମା'ତାରିଣୀଙ୍କ ବାର୍ଷିକ ଉତ୍ସବ

**ମାହାଙ୍ଗା,୨।୬(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତ ଅଳିଯୋଡାସ୍ଥିତ ଜେ.ଏନ କଲେଜ ଛକରେ ଥିବା ମା'ତାରିଣୀଙ୍କ ମନ୍ଦିରରେ ୨୨ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସଂଯୋଜ ଓ ହୋମ କାର୍ଯ୍ୟ ଆଦି ଯଥାରିତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତାଭାବେ ନିରଞ୍ଜନ ସ୍ୱାଇଁ, କର୍ତ୍ତୀ ଭାବେ ଲତିକା ସ୍ୱାଇଁ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ପଣ୍ଡିତ ସୁରେଶ ମହାପାତ୍ର ଓ ବଟକୃଷ୍ଣ ଶତପଥି ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

### ୧୦ ହଜାର ଲୋକ ପାଇବେ ପାନୀୟ ଜଳ

**ସାଲେପୁର,୨।୬ (ଡି.ଏନ୍.ଏ.):** ସାଲେପୁର ବ୍ଲକର ଲୁଣାହାର ଓ ଚନ୍ଦ୍ରାଦେଇପୁର ଗ୍ରାମରେ ୧୦ ହଜାର ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଏଥିପାଇଁ ପମ୍ପ୍ ହାଉସ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଏହି ସମସ୍ତ ପ୍ରକଳ୍ପ ପାଇଁ ପ୍ରାୟ ୩ କୋଟି ଟଙ୍କା ବ୍ୟୟ କରାଯିବାକୁ ସ୍ଥିର ହୋଇଛି। ଏଥିପାଇଁ ଟେଣ୍ଡର କାର୍ଯ୍ୟ ସରି ଠିକାଦାରଙ୍କୁ କାର୍ଯ୍ୟାଦେଶ ଦିଆଯାଇଛି। ସାଲେପୁର ସହରାଞ୍ଚଳରେ ରହୁଥିବା ଏହି ୨ଟି ଗ୍ରାମରେ ପ୍ରାୟ ୧୪କି.ମି. ପାଇପ ବିଛା ଯାଇ ପାନୀୟ ଜଳ ଯୋଗାଇ ଦିଆଯିବାକୁ ଥିବାବେଳେ ୬ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ। ବିଶେଷକରି ଏହି ପାଇପ୍ ସାଲେପୁର ୬ ନଂ. କେନାଲ ବନ୍ଧବାଟ ଦେଇ ୨ ଗ୍ରାମକୁ ସଂଯୋଗ କରାଯାଉଛି। ଏହି ସଂଯୋଗରେ ସାଲେପୁର ସହରସ୍ଥିତ ସାହେଶ୍ୱରୀ ମନ୍ଦିର ଏବଂ ପାଖ ସାଲେପୁର ହାଉସିଂ ବୋର୍ଡ ମାର୍କେଟ୍ କମ୍ପ୍ଲେକ୍ସ, ସାଲେପୁର ବଜାରକୁ ବାଦ୍ ଦିଆଯାଇଥିବାରୁ ସ୍ଥାନୀୟ ଲୋକେ ପାଣିର ସୁବିଧା ପାଇପାରିବେ ନାହିଁ। ଏହିସବୁ ସ୍ଥାନକୁ ପାଇପ୍ ସଂଯୋଗ କରାଯିବାକୁ ଦାବି ହୋଇଛି।

# କୃଷି କାର୍ଯ୍ୟାଳୟରେ କର୍ମଚାରୀ ଅଭାବ

- ୩ କର୍ମଚାରୀଙ୍କୁ ୪୧ ପଞ୍ଚାୟତ ଦାୟିତ୍ୱ
- ସରକାରୀ ଯୋଜନାର ଲାଭ ଉଠାଇପାରୁନାହାନ୍ତି ଚାଷୀ

**ନିଶ୍ଚିନ୍ତକୋଇଲି,୨।୬(ସ୍ୱ.ପ୍ର.)**

କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଚାଷୀମାନଙ୍କୁ ରିହାତି ମୂଲ୍ୟରେ ରାସାୟନିକ ସାର, ବିହନ, କୃଷି ଯନ୍ତ୍ରପାତି ଯୋଗାଇ ଦେଉଛନ୍ତି। ଏଥିପାଇଁ ରାଜକୋଷରୁ ବିପୁଳ ଟଙ୍କା ଖର୍ଚ୍ଚ ହେଉଛି। ମାତ୍ର ନିଶ୍ଚିନ୍ତକୋଇଲିରେ ଏସବୁର ଲାଭ ଚାଷୀଙ୍କୁ ମିଳିପାରୁ ନାହିଁ। ମଣ୍ଡଳ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବଶ୍ୟକ କୃଷି କର୍ମଚାରୀ ନ ଥିବା ହେତୁ ଚାଷୀ ସରକାରୀ ସହାୟତା ଓ ସୁବିଧା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏପରିକି ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସେମାନେ ଠିକ୍‌ସମୟରେ ସୂଚନା ପାଇପାରୁନାହାନ୍ତି। ଚାଷ ପାଇଁ ଉଚିତ୍ ପରାମର୍ଶ ମଧ ସେମାନଙ୍କୁ ମିଳିପାରୁନାହିଁ। କର୍ମଚାରୀ ଅଭାବ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅବଗତ ଥାଇ ମଧ କୌଣସି ପଦକ୍ଷେପ ନ ନେବା ସରକାରଙ୍କ ଉଦାସୀନତା ତଥା ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବକୁ ସୂଚାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି। ନିଶ୍ଚିନ୍ତକୋଇଲି ମଣ୍ଡଳ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ କଟକ ସଦର ନିର୍ବାଚନ ମଣ୍ଡଳୀର ୧୪ ଓ ମାହାଙ୍ଗା ନିର୍ବାଚନ ମଣ୍ଡଳୀର ୨୭ ପଞ୍ଚାୟତ ରହିଛି। ଏହି ୪୧ ପଞ୍ଚାୟତର ବହୁ ଚାଷୀ ବିଭିନ୍ନ ତାଲିମ, ସରକାରୀ ସହାୟତା ଓ ଚାଷ ବିଷୟରେ ବିଭିନ୍ନ ତଥ୍ୟ ଜାଣିବା ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ କୃଷି କାର୍ଯ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ମାତ୍ର ୪୧ପଞ୍ଚାୟତ ନିମନ୍ତେ ମାତ୍ର ୩ ଜଣ ଗ୍ରାମ୍ୟ କୃଷି କର୍ମଚାରୀ ରହିଥିବା ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ଏହି କାର୍ଯ୍ୟାଳୟ କାମ କରୁଥିବା ଗ୍ରାମ୍ୟ କୃଷି କର୍ମଚାରୀ ଶୁଭ୍ରାଂଶୁ ଶେଖର ବେହେରାଙ୍କୁ ୧୫, ରଶ୍ମିରଞ୍ଜନ ବହିରାଙ୍କୁ ୬ ଓ ସ୍ମୃତି ରଞ୍ଜନ ନାୟକଙ୍କୁ ୨୦ ପଞ୍ଚାୟତର କୃଷି କାର୍ଯ୍ୟ ଦାୟିତ୍ୱ ବଣ୍ଟନ କରାଯାଇଛି। ଉପରୋକ୍ତ କର୍ମଚାରୀମାନଙ୍କୁ ଅଧିକ ପଞ୍ଚାୟତ ଦାୟିତ୍ୱ ଦିଆଯାଇଥିବାରୁ ସେମାନେ କିଭିଳି ଭାବେ କାର୍ଯ୍ୟ କରୁଥିବେ ତାହା ତାହା ସହଜେ ଅନୁମେୟ। ଏଭଳିସ୍ଥିତିରେ ବ୍ଲକର ବହୁ ଚାଷୀମାନେ ସରକାରଙ୍କ ତରଫରୁ ବିଭିନ୍ନ ସମୟରେ ଆସୁଥିବା ଯୋଜନା ସମ୍ପର୍କରେ ଅବଗତ ହୋଇପାରୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ବହୁ ସମୟରେ ଚାଷୀମାନେ ନିଶ୍ଚିନ୍ତକୋଇଲି କୃଷି କାର୍ଯ୍ୟାଳୟକୁ ବିଭିନ୍ନ ସମସ୍ୟା ନେଇ ଆସୁଥିଲେ ମଧ କର୍ମଚାରୀଙ୍କୁ ନ ପାଇ ଶେଷରେ ନିରାଶ ହୋଇ ଫେରିବାକୁ ବାଧ ହେଉଥିବା କହିଛନ୍ତି। ଅପରପକ୍ଷେ କୃଷି କର୍ମଚାରୀ ନ ଥିଲା ବେଳେ ପ୍ରଶାସନ ତରଫରୁ ଏହି କାର୍ଯ୍ୟାଳୟ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟରେ କୋଠା ନିର୍ମାଣ ଚାଲିଛି। ଏହା କେତେଦୂର ସମୀଚୀନ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତୁରନ୍ତ ସରକାରଙ୍କ ତରଫରୁ ଏହି ବ୍ଲକ ନିମନ୍ତେ ଆବଶ୍ୟକ କୃଷି କର୍ମଚାରୀ ଯୋଗାଇ ଦେବାକୁ ସାମାଜିକ କର୍ମୀ ରମେଶ ଚନ୍ଦ୍ର ସ୍ୱାଇଁ, କୃଷକ ନେତା ଷ୍ଟାଲିନ ରାଉତ, ଯୁବ ଚାଷୀ ଅମିୟ କୁମାର ବିଶ୍ୱାଳ, ସଞ୍ଜୟ କୁମାର ବେହେରା, ପୂର୍ବତନ ସରପଞ୍ଚ ଦିଲିପ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି। ଏ ସମ୍ପର୍କରେ କୃଷି ଅଧିକାରୀ ସିର୍ଦ୍ଧାର୍ଥ ସାରଥି ପରିଡା କୁହନ୍ତି, କର୍ମଚାରୀ ଅଭାବ ବିଷୟରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଏଭଳି କର୍ମଚାରୀ ଅଭାବ ସମସ୍ୟା କେବଳ ଆମ କାର୍ଯ୍ୟାଳୟ ନୁହେଁ ବିଭିନ୍ନ ସ୍ଥାନରେ ରହିଛି ବୋଲି ପରିଡ଼ା ପ୍ରକାଶ କରିଛନ୍ତି।


ନିଶ୍ଚିନ୍ତକୋଇଲି କୃଷି କାର୍ଯ୍ୟାଳୟ।

# ଓଜେଇଇ ର୍ୟାଙ୍କ୍-୧ରେ ଥିବା ଛାତ୍ରୀଛାତ୍ରଙ୍କ ମୁହଁରୁ...

ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶୁକ୍ରବାର ଓଜେଇଇ-୨୦୨୩ ଫଳ ପ୍ରକାଶ ପାଇଛି। ର୍ୟାଙ୍କ୍ ପାଇଥିବା ୪୮,୮୧୫ଜଣ ପରୀକ୍ଷାର୍ଥୀ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷା ଅନୁଷ୍ଠାନର ୧୨ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଓଜେଇଇ କାଉନ୍‌ସେଲିଂରେ ଅଂଶଗ୍ରହଣ କରିପାରିବେ। ତେବେ ବିଭିନ୍ନ ପାଠ୍ୟକ୍ରମ ପାଇଁ ର୍ୟାଙ୍କ୍-୧ରେ ଥିବା ଛାତ୍ରୀଛାତ୍ରଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।


“ରେଜଲ୍ଟ ଜାଣିବା ପରେ ବହୁତ ଖୁସି ଲାଗିଲା। ଟେକ୍ସଟାଇଲରେ ଇଞ୍ଜିନିୟରିଂ ଓଡ଼ିଶା ପାଇଁ ନୂଆ ବିଷୟ। ମୋର ଫ୍ୟାଶନରେ ରୁଚି ରହୁଥିବାରୁ ମୁଁ ଏହି ବିଷୟକୁ ବାଛିଥିଲି। ଓୟୁଟିଆର୍‌ରେ ଏମ୍.ଟେକ୍ କରିବା ପାଇଁ ଚାହୁଁଛି। ମଣିଷର ମୌଳିକ ଆବଶ୍ୟକତା ମଧ୍ୟରୁ ବସ୍ତ୍ର ଅନ୍ୟତମ। ଏ ଦିଗରେ ଉଚ୍ଚଶିକ୍ଷା ଦ୍ୱାରା ଭବିଷ୍ୟତ ଗଢ଼ିବାରେ ଯଥେଷ୍ଟ ସୁଯୋଗ ସୃଷ୍ଟି ହୋଇପାରିବ। ମୁଁ ସକାଳେ ୪ ଘଣ୍ଟା ଓ ରାତିରେ ୪ ଘଣ୍ଟା ପଢୁଥିଲି। ବାପା ଜଣେ ଶିକ୍ଷକ ଓ ମା' ଗୃହିଣୀ। ସେମାନେ ସବୁକ୍ଷେତ୍ରରେ ମୋତେ ସମର୍ଥନ କରିଥା'ନ୍ତି।

**- ଅଙ୍କିତ ସାମଲ, ଟେକ୍ସଟାଇଲ ଇଞ୍ଜିନିୟରିଂ, ଭୁବନେଶ୍ୱର**


“ବି.ଫାର୍ମା ପାଠ୍ୟକ୍ରମରେ ଓଜେଇଇ ର୍ୟାଙ୍କ-୧ ହାସଲ କରିବା ନିହାତି ମୋ ପାଇଁ ଖୁସିର ବିଷୟ। ଡାକ୍ତର ହେବାକୁ ଚାହୁଁଛି। ତେଣୁ ନିଟ୍ ପାଇଁ ପ୍ରସ୍ତୁତି ଚଳାଇଛି। ଏହି ସଫଳତା ପଛରେ ମୋ ବାପା ଓ ଶିକ୍ଷକଙ୍କ ଯଥେଷ୍ଟ ଅବଦାନ ରହିଛି। କୋଚିଂ ବାଦ୍ ମୁଁ ପ୍ରତିଦିନ ୧୨ରୁ ୧୪ ଘଣ୍ଟା ପରିଶ୍ରମ କରୁଥିଲି। ଆଗକୁ ଅଧିକ ପରିଶ୍ରମ କରିବା ସହ ନିଜର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିବି। ସବୁ ଶୁଭାକାଂକ୍ଷୀଙ୍କୁ କୃତଜ୍ଞତା ଜଣାଇବି।

**- ସୌରଭ କୁମାର ପତି, ବି.ଫାର୍ମା, ଭୁବନେଶ୍ୱର**


“ଭଲ ର୍ୟାଙ୍କ୍ ରହିବ ବୋଲି ଭାବିଥିଲି। ହେଲେ ଟପ୍ପର ହେବି ଭାବି ନ ଥିଲି। ମା' ଓ ବାପାଙ୍କ ଆଶୀର୍ବାଦ, ପରିବାରର ସହଯୋଗ ଯୋଗୁ ମୁଁ ଏହି ସଫଳତା ପାଇପାରିଛି। ଆଗକୁ ମୁଁ ଭଲ କଲେଜରେ ପଢିବା ସହ ଆର୍ଥିକ କ୍ଷେତ୍ରରେ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଛି।

**-ସତ୍ୟଜିତ୍ ସାହୁ, ଏମ୍‌ବିଏ, କଣ୍ଟାପଡ଼ା (କଟକ)**


“ଲାଟେରାଲ ଏଣ୍ଟ୍ରି ଫାର୍ମାସୀରେ ବି ଫାର୍ମା କରିବା ପାଇଁ ଓଜେଇଇ ଦେଇଥିଲି। ଏହି ସଫଳତାର ଶ୍ରେୟ ଈଶ୍ୱର, ପରିବାର, ଅଧାପିକା ଓ ଅଧାପକଙ୍କୁ ଯାଉଛି। ଆଗାମୀ ଦିନରେ ଜଣେ ଭଲ ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରଖିଛି।

**ଶୁଭଶ୍ରୀ ମହାନ୍ତି, ଲାଟେରାଲ ଏଣ୍ଟ୍ରି ଫାର୍ମାସୀ**

# ଦେବସ୍ନାନ ପୂର୍ଣ୍ଣିମା ପାଇଁ ଚଳଚଞ୍ଚଳ ପଦ୍ମବନ ପୀଠ

**ନେମାଳ,୨।୬ (ଡି.ଏନ୍.ଏ.)**

ନେମାଳର ଶ୍ରୀଶ୍ରୀ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପଦ୍ମବନ ପୀଠରେ ରବିବାର ଦେବସ୍ନାନ ପୂର୍ଣ୍ଣିମା ଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ପୀଠ ଚଳଚଞ୍ଚଳ ହୋଇପଡ଼ିଛି। ଏନେଇ ଶ୍ରୀଶ୍ରୀ ଗୋପୀନାଥଜୀଉ ଓ ମହାପୁରୁଷ ଅଚ୍ୟୁତାନନ୍ଦ ଆଶ୍ରମ ଟ୍ରଷ୍ଟ ଏବଂ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶୁକ୍ରବାର କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, କଟକ ଉପଜିଲାପାଳ କଳମଜିତ ଦାସ, ନିଶ୍ଚିନ୍ତକୋଇଲି ତହସିଲଦାର ଦିଲୀପ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପୀଠ ନିକଟରେ ସ୍ୱତନ୍ତ୍ର ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲାବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଅରକ୍ଷୀ ଅଧୀକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ ପ୍ଲାଟୁନ ପୋଲିସ ଫୋର୍ସ, ୩ ଡିଏସ୍‌ପି, ୫ ଇନ୍‌ସ୍ପେକ୍ଟର, ୧୦୦ ଅଫିସର ଓ ୧୭୦ ହୋମ୍‌ଗାର୍ଡ ନିୟୋଜିତ ହୋଇଥିବା ନେମାଳ ଥାନା ପକ୍ଷରୁ ସୂଚନା ଦିଆଯାଇଛି।

**ପ୍ରସ୍ତୁତି ସମୀକ୍ଷା କଲେ ବିଧାୟକ, ଉପଜିଲାପାଳ ଓ ତହସିଲଦାର**



ତେବେ ରାଜ୍ୟ ଓ ରାଜ୍ୟ ବାହାରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ନିମିତ୍ତ ଜିଲା ପ୍ରଶାସନ ତରଫରୁ ଯୋଗାଇ ଦିଆଯିବାକୁ ଥିବା କାରପାସ୍ ଓ ଭିଆଇପି ପାସ୍ ବଣ୍ଟନରେ ସ୍ୱଚ୍ଛତା ରହୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯାତ୍ରା ପାଇଁ ଚିତ୍ରୋତ୍ପଳା ବାଲିମେଳା ପଡ଼ିଆରେ ପାନୀୟ ଜଳ ଯୋଗାଣ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲାବେଳେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଅଂଶୁଘାତର ଭୟ ଦେଖାଦେଇଛି। ସେହିପରି କାଳବୈଶାଖୀ ପାଇଁ ବାଲିଯାତ୍ରା ପଡ଼ିଆରେ କୌଣସି ଅସ୍ଥାୟୀ ଟେଣ୍ଟ କରାଯାଇ ନ ଥିବାରୁ ଶ୍ରଦ୍ଧାଳୁ ଆବଶ୍ୟକୀୟ ସହାୟତାରୁ ବଞ୍ଚିତ ହୋଇପାରନ୍ତି ବୋଲି ଆଶଙ୍କା ପ୍ରକାଶ ପାଇଛି। ବାଲିଯାତ୍ରା ମହୋତ୍ସବ ଚଳିତ ବର୍ଷ ତିନି ଦିନ ବଦଳରେ ପାଞ୍ଚ ଦିନ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ଚିତ୍ରୋତ୍ପଳା ବାଲିମେଳା ପଡ଼ିଆରେ ୭୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀଙ୍କୁ ପ୍ରଶାସନ ତରଫରୁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରାଯାଇ ପ୍ରଦାନ କରାଯାଇଥିଲା ବେଳେ ସେବାୟତଙ୍କୁ ସ୍ୱତନ୍ତ୍ର ପରିଚୟ ପତ୍ର ଓ ଭିଆଇପିଙ୍କୁ ପାସ୍ ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି।

# ବିଦାୟୀ ଉପଜିଲାପାଳଙ୍କୁ ସମ୍ବର୍ଦ୍ଧନା

**ଆଠଗଡ,୨।୬ (ସ୍ୱ.ପ୍ର.)**

ଆଠଗଡ ଉପଜିଲାପାଳ ହେମନ୍ତ କୁମାର ସ୍ୱାଇଁ ଚାକିରରୁ ଅବସର ଗ୍ରହଣ କରିଛନ୍ତି। ଉପଜିଲାପାଳ ସ୍ୱାଇଁଙ୍କ ସମେତ ଆଠଗଡ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଲେଖ ଚନ୍ଦ୍ର ଦାସ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ସାହୁ, ଉପଜିଲାପାଳଙ୍କ ଉପବିଭାଗ ଅଧିକାରୀ ପ୍ରଫୁଲ୍ଲ କୁମାର ମହାନ୍ତି, ଗାଡିଚାଳକ ହାଡିବନ୍ଧୁ ତରାସିଆ ପ୍ରମୁଖ ମଧ ଅବସର ଗ୍ରହଣ କରିଛନ୍ତି। ଏଥିସହ ଆଠଗଡ ବ୍ଲକର ୩ ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦେବତା, ପ୍ରଭାକର ଜେନା, ଜୟନ୍ତ ନାୟକ ପ୍ରମୁଖ ଅବସର ଗ୍ରହଣ କରିଛନ୍ତି। ଏନେଇ ଆଠଗଡ଼ ଉପଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଆଠଗଡ ଉପଖଣ୍ଡ ନାଗରିକ ମଞ୍ଚ ପକ୍ଷରୁ ଏକ ବିଦାୟୀକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ତଥା ଭାରପ୍ରାପ୍ତ ଉପଜିଲାପାଳ ଦୀପ୍ତିମୟୀ ବେହେରା ଏଥିରେ ଅଧକ୍ଷତା କରିଥିଲେ। ସଭାରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ବିଶିଷ୍ଟ ସାହିତ୍ୟକ ପ୍ରଫେସର ଡ. ନାରାୟଣ ପଣ୍ଡା, କଟକ ଜିଲା ପରିଷଦ ଅଧକ୍ଷ କିଶୋର ଚନ୍ଦ୍ର ମିଶ୍ର, ବଡମ୍ବା ବ୍ଲକ ଅଧକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବିନ୍ଦ୍ର ସାହୁ,ଆଠଗଡ ଏନଏସି ଅଧକ୍ଷା ସସ୍ମିତା ରାଉତ, ଅତିରିକ୍ତ ଜିଲାପାଳ ଶିବ ଟୋପୋ,କଟକ ସଦର ଉପଜିଲାପାଳ କମଳଜିତ୍, ଅତିରିକ୍ତ ଉପଜିଲାପାଳ ଆଲୋକ ଦେହୁରୀ, ଆଠଗଡ ତହସିଲଦାର ପ୍ରିୟବ୍ରତ ଦାସ ପ୍ରମୁଖ ଯୋଗଦେଇଥିଲେ। ସ୍ୱାଇଁଙ୍କ କାର୍ଯ୍ୟକାଳ ସମୟରେ ଆଠଗଡ଼ରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହୋଇଥିବା ନେଇ ସଭାରେ ଆଲୋଚନାହୋଇଥିଲା। ଏହି ଅବସରରେ ଅବରୋଧ, ଅବକାଶ ଓ ଅବସର'ନାମକ ପୁସ୍ତକର ଉନ୍ମୋଚନ ହୋଇଥିଲା।

# ୧୪ରୁ ୩ ଦିନିଆ 'ଦି ଗ୍ରାଣ୍ଡ ରଜ କାର୍ନିଭାଲ୍'




**ଭୁବନେଶ୍ୱର,୨।୬**

ରାଜ୍ୟର ସର୍ବବୃହତ୍ ଜଳକ୍ରୀଡ଼ା କ୍ଷେତ୍ର 'ୱାଣ୍ଡର ୱାର୍ଲଡ' ୱାଟର ପାର୍କ ଆଣ୍ଡ ରେସର୍ଟ ପକ୍ଷରୁ ଏକ ୩ ଦିନିଆ ରଜ ମହୋତ୍ସବ 'ଦି ଗ୍ରାଣ୍ଡ ରଜ କାର୍ନିଭାଲ୍' ର ଆୟୋଜନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ଥରର ରଜପର୍ବକୁ ନିଆରା ଢଙ୍ଗରେ ପୁରୀ ମାଳତିପାଟପୁରସ୍ଥିତ ୱାଣ୍ଡର ୱାର୍ଲଡ ୱାଟର ପାର୍କଠାରେ ପାଳନ କରାଯିବ। ସୂଚନାଯୋଗ୍ୟ , ଜୁନ୍ ୧୪ରୁ ୧୬ ପର୍ଯ୍ୟନ୍ତ 'ଦି ଗ୍ରାଣ୍ଡ ରଜ କାର୍ନିଭାଲ୍' ପାର୍କ ପରିସରରେ ପାଳନ ହେବ। ଏ ନେଇ ଶୁକ୍ରବାର 'ୱାଣ୍ଡର ୱାର୍ଲଡ' ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୱାଣ୍ଡର ୱାର୍ଲଡର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ନାରାୟଣ ପାତ୍ର 'ଦି ଗ୍ରାଣ୍ଡ ରଜ କାର୍ନିଭାଲ୍' ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷରେ ଚଳିତ ଥରର ରଜ ମହୋତ୍ସବ ସ୍ୱତନ୍ତ୍ର ଭାବେ ଓଡ଼ିଆ ପାରମ୍ପରିକ ପିଠାପଣା ସହ ରଜପାନ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଦହିବରା, ଆଳୁଦମ୍, ଗୁପ୍‌ଚୁପ୍, ଝାଲମୁଢ଼ି ସାଙ୍ଗକୁ ପୋଡ଼ପିଠା, ଚକୁଳି, କାକରା ପରି ୧୦ ପ୍ରକାର ପିଠା ସହ ଅନ୍‌ଲିମିଟେଡ୍ ୱାଟର ରାଇଡ୍ ସହ ଡ୍ୟାନ୍ସ, ଡିଜେ ମ୍ୟୁଜିକ୍, ସେଲ୍‌ଫି ପଏଣ୍ଟ ଓ ଫୁଡ୍ ଫେଷ୍ଟିଭାଲ୍ ଆୟୋଜନ କରାଯାଉଛି। ଏପରିକି ରଜ କୁଇନ୍ କଣ୍ଟେଷ୍ଟ ମାଧ୍ୟମରେ ଯେଉଁ ମହିଳାମାନେ ପାଣି ସହ ଗିଲ୍-ଫଟୋ କ୍ଲିକ୍ କରି ପୋଷ୍ଟ କରିବେ, ସେମାନେ ପ୍ରତ୍ୟେକ ଦିନ ୩ଟି ମାଗଣା ଟିକେଟ୍ ଜିତିବାର ସୁଯୋଗ ପାଇବେ। ଓଡ଼ିଶାର ଗଣପର୍ବ ରଜକୁ ନିଆରା ଭାବେ ୱାଟର ପାର୍କ ପରିସରରେ ଆୟୋଜନ କରାଯାଉଛି। ବିଶେଷ କରି ମହୋତ୍ସବର ଏକ ସୁନ୍ଦର ଅନୁଭୂତି ସାଉଁଟିବାକୁ ଡ. ପାତ୍ର ସମସ୍ତଙ୍କୁ ଆମନ୍ତ୍ରଣ କରିଛନ୍ତି। ଉକ୍ତ ସମ୍ମିଳନୀରେ ୱାଣ୍ଡର ୱାର୍ଲ୍ଡର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପାତ୍ରଙ୍କ ସମେତ ୱାଟର ୱାର୍ଲ୍ଡର ଉପସଭାପତି ବିଭୁତେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ରାଧାରମଣ ନାୟକ, ଆସୋସିଏଟ୍ ପିଆର୍ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସହର ପାଇଁ ୮୫୪ ପ୍ରକଳ୍ପ ଅନୁମୋଦନ

**ୱାର୍ଡରେ ଖର୍ଚ୍ଚ ହେବ ୮୧ କୋଟି**

**କଟକ ଅଫିସ,୨।୬**

କଟକ ମହାନଗର ନିଗମ (ସିଏମ୍‌ସି)ର ୫୯ଟି ୱାର୍ଡରେ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନାରେ ୮୫୪ଟି ପ୍ରକଳ୍ପ କାର୍ଯ୍ୟ କରାଯିବ। ଏଥିପାଇଁ ୮୧ କୋଟି ଟଙ୍କା ବ୍ୟୟ କରାଯିବ। ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ଏକ ଆଭାସୀ ବୈଠକରେ କଟକ ସହରରେ ୮୫୪ଟି ପ୍ରକଳ୍ପ କାର୍ଯ୍ୟକୁ ଅନୁମୋଦନ ମିଳିଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଉକ୍ତ କାର୍ଯ୍ୟଗୁଡିକ ଶେଷ କରାଯିବ। ବହୁ କାର୍ଯ୍ୟର ଦାୟିତ୍ୱ ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯିବ। କାର୍ଯ୍ୟରେ ଯେଭଳି ସ୍ୱଚ୍ଛତା ରହିବ ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି। ୱାର୍ଡସ୍ତରୀୟ ପ୍ରସ୍ତାବିତ ପ୍ରକଳ୍ପ ମଧରେ ୫-ଟି ଅଧୀନରେ ବିଦ୍ୟାଳୟ ଉନ୍ନତିକରଣ ବାବଦକୁ ୨୧ ଲକ୍ଷ ଟଙ୍କା, ଶିଶୁ କ୍ରୀଡ଼ା ଉଦ୍ୟାନ ବାବଦକୁ ୫୯ ଲକ୍ଷ, ୮୨ଟି ସ୍ଥାନରେ ସହର ସୌନ୍ଦର୍ଯ୍ୟକରଣ ପାଇଁ ୪୨୯ ଲକ୍ଷ, ୨୫ଟି ସ୍ଥାନରେ ପରିସ୍ରାଗାର ନିର୍ମାଣ ନିମନ୍ତେ ୨୦୮ ଲକ୍ଷ, ୩୨ଟି ଉଦ୍ୟାନ ନିର୍ମାଣ ଲାଗି ୪୨୯ ଲକ୍ଷ, ୧୫ଟି ଗୋଷ୍ଠୀକେନ୍ଦ୍ର ନିମନ୍ତେ ୧୫୯ ଲକ୍ଷ, ୯୦ଟି ଖାଲିସ୍ଥାନ ଉନ୍ନତୀକରଣ ପାଇଁ ୯୫୮ ଲକ୍ଷ, ୫୩୪ ୱାକିଂଟ୍ରାକ ନିର୍ମାଣ ପାଇଁ ୫୦୭୧ ଲକ୍ଷ, ବିଭିନ୍ନ ସ୍ଥାନରେ ଚାରାରୋପଣ ବାବଦରେ ୪ ଲକ୍ଷ, ୧୨ଟି ଖେଳପଡ଼ିଆ ଉନ୍ନତୀକରଣ ବାବଦକୁ ୧୩୦ ଲକ୍ଷ, ୨୧ ସ୍ଥାନରେ ଖୋଲା ବ୍ୟାୟାମଶାଳା ବାବଦକୁ ୨୫୧ ଲକ୍ଷ ଏବଂ ୨୨ଟି ଭେଣ୍ଡିଂଜୋନ୍ ବାବଦକୁ ୨୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇ ଅନୁମୋଦନ ମିଳିଛି।

# ପାଚିକା, ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦାବି



ସଭାରେ ସଂଘ ସଭାପତି ରାଜକିଶୋର ମଲ୍ଲିକ ବକ୍ତବ୍ୟ ଦେଉଛନ୍ତି।

**କଟକ ଅଫିସ, ୨।୬**

ଏଆଇୟୁଟିୟୁସି ସହବନ୍ଧିତ ବିଦ୍ୟାଳୟ ପାଚିକା, ସହାୟିକା ସଂଘ ପକ୍ଷରୁ ପାଚିକା, ସହାୟିକାମାନଙ୍କ ଏକ ସଭା ଶୁକ୍ରବାର କଟକସ୍ଥିତ ଗାନ୍ଧୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ରାଜକିଶୋର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇୟୁଟିୟୁସି ଜିଲା କୋଷାଧକ୍ଷ ଖଗେଶ୍ୱର ସେଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଓ ମାସିକ ସର୍ବନିମ୍ନ ୨୬ ହଜାର ଟଙ୍କା ପ୍ରଦାନ କରିବାକୁ ଦାବି କରିଥିଲେ। ଏଥିସହ ନିର୍ଦ୍ଧାରିତ କାମ ଛଡା ସ୍କୁଲରେ ଅନ୍ୟାନ୍ୟ କାମରେ ନିୟୋଜିତ ବନ୍ଦ କରିବା, ବକେୟା ପାରିଶ୍ରମିକ ପ୍ରଦାନ, ସ୍କୁଲ ବନ୍ଦ ଓ ମିଶ୍ରଣ ଫଳରେ ବାଦ ପଡିଥିବା ପାଚିକାଙ୍କୁ ଅନ୍ୟତ୍ର ନିଯୁକ୍ତି, ୧୨ ମାସର ପାରିଶ୍ରମିକ ପ୍ରଦାନ କରିବାକୁ ଦାବି କରିଥିଲେ। ଏ ସବୁ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବାକୁ ସଭାରେ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ସଭାରେ ସଂଘ ସମ୍ପାଦିକା ସ୍ୱାଧୀନ ବେହେରା, ସଙ୍ଗଠିକା ସିପ୍ରା ମହାନ୍ତି ଓ ଲାବନ୍ୟପ୍ରଭା ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ରଥଯାତ୍ରା ପାଇଁ ରଥଖଳା ଚଳଚଞ୍ଚଳ

- ଦଧିବାମନ ଜୀଉଙ୍କ ରଥକୁ ଉଠିଲା ଚାରି ନାହାକା
- ବ୍ରହ୍ମକ୍ଷେତ୍ରରେ ଚକଡେରା ଆରମ୍ଭ

**ନିଶ୍ଚିନ୍ତକୋଇଲି,୨।୬ (ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ପ୍ରସିଦ୍ଧ ବ୍ରହ୍ମକ୍ଷେତ୍ର ପୀଠ ଓ ଅସୁରେଶ୍ୱର ଦଧିବାମନ ଜୀଉଙ୍କ ପୀଠରେ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ରଥ ଖଳାରେ ମହାରଣାମାନେ ପାରମ୍ପରିକ ରୀତିନୀତି ଅନୁଯାୟୀ, ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଦଧିବାମନ ଜୀଉଙ୍କର ରଥ ଚାରି ନାହାକା ଉଠିଥିବାବେଳେ ବ୍ରହ୍ମକ୍ଷେତ୍ରରେ ଚକଡେରା କାର୍ଯ୍ୟ ଆରମ୍ଭ ହୋଇଛି। ଅସୁରେଶ୍ୱର ପଞ୍ଚାୟତ କୋଇଲୋ ଗ୍ରାମର ଆରାଧ ଦେବତା ପ୍ରଭୁ ଶ୍ରୀ ଦଧିବାମନ ଜୀଉଙ୍କ ରଥଯାତ୍ରା ନିମନ୍ତେ ପରମ୍ପରା ଅନୁଯାୟୀ ପବିତ୍ର ଅକ୍ଷୟ ତୃତୀୟ ଦିବସରେ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯାଇଥିଲା। ସେବେଠାରୁ ଦ୍ରୁତ ଗତିରେ ରଥ ନିର୍ମାଣ କାର୍ଯ୍ୟ କରାଯାଇ ଆସୁଥିଲା।

ପ୍ରଥମେ ରଥର ଅଖ ଓ ପରେ ଚକ ପ୍ରସ୍ତୁତ କରାଯାଇଥିଲା। ଉଭୟ ଚକ ଓ ଅଖକୁ ସଂଯୋଗ କରାଯାଇଥିଲା। ଜୁନ୍ ୨୦ରେ ମହାପ୍ରଭୁ ଦଧିବାମନ ଜୀଉଙ୍କ ଶ୍ରୀ ଗୁଣ୍ଡିଚା ଯାତ୍ରା ପଡୁଥିବା କାରଣରୁ ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ମହାରାଣୀ, ଚକ୍ରଧର ମହାରଣା ଓ ମିସ୍ତ୍ରି ରବୀନ୍ଦ୍ର କୁମାର ମହାରଣାଙ୍କ ତତ୍ତ୍ୱାବଧାନରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଗୁରୁବାର ଚାରି ନାହାକା କାର୍ଯ୍ୟ ସମ୍ପନ୍ନ ହୋଇଛି। ଏହାପରେ ଛତ୍ରୀ ଚଢ଼ାଯିବ। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ରଥ କାର୍ଯ୍ୟରେ ଲାଗୁଥିବା ସମସ୍ତ କାଠକୁ ସୁରକ୍ଷିତ ଭାବେ ରଖାଯାଇଥାଏ। ଆବଶ୍ୟକ ସ୍ଥଳେ ପୁରୁଣା ରଥ କାଠଗୁଡ଼ିକୁ ପରିବର୍ତ୍ତନ କରାଯାଇଥାଏ। ଏହି ରଥ ନିର୍ମାଣ କାର୍ଯ୍ୟରେ ୧୦ ଜଣରୁ ଅଧିକ କାରିଗର ଲାଗିଥିବାର ଜଣାଯାଇଛି।


ଅସୁରେଶ୍ୱରସ୍ଥିତ ଦଧିବାମନ ଜୀଉଙ୍କ ପୀଠରେ ରଥ କାର୍ଯ୍ୟ ଚାଲିଛି।

ସେହିଭଳି ଜିମ୍ପିପୁର ବ୍ରହ୍ମକ୍ଷେତ୍ରରେ ବଳଦେବ ଜୀଉଙ୍କ ରଥ ଖଳାରେ ମୁଖ୍ୟ ମହାରଣା ଧ୍ରୁବଚରଣ ମହାରଣାଙ୍କ ନେତୃତ୍ୱରେ ପ୍ରାୟ ୫ ଜଣ ଦକ୍ଷ ଓ ଅଭିଜ୍ଞ ମହାରଣାଙ୍କ ତତ୍ତ୍ୱାବଧାନରେ ୧୮ ଜଣ ସେବାୟତ ରଥ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ୨୫ ଫୁଟ ଉଚ୍ଚତା ବିଶିଷ୍ଟ ଏହି ରଥରେ ୧୨ଟି ଚକ ଲାଗିଥାଏ। ଚଳିତ ବର୍ଷ ଚକଗୁଡ଼ିକ ନୂତନ ଭାବେ ତିଆରି କରାଯାଉଥିବାରୁ ରଥ ନିର୍ମାଣ ସାମାନ୍ୟ ବିଳମ୍ବ ହୋଇଛି। ଏହାସତ୍ତ୍ୱେ ଠିକ୍ ସମୟରେ ରଥ ନିର୍ମାଣ ଶେଷ ହେବ ବୋଲି ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ଧୀରେନ୍ଦ୍ରନାଥ ବେହେରା ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜାତୀୟ ମେଧାବୃତ୍ତି ପୁରସ୍କାର ପାଇବେ ଅଶ୍ଳେଷା ସ୍ୱାଇଁ



ବୋଲଗଡ଼,୨।୬(ଡି.ଏନ୍.ଏ.): ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତ ଚୁଡ଼ା ଗ୍ରାମର ଓଡ଼ିଶୀ ନୃତ୍ୟଶିଳ୍ପୀ ଅଶ୍ଳେଷା ସ୍ୱାଇଁ ଜାତୀୟ ମେଧାବୃତ୍ତି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଜାତୀୟସ୍ତରରେ ପାରମ୍ପରିକ ସଙ୍ଗୀତ, ନୃତ୍ୟ, ଡ୍ରାମା ସହିତ ଚିତ୍ରକଳା, ସ୍ଥାପତ୍ୟ ହସ୍ତକଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରତିଭାସମ୍ପନ୍ନ ୧୦ରୁ ୧୪ବର୍ଷ ବାଳିକାବାଳକଙ୍କୁ ସେମାନଙ୍କ ପ୍ରଦର୍ଶନ ଭିତ୍ତିରେ ମନୋନୀତ କରି ନିଜ ଦକ୍ଷତା ବିକାଶ ପାଇଁ ମାସିକ ବୃତ୍ତି ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଓଡ଼ିଶୀ ନୃତ୍ୟରେ ୨୨ଜଣ ଏହି ବୃତ୍ତି ପାଇଁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଚୁଡ଼ା ଗ୍ରାମର ଅଶ୍ଲେସା ନିଜର ପ୍ରତିଭା ପ୍ରଦର୍ଶନ କରି ଏଥିରେ ସାମିଲ ହୋଇଛନ୍ତି। ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିରରେ ୮ମ ଶ୍ରେଣୀରେ ପଢୁଥିବା ଅଶ୍ଲେସା ଗୁରୁ ସତ୍ୟବାନ ପଶ୍ଚିମକବାଟଙ୍କ ତତ୍ତ୍ୱାବଧାନରେ ନୃତ୍ୟ ଶିକ୍ଷା କରିବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରି ବହୁ ପୁରସ୍କାର ପାଇଛନ୍ତି। ତେବେ ଅଶ୍ଲସାଙ୍କୁ ଏହି ଜାତୀୟ ମେଧା ବୃତ୍ତି ନିଜ ଦକ୍ଷତା ବୃଦ୍ଧିରେ ସହାୟକ ହେବ।

# ସ୍ନାନଯାତ୍ରା ପାଇଁ ଶ୍ରୀମନ୍ଦିରରେ ପହଞ୍ଚିଲା ସୂତାଲୁଗା

ଖୋର୍ଦ୍ଧା ଅଫିସ,୨।୬

ଆସନ୍ତା ୪ ତାରିଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦେବସ୍ନାନ ପୂର୍ଣ୍ଣିମା ଓ ୨୦ରେ ଘୋଷଯାତ୍ରା। ଏଥିପାଇଁ ଚଳଚଞ୍ଚଳ ଶ୍ରୀକ୍ଷେତ୍ର। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାର ପରିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲାଗି ପାଟବସ୍ତ୍ର ଓ ସୂତାଲୁଗା ପ୍ରସ୍ତୁତିରେ ଲାଗିଛନ୍ତି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଗୁରୁବାର ସୁଦ୍ଧା ପ୍ରାୟ ୮୦ ପ୍ରତିଶତ କାମ ସରିଥିବା ବରିଷ୍ଠ ବୁଣାକାର ଗୋପୀନାଥ ଦାସ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦେବସ୍ନାନ ପୂର୍ଣ୍ଣମୀ ଓ ଅଣସର ଲାଗି ସୂତାଲୁଗା ଶ୍ରୀମନ୍ଦିରରେ ଜିମା ଦିଆଯାଇଛି। ଦେବସ୍ନାନ ପୂର୍ଣ୍ଣମୀ ୧୦୮ ଗରାବଡୁ ଜଳ ପାଇଁ ଗାମୁଛା, ୩୦ରୁ ୩୫ ପ୍ରକାର ଲୁଗା ଯଥା ନେତଫୁଟା, ବୋଇରାଣୀ, ପତନୀ, ଟଣାଖୋସା, ମଲମଲ, ଶ୍ରୀମୁଖ ଓଡା, ଗଦିଫୁଟା, ଅଧର ଗାମୁଛା, ନେତଖଂଶୁଆ, ସାନଟଣା ଓ ବଡଟଣା ଖସା, ୧୨ ଓ ୧୬ଗଡା ଲୁଗା ଆଦି ବସ୍ତ୍ର ରହିଛି। ଅଣସରରୁ ସୁସ୍ଥ ହେବା ପରେ ଶ୍ରୀବିଗ୍ରହ ଗୀତଗୋବିନ୍ଦ ପାଟ ପରିଧାନ କରିବେ। ଚଳିତବର୍ଷ ରେଶମ ପୋକ ନ ମାରି ନୂତନ ପଦ୍ଧତିରେ ପ୍ରସ୍ତୁତ ସାତ୍ତ୍ୱିକ ପାଟ ଗୋଟିଏ ସେଟ୍ ଗୀତଗୋବିନ୍ଦ ପାଟ ଯାଇଛି।



### ସୂତା ବୁଣୁଛନ୍ତି ୯୫ ବର୍ଷୀୟ ଆସେଳି ଦାସ



୯୫ ବର୍ଷ ବୟସରେ ବି ଆସେଳି ଦାସ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ଶ୍ରୀଜଗନ୍ନାଥଙ୍କ ପାଇଁ ସୂତା ବୁଣୁଛନ୍ତି। ସ୍ୱାମୀ ମଧୁସୂଦନଙ୍କ ବିୟୋଗ ପରେ ପରିବାରର ପୁଅ, ନାତି, ନାତୁଣୀଙ୍କ ସହ ମିଶି ମହାପ୍ରଭୁଙ୍କ ଏହି ସେବାରେ ଲାଗିଛନ୍ତି। ସକାଳୁ ଉଠିବା ପରେ ଠାକୁର ପୂଜା ସାରି ସକାଳ ୮ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ସୂତା ବୁଣିବାରେ ଆସେଳି ବ୍ୟସ୍ତ ରହିଥାନ୍ତି। ଗୋଟିଏ ଲକ୍ଷ୍ୟ ମହାପ୍ରଭୁଙ୍କ ଲାଗି ସୂତାଲୁଗା ବୁଣିବେ। ବୟସାଧିକ ଯୋଗୁ ଚାଲିବୁଲି ପାରୁନାହାନ୍ତି। ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ମଧ ଯାଇପାରୁନାହାନ୍ତି। ତଥାପି ଦୀର୍ଘ ବର୍ଷ ହେବ ଗୋଟିଏ ଦିନ ବି ସେ ଏହି କାର୍ଯ୍ୟରୁ ବିରତି ନେଇନଥିବା କହିଛନ୍ତି ପୁଅ ଗୋପୀନାଥ। ଅନ୍ୟପକ୍ଷରେ ଆସେଳି କହିଛନ୍ତି, ପିଲାମାନେ ଲୁଗା ବୁଣୁଛନ୍ତି, ମୁଁ ତାଙ୍କୁ ସୂତା ବୁଣି ଯୋଗାଉଛି। ମହାପ୍ରଭୁଙ୍କ ନାମ ସ୍ମରଣ କରି ଜୀବନ ଅତିବାହିତ ହୋଇଯାଉଛି।

### ଗୀତଗୋବିନ୍ଦ ପାଟ ବୁଣିବାରେ ଆନନ୍ଦ ମିଳେ

ଚଳିତବର୍ଷ ନୂତନ ପଦ୍ଧତିରେ ରେଶମ ପୋକ ନ ମାରି ପାଟବସ୍ତ୍ର ବୁଣା ଚାଲିଛି। ଗୋଟିଏ ସେଟ୍ ଶ୍ରୀମନ୍ଦିରକୁ ପଠାଯାଇଛି। ଅନ୍ୟ ବସ୍ତ୍ର ବୁଣା ଚାଲିଛି। ଗୀତଗୋବିନ୍ଦ ପାଟ ବୁଣିବା ବେଳେ ଏକ ଅପୂର୍ବ ଆନନ୍ଦ ମିଳେ ବୋଲି ବୁଣାକାର ଅଶୋକ ଦାସ କହିଛନ୍ତି। ୩ ରଙ୍ଗର ଚେହେଲି ପାଟ, ବଡସିଂହାର ଲାଗି ଗୀତଗୋବିନ୍ଦ ପାଟ, ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ, ବଡସିଂହାର ବେଶ ଲାଗି ଗୀତଗୋବିନ୍ଦ ଲେଖାଥିବା ଗୀତଗୋବିନ୍ଦ ପାଟ ପ୍ରସ୍ତୁତି ଚାଲିଛି।

### ବାପାଙ୍କ ପରେ ପରିବାର ଲାଗିଛନ୍ତି

ଗୋପୀନାଥ କୁହନ୍ତି, ବାପା ମଧୁସୂଦନ ଦାସ ୧୯୯୩ ମସିହାରେ ଏହି ସେବା ପାଇଥିଲେ। ସେବେଠାରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣି ଲାଗି ସୂତାଲୁଗା ଓ ପାଟବସ୍ତ୍ର ଯୋଗାଇଆସୁଛୁ। ସରସ୍ୱତୀ ପୂଜାରେ ମହାପ୍ରଭୁଙ୍କ ଘୋଷଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଥିଲା। ଏହି ଦିନ ପୂଜାର୍ଚ୍ଚନା ପୂର୍ବକ ମହାପ୍ରଭୁଙ୍କ ସେବାରେ ଲାଗି ପଡ଼ନ୍ତି ପରିବାର। ଅକ୍ଷୟତୃତୀୟାଠାରୁ ଚାଲିଥାଏ ପାଟବସ୍ତ୍ର ଓ ସୂତାଲୁଗା ବୁଣାକାମ। ଗତ ୩୦ବର୍ଷ ଧରି ଏହି ପାଟବସ୍ତ୍ର ଓ ସୂତାଲୁଗା ଯୋଗାଇ ଆସୁଛୁ। ବର୍ଷକୁ ୩ଟି ପର୍ଯ୍ୟାୟରେ ସୂତା ଓ ବସ୍ତ୍ର ଶ୍ରୀମନ୍ଦିରକୁ ଯାଇଥାଏ। ଏହି ସେବାରେ ରାମଚନ୍ଦ୍ର ଦାସ, ଭଗବାନ ଦାସ ଓ ଗୋବିନ୍ଦ ଚନ୍ଦ୍ର ଦାସ, କୈଳାସ ଚନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ଅଶୋକ ଦାସ, ନିମାଇଁ ଚରଣ କୁଣ୍ଡୁ, କାର୍ତ୍ତିକେଶ୍ୱର ପାତ୍ରଙ୍କ ସମେତ ୨୨ ପରିବାର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି।

### ସେବାରେ ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର



ମହାପ୍ରଭୁଙ୍କ ଅନନ୍ୟ ସେବକ ହେଉଛନ୍ତି ରାଉତପଡ଼ାର ବୁଣାକାର ଦିବ୍ୟାଙ୍ଗ କାର୍ତ୍ତିକେଶ୍ୱର ପାତ୍ର। ନିଷ୍ଠାର ସହ ବୁଣାକାମରେ ଲାଗିଛନ୍ତି। ୧୫ବର୍ଷ ବୟସରେ ସେ ମହାପ୍ରଭୁଙ୍କ ଲାଗି ପାଟବସ୍ତ୍ର ବୁଣିବା ଆରମ୍ଭ କରିଥିଲେ। ବଡ଼ସିଂହାର ବେଶ ଲାଗି ଗୀତଗୋବିନ୍ଦ ଶ୍ଳୋକ ଲେଖାଥିବା ପାଟବସ୍ତ୍ର ବୁଣୁଛନ୍ତି। ଦୀର୍ଘ ୨୦ବର୍ଷ ଧରି ମହାପ୍ରଭୁଙ୍କ ସେବାରେ ସେ ଲାଗିଛନ୍ତି। ଗୀତଗୋବିନ୍ଦ ପାଟବସ୍ତ୍ର ବୁଣିବା ବେଳେ ମହାପ୍ରଭୁଙ୍କୁ ଅନୁଭବ କରିଥାଏ ବୋଲି କାର୍ତ୍ତିକେଶ୍ୱର କହିଛନ୍ତି। ମୋ ହାତ ଲୁଗା ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗୁଥିବାରୁ ଆନନ୍ଦ ମିଳିଥାଏ ବୋଲି ସେ କହିଛନ୍ତି।

### ବେପାରୀଙ୍କୁ ହାଣି ସୁନାରୁପା ଅଳଙ୍କାର ନେଇଗଲେ

ନିରାକାରପୁର,୨।୬(ଡି.ଏନ୍.ଏ.)

ନିରାକାରପୁର ଥାନା ଡିଆ ପଞ୍ଚାୟତ ଅନ୍ତର୍ଗତ ନିରାକାରପୁର-ଭୂଷଣ୍ଡପୁର ମୁଖ୍ୟ ରାସ୍ତା କୋଲସାହି ଗ୍ରାମ ନିକଟରେ ଶୁକ୍ରବାର ଜଣେ ବେପାରୀଙ୍କୁ ଭୁଜାଲିରେ ହାଣି ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଦୁର୍ବୃତ୍ତମାନେ ଲୁଟିନେଇ ଫେରାର ହୋଇଯାଇଛନ୍ତି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ମୁତାବକ, ବେପାରୀ ଜଣଙ୍କ ସବୁଦିନ ଭଳି ଶୁକ୍ରବାର ମଧ ସ୍କୁଟିରେ ବ୍ୟବସାୟ କରିବାକୁ ଯାଉଥିବା ବେଳେ ଦୁର୍ବୃତ୍ତମାନେ ଏକ ବାଇକରେ ଆସି ହଠାତ୍ ତାଙ୍କୁ ଅଟକାଇଥିଲେ। ପରେ ଭୁଜାଲିରେ ତାଙ୍କ ହାତକୁ ହାଣିବାରୁ ସେ ଖସିପଡିଥିଲେ। ଏପରିକି ଦୁର୍ବୃତ୍ତମାନେ ତାଙ୍କୁ ବାଡେଇଥିଲେ। ଲୋକେ ପହଞ୍ଚିବା ପୂର୍ବରୁ ସୁନାରୁପା ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ତେବେ ଉକ୍ତ ବ୍ୟବସାୟୀ ଜଣଙ୍କ ପୂର୍ବରୁ ଗ୍ରାମରେ ହାଣ୍ଡି, ମାଠିଆ ବେପାର କରୁଥିବା ବେଳେ ଏତେ ସୁନାରୁପା ଅଳଙ୍କାର କେଉଁଠୁ ଆଣିଲେ ଏବଂ ଏହି ବ୍ୟବସାୟ କରିବା ପାଇଁ ସେ ସରକାରୀ ସ୍ତରରେ ସାର୍ଟିଫିକେଟ ପାଇଛନ୍ତି କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ କହିଛନ୍ତି, ସୁନାରୁପା ଅଳଙ୍କାର ଲୁଟ୍ ନେଇ କୌଣସି ଅଭିଯୋଗ ହୋଇ ନାହିଁ। ତଥାପି ଉକ୍ତ ବେପାରୀଙ୍କୁ ଡକାଇଛି ବୋଲି ସେ କହିଛନ୍ତି।

### ପ୍ରହ୍ଲାଦ ସାହୁଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୨।୬:** ଭାରତୀୟ ବାୟୁସେନାର ଅବସରପ୍ରାପ୍ତ ଫ୍ଲାଇଙ୍ଗ୍ ଅଫିସର ପ୍ରହ୍ଲାଦ ସାହୁଙ୍କ ପ୍ରଥମ ବାର୍ଷିକ ସ୍ମୃତିସଭା ସ୍ଥାନୀୟ ବିଡିଏ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ବରିଷ୍ଠ ନାଗରିକ ମଞ୍ଚର ସଭାପତି ସତ୍ୟବାଦୀ ବଳିୟାରସିଂ, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି, ଉପାଧ୍ୟକ୍ଷ ଶୌର୍ଯ୍ୟରଞ୍ଜନ ମହାନ୍ତି, ପୂର୍ବତନ ଏସ୍‌ପି ଦେବପ୍ରସାଦ ମଜୁମଦାର, ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ବିଦ୍ୟାଧର ଲେଙ୍କା, ଶିବପ୍ରସାଦ ମଜୁମଦାର, ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଉଦ୍ୟୋକ୍ତା ପ୍ରମୋଦ କୁମାର ପୃଷ୍ଟି, ଉଲ୍ଲାସ ପୃଷ୍ଟି, ବିଭୁପ୍ରସାଦ ସାହୁ, ଖୋର୍ଦ୍ଧା ରୋଟାରୀ କ୍ଲବର ସଦସ୍ୟମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱର୍ଗତ ସାହୁ ଜଣେ ସରଳ, ମିଷ୍ଟଭାଷୀ ମଣିଷ ଭାବେ ସମସ୍ତଙ୍କର ପ୍ରିୟ ଥିଲେ। ବାୟୁସେନାରୁ ଅବସର ଗ୍ରହଣ କରି ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ସାହୁଙ୍କ ସହଧର୍ମିଣୀ ଇନ୍ଦୁମତୀ ସାହୁ, ପୁତ୍ର ଡ.ସୁଶୀଲ କୁମାର ସାହୁ, କନ୍ୟା ବବି ଓ ବେବି ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ।




ମହିଳା କୁସ୍ତି ଯୋଦ୍ଧାଙ୍କୁ ନ୍ୟାୟ ଦାବିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଗୁନିଆ ନିର୍ବାଚନମଣ୍ଡଳୀ ଏଏପି କର୍ମକର୍ତ୍ତା ଏବଂ ଅନ୍ୟମାନେ।

### ଏମ୍‌ପି ବ୍ରିଜ୍‌ଭୂଷଣଙ୍କ ଗିରଫ ଦାବି କଲା ଏଏପି

ବେଗୁନିଆ,୨।୬(ଡି.ଏନ୍.ଏ.)

ଭାଜପା ଏମ୍‌ପି ତଥା ଭାରତୀୟ କୁସ୍ତି ମହାସଂଘ ଅଧ୍ୟକ୍ଷ ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ବିରୋଧରେ ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣି ମହିଳା କୁସ୍ତି ଯୋଦ୍ଧାମାନେ ଆନ୍ଦୋଳନ ଚଳାଇଛନ୍ତି। ତେବେ ବ୍ରିଜ୍‌ଭୂଷଣଙ୍କୁ ଗିରଫ ସହ ମହିଳା କୁସ୍ତି ଯୋଦ୍ଧାଙ୍କୁ ନ୍ୟାୟ ପାଇଁ ଦାବି କରିଛି ବେଗୁନିଆ ନିର୍ବାଚନମଣ୍ଡଳୀର ଆମ୍ ଆଦ୍‌ମୀ ପାର୍ଟି(ଏଏପି)। ଦିଲ୍ଲୀ ପୋଲିସର ଅହେତୁକ ଅନୁକମ୍ପା ଓ ପୀଡ଼ିତା କୁସ୍ତିଯୋଦ୍ଧାଙ୍କ ପ୍ରତି ଅଶାଳୀନ ବ୍ୟବହାର ଯୋଗୁ ଆନ୍ଦୋଳନ ଚେତାବନୀ ଦେଇଛି ଏଏପି। ଉକ୍ତ ନିର୍ବାଚନମଣ୍ଡଳୀର ଏଏପି ସଭାପତି କଳ୍ପତରୁ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବାଘମାରୀ ଗ୍ରାମରେ ସଚେତନତା ସୃଷ୍ଟି କରାଯାଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ନାଗରିକ, ବୁଦ୍ଧିଜୀବୀ, ମହିଳା ଓ ଛାତ୍ରୀ ସାମିଲ ହୋଇଥିଲେ।

### ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଡିଓ

ଗମ୍ଭାରୀମୁଣ୍ଡା,୨।୬(ଡି.ଏନ୍.ଏ.)

ବାଣପୁର ବ୍ଲକ ଉନ୍ନୟନ ଅଧିକାରୀ ଶୀତଲ ଅଗ୍ରୱାଲ ଏବଂ ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଦାମିଆବରବରା ଗସ୍ତ କରି ପଞ୍ଚାୟତରେ ହେଉଥିବା ବିଭିନ୍ନ ଜନହିତକର କାର୍ଯ୍ୟର ସମୀକ୍ଷା କରିଛନ୍ତି। କଟୁଆଳ, ବିରଜାଇ, କଦମଖୋଲା, ବାଙ୍କିଆପଲି, ତାଳବୋରେଇ, ମନ୍ଦାର, ରାମପୁର ଗ୍ରାମ ଗସ୍ତ କରି ସେଠାକାର ରାସ୍ତାନିର୍ମାଣ କାର୍ଯ୍ୟ, ପୋଖରୀ ଖନନ ଓ ଅଙ୍ଗନୱାଡି ଗୃହ କାର୍ଯ୍ୟ ଆଦି ବୁଲି ଦେଖିବା ସହ ପଞ୍ଚାୟତ କାର୍ଯ୍ୟାଳୟରେ ସମୀକ୍ଷା କରିଥିଲେ। ଭତ୍ତା ଓ ଖାଦ୍ୟ ସୁରକ୍ଷା ଯୋଜନାର ସଫଳ ରୂପାୟନ ପାଇଁ ଉପାଧ୍ୟକ୍ଷ ମହାରଣା ୱାର୍ଡ ସଭ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ବିଡିଓ ଦାମିଆ ଆଶ୍ରମ ସ୍କୁଲ ପରିଦର୍ଶନ ସହ ବନବିଭାଗ ବିଟ୍ ହାଉସ ପରିଦର୍ଶନ କରିଥିଲେ। ବିଡିଓଙ୍କ ଗସ୍ତ ସମୟରେ ସରପଞ୍ଚ ବୀଣାପାଣି ଷଣ୍ଡ, ସହକାରୀ ଯନ୍ତ୍ରୀ ଆଦ୍ୟାଶା ଦାସ, ଯନ୍ତ୍ରୀ ସୁରେଶ ମଲ୍ଲିକ ଏବଂ ସମସ୍ତ ୱାର୍ଡ ସଭ୍ୟ ଉପସ୍ଥିତ ଥିଲେ।

### ୫ରେ ଖୋର୍ଦ୍ଧା ଜିଲା ମହିଳା କ୍ରିକେଟ ଚୟନ ଶିବିର

ଖୋର୍ଦ୍ଧା ଅଫିସ,୨।୬: ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଥିବା ମହିଳା କ୍ରିକେଟ ଟୁର୍ନାମେଣ୍ଟ ପାଇଁ ଖୋର୍ଦ୍ଧା ଜିଲା ଦଳ ଗଠନ ନିମନ୍ତେ ଆସନ୍ତା ୫ ତାରିଖରେ ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଚୟନ ଶିବିର ଅନୁଷ୍ଠିତ ହେବ। ଇଚ୍ଛୁକ ମହିଳାମାନେ ସେମାନଙ୍କର ବୟସ ପ୍ରମାଣପତ୍ର, ଆବଶ୍ୟକ କ୍ରିକେଟ ସରଞ୍ଜାମ ସହିତ ୫ ତାରିଖ ସକାଳ ୯ଟାରେ ଉକ୍ତ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଉପସ୍ଥିତ ରହିବା ପାଇଁ ଖୋର୍ଦ୍ଧା ଜିଲା କ୍ରିକେଟ ସମ୍ପାଦକ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।

# ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀ ଗିରଫ

ଖୋର୍ଦ୍ଧା ଅଫିସ,୨।୬

**ଯୁବକଙ୍କୁ ଗୁଳିମାଡ଼ ଘଟଣା**
- ବନ୍ଧୁକ, ୨ ଗୁଳି ଜବତ
- ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଥିଲେ

ଖୋର୍ଦ୍ଧା ଆଦର୍ଶ ଥାନା ପାନବରଜ ଛକରେ ବବୁଲ ଓରଫ ଏସ୍.କେ.ସଲିମଙ୍କୁ ଗୁଳିମାଡ଼ ଘଟଣାରେ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଶୁକ୍ରବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଭାଲିଆବାଡିର ଗୁଲୁ ଓରଫ ଅମରେଶ ବେହେରା(୨୫)। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ ଏବଂ ୨ ଗୁଳି ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଉକ୍ତ ଘଟଣାରେ ଅନ୍ୟ କେଉଁମାନଙ୍କ ସମ୍ପୃକ୍ତି ରହିଛି ସେ ନେଇ ତଦନ୍ତ ଜାରି ରହିଛି ବୋଲି ଥାନାଧିକାରୀ ତାରିକ ଅହମ୍ମଦ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପୂର୍ବରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସତ୍ୟ ପ୍ରକାଶ ପ୍ରଧାନ ଓରଫ ରାଣାଙ୍କୁ ପୋଲିସ ଗିରଫ କରିଥିଲା।

ପ୍ରକାଶ ଯେ, ପାନବରଜ ଛକ ଅଙ୍ଗନୱାଡି କେନ୍ଦ୍ର ନିକଟରେ ସବୁଦିନ ପରି ଗତ ୧୫ ତାରିଖ ରାତିରେ ବବୁଲ ଅନ୍ୟମାନଙ୍କ ସହ କଥା ହେଉଥିଲେ। ଏହି ସମୟରେ ରାଣା ଅନ୍ୟ ସହଯୋଗୀଙ୍କ ସହ ଏକ ବାଇକରେ ସେଠାରେ ପହଞ୍ଚିଥିଲେ। କୌଣସି କାରଣକୁ ନେଇ ରାଣା ଓ ବବୁଲଙ୍କ ମଧ୍ୟରେ ବଚସା ହୋଇଥିଲା। ରାଣା ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ପ୍ରଥମ ଗୁଳି ଲକ୍ଷ୍ୟଚ୍ୟୁତ ହୋଇଥିବା ବେଳେ ଅନ୍ୟ ଗୁଳି ବବୁଲଙ୍କ ଡାହାଣ ପଟ ଛାତି ତଳେ ବାଜିଥିଲା। ପରେ ସେଠାରୁ ଅଭିଯୁକ୍ତ ଖସି ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ଫେରାର କରିବାରେ ଗୁଲୁ ସହଯୋଗ କରିଥିଲେ। ବବୁଲଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଖୋର୍ଦ୍ଧା ପରେ ଭୁବନେଶ୍ୱର ଏକ ଘରୋଇ ହସ୍ପିଟାଲକୁ



ଅମରେଶ ବେହେରା

ସ୍ଥାନାନ୍ତର କରାଯାଇଥିଲା। ପୋଲିସ ଘଟଣାସ୍ଥଳରୁ ବାଇକ୍, ଖୋକା ଜବତ କରିଥିଲା। ବବୁଲ ସ୍ତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୩୦୩/୨୩) ରୁଜୁକରି ମୁଖ୍ୟ ଅଭିଯୁକ୍ତ ରାଣାଙ୍କୁ ଗିରଫ କରିଥିଲା। ଶୁକ୍ରବାର ଏସ୍‌ଟିଏଫ ଏବଂ ପୋଲିସ ମିଳିତ ଚଢ଼ାଉ କରି ପିତାପଲୀ ଛକରୁ ଗୁଲୁଙ୍କୁ ବନ୍ଧୁକ ସହ ଧରିଥିଲେ। ଗୁଳିକାଣ୍ଡ ଘଟଣାରେ ସମ୍ପୃକ୍ତି, ମୁଖ୍ୟ ଅଭିଯୁକ୍ତଙ୍କୁ ଖସାଇବାରେ ସହଯୋଗ କରିଥିବା ନେଇ ଗୁଲୁ ପୋଲିସ ଆଗରେ ସ୍ୱୀକାର କରିଥିଲା।

### ଭାଜପା ନଗରମଣ୍ଡଳ କାର୍ଯ୍ୟକାରିଣୀ ବୈଠକ

ଜଟଣୀ,୨।୬(ଡି.ଏନ୍.ଏ.)

ଜଟଣୀ ପୌରାଞ୍ଚଳସ୍ଥିତ ସରାଫ ଧର୍ମଶାଳା ପରିସରରେ ଭାଜପା ଜଟଣୀ ନଗର ମଣ୍ଡଳ ପକ୍ଷରୁ ଏକ ମଣ୍ଡଳସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ନିର୍ଦ୍ଦେଶକ୍ରମେ ନଗର ସଭାପତି ତିରୁପତି ଶତପଥୀଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନଗର ମଣ୍ଡଳର ଭବିଷ୍ୟତ କାର୍ଯ୍ୟ ବିଷୟରେ ଚିଠା ପ୍ରସ୍ତାବ ପାରିତ ହୋଇଥିଲା। ବୈଠକରେ ରାଜ୍ୟ ସଂଯୋଜକ ମହେଶ ମିଶ୍ର, ପ୍ରଶାନ୍ତ ପ୍ରଧାନ, ରଶ୍ମିମୟୀ ପଟ୍ଟନାୟକ, ରିନା ପଟ୍ଟନାୟକ, ପ୍ରଦୀପ ଜେନା, ନାଗଭୂଷଣ ରାୟ, କବି ପାଇକରାୟ, ନାରାୟଣ ମହାନ୍ତି, ପ୍ରଶାନ୍ତ ବରାଳ, ରଘୁ ନାୟକ, ନଳିନୀ ସ୍ୱାଇଁ, ସିଦ୍ଧାର୍ଥ ପାତ୍ର, ପରେଶ ପଟ୍ଟନାୟକଙ୍କ ସହିତ ବହୁ ଭାଜପା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ମୁଣ୍ଡିଆପଡ଼ା ପର୍ଯ୍ୟଟନସ୍ଥଳୀକୁ ପକ୍କା ରାସ୍ତା ପାଇଁ ସର୍ଭେ ଆରମ୍ଭ



ବୋଲଗଡ଼,୨।୬(ଡି.ଏନ୍.ଏ.)

ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହୋଇ ମଧ ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତର ସଁପୁରସ୍ଥିତ ପର୍ଯ୍ୟଟନସ୍ଥଳୀ ରଘୁନାଥ ଦେବଙ୍କ ପୀଠକୁ କୌଣସି ରାସ୍ତା ନ ଥିବାରୁ ବିକାଶରେ ବାଧା ସୃଷ୍ଟି ହେଉଥିଲା। ଫଳରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପର୍ବତମାଳାର ମନଲୋଭା ଦୃଶ୍ୟ ଲୋକଲୋଚନ ଆଢୁଆଳରେ ରହିଆସୁଥିଲା। ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁଙ୍କ ଉଦ୍ୟମରେ କଚ୍ଚା ରାସ୍ତା ଓ ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ ପକ୍କା ରାସ୍ତା ନିର୍ମାଣ ପାଇଁ ସର୍ଭେ କାମ ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ପୀଠ ମଣ୍ଡନଗିରି (ମୁଣ୍ଡିଆପଡ଼ା)କୁ ପକ୍କା ରାସ୍ତା ସଂଯୋଗୀକରଣ ହେବ। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂହସାମନ୍ତଙ୍କ ପ୍ରଚେଷ୍ଟା ଓ ବିଧାୟକଙ୍କ ଉଦ୍ୟମକୁ ଅଞ୍ଚଳବାସୀଙ୍କ ସମେତ ପଞ୍ଚାୟତ ବିଜେଡି ସଭାପତି ଚିତ୍ତରଞ୍ଜନ ମିଶ୍ର, ପୂର୍ବତନ ସମିତିସଭ୍ୟ ପ୍ରଦୀପ ସାହୁ, ସଞ୍ଜୀବ ରାୟ ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

### କାଲୁପଡ଼ାଘାଟରେ ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣି ନେଇ ବୈଠକ

ଟାଙ୍ଗୀ(ଖୋର୍ଦ୍ଧା),୨।୬(ଡି.ଏନ୍.ଏ.)

ଆସନ୍ତା ୫ ତାରିଖରୁ ଖୋର୍ଦ୍ଧାସ୍ଥିତ କାଲୁପଡ଼ାଘାଟ ରେଳ ଷ୍ଟେଶନରେ ରହିବ ରାଜ୍ୟରାଣୀ ଏକ୍ସପ୍ରେସ ଟ୍ରେନ। ଏଥିପାଇଁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ କୃତଜ୍ଞତା ସହ ଭାଜପା ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଓ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏନେଇ ଉକ୍ତ ଷ୍ଟେଶନ ପରିସରରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚନ୍ଦ୍ରଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ଟ୍ରେନକୁ କାଲୁପଡାଘାଟ ଷ୍ଟେଶନରେ ସ୍ୱାଗତ ଜଣାଇବା ପାଇଁ ଏକ ୪୦ଜଣିଆ କମିଟି ଗଠନ କରାଯାଇଛି। ପ୍ରଚାର ପ୍ରସାର କରାଯାଇ ଏକ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କୁ ଆମନ୍ତ୍ରଣ କରାଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବେଷ୍ଣବ, ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ରଙ୍କ ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଲାଗି ପ୍ରସ୍ତାବ ଦିଆଯାଇଛି। ବୈଠକରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଗଙ୍ଗାଧର ପ୍ରଧାନ, ଚଣ୍ଡେଶ୍ୱର ପୂର୍ବତନ ସରପଞ୍ଚ ଦୀନବନ୍ଧୁ ସାହୁ, ନରେନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ ମଲ୍ଲିକ, ସାମ୍ବାଦିକ ରଘୁନାଥ ସାହୁ, ମନୋଜ ପଟ୍ଟନାୟକ, ପ୍ରଭାକର ବିଶ୍ୱାଳ, ଦିଲୀପ ନାଥ, ରମେଶ ବେହେରା, ଦୀନବନ୍ଧୁ ଜେନା, ମତ୍ସ୍ୟଜୀବୀ ନେତା ଦିଲୀପ ବେହେରା, ତ୍ରିଲୋଚନ ସାହୁ, ସାରଙ୍ଗଧର ବିଶ୍ୱାଳ, ପ୍ରଫୁଲ୍ଲ ପ୍ରଧାନ, ହଟକିଶୋର ନାୟକ, ଜିତୁ ମାନସିଂ, ଆଦିକନ୍ଦ ଦାସଙ୍କ ସମେତ ଶତାଧିକ ବ୍ୟକ୍ତି ଯୋଗଦେଇଥିଲେ।

# ବିଦ୍ୟୁତ୍ କାଟ, ଲୋଭୋଲଟେଜ ସମସ୍ୟା ଅସହ୍ୟ

ଖୋର୍ଦ୍ଧା ଅଫିସ,୨।୬

ରାଜ୍ୟର ଏକାଧିକ ସହର ତାପମାତ୍ରା ୪୦ଡିଗ୍ରୀ ଉପରେ ରହୁଛି। ସେଥିରୁ ବାଦ୍ ପଡିନି ଖୋର୍ଦ୍ଧା ସହର। ଦୈନିକ ତାପମାତ୍ରା ୩୮ରୁ ୪୦ ଡିଗ୍ରୀ ରହୁଥିବା ବେଳେ ଶୁକ୍ରବାର ତାପମାତ୍ରା ୪୨ ଡିଗ୍ରୀ ରହିଥିବା ଜଣାପଡିଛି। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରା ଅନୁଭୂତ ହେଉଛି। ଏହି ସମୟରେ ଖୋର୍ଦ୍ଧା ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ରହୁଛି। ଏବେ ଅମଲାମାନଙ୍କ ଆନ୍ଦୋଳନ ଯୋଗୁ ସରକାରୀ କାର୍ଯ୍ୟାଳୟ ଅଚଳାବସ୍ଥା ଲାଗି ରହିଛି। ତେବେ କୋର୍ଟ କାର୍ଯ୍ୟ ଚାଲୁ ରହିଛି। ଦୁଇଦିନ ହେବ କୋର୍ଟରେ ମଧ ଆଗଭଳି ଲୋକଙ୍କୁ ଦେଖିବାକୁ ମିଳୁନି। ଖରାକୁ ଡରି ଲୋକେ କୋର୍ଟକୁ ଆସୁନଥିବା ଜଣାପଡିଛି। ଅନ୍ୟପକ୍ଷରେ ଖରାକୁ ଦୃଷ୍ଟିରେ ରଖି ସହରର ବିଭିନ୍ନ ଛକରେ



ଖରା ଯୋଗୁ ରାସ୍ତା ଜନଶୂନ୍ୟ ହୋଇପଡିଛି।

ଜୁସ ସେଣ୍ଟର, ତରଭୁଜ, ଆଖୁରସ ପସରା ମେଳିଛି। ଖରାରୁ ମୁକ୍ତି ପାଇଁ ଏଠାରେ ଭିଡ଼ ଲାଗି ରହୁଛି। ବଜାରର ବିଭିନ୍ନ ଛକରେ ଠେଲାଗାଡିରେ ପୁଦିନା, ଲେମ୍ବୁ ମିଶ୍ରି, ଭୁଷି ବେପାର ଜମିବାରେ ଲାଗିଛି। ଖରା ଯୋଗୁ ଅସହ୍ୟ ଗରମ ସହ ଗୁଳୁଗୁଳି ହେଉଛି। ଅନ୍ୟପଟେ ବିଦ୍ୟୁତ କାଟ ଓ ଲୋ-ଭୋଲଟେଜ ଯୋଗୁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବିଶେଷକରି ଛୋଟ ପିଲା, ରୋଗୀ, ଗର୍ଭବତୀ, ବୃଦ୍ଧାବୃଦ୍ଧ ହଇରାଣ ହେଉଛନ୍ତି। ଖରାଦିନେ ବିଦ୍ୟୁତ କାଟ ହେବନି ବୋଲି ଶକ୍ତି ମନ୍ତ୍ରୀ ସୂଚନା ଦେଇଥିଲେ। ତେବେ ବାରମ୍ବାର ବିଦ୍ୟୁତ ଅପଡାଉନ ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଗୁରୁଜଙ୍ଗର ରାକେଶ ସାହୁ କୁହନ୍ତି, ଦିନରେ ଅସହ୍ୟ ଗରମ ସାଙ୍ଗକୁ ବିଦ୍ୟୁତ କାଟ ଅସହ୍ୟ ହେଲାଣି। ବାରମ୍ବାର ବିଦ୍ୟୁତ କାଟ ସମ୍ପର୍କରେ ପଚାରିଲେ, ବିଭାଗ ପକ୍ଷରୁ କୌଣସି ଉତ୍ତର ନାହିଁ। ସେହିପରି ଦେୱାନସାହିର ପ୍ରଭାତ ବଳିଆରସିଂ କୁହନ୍ତି, ଦିନରେ ଖରା ଅନୁଭୂତ ହେଉଛି, ସଞ୍ଜ ନଇଁଲେ ଗୁଳଗୁଳି ସହିତ ବିଦ୍ୟୁତ ଅପଡାଉନ ଯୋଗୁ ରାତିର ନିଦ ହଜିଗଲାଣି। ମୌସୁମୀ ଆସିଲେ ଏଥିରୁ ତ୍ରାହି ମିଳିବ। ଖରା ଯୋଗୁ ରାସ୍ତା ଜନଶୂନ୍ୟ ହୋଇପଡୁଛି। ଗ୍ରାହକ ନ ଆସିଲେ, ବେପାର ଠପ୍ ବୋଲି କହିଛନ୍ତି କଦଳୀ ବେପାରୀ ଅକ୍ଷୟ ସାହୁ। ସେପଟେ ଗ୍ରୀଷ୍ମ ପ୍ରଭାବ ଜୀବଜନ୍ତୁଙ୍କ ଉପରେ ପଡିଛି। ପାଣି ପାଇଁ ଉହଳବିକଳ ହେଉଛନ୍ତି। ପୌର ପ୍ରଶାସନ ପକ୍ଷରୁ କିଛି ସ୍ଥାନରେ ମଧ ପାଣିକୁଣ୍ଡ ବ୍ୟବସ୍ଥା ସତ୍ତ୍ୱେ ଏହା ସମୁଦ୍ରକୁ ଶଙ୍ଖେ ସଦୃଶ। ଏମାନଙ୍କ ପାଇଁ ପର୍ଯ୍ୟାପ୍ତ ପାଣି ବ୍ୟବସ୍ଥା ଲାଗି ପରିବେଶପ୍ରେମୀ ଧନେଶ୍ୱର ବିଧାର ଦାବି କରିଛନ୍ତି। ଏନେଇ ପୌର ନିର୍ବାହୀ ଅଧିକାରୀ ରିଜୱାନା କିଅକପ୍ କୁହନ୍ତି ସମସ୍ତ ଜନଗହଳି ସ୍ଥାନରେ ଜଳଛତ୍ର ଏବଂ ପାଣିକୁଣ୍ଡ ରଖାଯାଇଛି। ଏଥିଲାଗି ପୌର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ କହିଛନ୍ତି, ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ରଖି ଜିଲା ମୁଖ୍ୟାଳୟ ସମେତ ବ୍ଲକସ୍ତରରେ ୨୪ଘଣ୍ଟିଆ କଣ୍ଟ୍ରୋଲରୁମ, ଜରୁରୀକାଳୀନ ସେବା କାର୍ଯ୍ୟକ୍ଷମ ରହିଛି। ଅଂଶୁଘାତ ମୁକାବିଲା ଲାଗି ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଆର୍ତ୍ତବନ୍ଧୁ ନାୟକ କୁହନ୍ତି, ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ମେଡିକାଲରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଲୋକେ ଘରୁ ବାହାରିଲେ ଛତା, ପାଣିବୋତଲ ଧରି ବାହାରନ୍ତୁ। କାମ ନ ଥିଲେ ଘରୁ ବାହାରକୁ ବାହାରନ୍ତୁ ନାହିଁ। ସ୍ୱାସ୍ଥ୍ୟର ଯତ୍ନନେବାକୁ ପରାମର୍ଶ ଦେଇଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨।୬।୨୦୨୩

| ୬,୫୭,୪୫୮ ଟଙ୍କା | |
|---|---|
| ସୁନା | ୧୯.୨୦୦ ଗ୍ରାମ୍ |
| ରୁପା | ୬୦.୫୦୦ ଗ୍ରାମ୍ |

## ସଂକ୍ଷେପରେ

### ୩ଲକ୍ଷର ବ୍ରାଉନସୁଗାର, ସ୍କୁଟି ଜବତ: ଜଣେ ଗିରଫ

ସାକ୍ଷୀଗୋପାଳ,୨।୬ (ସ୍ୱ.ପ୍ର./ଡି.ଏନ୍.ଏ.)- ପୁରୀ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ପୋଲିସ ଦ୍ୱାରା ପ୍ରାୟ ୩୧ଗ୍ରାମ ଓଜନର ବ୍ରାଉନସୁଗାର ଜବତ କରିବା ସହ ଜଣେ ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବାସୁକେର ଗ୍ରାମର ଅର୍ଜୁନ ବେହେରା। ଏ ନେଇ ପୋଲିସ ନଂ. ୧୯୦/୨୩ରେ ମାମଲା ରୁଜୁ କରି ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ସାକ୍ଷୀଗୋପାଳ କଲେଜ ଛକ, ଅହମଦପୁର-ବସୁକେର ଓ ମନ୍ଦିର ବାଇପାସ ରୋଡରେ ଗୁରୁବାର ବ୍ରାଉନସୁଗାର କାରବାର ହେଉଥିଲା। ପୋଲିସ ବିଶେଷ ସୂତ୍ରରୁ ଏହି ଖବର ପାଇ ସତ୍ୟବାଦୀ ଥାନାର ଏସ୍‌ଆଇ ଦୀପ୍ତିରଞ୍ଜନ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଉକ୍ତ ସ୍ଥାନରେ ଚଢ଼ାଉ କରି ସେଠାରେ ସନ୍ଦେହଜନକ ଭାବେ ବୁଲୁଥିବା ଅର୍ଜୁନଙ୍କୁ ଧରି ଥାନାକୁ ଆଣିଥିଲା। ସେଠାରେ ପଚରାଉଚରା ବେଳେ ସେ ବ୍ରାଉନସୁଗାର ବେପାରରେ ଲିପ୍ତ ରହିଥିବା କଥା ସ୍ୱୀକାର କରିବା ସହ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଯାଞ୍ଚବେଳେ ଅଭିଯୁକ୍ତଙ୍କ ପାଖରୁ ୩୧ ଗ୍ରାମ ଓଜନର ବ୍ରାଉନ ସୁଗାର ବାହାରିଥିଲା। ଯାହାର ଆନୁମାନିକ ମୂଲ୍ୟ ୩ଲ ଟଙ୍କା ହେବ। ଏଥିସହ ସେ ବ୍ୟବହାର କରିଥିବା ଏକ ଟିଭିଏସ୍ ସ୍କୁଟି ନମ୍ବର ଓ ୧୩ ଏସ୍ ୮୯୭୬ ଓ ଏକ ମୋବାଇଲ, ନଗଦ ୧୦୯୦ ଟଙ୍କା ଓ ବ୍ରାଉନ ସୁଗାର ପୁଡିଆ ତିଆରିରେ ବେବହାର ହେଉଥିବା ସାମଗ୍ରୀ ଆଦି ଜବତ କରଯାଇଛି।

### ଶାରଳା ଆବାସିକ କଲେଜରେ ପାସ୍ ହାର ଶତ ପ୍ରତିଶତ

କାକଟପୁର,୨।୬(ଡି.ଏନ୍.ଏ.)- କାକଟପୁର ମୂଳାଗଡ଼ସ୍ଥିତ ଶାରଳା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ପାସ୍ ହାର ଶତ ପ୍ରତିଶତ ହୋଇଛି। ଚଳିତବର୍ଷ ଏହି କଲେଜର ୮୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୬୦, ଦ୍ୱିତୀୟ ଶ୍ରେଣୀରେ ୨୧ ଓ ତୃତୀୟ ଶ୍ରେଣୀରେ ଜଣେ ଛାତ୍ର ପାସ୍ କରିଛନ୍ତି। ତ୍ରିସ୍ମାମୟୀ ପରିଡ଼ା ୪୯୫ ନମ୍ବର ରଖି କଲେଜରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ମୌସୁମୀ ମହାରଣା ୪୮୦ ନମ୍ବର ରଖି ଦ୍ୱିତୀୟ ସ୍ଥାନ ଓ ବର୍ଷା ପ୍ରିୟଦର୍ଶନୀ କାଣ୍ଡି ୪୬୭ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପିଲାଙ୍କ ଏହି ସଫଳତା ପାଇଁ ଅଭିଭାବକମାନେ କଲେଜ ପ୍ରତିଷ୍ଠାତା ଚିତ୍ତରଞ୍ଜନ ପରିଡ଼ାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ପାରମ୍ପରିକ ରୋଶଣିରେ ଘରବାହୁଡ଼ିଲେ ଦେବଦମ୍ପତି

ସାକ୍ଷୀଗୋପାଳ, ୨।୬(ସ୍ୱ.ପ୍ର./ଡି.ଏନ୍.ଏ.)



ପୁରୀ ଗଜପତି ମହାରାଜାଙ୍କ ପ୍ରତିଷ୍ଠିତ ଆଦ୍ୟଶାସନ ସତ୍ୟବାଦୀ ଅଞ୍ଚଳର ବୀରରାମଚନ୍ଦ୍ରପୁର ଗ୍ରାମରେ ନବବିବାହିତ ପ୍ରଭୁ ଶ୍ରୀକୃଷ୍ଣ(ଗୋପୀନାଥ)ଙ୍କ ସହିତ ରୁକ୍ମିଣୀଙ୍କ ତ୍ରୟୋଦଶୀ ତିଥି ଅନୁସାରେ ପାରମ୍ପରିକ ରୋଶଣି ଶୋଭାଯାତ୍ରା ବିବାହ ମଣ୍ଡପରୁ ପଟୁଆରରେ ବାହାରି ଶୁକ୍ରବାର ଗ୍ରାମ ପରିକ୍ରମା କରିଥିଲା। ଦୁଇଟି ସୁସଜ୍ଜିତ ବିମାନରେ ଶ୍ରୀଗୋପୀନାଥ ଓ ରୁକ୍ମିଣୀ। ମହାମୁକୁଟ ଧାରଣକରି ବିରାଜମାନ ହୋଇଥିବା ବେଳେ ଅନ୍ୟ ବିମାନରେ ବିବାହ ଉତ୍ସବରେ ଭଦ୍ରଲୋକ ଓ ବରଯାତ୍ରୀ ଭାବରେ ଲକ୍ଷେଶ୍ୱର, ଅନନ୍ତଶ୍ୱେର ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଦେବଦମ୍ପତିଙ୍କ ବିବାହ, ରୋଶଣି ପଟୁଆର ସାଙ୍ଗକୁ ପରମ୍ପରାକ୍ରମେ ଚାରିଖଣ୍ଡ ବିଶିଷ୍ଟ ଏହି ଶାସନରେ କାଠଚକ୍ର ପ୍ରତିଯୋଗିତା ନିଆରା ଆକର୍ଷଣ ସାଜିଥିଲା। ପୂର୍ବପୁରୁଷଙ୍କ ପୋଥିକୁ ଅନୁକରଣ କରି ଗ୍ରାମର ଯୁବକମାନେ ବ୍ରତ ଓ ଅତ୍ୟନ୍ତ ସତର୍କତାର ସହିତ କାଠଚକ୍ର ପ୍ରସ୍ତୁତ କରିଥିଲେ। କାଠଚକ୍ର ପ୍ରସ୍ତୁତିରେ ବ୍ରାହ୍ମଣ ମହାଜନମାନଙ୍କ ସହିତ ମହାପାତ୍ର, ବଢେଇ, କମାର, ଭୋଇ ଆଦି ବିଭିନ୍ନ ବର୍ଗର ସେବା ସେବାୟତମାନଙ୍କର ସହଯୋଗ ଦେଖିବାକୁ ମିଳିଥିଲା। ପ୍ରଥମେ ଚତୁର୍ଥ ଖଣ୍ଡିରେ ଠାକୁରଙ୍କ ବିମାନ ଅଟକିବା ପରେ ଚତୁର୍ଥ ଓ ତୃତୀୟ ଖଣ୍ଡି ମଧ୍ୟରେ କାଠଚକ୍ର ଆତସବାଜି

## ଆକର୍ଷଣ ସାଜିଲା କାଠଚକ୍ର ପ୍ରତିଯୋଗିତା

ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବାଣଶାଳାରୁ ଯୁବକମାନେ ଛୋଟବଡ କାଠଚକ୍ରକୁ କାନ୍ଧରେ ବୋହିଆଣି ଠାକୁରଙ୍କୁ ସମର୍ପିତ କରି ପର୍ଡିଆ ଉପରେ ୪ ଗଣ୍ଠି, ୬ ଗଣ୍ଠି, ୮ଗଣ୍ଠି ବିଶିଷ୍ଟ ବାଣରଖି ଅଗ୍ନି ସଂଯୋଗ କରି କାଠଚକ୍ର ଲଗାଇଥିଲେ। କାଠଚକ୍ର ଲାଗିବା ବେଳେ ବାଣୁଆମାନେ ଲାଲ ଗାମୁଛା ଉଡ଼ାଇ ଆନନ୍ଦରେ ନାଚି ନାଚି ବିଭୋର ହୋଇଥିବା ଦେଖାଯାଇଥିଲା। ପରେ ଦ୍ୱିତୀୟ ଓ ପ୍ରଥମ ଖଣ୍ଡି ଆତସବାଜି ପ୍ରଦର୍ଶନ, ପଣାଭୋଗ ପରେ ଦେବଦମ୍ପତିଙ୍କ ଘରବାହୁଡା ନୀତି ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ଗ୍ରାମବାସୀ, ପ୍ରବାସୀ, ବନ୍ଧୁବାନ୍ଧବଙ୍କ ସହ ଆଖପାଖ ଅଞ୍ଚଳ ଲୋକମାନଙ୍କର ପ୍ରବଳ ଭିଡ଼ ଜମିଥିଲା।

# ତିନିରଥର ପ୍ରଥମ 'ଭୂଇଁ ଫ୍ରେମ୍' ନିର୍ମାଣ ସରିଲା



## ରଥଖଳାରୁ ...

ପୁରୀ ଅଫିସ, ୨।୬: ବିଶ୍ୱନିୟନ୍ତାଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ନିମନ୍ତେ ଶ୍ରୀନଅରସ୍ଥିତ ଅସ୍ଥାୟୀ ରଥଖଳାରେ ତିନିରଥର ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଗୁରୁବାର ତିନିରଥର ମୋଟ ୪୪ଟି 'ଯୋଖା' ରଥ ଚତୁଃପାର୍ଶ୍ୱ କୋଣଗୁଡ଼ିକରେ ଫିଟିଂ ଶେଷ ହୋଇଥିଲା। ଶୁକ୍ରବାର ମହାରଣା ସେବକ ଏବଂ ଭୋଇ ସେବକଙ୍କ ସହଯୋଗରେ ତିନିରଥର ପ୍ରଥମ 'ଭୂଇଁ ଫ୍ରେମ୍' ନିର୍ମାଣ ଶେଷ କରି, ନମ୍ବରିଂ ପରେ ପ୍ରଥମ ଭୂଇଁ ଫ୍ରେମ୍‌କୁ ଖୋଲାଯାଇ ତିନିରଥ ନିକଟରେ ଭୋଇ ସେବକମାନେ ସାଇତିଛନ୍ତି। ଏହି ପ୍ରଥମ ଭୂଇଁ ୬ଟି ଓରା ଏବଂ ୪ଟି ଖମ୍ବୀ ସଂଯୋଗ ହୋଇ ଚାରିପାର୍ଶ୍ୱରେ ୨୪ଟି ପାଖଡ଼ା ଏବଂ ୧୬ଟି ଛିଆଣ, ପାଖୁଡ଼ାକୁ ଧରି ରଖିବା ପାଇଁ ୨୪ଟି ଭୂଇଁ ଖମ୍ବୀ ଚାରି ପାର୍ଶ୍ୱରେ ସଂଯୋଗ ହୋଇଛି। ଏଥିସହ ଭୂଇଁର ମଧ୍ୟଭାଗରେ 'କନକ ମୁଣ୍ଡି' ପାଇଁ କନକମୁଣ୍ଡି ପଟା ୪ଟି ବର୍ଗାକାର ଭାବେ ସେଟିଂ ହୋଇଛି। ଏହାପରେ 'କନକ ମୁଣ୍ଡି' ଓ 'କନକ ମୁଣ୍ଡି କାଣ୍ଡ' ପ୍ରଥମ ଭୂଇଁ ପଡ଼ିଲା ପରେ ନିର୍ମାଣ ହୋଇ ସେଟିଂ ହେବ। ସେହିପରି ଚାରି ନାହାକାରେ ପ୍ରଥମ ଭୂଇଁ ଫ୍ରେମ୍ ସଂଯୋଗ ପରେ ଚଉଦ ନାହାକା ସେଟିଂ କରାଯିବ। ତିନିରଥର ୪ଟି ଲେଖାଏ ଅଁଳା ଚଉପଟ ଶେଷ ହେବା ସହ ନାଟଗୋଡ଼ରେ ବସିବା ପାଇଁ ମୋଟ ୮ଟି ଲେଖାଏ ଗାରେଡ଼ିରୁ ଛଅ ଛଅଟି ଗାରେଡ଼ିର ଚଉପଟ କାର୍ଯ୍ୟ ସରିଛି। ରୂପକାର ସେବକମାନେ ତିନିରଥର ନାଟଗୋଡ଼ରେ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦିସ୍ଥିତ ଅସ୍ଥାୟୀ କମାରଶାଳରେ ଓଝା ସେବକମାନେ ତିନିରଥର 'ତାଗ' କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଅପରପକ୍ଷରେ ଚିତ୍ରକର ସେବକମାନେ ତିନିରଥର ପାର୍ଶ୍ୱ ଦେବଦେବୀ ଓ ଶିଖର ଡମ୍ବରୁ (ପାର୍ଶ୍ୱ ଦେବଦେବୀଙ୍କ ଆସ୍ଥାନ)ରେ ରଙ୍ଗ କାର୍ଯ୍ୟ ଆରମ୍ଭ କରିଛନ୍ତି।

# ୨୦ ନୂତନ ପ୍ରକଳ୍ପ ପାଇଁ ୮୫ ଲକ୍ଷ ମଞ୍ଜୁର କଲେ ମୁଖ୍ୟମନ୍ତ୍ରୀ



ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ ଏବଂ ଅନ୍ୟମାନେ ।

ନିମାପଡ଼ା,୨।୬(ଡି.ଏନ୍.ଏ.)

ମୁକ୍ତା ଯୋଜନାରେ ନିମାପଡ଼ା ସହରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦ଟି ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ନିମାପଡ଼ା ଏନ୍‌ଏସିକୁ ୮୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଏହି ଅନୁଦାନ ମଞ୍ଜୁର କରିଥିବା ସମୀକ୍ଷା ବୈଠକରେ ସୂଚନା ମିଳିଛି। ସ୍ଥାନୀୟ ଏନ୍‌ଏସି ପକ୍ଷରୁ ନିମାପଡ଼ା ପଞ୍ଚାୟତ ସମିତି ସଭାଗୃହଠାରେ ମୁଖ୍ୟମନ୍ତ୍ରୀ ଭିସି ମାଧ୍ୟମରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ହୋଇଥିଲା। ବୈଠକରେ ବହୁ ମହିଳା ଓ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ଯୋଗଦେଇ ସହରର ବିକାଶ ଓ ମୁକ୍ତ ଯୋଜନା ସମ୍ପର୍କରେ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧକ୍ଷ ସନ୍ତୋଷ ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ଆଚାର୍ଯ୍ୟ, ଏମ୍‌ପି ପ୍ରତିନିଧି ସନାତନ ପ୍ରଧାନ, ପରିମଳ ଅଧିକାରୀ ବିଜୟ ବ୍ରହ୍ମାଚାର୍ଯ୍ୟ, ସିଟି ମିଶନ ମ୍ୟାନେଜର ଶୁଭ୍ରଜିତ ସେନପତି, ମୁକ୍ତାର କାର୍ଯ୍ୟକ୍ରମ ସଂଯୋଜନ ରୋହନ ରାକେଶ ରାୟ, କାଉନସିଲର ଧନୁର୍ଦ୍ଧର ଦାସ ପ୍ରମୁଖ ଅତିଥି ଭାବେ ଯୋଗାଦେଇଥିଲେ। ବୈଠକରେ ବହୁ ପଦସ୍ଥ ଅଧିକାରୀ, ମହିଳା ନେତ୍ରୀ, ମହିଳା ଏସ୍‌ଏଚ୍‌ଜି କର୍ମକର୍ତ୍ତା, ସଦସ୍ୟାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ପୁରୀ ଅଫିସ, ୨।୬:

ପିପିଲି ବ୍ଲକ ଚନ୍ଦ୍ରାଦେଈପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏମବିବିଏସ୍ ଡାକ୍ତର ଠିକ ଭାବେ ଦାୟିତ୍ୱ ତୁଲାଉ ନଥିବା ପଞ୍ଚାୟତବାସୀ ଅଭିଯୋଗ ଆଣି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ଜିଲାପାଳଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ପଞ୍ଚାୟତବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, କମାକଣ୍ଠିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସାସେବା ମିଳୁନାହିଁ। ନିଯୁକ୍ତି ପାଇଥିବା ଡାକ୍ତର ଠିକ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁନାହାନ୍ତି। ଛୁଟି ଦରଖାସ୍ତ ନ ଦେଇ ଛୁଟିରେ ରହୁଛନ୍ତି। ମାତ୍ର ଉପସ୍ଥାନ ରେଜିଷ୍ଟରରେ ଦସ୍ତଖତ କରୁଛନ୍ତି। ଅପରାହ୍ନରେ ଆସୁନାହାନ୍ତି। ଫଳରେ ରୋଗୀ ହଇରାଣ ହେଉଛନ୍ତି। ଘରୋଇ ମେଡିକାଲରେ ଅଧିକ ଖର୍ଚ୍ଚାନ୍ତ ହୋଇ ରୋଗୀ ଚିକିତ୍ସିତ ହେଉଛନ୍ତି। ତେଣୁ ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି।



ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ପରିବେଷିତ ନାଟକ 'ଏଇ ମାଟି ମୋର ଶ୍ରୀକ୍ଷେତ୍ର ଭୂଇଁ'ର ଏକ ଦୃଶ୍ୟ ।

# ଟର୍ଚ୍ଚଲାଇଟ୍‌ରେ ୬ କି.ମି. ରୋଗୀଙ୍କୁ ନେଇ ଆସିଲା ଆମ୍ବୁଲାନ୍ସ

ଗୋପ,୨।୬(ଡି.ଏନ୍.ଏ.)



ପୁରୀ ଜିଲା ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର ରାତିରେ ଜଣେ ସାପ କାମୁଡ଼ା ରୋଗୀଙ୍କୁ ୧୦୮ ଆମ୍ବୁଲାନ୍ସ ନେଇ ଆସୁଥିବା ବେଳେ ବାଟରେ ଲାଇଟ୍ କଟିଯାଇଥିଲା। ଫଳରେ ଡ୍ରାଇଭର ଜଣକ ଉପସ୍ଥିତି ବୁଦ୍ଧି ଲଗାଇ ଟର୍ଚ୍ଚଲାଇଟ୍ ମାଧ୍ୟମରେ ଆମ୍ବୁଲାନ୍ସକୁ ପ୍ରାୟ ୬କି.ମି. ପର୍ଯ୍ୟନ୍ତ ନେଇଥିଲେ। ଫଳରେ ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଣିବାରେ ବିଳମ୍ବ ହୋଇଥିଲା। ପ୍ରକାଶ ଯେ, ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ୧୦୮ ଆମ୍ବୁଲାନ୍ସ ସେବା ୨୪ ଘଣ୍ଟା ଯୋଗାଇ ଦେଉଛନ୍ତି। ମାତ୍ର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ସେବା ପ୍ରାୟତଃ ଫେଲ୍ ମାରିବା ଅଭିଯୋଗ ରହିଛି। ଗୋପ ବ୍ଲକ ଅଧୀନ ଓରୁଆଳି ଗ୍ରାମର କୁମୁଦିନୀ ଓଝା (୪୫)ଙ୍କୁ ଗୋଟିଏ ସାପ କାମୁଡ଼ି ଦେଇଥିଲା। ଏହି ଖବର ଜଣାପଡିବା ପରେ ପରିବାର ସଦସ୍ୟ ୧୦୮ ଆମ୍ବୁଲାନ୍ସକୁ ଡାକିଥିଲେ। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଓରୁଆଳି ଗ୍ରାମରେ ପହଞ୍ଚି ରୋଗୀଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ସମୟରେ ନେତପୁରଠାରେ ହଠାତ୍ ଗାଡ଼ିର ଲାଇଟ୍ କଟିଯାଇଥିଲା। ଡ୍ରାଇଭରଙ୍କ ସହିତ ଅନ୍ୟ ଆମ୍ବୁଲାନ୍ସ କର୍ମଚାରୀମାନେ ଟର୍ଚ୍ଚ ଲାଇଟ୍ ଯୋଗେ ଦୀର୍ଘ ୬କିଲୋମିଟର ଅନ୍ଧାର ରାସ୍ତାରେ ରୋଗୀଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ଡ୍ରାଇଭରଙ୍କ ଏପରି ସାହସିକତା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଗ୍ରୀଷ୍ମକାଳୀନ ମୁଷ୍ଟିଯୋଦ୍ଧା ପ୍ରଶିକ୍ଷଣ ଶିବିର

ପୁରୀ ଅଫିସ, ୨।୬:

ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ ଜିନ୍ଦଲ ଷ୍ଟିଲ୍ ପାୱାର ଫାଉଣ୍ଡେଶନ ସହଯୋଗରେ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ମୁଷ୍ଟିଯୋଦ୍ଧା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ବାହାରି ଜିଲା କ୍ରୀଡ଼ା କାର୍ଯ୍ୟାଳୟ ପରିସରରେ ପହଞ୍ଚିବା ପରେ ସଭା ହୋଇଥିଲା। ଏଥିରେ ଅନେକ ବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଶିବିରରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଓଡ଼ିଶା ଆଥିଲେଟିକ ଆସୋସିଏଶନ୍ କୋଷାଧ୍ୟକ୍ଷ ରବିଶଙ୍କର ପ୍ରତିହାରୀ, ପୂର୍ବତନ ମୁଷ୍ଟିଯୋଦ୍ଧା ସୁଦର୍ଶନ ଦାସମହାପାତ୍ର, ବିନୋଦ ସିଂ, ମୁରଲୀଧର ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ନିରଞ୍ଜନ ମିଶ୍ର, ଭାଗ୍ୟଶ୍ରୀ ସେଠୀ, ହରିହର କର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସୁଦର୍ଶନ ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅକ୍ଷୟ ନାୟକ, ଦୀପକ କୁମାର ପରିଡା, ପ୍ରଦୀପ ଦାସ, ରାଜୁ ନାୟକ, ମାନସ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ବିଜ୍ଞାନ ଛାତ୍ରୀ ଶ୍ରୁତିସଙ୍ଗୀତା ପୁରୀ ଜିଲା ଟପ୍ପର

ନିମାପଡ଼ା,୨।୬(ଡି.ଏନ୍.ଏ.)



ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶାଙ୍କ ଦ୍ୱାରା ପରିଚାଳିତ ଚଳିତବର୍ଷର ଯୁକ୍ତ୨ ପରୀକ୍ଷାଫଳ ବୁଧବାର ପ୍ରକାଶ ପାଇଛି। ବିଜ୍ଞାନ ବିଭାଗରେ ପୁରୀ ଜିଲା ନିମାପଡ଼ାର ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାସ୍ ହାର ଶତ ପ୍ରତିଶତ ହୋଇଛି। ଏହି ବିଦ୍ୟାଳୟର ବିଜ୍ଞାନ ଛାତ୍ରୀ ଶ୍ରୁତିସଙ୍ଗୀତା ସାହୁ ୫୫୬ ନମ୍ବର ରଖି ପୁରୀ ଜିଲା ଟପ୍ପର ହୋଇଛନ୍ତି। ଭବିଷ୍ୟତରେ ସେ ଜଣେ ଡାକ୍ତର ହେବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି। ଏହି ସଫଳତା ପାଇଁ ଶ୍ରୁତି ଭଗବାନ୍, ମା'ବାପା, ବିଦ୍ୟାଳୟ ଚେୟାରମ୍ୟାନ ଶ୍ରୀକାନ୍ତ ସାମନ୍ତରାୟ, ଅଧ୍ୟକ୍ଷ ପ୍ରଫେସର ଅନନ୍ତରାମ ପଣ୍ଡା, ଅନୁଷ୍ଠାନ ଅଧ୍ୟାପିକା, ଅଧ୍ୟାପକ ସମସ୍ତଙ୍କୁ ଶ୍ରେୟ ଦେଇଛନ୍ତି। କଠିନ ପରିଶ୍ରମ, ନିଷ୍ଠା, ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ନିଶ୍ଚିତ ମିଳିବ ବୋଲି ଛାତ୍ରୀ ଶ୍ରୁତି କହିଛନ୍ତି। ଏହି ରିଜିଓନାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତବର୍ଷ ମୋଟ ୨୭୭ଜଣ ପରୀକ୍ଷାର୍ଥୀ ଯୁକ୍ତ ୨ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୨୨୩ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷକୁ ମିଶାଇ କ୍ରମାଗତ ଦୀର୍ଘ ୪ ବର୍ଷ ଧରି ଏହି ବିଦ୍ୟାଳୟର ପରୀକ୍ଷାର୍ଥୀ ବିଜ୍ଞାନ ବିଭାଗରେ ଟପ୍ପର ହୋଇ ଆସୁଥିବା ଚେୟାରମ୍ୟାନ ସାମନ୍ତରାୟ କହିଛନ୍ତି। ଏହି ସଫଳତା ପାଇଁ ସାମନ୍ତରାୟ ବିଦ୍ୟାଳୟର ଅଭିଜ୍ଞ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରଙ୍କୁ ସାଧୁବାଦ ଦେଇଛନ୍ତି।

# ଆଧ୍ୟାତ୍ମିକ ଚେତନା ଜାଗରଣ କାର୍ଯ୍ୟକ୍ରମ

ସାକ୍ଷୀଗୋପାଳ,୨।୬(ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମରେ ଆଧ୍ୟାତ୍ମିକ ଚେତନା ଜାଗରଣ କାର୍ଯ୍ୟକ୍ରମ ବୁଧବାରଠାରୁ ଆରମ୍ଭ ହୋଇଛି। ଆଧ୍ୟାତ୍ମିକ ଚେତନାଚକ୍ର ପକ୍ଷରୁ ଗଡିଶ୍ୱର ଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ୨୪ତମ ବାର୍ଷିକ ଘୃତ ଯଜ୍ଞ, ଭଜନ କୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ପ୍ରବଚକ ଭାବରେ ପଣ୍ଡିତ ପଦ୍ମନାଭ ତ୍ରିପାଠୀ, ଦେବେନ୍ଦ୍ର ସାହୁ ଯୋଗଦେଇ ପରିବେଶ ସନ୍ତୁଳନରେ ଯଜ୍ଞର ଭୂମିକା, ଯଜ୍ଞରୁ ବାହାରୁଥିବା ଧୂଆଁରେ ଜୀବାଣୁ ମରିଯିବା ସହ ପରିବେଶ ସୁରକ୍ଷା ହୋଇଥାଏ। ପୃଥିବୀର ଉନ୍ନତି ଓ ପରିବେଶକୁ ସୁରକ୍ଷିତ ରଖିବା ସକାଶେ ଯଜ୍ଞର ଆବଶ୍ୟକତା ସମ୍ବନ୍ଧରେ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ସଭାପତି ବଳଭଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ପୂଜକ ଅରୁ ପଣ୍ଡା, ସନ୍ତୋଷ ପଣ୍ଡାଙ୍କ ସହିତ ଅନୁଷ୍ଠାନର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜିଲା କାରାଗାରରେ ସଚେତନତା କାର୍ଯ୍ୟକ୍ରମ

ପୁରୀ ଅଫିସ, ୨।୬:

ପୁରୀ ଜିଲା କାରାଗାରରେ ବୁଧବାର ବିଶ୍ୱ ତମାଖୁ ବର୍ଜନ ଦିବସ ପାଳନ ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ମାନବାଧିକାର ସାମ୍ମୁଖ୍ୟ ସଙ୍ଗଠନର ଜିଲା ସଭାପତି ମନୋଜ କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜେଲର୍ ଅକ୍ଷୟ କୁମାର ଜେନା, ମୁଖ୍ୟ ବକ୍ତା ଭାବେ ଡ. କୈଳାସ ଚନ୍ଦ୍ର ଟିକାୟତରାୟ, ସମ୍ମାନିତ ଅତିଥି ଭାବେ ସଙ୍ଗଠନର ଅଧ୍ୟକ୍ଷ ରମେଶ ଭାରତୀ, ରାଜ୍ୟ ଉପଦେଷ୍ଟା ଡା. ପଞ୍ଚାନନ ପ୍ରଧାନ, ଆଇନଜୀବୀ ସତ୍ୟନାରାୟଣ ପଣ୍ଡା, ଜେଲ୍ ଚିକିତ୍ସାଧିକାରୀ ଡା. ଏସ୍.କେ. ମହାପାତ୍ର, ସଲାମ ଜୀବନ ନିଶାମୁକ୍ତି ସଙ୍ଗଠନର ଡା. ବିଶ୍ୱଶ୍ରୀ ଜ୍ଞାନରଞ୍ଜନ ନାୟକ, ନିରାକାର ବିଶୋଇ, ସଂସ୍କାର ନିଶାମୁକ୍ତି କେନ୍ଦ୍ରର ଦୁର୍ଗାମାଧବ ପ୍ରତିହାରୀ ଏବଂ ରଶ୍ମିରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ବକ୍ତାମାନେ ସାମ୍ପ୍ରତିକ ସମାଜରେ ତମାଖୁ ସେବନର ଭୟାବହତାକୁ ନେଇ ଉଦବେଗ ପ୍ରକାଶ କରିଥିଲେ। ତମାଖୁ କିପରି ମାରାତ୍ମକ କର୍କଟ ତଥା ଅନ୍ୟାନ୍ୟ ରୋଗ ସୃଷ୍ଟି କରୁଛି ସେହି ବିଷୟରେ ଆଲୋଚନା ହୋଇଥିଲା। ସଚେତନତା ସହିତ ମାନସିକ ଦୃଢ଼ତା ବଳରେ ତମାଖୁ ସେବନକାରୀ ଏହି ନିଶା କବଳରୁ ମୁକ୍ତି ପାଇପାରିବେ ବୋଲି ବକ୍ତାମାନେ ମତ ରଖିଥିଲେ। ନିଶା କେବଳ ସ୍ୱାସ୍ଥ୍ୟଗତ ସମସ୍ୟା ନୁହେଁ, ଆର୍ଥିକ, ସାମାଜିକ ଏବଂ ପାରିବାରିକ ସମସ୍ୟା ସୃଷ୍ଟି କରୁଥିବା ବିଷୟରେ ଜେଲ୍ ଅନ୍ତେବାସୀମାନଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ 'ଜାତୀୟ ମାନବାଧିକାର ସାମ୍ମୁଖ୍ୟ' ସଙ୍ଗଠନର ଜାତୀୟ ଉପସଭାପତି ତପନ କୁମାର ପତି ପରିଚାଳନା କରିବା ସହିତ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ ।

# ପଟିଦିଅଁ ଅଙ୍କନରେ ବ୍ୟସ୍ତ ଚିତ୍ରକାର ସେବକ

ପୁରୀ ଅଫିସ, ୨।୬:

ସ୍ନାନପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଭଉଣୀ ଭାଇଙ୍କୁ ସାଙ୍ଗରେ ଧରି ରତ୍ନସିଂହାସନରୁ ଆସି ସ୍ନାନବେଦିରେ ପ୍ରତ୍ୟକ୍ଷ ସ୍ନାନ କରିବେ। ଚତୁର୍ଦ୍ଧାମୂର୍ତ୍ତି ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ପିଣ୍ଡିରେ ବିଶ୍ରାମ ନେବେ। ଏହି ସମୟରେ ଦଇତାପତି ସେବକଙ୍କ ଦ୍ୱାରା ଶ୍ରୀବିଗ୍ରହମାନଙ୍କ ଗୁପ୍ତସେବା ନୀତି ଆରମ୍ଭ ହୋଇଥାଏ। ଭକ୍ତମାନେ ଶ୍ରୀବିଗ୍ରହମାନଙ୍କ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି। ତେଣୁ ଏହି ସମୟରେ ଶ୍ରୀମନ୍ଦିରରେ ପଟିଦିଅଁ ପୂଜା ପରମ୍ପରା ଦେଖିବାକୁ ମିଳିଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଅନନ୍ତ ନାରାୟଣ, ବଡଠାକୁର ପ୍ରଭୁ ବଳଭଦ୍ରଙ୍କ ସ୍ଥାନରେ ଅନନ୍ତ ବାସୁଦେବ ଏବଂ ମା' ସୁଭଦ୍ରାଙ୍କ ସ୍ଥାନରେ ମା' ଭୁବନେଶ୍ୱରୀଙ୍କ ପଟିଦିଅଁ ଅଣସର ସମୟରେ ପୂଜା ପାଇଥାନ୍ତି। ଅନ୍ୟପକ୍ଷରେ ପଟ୍ଟଚିତ୍ରରେ ଉତ୍କଳୀୟ ସଂସ୍କୃତିର ଛାପ ଦେଖିବାକୁ ମିଳିଥାଏ। ଶ୍ରୀମନ୍ଦିରରେ ପଟଚିତ୍ର ବା ପଟିଦିଅଁଙ୍କ ଉପାସନା ହୋଇଥାଏ। ଅଣସର ସମୟରେ ଶ୍ରୀମନ୍ଦିରରେ ପୂଜା ପାଉଥିବା ପଟିଦିଅଁମାନଙ୍କୁ ଚିତ୍ରକାର ସେବାୟତମାନେ ପ୍ରସ୍ତୁତ କରିଥାନ୍ତି। ପବିତ୍ର ଶୀତଳ ଷଷ୍ଠୀ ଦିନ ପରମ୍ପରା ଅନୁଯାୟୀ ଏହି ପଟିଚିତ୍ର ଅନୁକୂଳ ହୋଇଥାଏ। ସାବିତ୍ର ଅମାବାସ୍ୟା ତିଥିରେ ବଳଭଦ୍ରଙ୍କ ସ୍ଥାନରେ ପୂଜା ପାଉଥିବା ଅନନ୍ତ ବାସୁଦେବଙ୍କ ପଟି ଅନୁକୂଳ ହୋଇଥାଏ। ଏହି ସବୁ ପଟିଚିତ୍ରକୁ ଚିତ୍ରକର ସେବାୟତମାନେ ହବିଷାନ୍ନ ଗ୍ରହଣ କରି ଶୁଦ୍ଧପୂତ ଭାବେ ନିଜ ଘରେ ପ୍ରସ୍ତୁତ କରିଥାନ୍ତି। ସ୍ନାନଯାତ୍ରା ଦିନ ଶ୍ରୀବିଗ୍ରହମାନେ ପହଣ୍ଡି ହୋଇ ଅଣସର ପିଣ୍ଡିକୁ ଯିବା ପରେ ଶ୍ରୀମନ୍ଦିରରୁ ଘଣ୍ଟ, ଛତା, କାହାଳୀ ଚିତ୍ରକାର ସେବକଙ୍କ ଘରକୁ ଯାଇଥାଏ। ସେଠାରେ ଚିତ୍ରକାର ପରିବାରର ମହିଳାମାନେ ପଟିଦିଅଁଙ୍କୁ ବନ୍ଦାପନା କରିବା ପରେ ଶ୍ରୀମନ୍ଦିରକୁ ବିଜେ କରିଥାନ୍ତି। ଚିତ୍ରକାର ସେବକମାନେ ହିଙ୍ଗୁଳା, ହରିତାଳ, ଶଙ୍ଖ, ଦୀପକଳା, ଖଣ୍ଡନେଳି, ପଟା, ଗେରୁ, କଇଁଥ ଅଠା ଇତ୍ୟାଦି ପାରମ୍ପରିକ ରଙ୍ଗରେ ପଟିଦିଅଁ ତିଆରି କରିଥାନ୍ତି। ଶ୍ରୀମନ୍ଦିର ଜୟବିଜୟ ଦ୍ୱାର ନିକଟ ଖଟ ଉପରେ ମଦନମୋହନ, ରାମକୃଷ୍ଣ, ଶ୍ରୀଦେବୀ, ଭୂଦେବୀ, ମାଧବ, ଶ୍ରୀନୃସିଂହଙ୍କ ସହିତ ପଟିଦିଅଁମାନେ ପୂଜା ପାଇଥାନ୍ତି। ବାସେଲିସାହି ପଣାପ୍ରିୟା ଲେନ୍‌ରେ ପ୍ରଭୁ ଅନନ୍ତ ନାରାୟଣଙ୍କ ପଟ୍ଟଚିତ୍ର ପ୍ରସ୍ତୁତି ଚାଲିଥିବାବେଳେ ଚିତ୍ରକାର ସାହିରେ ପ୍ରଭୁ ଅନନ୍ତ ବାସୁଦେବ ଏବଂ ମା' ଭୁବନେଶ୍ୱରୀଙ୍କ ପଟ୍ଟଚିତ୍ର ଅଙ୍କନ କରାଯାଉଛି।



ଚିତ୍ରକାର ସେବକମାନେ ପଟିଦିଅଁ ଅଙ୍କନ କରୁଛନ୍ତି ।

# ସ୍ନାନଯାତ୍ରା ପାଇଁ ୬୦ ପ୍ଲାଟୁନ୍ ଫୋର୍ସ



ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂ, ଏସ୍‌ପି କନଓ୍ୱର ବିଶାଳ ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ।

ପୁରୀ ଅଫିସ, ୨।୬

ଆସନ୍ତା ୪ତାରିଖରେ ମହାପ୍ରଭୁଙ୍କ ସ୍ନାନଯାତ୍ରା। ଏଥିରେ ଲକ୍ଷାଧିକ ଶ୍ରଦ୍ଧାଳୁ ସାମିଲ ହେବେ। ସ୍ନାନଯାତ୍ରାକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପ୍ରସ୍ତୁତି ଚଳାଇଛି। ଏ ନେଇ ଶୁକ୍ରବାର ପୁରୀ ଟାଉନ ହଲରେ କେନ୍ଦ୍ରାଞ୍ଚଳ ଆଇଜି ଆଶିଷ ସିଂଙ୍କ ଅଧ୍ୟକ୍ଷତାରେ ପୋଲିସ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୃଙ୍ଖଳିତ ଭାବେ ଭକ୍ତଙ୍କ ଦର୍ଶନ, ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ଆଇନ୍‌ଶୃଙ୍ଖଳା, ଟ୍ରାଫିକ ଓ ପାର୍କିଂ ବ୍ୟବସ୍ଥା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ମାର୍କେଟ ଛକଠାରୁ ବ୍ୟାରିକେଡ୍ ବ୍ୟବସ୍ଥା ସହ ପର୍ଯ୍ୟାପ୍ତ ସିସିଟିଭି, ୬୦ ପ୍ଲାଟୁନ ପୋଲିସ ଫୋର୍ସ ସହ ପଞ୍ଚସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିସହ ୩ କମାଣ୍ଡାଣ୍ଟ, ୧୨ ଅତିରିକ୍ତ ଏସ୍‌ପି, ୨୨ ଡିଏସ୍‌ପି ୫୯ ଇନ୍ସପେକ୍ଟର, ୨୯୧ ସବ୍‌ଇନ୍ସପେକ୍ଟର, ୪୧ ହାବିଲଦାର, ୧୨ ଟ୍ରାଫିକ ହାବିଲଦାର, ୩୩୧ କନ୍‌ଷ୍ଟେବଲ୍, ୪୮ ଟ୍ରାଫିକ କନ୍‌ଷ୍ଟେବଲ୍, ୫୪୪ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ। ମାର୍କେଟ ଛକ ଠାରୁ ଶ୍ରୀମନ୍ଦିର ଓ ଏହାର ଚତୁଃପାର୍ଶ୍ୱକୁ ନୋ ଭେହିକିଲ୍ ଜୋନ୍ କରାଯିବ। ଶ୍ରୀମନ୍ଦିର ସହ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସିସିଟିଭି ସ୍ଥାପନ କରାଯାଇ ଏକ ସ୍ୱତନ୍ତ୍ର ପୋଲିସ କଣ୍ଟ୍ରୋଲ ରୁମ୍ କାମ କରିବ। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସହ ବିଶେଷକରି ବେଳାଭୂମିରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତଙ୍କ ପାଇଁ ବିଭିନ୍ନ ସ୍ଥାନରେ ପାର୍କିଂ ବ୍ୟବସ୍ଥା ସହ ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯାଇଛି।

**ଆଜିଠୁ ଟ୍ରାଫିକ କଟକଣା ଲାଗୁ**

- ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ନୋ ଭେହିକିଲ୍ ଜୋନ୍
- ଭକ୍ତଙ୍କ ଦର୍ଶନ, ସୁରକ୍ଷା, ଆଇନଶୃଙ୍ଖଳାକୁ ଗୁରୁତ୍ୱ

କେନ୍ଦ୍ରାଞ୍ଚଳ ଆଇଜି କହିଛନ୍ତି, ସ୍ନାନଯାତ୍ରାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। କମାଣ୍ଡାଣ୍ଟ ଅଫିସରଙ୍କ ନେତୃତ୍ୱରେ ଅତିରିକ୍ତ ଏସ୍‌ପି ଏବଂ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରହିବେ। ତାଙ୍କ ଅଧୀନରେ ଡିଏସ୍‌ପି ର୍‍ୟାଙ୍କର ଅଫିସରଙ୍କ ସମେତ ମୋଟ ୩ ହଜାର ୫୦୦ ପୋଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ରହିବେ। ୬୦ ପ୍ଲାଟୁନ ଫୋର୍ସ ମୁତୟନ ହେବେ। ମହାପ୍ରଭୁଙ୍କ ଆଶୀର୍ବାଦରେ ମହାପ୍ରଭୁଙ୍କ ଯାତ୍ରା ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ବୋଲି ଆଶା ରହିଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ନଜର ରଖାଯାଇଛି। ଟ୍ରାଫିକ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଟ୍ରାଫିକ ଦାୟିତ୍ୱରେ ଜଣେ କମାଣ୍ଡାଣ୍ଟ ର୍‍ୟାଙ୍କର ଅଫିସର ରହିବେ। ସେହିପରି ପୁରୀ ଏସ୍‌ପି କନଓ୍ୱର ବିଶାଳ ସିଂହ କହିଛନ୍ତି, ପୋଲିସ ବ୍ୟବସ୍ଥାକୁ ୫ଟି ଭାଗରେ ବିଭକ୍ତ କରାଯାଇଛି। ଶ୍ରୀମନ୍ଦିର ପରିସରରେ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ୫ ପ୍ଲାଟୁନ ପୋଲିସ ଫୋର୍ସ ରିଜର୍ଭରେ ରହିବେ। ଶ୍ରୀମନ୍ଦିର ବାହାରେ ଭକ୍ତଙ୍କ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଗହଳିକୁ ଦେଖି ପର୍ଯ୍ୟାୟ କ୍ରମେ ଭକ୍ତଙ୍କୁ ଛଡ଼ାଯିବ। ଶ୍ରୀମନ୍ଦିର ବାହାରେ ୧୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ସେହିପରି ୩ ତାରିଖଠାରୁ ଟ୍ରାଫିକ କଟକଣା ଜାରି ହେବ। ତେବେ ସ୍ଥାନୀୟ ଲୋକଙ୍କ ପାଇଁ ସେତେ କଟକଣା ରହିବ ନାହିଁ। ଜରୁରିକାଳୀନ କାର୍ଯ୍ୟ ପାଇଁ କଟକଣା ରହିବ ନାହିଁ। ଟ୍ରାଫିକ ପାଇଁ ୭ଟି ସ୍ଥାନ ନିରୂପଣ ହୋଇଛି। ଦୁଇଚକିଆ ଗାଡ଼ି ବଡ଼ଦାଣ୍ଡର ମାର୍କେଟ ଛକଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ପାର୍କିଂ ହୋଇପାରିବ। ଭକ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପାଣି ଓ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି। ଶ୍ରୀମନ୍ଦିର ଚାରିପାଖକୁ ନୋ ଭେହିକିଲ୍ ଜୋନ୍ କରାଯିବ। ବୈଠକରେ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୂରଦର୍ଶନରେ ରଥଯାତ୍ରାର ସିଧା ପ୍ରସାରଣ

ଭୁବନେଶ୍ୱର, ୨।୬(ବ୍ୟୁରୋ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା ଆସନ୍ତା ୪ ତାରିଖରେ ଅନୁଷ୍ଠିତ ହେବ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସ୍ନାନମଣ୍ଡପରେ ଶ୍ରୀବିଗ୍ରହମାନଙ୍କୁ ସୁବାସିତ ଜଳଲାଗି ସହ ହାତୀବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ ଦାରୁଦେବତା । ସ୍ନାନପୂର୍ଣ୍ଣିମା ଅବସରରେ ରତ୍ନ ସିଂହାସନଠାରୁ ସ୍ନାନମଣ୍ଡପ ପର୍ଯ୍ୟନ୍ତ ବିଭିନ୍ନ ନୀତିକାନ୍ତି ସମ୍ପନ୍ନ ହେବ। ଶ୍ରୀଜୀଉଙ୍କର ସ୍ୱତନ୍ତ୍ର ରୀତିନୀତି ଓ ଦୁର୍ଲଭ ବେଶକୁ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଛି। ଡି.ଡି. ଓଡ଼ିଆ ସମେତ ଅନ୍ୟ ଚ୍ୟାନେଲ୍‌ଗୁଡ଼ିକରେ ସୂଚନା ଓ ଲୋକସମ୍ପର୍କ ବିଭାଗ ମାଧ୍ୟମରେ ସ୍ନାନଯାତ୍ରାର ପ୍ରସାରଣ ବନ୍ଦୋବସ୍ତ କରାଯାଇଛି। ଉକ୍ତଦିନ ପ୍ରଭାତରେ ନୀତି ଆରମ୍ଭରୁ ରାତ୍ରରେ ନୀତି ସମ୍ପନ୍ନ ହେବା ପର୍ଯ୍ୟନ୍ତ ସ୍ନାନଯାତ୍ରାର ସିଧା ପ୍ରସାରଣ କରାଯିବ। ଏହାସହ ଆସନ୍ତା ୨୦ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା, ୨୧ରେ ଆଡପ ମଣ୍ଡପ ବିଜେ, ୨୮ରେ ବାହୁଡ଼ା ଯାତ୍ରା, ଜୁନ୍ ୨୯, ୩୦ ଓ ଜୁଲାଇ ୧ରେ ଯଥାକ୍ରମେ ସୁନାବେଶ, ଅଧରପଣା, ନୀଳାଦ୍ରିବିଜେର ସିଧା ପ୍ରସାରଣ ପାଇଁ ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି ବୋଲି କେନ୍ଦ୍ରର ଉପମହାନିର୍ଦ୍ଦେଶକ ରିଜ୍‌ୱାନା ଅଖ୍‌ତର ସୂଚନା ଦେଇଛନ୍ତି।

# ଶ୍ରୀମନ୍ଦିରକୁ ଦଇତାପତି ସେବକଙ୍କ ପ୍ରବେଶ

ପୁରୀ ଅଫିସ, ୨।୬



ଆସନ୍ତା ୪ତାରିଖରେ ଦେବସ୍ନାନ ପୂର୍ଣ୍ଣିମା ତଥା ସ୍ନାନଯାତ୍ରା। ଏହିଦିନ ସ୍ନାନମଣ୍ଡପରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ମହାପ୍ରଭୁଙ୍କ ଅଣସର ନୀତି ଆରମ୍ଭ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ଗୁପ୍ତ ନୀତି ସମ୍ପାଦନ କରିବେ। ଶୁକ୍ରବାର ଶୁକ୍ଳ ତ୍ରୟୋଦଶୀ ତିଥି ଅବସରରେ ଦଇତାପତି ସେବକମାନେ ଶ୍ରୀମନ୍ଦିରରେ ପ୍ରବେଶ କରି ସ୍ନାନଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଦଇତାପତି ସେବକମାନେ ସ୍ନାନଯାତ୍ରାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସେବା କରିବେ।

ଶୁକ୍ରବାର ରାତ୍ର ବଡ଼ସିଂହାର ସରି ଶ୍ରୀମୁଖ ଖଣ୍ଟୁଆ ପଡ଼ିବା ପରେ ଦଇତାପତି ସେବକମାନେ ଶ୍ରୀଅଙ୍ଗ ସୁରକ୍ଷା ଲାଗି ବାହୁଟ କଣ୍ଟ ନୀତି ସମ୍ପନ୍ନ କରିଛନ୍ତି। ସେନାପଟା ଲାଗି ଓ ବାହୁଟ କଣ୍ଟ ପାଇଁ ସାକ୍ଷୀଗୋପାଳ ଅଞ୍ଚଳରୁ ଆସିଥିବା ବଉଳକାଠରେ ଆବଶ୍ୟକ ମାପ ଅନୁଯାୟୀ ସେନାପଟା ଓ ବାହୁଟ ନିର୍ମାଣ କରାଯିବ। ସ୍ନାନଯାତ୍ରା, ଶ୍ରୀଗୁଣ୍ଡିଚା ଯାତ୍ରା, ଆଡ଼ପ ପହଣ୍ଡି, ବାହୁଡ଼ା ଯାତ୍ରା ଓ ନୀଳାଦ୍ରି ବିଜେ ପହଣ୍ଡି ସମୟରେ ଏହି ସେନାପଟା ଓ ବାହୁଟ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ସୁରକ୍ଷା ପ୍ରଦାନ କରିଥାଏ। କୋଠ ସୁଆଁସିଆ ସେବକମାନେ ରତ୍ନସିଂହାସନରେ ଚାରମାଳ ବାନ୍ଧିବାହାରିବା ପରେ ଦଇତାପତି ସେବକମାନେ ପୁନର୍ବାର ଶନିବାର ସକାଳେ ଶ୍ରୀମନ୍ଦିର ଗର୍ଭଗୃହକୁ ଯାଇ ମହାପ୍ରଭୁଙ୍କୁ ସେନାପଟା ଲାଗିକରିବେ।

**ସ୍ନାନଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ କଲେ**

# ସ୍ନାନଯାତ୍ରା ପାଇଁ ଟ୍ରାଫିକ ଗାଇଡ୍‌ଲାଇନ

ପୁରୀ ଅଫିସ, ୨।୬

- ମାଜଣା ଯାଗା ପର୍ଯ୍ୟନ୍ତ ଯାଇପାରିବେ ଅଟୋ, ଟାଉନ୍ ବସ୍
- ସହାୟତା ନିମନ୍ତେ ହେଲ୍ପ ଲାଇନ୍ ନଂ- ୬୩୭୦୯ ୬୭୧୦୦ ଜାରି

ମହାପ୍ରଭୁଙ୍କ ସ୍ନାନଯାତ୍ରା ୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ଶ୍ରୀକ୍ଷେତ୍ରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଭକ୍ତଙ୍କ ଶୃଙ୍ଖଳିତ ଯାତାୟତ ନେଇ ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ସମ୍ବଳିତ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ, ଭୁବନେଶ୍ୱର/କୋଣାର୍କରୁ ନିୟମିତ ଯାତ୍ରୀବାହୀ ବସ୍‌ଗୁଡ଼ିକ ମ୍ୟୁନିସିପାଲିଟି ବସ୍‌ଷ୍ଟାଣ୍ଡକୁ ପ୍ରବେଶ ପାଇଁ କୌଣସି ପ୍ରତିବନ୍ଧକ ନାହିଁ। ଭୁବନେଶ୍ୱର ଓ କୋଣାର୍କ ବ୍ୟତୀତ ଅନ୍ୟ ସ୍ଥାନରୁ ଆସୁଥିବା ବସ୍‌ଗୁଡ଼ିକୁ ସେମାନଙ୍କ ରାସ୍ତା ଅନୁସାରେ ପରିବର୍ତ୍ତନ କରାଯିବ। ପୁରୀ ଟାଉନ୍‌ର ନିୟମିତ ବସ୍ ଓ ଅଟୋରିକ୍ସାକୁ ଯାତାୟତ ପାଇଁ ବଡ଼ଦାଣ୍ଡରେ ମାଜଣା ଯାଗା ପର୍ଯ୍ୟନ୍ତ ଅନୁମତି ଦିଆଯିବ। ସେହିପରି ଦୁଇଚକିଆ ଯାନଗୁଡ଼ିକୁ ମାର୍କେଟ ଛକ ଠାରୁ ନାୟକ ପ୍ଲାଜା ପର୍ଯ୍ୟନ୍ତ ପାର୍କିଂ ପାଇଁ ଅନୁମତି ଦିଆଯିବ ଏବଂ ପୂର୍ଣ୍ଣ ହେଲା ପରେ ସେହି ଅନୁସାରେ ପରିବର୍ତ୍ତନ କରାଯିବ। ଅପରପକ୍ଷରେ ସମସ୍ତ ଲଘୁଯାନ/କାର୍/ଏସ୍‌ୟୁଭି ଯାନଗୁଡ଼ିକୁ ଜଗନ୍ନାଥ ବଲ୍ଲଭ, ବଗଲା ଧର୍ମଶାଳା, ଶରଧାବାଲି, ବ୍ଲୁ ଫ୍ଲାଗ୍ ବିଚ୍ ଏବଂ ହୋଟେଲ ନୀଳାଚଳ ଅଶୋକଠାରେ ପାର୍କିଂ କରାଯିବ। ଉକ୍ତ ସ୍ଥାନଗଡ଼ିକ ପୂର୍ଣ୍ଣ ହେଲା ପରେ ସେହି ଅନୁସାରେ ଗାଡ଼ିଗୁଡ଼ିକୁ ଅନ୍ୟତ୍ର ପରିବର୍ତ୍ତନ କରାଯିବ। ୩ ତାରିଖ ମଧ୍ୟାହ୍ନ ୧୨ଟାରୁ ୪ତାରିଖ ସ୍ନାନପୂର୍ଣ୍ଣିମା ଶେଷ ହେବା ପର୍ଯ୍ୟନ୍ତ ଯାନବାହନଗୁଡ଼ିକର ଯାତାୟତ ଟ୍ରାଫିକ୍ ନିୟମାନୁସାରେ ହେବ। ଯାତାୟତ ପ୍ରବାହକୁ ଦେଖି ଟ୍ରାଫିକ ନିୟମକୁ କୋହଳ କରାଯିବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମାର୍କେଟ ଛକଠାରୁ ଜଗାବଳିଆ ଲଜ୍ ପର୍ଯ୍ୟନ୍ତ ଯାନବାହନ ଶୂନ୍ୟ ଅଞ୍ଚଳ ବା ନୋ ଭେହିକିଲ୍ ଜୋନ ଭାବେ ଚିହ୍ନଟ କରାଯାଇଛି। ଯେକୌଣସି ସହାୟତା ପାଇଁ ଆବଶ୍ୟକ ହେଲେ ଭକ୍ତ ଓ ପର୍ଯ୍ୟଟକମାନେ ପୁରୀ ପୋଲିସ୍‌ର ୨୪ ଘଣ୍ଟିଆ ହେଲ୍ପ ଲାଇନ୍ ନଂ- ୬୩୭୦୯ ୬୭୧୦୦ରେ ଯୋଗାଯୋଗ କରିବା ପାଇଁ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଚନ୍ଦନ



@ ବର୍ଷା



@ ଚିନୁ



@ ମୃତ୍ୟୁଞ୍ଜୟ



@ ସ୍ମୃତି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

IndianOil Adani Ventures

**ନକଲି ନିଯୁକ୍ତି ଠକାମୀ ରୁ ସାବଧାନ !**

ଏହା ଆମ ନଜରକୁ ଆସିଛି ଯେ **ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ** (ଆନୁଷ୍ଠାନିକ ଭାବରେ ଇଣ୍ଡିଆନ୍ ଓଏଲ୍ ଟାଙ୍କିଙ୍ଗ୍ ଲିମିଟେଡ୍ ଭାବରେ ଜଣାଶୁଣା) ନାମରେ କିଛି ନକଲି ନିଯୁକ୍ତି ସଂସ୍ଥା କାର୍ଯ୍ୟକରୁଅଛି। ଏହି ସଂସ୍ଥାରେ କାର୍ଯ୍ୟକରୁଥିବା ବ୍ୟକ୍ତିମାନେ, ଚାକିରି ସୁରକ୍ଷା ଓ ନିଯୁକ୍ତି ପ୍ରକ୍ରିୟା ନାମରେ ପ୍ରାର୍ଥୀଙ୍କଠାରୁ ଟଙ୍କା ଆଦାୟ କରୁଛନ୍ତି ।

ଆମେ ଏହା ସ୍ପଷ୍ଟ କରିବାକୁ ଚାହୁଁଛୁ ଯେ ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ କୌଣସି ନିଯୁକ୍ତି ପ୍ରକ୍ରିୟାକୁ ଅନୁମତି ଦେଇ ନାହିଁ ଏବଂ ଆମେ ପ୍ରାର୍ଥୀଙ୍କଠାରୁ କୌଣସି ଟଙ୍କା ଦାବି କରୁନାହୁଁ। କିଛି ଠକ ବ୍ୟକ୍ତି, ପ୍ରାର୍ଥୀଙ୍କୁ ବିଭ୍ରାନ୍ତ କରିବା ଏବଂ ସେମାନଙ୍କଠାରୁ ଟଙ୍କା ଆଦାୟ କରିବା ପାଇଁ ଆମ କମ୍ପାନୀର ନାମ ଏବଂ ଲୋଗୋ ବ୍ୟବହାର କରୁଛନ୍ତି।

ଉଭୟ ପାର୍ଥୀ ଓ ସେମାନଙ୍କର ପରିଜନ ମାନଙ୍କୁ ଅନୁରୋଧ ସେମାନେ ଏହିଭଳି ନକଲି ନିଯୁକ୍ତି ପ୍ରକ୍ରିୟାରେ ପ୍ରଲୋଭିତ ନ ହୋଇ ନିଜକୁ ଠକାମୀରୁ ଦୁରେଇ ରଖନ୍ତୁ । ଯଦି ଆପଣଙ୍କର ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ ଲିମିଟେଡ୍ ରେ ନିଯୁକ୍ତି ପ୍ରକ୍ରିୟା ସମ୍ବନ୍ଧରେ କୌଣସି ସନ୍ଦେହ କିମ୍ବା ପ୍ରଶ୍ନ ଅଛି, ଦୟାକରି ଆମର ମାନବସମ୍ବଳ ବିଭାଗର ଅଫିସିଆଲ୍ ଇ-ମେଲ୍ **CorporateHR@iotl.com** ରେ ଯୋଗାଯୋଗ କରନ୍ତୁ।

ଇଣ୍ଡିଆନ୍ ଓଏଲ୍ ଆଦାନୀ ଭେଞ୍ଚର୍ସ ପରିଚାଳନା କର୍ତ୍ତୃପକ୍ଷ।

6DAYS EXTENDING
UPTO 60% OFF ON
Furniture, Home Decor & Lifestyle
BITF
GEM Gupta Event Management Pvt.Ltd Exhibition & Events
8th BHUBANESWAR
INTERNATIONAL
TRADE
FAIR
21st May- 4th JUNE-2023
Janta Maidan, Bhubaneswar
Time -2.30PM -9.30PM
13 A/C PAVILION
35000 National & International Products
20 STATES & 13 COUNTRIES
Odisha PROPERTY BRANDS Expo
COMPARE | DISCUSS | DECIDE



**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଜିଲ୍ଲା ସ୍ତରୀୟ ନିଯୁକ୍ତି**
ନିଜ ଅଞ୍ଚଳରେ OFFICIAL JOB କରିବାକୁ ପ୍ରାର୍ଥୀ ଆବଶ୍ୟକ।
Salary : (8,000 - 25,000)
ଯୋଗ୍ୟତା : 9th to Graduate
9124128389

**WE ARE HIRING**
Anchor, Reporter, Cameraman, Copy Editor, Visual Editor, Social Media Executive, Marketing Executive & Reporter for all District & Blocks.
Submit your CV:
hrdinanka@gmail.com

IBPS
इंस्टीट्यूट ऑफ बैंकिंग पर्सोनेल सिलेक्शन
(भारतीय रिज़र्व बैंक, केंद्रीय वित्तीय संस्थाओं व सार्वजनिक क्षेत्र के बैंकों द्वारा स्थापित एक स्वायत्त संस्था)
INSTITUTE OF BANKING PERSONNEL SELECTION
(An autonomous body set up by Reserve Bank of India, Central Financial Institutions and Public Sector Banks)
असेसमेंट में, हम पर भरोसा रखता है भारत — In assessment, India trusts us
वेबसाइट देखने हेतु स्कैन करें Scan to Visit Website
ପ୍ରାଧିକୃତ ୱେବ୍‌ସାଇଟ୍: www.ibps.in
କୌଣସି ପ୍ରଶ୍ନ / ଅଭିଯୋଗ ପାଇଁ ଦୟାକରି http://cgrs.ibps.in ରେ ଲଗ୍ ଇନ୍ କରନ୍ତୁ

**ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆର୍‌ଆର୍‌ବି)ଗୁଡ଼ିକରେ ଅଫିସର୍ସ (ସ୍କେଲ୍- I, II ଓ III) ଏବଂ ଅଫିସ୍ ଆସିଷ୍ଟାଣ୍ଟସ୍ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ନିମନ୍ତେ ସାଧାରଣ ନିଯୁକ୍ତି ପ୍ରକ୍ରିୟା - ସିଆର୍‌ପି ଆର୍‌ଆର୍‌ବି - XII**

ଆର୍‌ଆର୍‌ବିଗୁଡ଼ିକରେ ଗ୍ରୁପ୍ ‘‘ଏ’’ - ଅଫିସର୍ସ (ସ୍କେଲ୍-I, II ଓ III) ଏବଂ ଗ୍ରୁପ୍ ‘‘ବି’’ - ଅଫିସ୍ ଆସିଷ୍ଟାଣ୍ଟ (ମଲ୍ଟିପର୍ପୋଜ୍)ଙ୍କ ନିଯୁକ୍ତି ପାଇଁ ପରବର୍ତ୍ତୀ ସାଧାରଣ ନିଯୁକ୍ତି ପ୍ରକ୍ରିୟା (ସିଆର୍‌ପି ଆର୍‌ଆର୍‌ବିଏସ୍ XII) ଲାଗି ଅନ୍‌ଲାଇନ୍ ପରୀକ୍ଷା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବ୍ୟାଙ୍କିଙ୍ଗ୍ ପର୍ସୋନେଲ୍ ସିଲେକ୍ସନ୍ (ଆଇବିପିଏସ୍) ଦ୍ୱାରା ସମ୍ଭବତଃ ଅଗଷ୍ଟ ଏବଂ ସେପ୍ଟେମ୍ବର ୨୦୨୩ରେ ସଞ୍ଚାଳନ କରାଯିବ ।
ସମାନ ପ୍ରକ୍ରିୟା ଅଧୀନରେ ଗ୍ରୁପ୍ ‘‘ଏ’’ ଅଫିସର୍ସ (ସ୍କେଲ୍- I, II ଓ III)ଙ୍କ ନିଯୁକ୍ତି ଲାଗି ସାକ୍ଷାତ୍କାର ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ପରାମର୍ଶକ୍ରମେ ନାବାର୍ଡ ଏବଂ ଆଇବିପିଏସ୍ ସହାୟତାରେ ନୋଡାଲ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ସମ୍ଭବତଃ ନଭେମ୍ବର ୨୦୨୩ରେ ସଂଯୋଜିତ ହେବ।
ସିଆର୍‌ପି ଆର୍‌ଆର୍‌ବି - XII ନିମନ୍ତେ ଆବେଦନ କରିବା ଲାଗି ଇଚ୍ଛୁକ ପ୍ରାର୍ଥୀମାନେ ଏହା ସୁନିଶ୍ଚିତ କରିନେବା ଆବଶ୍ୟକ ଯେ ସେମାନେ ନିର୍ଦ୍ଧାରିତ ତାରିଖରେ ଆଇବିପିଏସ୍ ଦ୍ୱାରା ଜାରି ବିସ୍ତୃତ ଅଧିସୂଚନାରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ ସର୍ବନିମ୍ନ ଯୋଗ୍ୟତା ପୂରଣ କରୁଥିବେ।

| କାର୍ଯ୍ୟକ୍ରମ | ସମ୍ଭାବ୍ୟ ତାରିଖ |
|---|---|
| ଦରଖାସ୍ତ ସମ୍ପାଦନ/ସଂଶୋଧନ ସମେତ ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ଦରଖାସ୍ତ ଦେୟ/ଇଣ୍ଟିମେଶନ ଦେୟ ପୈଠ | ୦୧।୦୬।୨୦୨୩ରୁ ୨୧।୦୬।୨୦୨୩ |
| ପ୍ରାକ୍-ପରୀକ୍ଷା ତାଲିମ (ପିଇଟି)* ସଞ୍ଚାଳନ | ୧୭।୦୭।୨୦୨୩ରୁ ୨୨।୦୭।୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରି | ଅଗଷ୍ଟ, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ପ୍ରିଲିମିନାରିର ଫଳାଫଳ | ଅଗଷ୍ଟ / ସେପ୍ଟେମ୍ବର, ୨୦୨୩ |
| ଅନ୍‌ଲାଇନ୍ ପରୀକ୍ଷା – ମେନ୍/ସିଙ୍ଗଲ୍ | ସେପ୍ଟେମ୍ବର, ୨୦୨୩ |

*ପିଇଟି ଆୟୋଜନ ସମ୍ଭବ ଓ ସୁରକ୍ଷିତ ହୋଇଥିଲେ
ବିବରଣୀ ତଥା ଅପ୍‌ଡେଟ୍ ପାଇଁ ନିୟମିତ ଭାବେ ଆଇବିପିଏସ୍ ୱେବ୍‌ସାଇଟ୍ www.ibps.in ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି।
ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବା ପୂର୍ବରୁ ସବିଶେଷ ଅଧିସୂଚନା ପଢ଼ିବା ତଥା ସେଥିରେ ପ୍ରଦତ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରିବା ପାଇଁ ପ୍ରାର୍ଥୀମାନଙ୍କୁ ପରାମର୍ଶ ଦିଆଯାଉଛି ।
ମୁମ୍ବାଇ
ତାରିଖ: ୦୧।୦୬।୨୦୨୩ — ନିର୍ଦ୍ଦେଶକ

**Tender Notice**
BAIF Institute for Sustainable Livelihoods and Development
Invites sealed quotations from reputed vendors for Supply of Liquid Nitrogen at Sambalpur and Cuttack, Odisha.
For more details you may visit to the website : www.baif.org.in
Saraswati Enclave, Dhankauda
Sambalpur-768006, Ph 7894418530

**Tender Notice**
BAIF Institute for Sustainable Livelihoods and Development
Invites sealed quotations from reputed vendors for Transportation of Liquid Nitrogen and other materials from Sambalpur to all 30 districts of Odisha.
For more details you may visit to the website : www.baif.org.in
Saraswati Enclave, Dhankauda
Sambalpur-768006, Ph 7894418530

**ପୂର୍ବ ତଟ ରେଳପଥ**
ସଂ.MCS/Stores/E-Procure/Tender Notice/89, ତା.26.05.2023ରିଖ
ଟେଣ୍ଡର ସଂ. 92235397
ବିବରଣୀ : RDSO ବିନିର୍ଦ୍ଦେଶ ସଂ.RDSO/PE/SPEC/AC/0203-2020(Rev-0) ଅନୁଯାୟୀ LHB ଟାଇପ୍ AC କୋଚ୍‌ଗୁଡ଼ିକର ସୁଇଚ୍ ବୋର୍ଡ଼ କ୍ୟାବିନେଟ୍ ନିମନ୍ତେ ଉପଯୁକ୍ତ, କମ୍ପ୍ଲିଟ୍ ଫ୍ୟୁଜଗୁଡ଼ିକ ସହିତ 750/415V, ଟାଇପ୍-II, 50Hz, ସିଙ୍ଗଲ୍ ଫେଜ୍, "H" ଶ୍ରେଣୀ ଇନ୍‌ସୁଲେସନ, ଡ୍ରାଇ ଟାଇପ୍ ଏବଂ ଏୟାର କୁଲ୍‌ଡ (Air Cooled) 200VA କଣ୍ଟ୍ରୋଲ ଟ୍ରାନ୍ସଫର୍ମର । (ପରିମାଣ: 360 ଗୋଟି) । ୱାରେଣ୍ଟି ଅବଧି : ବିତରଣ ହେବା ତାରିଖ ପରେ 30 ମାସ ।
EMD (ଟଙ୍କାରେ) : 64,140.00 ।
ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : ତା.19.06.2023 ରିଖ 1500 ଘଟିକାରେ ।
ଇ-ଟେଣ୍ଡରର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ।
ଉପ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ରେଳ ଡବା ମରାମତି କାରଖାନା/ ମଞ୍ଚେଶ୍ୱର, ଭୁବନେଶ୍ୱର
PR-232/O/23-24

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/23-24/E-Tender/31, ତା.23.05.2023ରିଖ
(1) ଟେଣ୍ଡର ସଂ.eTender-East-KUR-91-2023, ତା.23.05.2023ରିଖ
ବିବରଣୀ : ଖୋର୍ଦ୍ଧା ରୋଡ୍ ମଣ୍ଡଳର ଘରବାଟିଆ (CBT), କପିଳାସ ରୋଡ୍ (KIS) ଏବଂ ହରିଦାସପୁର (HDS) ଠାରେ ଜୁନିୟର ଇଂଜିନିୟର(JE)/ସିନିୟର ସେକ୍ସନ ଇଂଜିନିୟର (P.Way) ନିମନ୍ତେ 03 ଗୋଟି ଟାଇପ୍-III କ୍ୱାର୍ଟର ବ୍ୟବସ୍ଥା ।
କାର୍ଯ୍ୟର ଆନୁମାନିକ (ଟଙ୍କାରେ): 62.71 ଲକ୍ଷ, EMD (ଟଙ୍କାରେ) : 1,25,400/- ।
(2) ଟେଣ୍ଡର ସଂ. eTender-East-KUR-92-2023, ତା.23.05.2023ରିଖ
ବିବରଣୀ : ପୂର୍ବ ତଟ ରେଳପଥର କଟକ-ପାରାଦ୍ୱୀପ ସେକ୍ସନରେ ଅଟୋମେଟିକ୍ ବ୍ଲକ୍ ସିଗ୍‌ନାଲିଙ୍ଗ୍ ସିଷ୍ଟମ୍ ସମ୍ବନ୍ଧୀୟ ପ୍ରଚଳିତ ଗେଟ୍ ଗୁମଟିଗୁଡ଼ିକର ସଂପ୍ରସାରଣ ।
କାର୍ଯ୍ୟର ଆନୁମାନିକ (ଟଙ୍କାରେ): 248.42 ଲକ୍ଷ, EMD (ଟଙ୍କାରେ) : 2,74,200/- ।
ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ) ।
ଟେଣ୍ଡରର ବନ୍ଦ ହେବା ତାରିଖ ଓ ସମୟ : ତା.16.06.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡରର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-231/O/23-24

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427; ଫ୍ୟାକ୍ସ: 022-22820411

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଏବଂ ଚୁକ୍ତିନାମା ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଏବଂ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

| କ୍ର. ସଂ. | ପଦବୀ | ଖାଲି ପଦବୀ |
|---|---|---|
| | CRPD/SCO-CS/2023-24/03 | |
| 1 | କମ୍ପାନୀ ସେକ୍ରେଟାରୀ ଏମ୍‌ଏମ୍‌ଜିଏସ୍-III | 02 |
| 2 | କମ୍ପାନୀ ସେକ୍ରେଟାରୀ ଏମ୍‌ଏମ୍‌ଜିଏସ୍-II | 02 |
| | CRPD/SCO/2023-24/04 | |
| 3 | ଡେପୁଟି ଚିଫ୍ ଟେକ୍ନୋଲୋଜି ଅଫିସର (ଇନଫ୍ରା) | 01 |
| 4 | ଡେପୁଟି ଚିଫ୍ ଟେକ୍ନୋଲୋଜି ଅଫିସର (ଡିଜିଟାଲ୍) | 01 |
| | CRPD/SCO/2023-24/05 | |
| 5 | ଉପାଧ୍ୟକ୍ଷ (ଏଣ୍ଟରପ୍ରାଇଜ୍ ଏବଂ ଟେକ୍ନୋଲୋଜି ସ୍ଥାପତ୍ୟ) | 01 |
| | CRPD/SCO/2023-24/07 | |
| 6 | ସହକାରୀ ଜେନେରାଲ୍ ମ୍ୟାନେଜର (ସଲ୍ୟୁସନ୍ ଆର୍କିଟେକ୍ଟ ଲିଡ୍) | 01 |
| 7 | ମୁଖ୍ୟ ପରିଚାଳକ (ପିଏମ୍‌ଓ - ଲିଡ୍) | 02 |
| 8 | ମୁଖ୍ୟ ପରିଚାଳକ (ଟେକ୍ ଆର୍କିଟେକ୍ଟ) | 03 |
| 9 | ପ୍ରକଳ୍ପ ପ୍ରବନ୍ଧକ | 06 |
| 10 | ପରିଚାଳକ (ଟେକ୍ ଆର୍କିଟେକ୍ଟ) | 03 |
| 11 | ପରିଚାଳକ (ଡାଟା ଆର୍କିଟେକ୍ଟ) | 03 |
| 12 | ପରିଚାଳକ (ଡେଭଅପ୍‌ସ ଇଞ୍ଜିନିୟର) | 04 |
| 13 | ପରିଚାଳକ (ପର୍ଯ୍ୟବେକ୍ଷଣ ଏବଂ ମନିଟରିଂ ବିଶେଷଜ୍ଞ) | 03 |
| 14 | ପରିଚାଳକ (ଇନଫ୍ରା / କ୍ଲାଉଡ୍ ବିଶେଷଜ୍ଞ) | 03 |
| 15 | ପରିଚାଳକ (ଏକୀକରଣ ଲିଡ୍) | 01 |
| 16 | ପରିଚାଳକ (ଏକୀକରଣ ବିଶେଷଜ୍ଞ) | 04 |
| 17 | ପରିଚାଳକ (ଆଇଟି ସୁରକ୍ଷା ବିଶେଷଜ୍ଞ) | 04 |
| 18 | ପରିଚାଳକ (ଏସ୍‌ଆଇଟି ପରୀକ୍ଷଣ ଲିଡ୍) | 02 |
| 19 | ପରିଚାଳକ (ପ୍ରଦର୍ଶନ ପରୀକ୍ଷଣ ଲିଡ୍) | 02 |
| 20 | ପରିଚାଳକ (ଏମ୍‌ଆଇଏସ୍ ଏବଂ ରିପୋର୍ଟିଂ ଆନାଲିଷ୍ଟ) | 01 |
| 21 | ଡେପୁଟି ମ୍ୟାନେଜର୍ (ଅଟୋମେସନ୍ ଟେଷ୍ଟ ଲିଡ୍) | 04 |
| 22 | ଡେପୁଟି ମ୍ୟାନେଜର (ପରୀକ୍ଷା ବିଶ୍ଳେଷଣକାରୀ) | 04 |

ନିୟମିତ ପଦବୀ: କ୍ର. ନଂ. 1 ଠାରୁ 2 ଏବଂ 6 ଠାରୁ 22 ଚୁକ୍ତିଭିତ୍ତିକ ପଦବୀ: କ୍ର. ନଂ. 3 ଠାରୁ 5
ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।
- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 16.05.2023 ରୁ 05.06.2023 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 16.05.2023 — ମହା ପ୍ରବନ୍ଧକ (ଆର୍‌ପି ଏବଂ ପିଏମ୍)

## ସଂକ୍ଷେପରେ

### ଶାରୀରିକ ଶିକ୍ଷା ଶିକ୍ଷକଙ୍କ ତୃତୀୟ ବ୍ୟାଚ୍ ପ୍ରଶିକ୍ଷଣ ଶିବିର

ଭୁବନେଶ୍ୱର,୨।୬(ବ୍ୟୁରୋ)- ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ କାର୍ଯ୍ୟରତ ଶାରୀରିକ ଶିକ୍ଷା ଶିକ୍ଷକଙ୍କର ୨ଦିନିଆ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର (ତୃତୀୟ ବ୍ୟାଚ) ଉଦ୍‌ଘାଟିତ ହୋଇଯାଇଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସେପାର ଅତିରିକ୍ତ ନିର୍ଦ୍ଦେଶକ ଭଗବାନ ବେହେରା, କ୍ରୀଡ଼ା ତଥା ଯୁବ ସେବା ବିଭାଗର ବୈଷୟିକ ନିର୍ଦ୍ଦେଶକ ଲ୍ୟୁଟନାଣ୍ଟ କୋଲୋନେଲ ଏ. ରାଜେଶ, କ୍ରୀଡା ଓ ଯୁବସେବା ବିଭାଗର ବରିଷ୍ଠ ଖେଳ ବିଜ୍ଞାନ ବିଶେଷଜ୍ଞ ପ୍ରଫେସର ଡ.ସୌମିତ୍ର ମଣ୍ଡଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାର କେନ୍ଦ୍ରୀୟ ରାଜସ୍ୱ ଜୋନର ୧୦ଟି ଜିଲାରୁ ଆସିଥିବା ୮୦ଜଣ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମାର୍ଗଦର୍ଶନରେ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ବିଭାଗର ବରିଷ୍ଠ ତଥା ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କୁ ଶାରୀରିକ ଅଭିବୃଦ୍ଧି ଓ ବିକାଶ, ଶାରୀରିକ ଶିକ୍ଷା ପ୍ରତି ଛାତ୍ରୀଛାତ୍ରମାନଙ୍କୁ ଆକର୍ଷିତ କରିବାର ଉପାୟ, ଖେଳ ମାଧ୍ୟମରେ ଜୀବନ କୌଶଳ ଶିକ୍ଷା, ଖେଳରେ ନୈତିକତା, ଯୋଗାସନ ମାଧ୍ୟମରେ ଶାରୀରିକ ଓ ମାନସିକ ସୁସ୍ଥତା ବଜାୟ ରଖିବା ଆଦି ବିଷୟ ବସ୍ତୁ ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଅଛି।

### ରାଜ୍ୟ ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ଅବସର

ଭୁବନେଶ୍ୱର,୨।୬(ବ୍ୟୁରୋ)- ରାଜ୍ୟ ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀ ତଥା ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ବୁଧବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଗ୍ରନ୍ଥାଗାରିକ ରୁଦ୍ରପ୍ରସାଦ ବେହେରା, ପଦ୍ମନାଭ ଜେନା, କୁକୁମିନା ଦାସ, ସଳିତା ପାତ୍ର, ବିଦ୍ୟାଧର ପଣ୍ଡା, ମଞ୍ଜୁରାଣୀ ମୁଦୁଲିଙ୍କ ସମେତ କର୍ମଚାରୀ,ଗ୍ରନ୍ଥାଗାର ଶିକ୍ଷାନବୀଶ, ପାଠକମାନେ ଯୋଗଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ନିର୍ଦ୍ଦେଶକ ରାଉତରାଏ ଅବସର ନେଉଥିବା ଲକ୍ଷ୍ମୀଧରଙ୍କ ଦୀର୍ଘ ସୁସ୍ଥ ନିରାମୟ ଜୀବନ କାମନା କରିବା ସହ ସେ ନିରନ୍ତର ଭାବେ ସମାଜ କଲ୍ୟାଣ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ ବୋଲି ଆଶାବ୍ୟକ୍ତ କରିଥିଲେ।

# ବଙ୍ଗୀୟ ମହିଳା ଗ୍ୟାଙ୍ଗର ୯ ଗିରଫ

## ଲଜ୍‌ରେ ରହି ମଲ୍‌ରୁ ଚୋରି ର୍‍ୟାକେଟ ଧରାପଡ଼ିଲା

- ପ୍ରାୟ ୨ ଲକ୍ଷର ସାମଗ୍ରୀ ଜବତ, ଆଉ ୪ ସଦସ୍ୟ ଫେରାର
- ବିଭିନ୍ନ ରାଜ୍ୟରେ ବୁଲି ବୁଲି ଚୋରି କରନ୍ତି
- ଏତଲା ଦେବାକୁ ଅନ୍ୟ ମଲ୍‌କୁ ପୋଲିସର ଅପିଲ୍





ଜବତ ହୋଇଥିବା ଚୋରି ସାମଗ୍ରୀ।

ଭୁବନେଶ୍ୱର,୨।୬(ବ୍ୟୁରୋ)

ସ୍ମାର୍ଟସିଟି ଭୁବନେଶ୍ୱରର ବିଭିନ୍ନ ମଲ୍‌ରେ ସ୍ମାର୍ଟ ଉପାୟରେ ଚୋରି କରୁଥିଲା ବଙ୍ଗୀୟ ମହିଳା ଗ୍ୟାଙ୍ଗ୍। ଲଜ୍ ଓ ହୋଟେଲରେ ରହିବା ସହ ମଲ୍‌ରୁ ମଲ୍ ବୁଲି ଚତୁରତାର ସହ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ଚୋରାଇ ନେଉଥିବା ଏହି ଆନ୍ତଃରାଜ୍ୟ ର୍‍ୟାକେଟ ଶେଷରେ ଧରାପଡିଛି। ୧୩ଜଣିଆ ଗ୍ୟାଙ୍ଗ୍‌ର ୯ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିବା ପରେ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ବିଜାପୁର ଥାନା ଅନ୍ତର୍ଗତ ହାଲିସର ଗ୍ରାମର ଲବୁନି ସମଦ୍ଦର (୩୪), ଶୁକ୍ଲା ବଣିକ (୩୦), ମଞ୍ଜରୀ ଚକ୍ରବର୍ତ୍ତୀ (୩୨), ଅମ୍ରିତା ରଏ (୪୦), ବୈଶାଖୀ ମିର୍ଦ୍ଧା (୨୩), ପୁତୁଲ ଦେବ ମହାନ୍ତି (୩୫), ମାଳତି ଦାସ (୩୪), ରୂପା ମିର୍ଦ୍ଧା (୩୨) ଓ ମୌସୁମୀ ଦତ୍ତ (୩୧)। ସେମାନଙ୍କ ନିକଟରୁ ପୋଲିସ ପ୍ରାୟ ୨ ଲକ୍ଷ ଟଙ୍କାର ହର୍ଲିକ୍ସ, ବିଭିନ୍ନ ପ୍ରକାର କସ୍‌ମେଟିକ୍ ଆଦି ସାମଗ୍ରୀ ଜବତ କରିଛି। ଗୁରୁବାର ରାତିରେ ଗିରଫ ପରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଗ୍ୟାଙ୍ଗର ଆଉ ୪ଜଣ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଜୋନ-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି। ଏଥିସହ ଏହି ମହିଳାମାନେ ଯଦି ଅନ୍ୟ କୌଣସି ମଲ୍‌ରେ ଚୋରି କରିଥିବା ପ୍ରମାଣ ଥିବ ତା'ହେଲେ ଏତଲା ଦେବାକୁ ସେ ଅପିଲ କରିଛନ୍ତି।

**ଚୋରି ସାମଗ୍ରୀକୁ ଗାଁରେ ଶସ୍ତାରେ ବିକୁଥିଲେ**

ଗ୍ୟାଙ୍ଗର ସଦସ୍ୟମାନେ ଦେଶର ବିଭିନ୍ନ ରାଜ୍ୟକୁ ଚୋରି କରିବାକୁ ଯାଆନ୍ତି। ସେମାନେ ସପରିବାର ସହ ହୋଟେଲ କିମ୍ବା ଲଜ୍‌ରେ ରହିବା ସହ ମଲ୍‌ରୁ ମଲ୍ ବୁଲି ବୁଲି ଚୋରି କରନ୍ତି। ପରେ ସେମାନେ ବିଭିନ୍ନ ମଲ୍‌ରୁ ଚୋରି କରୁଥିବା ସାମଗ୍ରୀକୁ ନିଜ ଗାଁକୁ ନେଇଯାଆନ୍ତି। ସେଠାରେ ସେମାନେ ଉକ୍ତ ସାମଗ୍ରୀକୁ ଶସ୍ତାରେ ବିକ୍ରି କରନ୍ତି ବୋଲି ପୋଲିସ ପଚରାଉଚରାବେଳେ ଜାଣିବାକୁ ପାଇଛି।

### ସାୟାରେ ପ୍ୟାକେଟ୍, ସ୍ମାର୍ଟ ତରିକାରେ ଚୋରି

ଗିରଫ ମହିଳାମାନେ ଶାଢ଼ି, ଲେଗିନ୍ସ, କୁର୍ତ୍ତି ଆଦି ପୋଷାକ ପିନ୍ଧି ଚୋରି କରିବାକୁ ଯାଆନ୍ତି। ଅଧିକାଂଶ ମହିଳା ଶାଢ଼ି ପିନ୍ଧି ଚୋରି କରିବାକୁ ପସନ୍ଦ କରିଥାନ୍ତି। ଏଥିପାଇଁ ସେମାନେ ପିନ୍ଧୁଥିବା ସାୟା ଓ ଅନ୍ୟ ପୋଷାକରେ ବ୍ୟାଗ୍ ଭଳି ପ୍ୟାକେଟ କରିଥାନ୍ତି। ସେମାନେ ଚୋରି କରୁଥିବା ସାମଗ୍ରୀକୁ ଉକ୍ତ ପ୍ୟାକେଟ୍‌ରେ ଭର୍ତ୍ତି କରିଦିଅନ୍ତି। ଲେଗିନ୍ସ ପିନ୍ଧିଥିବା ମହିଳାମାନେ ଅଣ୍ଟାରେ ଭିଡିଦିଅନ୍ତି ଚୋରି ସାମଗ୍ରୀ। ଏପରିକି କିଛି ମହିଳା ଜଙ୍ଘ ମଝିରେ ମଧ୍ୟ ସାମଗ୍ରୀକୁ ଜାକି ଦିଅନ୍ତି। ସେମାନେ ଲମ୍ବା ଶାଢ଼ିକୁ ଚତୁରତାର ସହ ଘୋଡ଼େଇ ସମସ୍ତ କର୍ମଚାରୀଙ୍କ ଆଗରେ ନେଇଯାଆନ୍ତି। ସେମାନେ ଚୋରୁ କରୁଥିବା ମଲ୍‌ରୁ ଅଳ୍ପ ଟଙ୍କାର ସାମଗ୍ରୀ କିଣିଥାନ୍ତି। ତାହାର ବିଲ୍ ସିକ୍ୟୁରିଟି ଗାର୍ଡଙ୍କୁ ଜଣେ ଦେଖାଇବା ସମୟରେ ଅନ୍ୟମାନେ ଖସି ଆସନ୍ତି।

### ଧରିଲା ସିସିଟିଭି, କାବୁକଲେ କର୍ମଚାରୀ

ବେଙ୍ଗଲୀ ଗ୍ୟାଙ୍ଗ୍‌ର ସଦସ୍ୟମାନେ ବୁଧବାର ନୟାପଲ୍ଲୀସ୍ଥିତ ରିଲିଆନ୍ସ ସ୍ମାର୍ଟରୁ ଲକ୍ଷାଧିକ ଟଙ୍କାର ଚୋରି କରି ନେଇଯାଇଥିଲେ। ସିସିଟିଭିରୁ ଏହା ଜଣାପଡିବା ପରେ ମଲ୍ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା (ନଂ.୨୨୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସେଭଳି ସନ୍ଦିଗ୍ଧ ମହିଳା ପୁଣି ମଲ୍‌କୁ ଆସିଲେ ସେମାନଙ୍କ ଉପରେ ନଜର ରଖିବାକୁ ମଲ୍ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟାରେ ପୁଣି ୭ଜଣ ମହିଳା ଚୋରି କରିବାକୁ ଆସିଥିବାବେଳେ କର୍ମଚାରୀମାନେ ସେମାନଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପରେ ଆଇଟିଆର୍ ନିକଟରେ ରହୁଥିବା ଲଜ୍‌ରେ ପୋଲିସ ଚଢ଼ାଉ କରି ଅନ୍ୟ ୨ଜଣଙ୍କୁ କାବୁ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲା।

# ୩ଜଣଙ୍କୁ ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ପୁରସ୍କାର




ଭୁବନେଶ୍ୱର,୨।୬(ବ୍ୟୁରୋ)

ଓଡ଼ିଶୀ ନୃତ୍ୟଗୁରୁ ସଂଯୁକ୍ତା ପାଣିଗ୍ରାହୀଙ୍କ ସ୍ମୃତିରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଦ୍ୱିତୀୟ ଜାତୀୟ ସ୍ତରୀୟ 'ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ପୁରସ୍କାର' ବିତରଣ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଗୁରୁବାର ପ୍ରତିଯୋଗିତା ହୋଇଥିଲା। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଚଳିତବର୍ଷ ପାଇଁ ୩ଜଣଙ୍କୁ ସମ୍ମାନଜନକ 'ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ପୁରସ୍କାର ୨୦୨୩' ପ୍ରଦାନ କରାଯାଇଛି। ସ୍ୱୟମ୍ପ୍ରଭା ମିଶ୍ରଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କାର ଅର୍ଥରାଶି ସହ ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରାଯାଇଛି। ସେହିଭଳି ନୃତ୍ୟଶିଳ୍ପୀ ମାଧବୀ ରାଉତଙ୍କ ଦ୍ୱିତୀୟ ପୁରସ୍କାର ବାବଦକୁ ୩୦ହଜାର ଟଙ୍କା ଓ ତୃତୀୟ ହୋଇଥିବା ଟି ତୁଲିକା ରେଡ୍ଡୀଙ୍କୁ ୨୦ହଜାର ଟଙ୍କା ସହ 'ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଛି। ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସୃଜନ ସହଯୋଗରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଫାକଲ୍‌ଟି ଅଫ୍ ଆର୍ଟ, କମ୍ୟୁନିକେଶନ୍ ଆଣ୍ଡ୍ ଇଣ୍ଡିକ୍ ଷ୍ଟଡିଜ୍ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଅତିଥି ଭାବେ ଡ. ପ୍ରୋନେମା ବାଗ୍‌ଚୀ, ଓଡ଼ିଶୀ ନୃତ୍ୟ ଗୁରୁ ମାଧବୀ ମୁଦ୍‌ଗଲ, ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ଫାଇନ୍ ଆର୍ଟସ୍ ଫାକଲ୍‌ଟି ଡ. ମହୁଆ ମୁଖାର୍ଜୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ପ୍ରବୋଧ ରଥ, ବିଶିଷ୍ଟ ଇଂଲିଶ ପ୍ରଫେସର ଡ. କଲ୍ୟାଣୀ ସାମନ୍ତରାୟ, ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପୁରସ୍କୃତ ଶିଳ୍ପୀଙ୍କ ଏକକ ନୃତ୍ୟ ସହ ବିଶ୍ୱବିଦ୍ୟାଳୟର ବ୍ୟାଚଲର ଅଫ୍ ପରଫର୍ମିଂ ଆର୍ଟସ୍ ଇନ୍ ହିନ୍ଦୁସ୍ତାନୀ ଭୋକାଲ୍‌ର ଛାତ୍ରୀଛାତ୍ର ସରସ୍ୱତୀ ବନ୍ଦନା ଉପସ୍ଥାପନ କରିଥିଲେ। ଅରୁପା ଗାୟତ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଧାନସଭା ଆଗରେ ଧାରଣାରେ ବସିବେ ସମବାୟ କର୍ମଚାରୀ

ବାଲିପାଟଣା,୨।୬(ଡି.ଏନ୍.ଏ.)

ଦୀର୍ଘଦିନର ଦାବିକୁ ରାଜ୍ୟ ସରକାର କର୍ଣ୍ଣପାତ କରୁ ନ ଥିବାରୁ ସମବାୟ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ପ୍ରସ୍ତୁତି ଚଳାଇଛନ୍ତି। ଏନେଇ ଶୁକ୍ରବାର ଓଡ଼ିଶା ସମବାୟ କର୍ମଚାରୀ ମହାମଞ୍ଚ ବାଲିପାଟଣା ପକ୍ଷରୁ ଖବରଦାତା ସମ୍ମିଳନୀରେ କ୍ଷୋଭ ପ୍ରକାଶ ପାଇଛି। ସଂଘ ସଭାପତି ପ୍ରସନ୍ନ କୁମାର ବେହେରା କହିଛନ୍ତି, କର୍ମଚାରୀମାନେ କମ୍ ଦରମାରେ ପରିବାର ଚଳାଉଛନ୍ତି। ଦୁଃଖ କଷ୍ଟ ଭିତରେ ଅନେକ କର୍ମଚାରୀ ଅବସର ମଧ୍ୟ ନେଇଗଲେଣି। ସମସ୍ତ ସମବାୟ କର୍ମଚାରୀଙ୍କୁ ସରକାରୀ କ୍ୟାଡରଭୁକ୍ତ କରିବା, ସପ୍ତମ ବେତନ ଲାଗୁ ଓ ସମସ୍ତ କର୍ମଚାରୀଙ୍କୁ ଦରମା ଦେବା ନିମନ୍ତେ ବାର୍ଷିକ ସରକାରୀ ବଜେଟରେ ୩୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇ ସୁଧ ଓ ଗିହାତି ଟଙ୍କା ସମିତି ସଞ୍ଚୟ ଖାତାରେ ତୁରନ୍ତ ପୈଠ କରିବାକୁ ଦାବି ରହିଛି। ଏ ସମସ୍ତ ଦାବି ତୁରନ୍ତ ପୂରଣ ନ ହେଲେ ଜୁନ ୯ରୁ ବିଧାନସଭା ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ସମ୍ପାଦକ ସୁକାନ୍ତ ସାହୁ, ସୁଶିଲ ପଣ୍ଡା, ଚିନ୍ମୟ ମହାନ୍ତି, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଓଜେଇଇ ର୍‍ୟାଙ୍କ୍-୧ରେ ଥିବା ଛାତ୍ରୀଛାତ୍ରଙ୍କ ମୁହଁରୁ...

ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ ଶୁକ୍ରବାର ଓଜେଇଇ-୨୦୨୩ ଫଳ ପ୍ରକାଶ ପାଇଛି। ର୍‍ୟାଙ୍କ୍ ପାଇଥିବା ୪୮,୮୧୫ଜଣ ପରୀକ୍ଷାର୍ଥୀ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ତଥା ଶିକ୍ଷା ଅନୁଷ୍ଠାନର ୧୨ ପାଠ୍ୟକ୍ରମରେ ନାମ ଲେଖାଇବାକୁ ଓଜେଇଇ କାଉନ୍‌ସେଲିଂରେ ଅଂଶଗ୍ରହଣ କରିପାରିବେ। ତେବେ ବିଭିନ୍ନ ପାଠ୍ୟକ୍ରମ ପାଇଁ ର୍‍ୟାଙ୍କ-୧ରେ ଥିବା ଛାତ୍ରୀଛାତ୍ରଙ୍କ ମତାମତକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।



"ରେଜଲ୍ଟ ଜାଣିବା ପରେ ବହୁତ ଖୁସି ଲାଗିଲା। ଟେକ୍ସଟାଇଲରେ ଇଞ୍ଜିନିୟରିଂ ଓଡ଼ିଶା ପାଇଁ ନୂଆ ବିଷୟ। ମୋର ଫ୍ୟାଶନରେ ରୁଚି ରହୁଥିବାରୁ ମୁଁ ଏହି ବିଷୟକୁ ବାଛିଥିଲି। ଓୟୁଟିଆର୍‌ରେ ଏମ୍.ଟେକ୍ କରିବା ପାଇଁ ଚାହୁଁଛି। ମଣିଷର ମୌଳିକ ଆବଶ୍ୟକତା ମଧ୍ୟରୁ ବସ୍ତ୍ର ଅନ୍ୟତମ। ଏ ଦିଗରେ ଉଚ୍ଚଶିକ୍ଷା ଦ୍ୱାରା ଭବିଷ୍ୟତ ଗଢ଼ିବାରେ ଯଥେଷ୍ଟ ସୁଯୋଗ ସୃଷ୍ଟି ହୋଇପାରିବ। ମୁଁ ସକାଳେ ୪ ଘଣ୍ଟା ଓ ରାତିରେ ୪ ଘଣ୍ଟା ପଢୁଥିଲି। ବାପା ଜଣେ ଶିକ୍ଷକ ଓ ମା' ଗୃହିଣୀ। ସେମାନେ ସବୁକ୍ଷେତ୍ରରେ ମୋତେ ସମର୍ଥନ କରିଥା'ନ୍ତି।

**- ଅଙ୍କିତ ସାମଲ, ଟେକ୍ସଟାଇଲ ଇଞ୍ଜିନିୟରିଂ, ଭୁବନେଶ୍ୱର**



"ବାପା ବିଭୂତି ଭୂଷଣ ଶତ୍ରୁସାଲ ଓ ମା ମମତାରାଣୀ ଶତ୍ରୁସାଲଙ୍କ ମାର୍ଗଦର୍ଶନରେ ମୁଁ ପଢ଼ାପଢ଼ି କରେ। କଠିନ ପରିଶ୍ରମର ଫଳ ସ୍ୱରୂପ ଲାଟେରାଲ ଏଣ୍ଟ୍ରି ଏମ୍.ଟେକ୍(ଡିପ୍ଲୋମା)ରେ ର୍‍ୟାଙ୍କ-୧ ପାଇପାରିଛି। ଘାଟିକିଆସ୍ଥିତ ଓୟୁଟିଆର୍‌ରେ ନାମ ଲେଖାଇବା ପାଇଁ ସ୍ଥିର କରିଛି। କୋଚିଂ ବାଦ୍ ପ୍ରତିଦିନ ୮ ଘଣ୍ଟା ପଢ଼ାପଢ଼ି କରୁଥିଲି। ରେଜଲ୍ଟ ଦେଖି ଖୁସି ଲାଗିଲା। ମୋ ସଫଳତାର ଶ୍ରେୟ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଦେବାକୁ ଚାହିଁବି। ସଫଳତା ପାଇଁ ପ୍ରଥମେ ଲକ୍ଷ୍ୟ ସ୍ଥିର କରିବା ଉଚିତ। ସ୍କୁଲ ପଢ଼ିବା ବେଳରୁ ହିଁ ଏ କ୍ଷେତ୍ରରେ ଯିବା ପାଇଁ ନିର୍ଣ୍ଣୟ ନେଇଥିଲି।

**- ରଜତ ଶତ୍ରୁସାଲ, ଲାଟେରାଲ ଏଣ୍ଟ୍ରି ଏମ୍.ଟେକ୍(ଡିପ୍ଲୋମା), ଭୁବନେଶ୍ୱର**



"ବି.ଫାର୍ମା ପାଠ୍ୟକ୍ରମରେ ଓଜେଇଇ ର୍‍ୟାଙ୍କ-୧ ହାସଲ କରିବା ନିହାତି ମୋ ପାଇଁ ଖୁସିର ବିଷୟ। ଡାକ୍ତର ହେବାକୁ ଚାହୁଁଛି। ତେଣୁ ନିଟ୍ ପାଇଁ ପ୍ରସ୍ତୁତି ଚଳାଇଛି। ଏହି ସଫଳତା ପଛରେ ମୋ ବାପା ଓ ଶିକ୍ଷକଙ୍କ ଯଥେଷ୍ଟ ଅବଦାନ ରହିଛି। କୋଚିଂ ବାଦ୍ ମୁଁ ପ୍ରତିଦିନ ୧୨ରୁ ୧୪ ଘଣ୍ଟା ପରିଶ୍ରମ କରୁଥିଲି। ଆଗକୁ ଅଧିକ ପରିଶ୍ରମ କରିବା ସହ ନିଜର ଲକ୍ଷ୍ୟ ହାସଲ କରିବାକୁ ଚେଷ୍ଟା କରିବି। ସବୁ ଶୁଭାକାଂକ୍ଷୀଙ୍କୁ କୃତଜ୍ଞତା ଜଣାଇବି।

**- ସୌରଭ କୁମାର ପତି, ବି.ଫାର୍ମା, ଭୁବନେଶ୍ୱର**



"ଭଲ ର୍‍ୟାଙ୍କ୍ ରହିବ ବୋଲି ଭାବିଥିଲି। ହେଲେ ଟପ୍ପର ହେବି ଭାବି ନ ଥିଲି। ମା' ଓ ବାପାଙ୍କ ଆଶୀର୍ବାଦ, ପରିବାରର ସହଯୋଗ ଯୋଗୁ ମୁଁ ଏହି ସଫଳତା ପାଇପାରିଛି। ଆଗକୁ ମୁଁ ଭଲ କଲେଜରେ ପଢିବା ସହ ଆର୍ଥିକ କ୍ଷେତ୍ରରେ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଛି।

**-ସତ୍ୟଜିତ୍ ସାହୁ, ଏମ୍‌ବିଏ, କଣ୍ଟାପଡ଼ା (କଟକ)**



"ଲାଟେରାଲ ଏଣ୍ଟ୍ରି ଫାର୍ମାସୀରେ ବି ଫାର୍ମା କରିବା ପାଇଁ ଓଜେଇଇ ଦେଇଥିଲି। ଏହି ସଫଳତାର ଶ୍ରେୟ ଈଶ୍ୱର, ପରିବାର, ଅଧାପିକା ଓ ଅଧାପକଙ୍କୁ ଯାଉଛି। ଆଗାମୀ ଦିନରେ ଜଣେ ଭଲ ବୈଜ୍ଞାନିକ ହେବା ପାଇଁ ଲକ୍ଷ୍ୟ ରଖିଛି।

**ଶୁଭଶ୍ରୀ ମହାନ୍ତି, ଲାଟେରାଲ ଏଣ୍ଟ୍ରି ଫାର୍ମାସୀ**

# ୧୪ରୁ ୩ ଦିନିଆ 'ଦି ଗ୍ରାଣ୍ଡ ରଜ କାର୍ନିଭାଲ୍'




ଭୁବନେଶ୍ୱର,୨।୬

ରାଜ୍ୟର ସର୍ବବୃହତ୍ ଜଳକ୍ରୀଡ଼ା କ୍ଷେତ୍ର 'ୱାଣ୍ଡର ୱାର୍ଲଡ' ୱାଟର ପାର୍କ ଆଣ୍ଡ ରେସର୍ଟ ପକ୍ଷରୁ ଏକ ୩ ଦିନିଆ ରଜ ମହୋତ୍ସବ 'ଦି ଗ୍ରାଣ୍ଡ ରଜ କାର୍ନିଭାଲ୍' ର ଆୟୋଜନ କରାଯାଉଛି। ଉଲ୍ଲେଖଯୋଗ୍ୟ, ଚଳିତ ଥରର ରଜପର୍ବକୁ ନିଆରା ଢଙ୍ଗରେ ପୁରୀ ମାଳତିପାଟପୁରସ୍ଥିତ ୱାଣ୍ଡର ୱାର୍ଲଡ ୱାଟର ପାର୍କଠାରେ ପାଳନ କରାଯିବ। ସୂଚନାଯୋଗ୍ୟ , ଜୁନ୍ ୧୪ରୁ ୧୬ ପର୍ଯ୍ୟନ୍ତ 'ଦି ଗ୍ରାଣ୍ଡ ରଜ କାର୍ନିଭାଲ୍' ପାର୍କ ପରିସରରେ ପାଳନ ହେବ। ଏ ନେଇ ଶୁକ୍ରବାର 'ୱାଣ୍ଡର ୱାର୍ଲଡ' ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୱାଣ୍ଡର ୱାର୍ଲଡର ପ୍ରତିଷ୍ଠାତା ନିର୍ଦ୍ଦେଶକ ଡ. ନାରାୟଣ ପାତ୍ର 'ଦି ଗ୍ରାଣ୍ଡ ରଜ କାର୍ନିଭାଲ୍' ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଅପରପକ୍ଷରେ ଚଳିତ ଥରର ରଜ ମହୋତ୍ସବ ସ୍ୱତନ୍ତ୍ର ଭାବେ ଓଡ଼ିଆ ପାରମ୍ପରିକ ପିଠାପଣା ସହ ରଜପାନ ଓ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଦହିବରା, ଆଳୁଦମ୍, ଗୁପ୍‌ଚୁପ୍, ଝାଲମୁଢ଼ି ସାଙ୍ଗକୁ ପୋଡ଼ପିଠା, ଚକୁଳି, କାକରା ପରି ୧୦ ପ୍ରକାର ପିଠା ସହ ଅନ୍‌ଲିମିଟେଡ୍ ୱାଟର ରାଇଡ୍ ସହ ଡ୍ୟାନ୍ସ, ଡିଜେ ମ୍ୟୁଜିକ୍, ସେଲ୍‌ଫି ପଏଣ୍ଟ ଓ ଫୁଡ୍ ଫେଷ୍ଟିଭାଲ୍ ଆୟୋଜନ କରାଯାଉଛି। ଏପରିକି ରଜ କୁଇନ୍ କଣ୍ଟେଷ୍ଟ ମାଧ୍ୟମରେ ଯେଉଁ ମହିଳାମାନେ ପାଣି ସହ ରିଲ୍-ଫଟୋ କ୍ଲିକ୍ କରି ପୋଷ୍ଟ କରିବେ, ସେମାନେ ପ୍ରତ୍ୟେକ ଦିନ ୩ଟି ମାଗଣା ଟିକେଟ୍ ଜିତିବାର ସୁଯୋଗ ପାଇବେ। ଓଡ଼ିଶାର ଗଣପର୍ବ ରଜକୁ ନିଆରା ଭାବେ ୱାଟର ପାର୍କ ପରିସରରେ ଆୟୋଜନ କରାଯାଉଛି। ବିଶେଷ କରି ମହୋତ୍ସବର ଏକ ସୁନ୍ଦର ଅନୁଭୂତି ସାଉଁଟିବାକୁ ଡ. ପାତ୍ର ସମସ୍ତଙ୍କୁ ଆମନ୍ତ୍ରଣ କରିଛନ୍ତି। ଉକ୍ତ ସମ୍ମିଳନୀରେ ୱାଣ୍ଡର ୱାର୍ଲ୍ଡର ପରିଚାଳନା ନିର୍ଦ୍ଦେଶକ ନିରଞ୍ଜନ ପାତ୍ରଙ୍କ ସମେତ ୱାଟର ୱାର୍ଲ୍ଡର ଉପସଭାପତି ବିଭୁତେନ୍ଦ୍ର ମହାପାତ୍ର, ସାଧାରଣ ସମ୍ପାଦକ ରାଧାରମଣ ନାୟକ, ଆସୋସିଏଟ୍ ପିଆର୍ ପ୍ରଦ୍ୟୁମ୍ନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଅଘୋଷିତ ବିଦ୍ୟୁତ୍ କାଟ ବିରୋଧରେ ଦାବିପତ୍ର

ବାରଙ୍ଗ,୨।୬(ଡି.ଏନ୍.ଏ.)

ରାମଦାସପୁର ଶିଳ୍ପାଞ୍ଚଳସ୍ଥିତ ଭାରତ ମସଲା ପରିସରରେ ଶୁକ୍ରବାର ଓଡ଼ିଶା ଇଣ୍ଡଷ୍ଟ୍ରିଆଲ ଆସୋସିଏଶନ (ଓଆଇଏ)ର ୩୭ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଆଇଏର ନୂତନ କର୍ମକର୍ତ୍ତାଙ୍କୁ ଚୟନ କରାଯାଇଛି। ରାମଦାସପୁର ଶିଳ୍ପାଞ୍ଚଳରେ ବିଦ୍ୟୁତ ବିଭାଗର ମନମୁଖି କାର୍ଯ୍ୟ, ଅଘୋଷିତ ଓ ବାରମ୍ବାର ବିଦ୍ୟୁତ କାଟକୁ ବିରୋଧ କରି ଓଆଇଏ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ୪୦ରୁ ଊର୍ଦ୍ଧ୍ୱ ଉଦ୍ୟୋଗପତିମାନେ ଭାରତ ମସଲା ଶିଳ୍ପାଞ୍ଚଳରୁ ବାହାରି ଆସି ଗୋଡିସାହି ବିଦ୍ୟୁତ୍ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ପରେ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଗାମୀ ୧୫ଦିନ ମଧ୍ୟରେ ଏହାର ପ୍ରତିକାର ପାଇଁ ଦାବି କରିଥିଲେ। ଆଗାମୀ ଦିନରେ ଯଦି ତାଙ୍କର ଦାବି ପୂରଣ ନ ହୁଏ, ତେବେ ନିଜ ନିଜର ସମସ୍ତ ପ୍ଲାଣ୍ଟ ବନ୍ଦ କରିବା ସହ ବିଦ୍ୟୁତ କାର୍ଯ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ତୀବ୍ରତର କରିବାକୁ ଚେତାବନୀ ଦେଇଥିଲେ।

# ଓଡ଼ିଶାର ଆତିଥେୟତାକୁ ପ୍ରଶଂସା

## ରାଜଭବନରେ ତେଲଙ୍ଗାନା ଦିବସ

ଭୁବନେଶ୍ୱର,୨।୬(ବ୍ୟୁରୋ)

ରାଜଭବନରେ ଶୁକ୍ରବାର ତେଲଙ୍ଗାନା ଦିବସ ପାଳିତ ହୋଇଛି। ତେଲଙ୍ଗାନା ଦିବସ ଉତ୍ସବ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି, ଭାରତ ସମଗ୍ର ବିଶ୍ୱକୁ ଆଲୋକିତ କରୁଛି। ଭାରତୀୟତାରେ ଅଛି ବିଶ୍ୱଜନୀନତା। ଏହା ଅସୀମ ଓ ଅନନ୍ତ ଆନନ୍ଦର ଉତ୍ସ। ଭାରତ ବିଶ୍ୱଗୁରୁର ମର୍ଯ୍ୟାଦା ହାସଲ କରିବାକୁ ଯାଉଛି। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ନିବାସୀ ତେଲଙ୍ଗାନାର ବ୍ୟକ୍ତିବିଶେଷ ସେମାନଙ୍କର ଅନୁଭୂତି ଓ ଅଭିଜ୍ଞତା ପ୍ରକାଶ କରିଥିଲେ। ଓଡ଼ିଶା ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଓ ଏହାର ଆତିଥ୍ୟ ଅନନ୍ୟ ବୋଲି ସେମାନେ ପ୍ରକାଶ କରିବା ସହିତ ତେଲଙ୍ଗାନା ଏବଂ ଓଡ଼ିଶାର ସାଂସ୍କୃତିକ ଓ ଭାବଗତ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ। ଉତ୍ସବରେ ସମେତ ତେଲଙ୍ଗାନା ସମାଜର ରାଜଭବନର ବରିଷ୍ଠ ଅଧିକାରୀମାନଙ୍କ ବିଭିନ୍ନ ବ୍ୟକ୍ତି ଯୋଗ ଦେଇଥିଲେ।



ତେଲଙ୍ଗାନା ଦିବସ ପାଳନ ଅବସରରେ ରାଜଭବନରେ ଉପସ୍ଥିତ ରାଜ୍ୟପାଳ ଓ ଅନ୍ୟ ଅତିଥିଗଣ।

# ଗୁଆଝରରେ ଚନ୍ଦନ ଉତ୍ସବ

ପୁରୁଣା ଭୁବନେଶ୍ୱର,୨।୬(ଡି.ଏନ୍.ଏ.): କେଦାରଗୌରୀ ନିକଟ ଗୁଆଝରରେ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚରଣରେ ସମର୍ପିତ ଚନ୍ଦନ ଉତ୍ସବ ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ଗୁରୁବାର ପାଳିତ ହୋଇଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିରୁ ନିସ୍ତାର ପାଇଁ ଗୁଆଝରରେ ସ୍ନାନ କରାଯାଇଥିଲା। ଏଥିପାଇଁ ଗୁଆଝର ପୁଷ୍କରିଣୀକୁ ପଦ୍ମ ଫୁଲ ଓ ଆଲୋକରେ ସୁସଜ୍ଜିତ କରାଯାଇଥିଲା। ରାତିରେ ଓଡ଼ିଶାର ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ ସହ ସମସ୍ତଙ୍କ ପାଇଁ ଆନନ୍ଦ ବଜାର ବ୍ୟବସ୍ଥା କରାଯାଇଥିଲା। ଉତ୍ସବରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ, ପୂର୍ବତନ ଭାଜପା ସଭାପତି ସମୀର ମହାନ୍ତି, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ଭାଜପା ରାଜ୍ୟ ଉପସଭାପତି ପୃଥ୍ୱୀରାଜ ହରିଚନ୍ଦନ, ଅନିତା ଶୁଭଦର୍ଶୀନି, ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ମାନସ ମହାନ୍ତି, ସାରଦା ପ୍ରସାଦ ଶତପଥୀ, ଆଶ୍ରିତ ପଟ୍ଟନାୟକ, ସାରଦା ପ୍ରଧାନ, ଜଗନ୍ନାଥ ପ୍ରଧାନ, ବିଶ୍ୱରଞ୍ଜନ ବଡ଼ଜେନା, ଦିଲ୍ଲୀପ ମହାନ୍ତି, ଯତୀନ ମହାନ୍ତି, ସୁଦୀପ୍ତ ରାୟ, ଶୁଭ୍ରାଂଶୁ ପାଢ଼ୀ, ସଞ୍ଜୀବ ସାହୁ, ଶିବାନନ୍ଦ ରାୟ, ରଶ୍ମି ମହାପାତ୍ର ପ୍ରମୁଖ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଆରାଧନା କରିବା ସହ ଚନ୍ଦନ ଉତ୍ସବ ପାଳନ କରିଥିଲେ।

# ଅମଲାଙ୍କ ଆନ୍ଦୋଳନ ପାଇଁ ଅଚଳାବସ୍ଥା


ଅମଲାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଖୋର୍ଦ୍ଧା ଅଫିସ,୨।୬**

- ଦାବି ପୂରଣ ନ ହେଲେ କାର୍ଯ୍ୟକୁ ଫେରିବୁ ନାହିଁ
- କାର୍ଯ୍ୟାଳୟକୁ ଆସି ଫେରିଲେ ଲୋକେ

ଗ୍ରେଡ ପେ ବୃଦ୍ଧି ଦାବିରେ ମିଳିତ ଅମଲା ମଞ୍ଚ କଲମ ଛାଡ଼ ଆନ୍ଦୋଳନ କରିଛନ୍ତି। ଗୁରୁବାର ଠାରୁ ଜିଲାରେ କାର୍ଯ୍ୟରତ ଅମଲାମାନେ ସମୂହ ଛୁଟିରେ ରହିଛନ୍ତି। କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ସରକାରୀ କାର୍ଯ୍ୟାଳୟ ଅଚଳ ହୋଇପଡିଛି। ଜିଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ପ୍ରାୟ ୧୪ଶହ କର୍ମଚାରୀ ଧାରଣାକୁ ଓହ୍ଲାଇଛନ୍ତି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖୋର୍ଦ୍ଧା ତହସିଲ କାର୍ଯ୍ୟାଳୟରେ ମ୍ୟୁଟେସନ, ଡିମାର୍କେଶନ, ଜମିଜମା ପଟ୍ଟା ରେଜିଷ୍ଟ୍ରି ପାଇଁ ତହସିଲ କାର୍ଯ୍ୟାଳୟରେ ଦୈନିକ ଭିଡ଼ ଜମିଥାଏ। ତେବେ ତହସିଲ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଚୌକି ଖାଲିପଡିଥିବା ବେଳେ କର୍ମଚାରୀମାନେ କାର୍ଯ୍ୟାଳୟ ଆଗରେ ଧାରଣାରେ ରହିଥିଲେ। ବ୍ଲକକୁ ବିଭିନ୍ନ ଭତ୍ତା, ଯୋଜନା ବାବଦକୁ ଆସୁଥିବା ଲୋକେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନ ପାଇ ଅପେକ୍ଷା କରି ଫେରିଥିଲେ। ଜିଲାର ସମସ୍ତ ତହସିଲ, ବ୍ଲକ, ପୌର ଏବଂ ଏନ୍‌ଏସି କାର୍ଯ୍ୟାଳୟ ଆଗରେ ଲୋକଙ୍କ ଭିଡ ରହିଛି। ତେବେ ଗୁହାରି ଶୁଣିବା ପାଇଁ କେହି ନାହାନ୍ତି। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲା ମିଳିତ ଅମଲା ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଧାରଣା ଜାରିରହିଛି। ଦୀର୍ଘଦିନ ଧରି ଦାବି ସତ୍ତ୍ୱେ ସରକାର ଗୁରୁତ୍ୱ ଦେଉନାହାନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

### ଏମାନେ ଯାହା କୁହନ୍ତି...

“ତହସିଲ, ସବ୍‌ରେଜିଷ୍ଟ୍ରାର, ଉପଜିଲାପାଳଙ୍କଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟରେ ସବୁବେଳେ ଲୋକଙ୍କ ଗହଳି ରହିଥାଏ। ଦୈନନ୍ଦିନ ଲୋକେ ବିଭିନ୍ନ କାମରେ ଏହି ସମସ୍ତ କାର୍ଯ୍ୟାଳୟକୁ ଆସିଥାନ୍ତି। ତେବେ ଅମଲାମାନେ ଆଗୁଆ ସୂଚନା ଦେଇଥିଲେ। ସରକାର ଅବଗତ ଥାଇ ମଧ କୌଣସି ବ୍ୟବସ୍ଥା କଲେ ନାହିଁ। ଜିଲା ସାରା ଲୋକେ ଗୁରୁବାରଠାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**- ରଣଜିତ୍ ମହାପାତ୍ର, ଖୋର୍ଦ୍ଧା ଜନଜାଗରଣ ମଞ୍ଚର ଆବାହକ**

“ଅମଲାମାନେ ସମୂହ ଛୁଟିରେ ଅଛନ୍ତି। ଲୋକେ ଜରୁରୀ କାମରେ ତହସିଲ, ବ୍ଲକ, ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟକୁ ଆସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅଚଳାବସ୍ଥା ଲାଗି ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ମଧ ଘଟୁଛି। ଏଥିଲାଗି କିଏ ଉତ୍ତରଦାୟୀ ବୋଲି ସେ ପ୍ରଶ୍ନ କରିଛନ୍ତି।

**- ଶୋଭନ ଘୋଷ, ଖୋର୍ଦ୍ଧା ବରିଷ୍ଠ ନାଗରିକ ଫୋରମ ଆବାହକ**

“ଓଡ଼ିଶାରେ କାର୍ଯ୍ୟରତ ଜିଲାସ୍ତରୀୟ ଅମଲାଙ୍କ ପ୍ରତି ସରକାର ଅଣଦେଖା କରୁଛନ୍ତି। କନିଷ୍ଠ ସହାୟକ ଲେବଲ ୪ରୁ ୯କୁ ପଦୋନ୍ନତି, ଗ୍ରେଡ ପେ ୧୯ଶହରୁ ୪୨ଶହ ଟଙ୍କା ବୃଦ୍ଧି ଦାବିରେ ଅମଲା ମଞ୍ଚ ଦୀର୍ଘଦିନ ଧରି ଦାବି କରି ଆସୁଥିବା ବେଳେ ସରକାର କୌଣସି କର୍ଣ୍ଣପାତ କରୁନାହାନ୍ତି।

**-ଅଶୋକ ପଣ୍ଡା, ଜିଲା ଅମଲା ମଞ୍ଚ ସଭାପତି**

“ଜିଲାସ୍ତରୀୟ ଅମଲାମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ରହିଥିଲେ ମଧ ବେତନରେ କୌଣସି ଅଭିବୃଦ୍ଧି କରାଯାଉନାହିଁ। ଏନେଇ ଅମଲା ମଞ୍ଚ ପକ୍ଷରୁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରାଯାଇଛି। ତେବେ କୌଣସି ପଦକ୍ଷେପ ନିଆଯାଇନାହିଁ।

**- ସନ୍ତୋଷ କୁମାର ନିଶଙ୍କ, ମଞ୍ଚ ଆବାହକ**

ଜିଲାସ୍ତରୀୟ ଅମଲାମାନେ ତୃଣମୂଳ ସ୍ତରରେ ରହି ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ସହଯୋଗ କରୁଛନ୍ତି। ବାରମ୍ବାର ଆଲୋଚନା, ଅନୁରୋଧ ସତ୍ତ୍ୱେ ଅଣଦେଖା ପ୍ରତିବାଦରେ ରାଜ୍ୟ ସାରା ଅମଲା ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦାବି ଉପରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ ନ କରିବା ପର୍ଯ୍ୟନ୍ତ ଏଭଳି ଆନ୍ଦୋଳନ ଜାରିରହିବ।

**- ନାରାୟଣ ଦାଶ, ମଞ୍ଚ ରାଜ୍ୟ ସଭାପତି**

## ରୋଟାରୀ କ୍ଲବର ‘ଜୟ ଅଫ୍ ଗିଭିଂ’

**ବାଲୁଗାଁ,୨।୬(ଡି.ଏନ୍.ଏ.)**

ଚିଲିକା–ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ‘ଜୟ ଅଫ୍ ଗିଭିଂ’ ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ରୋଟାରିଆନ ଡ. କୈଳାସ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଲିଟିଲ ୱାର୍ଲଡ ଇଂଲିଶ ମାଧ୍ୟମ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ତାମିଲନାଡୁ ସରକାରଙ୍କ ଜଙ୍ଗଲ ବିଭାଗ ପରାମର୍ଶଦାତା ରୋଟାରିଆନ ଆଶୁତୋଷ ସାମନ୍ତସିଂହାର ଓ ଅତିଥିଭାବେ ରୋଟାରିଆନ ପଞ୍ଚାନନ ପ୍ରଧାନ ଯୋଗଦେଇ ଚିଲିକା ହ୍ରଦର ସୁରକ୍ଷା, ଏହାର ଜୈବ ବିବିଧତାର ସଂରକ୍ଷଣ, ଚିଲିକାର ଚତୁଃପାର୍ଶ୍ୱରେ ବୃକ୍ଷ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ପୂର୍ବତନ ସଭାପତି ସତ୍ୟେନ୍ଦ୍ର ସ୍ୱାଇଁ, ଜାନକୀ ବଲ୍ଲଭ ପଟ୍ଟନାୟକ, ନମିତା ଝା, ସୁରେନ୍ଦ୍ର ସ୍ୱାଇଁ, ଗଜେନ୍ଦ୍ର ସେଠୀ, ଅକ୍ଷୟ ମହାପାତ୍ର, ତ୍ରିଲୋଚନ ବାରିକ ପ୍ରମୁଖ ଜୟ ଅଫ୍ ଗିଭିଂ କାର୍ଯ୍ୟକ୍ରମରେ ଅଧିକ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରି କ୍ଲବର ବଦାନ୍ୟତାକୁ ପ୍ରସାରିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଇଞ୍ଜନପୁର ଗ୍ରାମର ହିତାଧିକାରୀ ସୁଶ୍ରୀ ଶିବାନୀ ପଣ୍ଡାଙ୍କୁ ଜୀବିକା ଅର୍ଜନ ପାଇଁ ଏକ ୱେଟ୍ ଗ୍ରାଇଣ୍ଡର ଅତିଥିମାନେ ପ୍ରଦାନ କରିଥିଲେ। ଚିଲିକା ରୋଟାରୀ କ୍ଲବର ସମ୍ପାଦିକା ଭାରତୀ ପୁଷ୍ପା ସିଂ ରାଠୋର ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଗମ୍ଭାରୀମୁଣ୍ଡା,୨।୬(ଡି.ଏନ୍.ଏ.):** ବାଣପୁର ବ୍ଲକ ଅନ୍ତର୍ଗତ ପ୍ରତାପ ଗ୍ରାମରେ ବାବା ପ୍ରତାପଶ୍ୱର ଦେବଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଙ୍କୁରାରୋପଣ, ରବିବାର କଳସ ଯାତ୍ରା ଓ ବ୍ରାହ୍ମଣ ଦେବତାବରଣ ପରେ ଯଜ୍ଞ ଆରମ୍ଭ ହୋଇଥିଲା। ସୋମବାର ସୂର୍ଯ୍ୟପୂଜା, ଚଣ୍ଡୀପାଠ, ଅଭିଷେକ ପରେ ଯଜ୍ଞାହୁତି ପ୍ରାରମ୍ଭ ହୋଇଥିଲା। ବୁଧବାର ଦେବଦେବୀ ପୂଜା, ନୂତନ ବିଗ୍ରହଙ୍କ ମହାସ୍ନାନ ଓ ଶୟନ କାର୍ଯ୍ୟ ସମାପନ କରାଯାଇଥିଲା। ଗୁରୁବାର ସୂର୍ଯ୍ୟପୂଜା, ଦେବତାମାନଙ୍କ ମନ୍ଦିର ପରିକ୍ରମା, ମନ୍ଦିରରେ ତ୍ରିଶୂଳ ଓ ଧ୍ୱଜା ସ୍ଥାପନ, ବିଗ୍ରହଙ୍କ ଆସନ ବିରାଜମାନ ସହ ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ପୁରୀ ମୁକ୍ତିମଣ୍ଡପର ବ୍ରାହ୍ମଣ ସୁଦର୍ଶନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ସମାପନ ହୋଇଥିଲା। ବୀରଭଦ୍ର ସ୍ୱାଇଁ ଏବଂ ତାଙ୍କ ସହଧର୍ମିଣୀ କର୍ତ୍ତାଭାବେ ଦାୟିତ୍ୱ ତୁଲାଇଥିଲେ। ବିଗ୍ରହ ସ୍ଥାପନ ଦିବସରେ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

### ମେଧାବୀ ଛାତ୍ରୀ ସୋନାଲିଙ୍କୁ ସମ୍ବର୍ଦ୍ଧନା

**ବୋଲଗଡ଼,୨।୬(ଡି.ଏନ୍.ଏ.):** ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବୋଲଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଥିବା ମେଧାବୀ ଛାତ୍ରୀ ସୋନାଲି ଶୁଭଦର୍ଶିନୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ପ୍ରଧାନଙ୍କ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ଅତିଥିଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗୋପୀନାଥ ଖଡେଙ୍ଗା, ମୀନାକ୍ଷୀ ମହାପାତ୍ର, ବ୍ରଜ କିଶୋର ରାୟଗୁରୁ, ଶରତ ପଣ୍ଡା, ପୂର୍ବତନ ଶିକ୍ଷକ ପ୍ରଫୁଲ୍ଲ ଦାସ, ପୂର୍ବତନ ଶିକ୍ଷୟିତ୍ରୀ ଉଲ୍ଲାସ ଦତ୍ତ ପ୍ରମୁଖ ସୋନାଲିଙ୍କ ଉତ୍ତରୋତ୍ତର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ତାଙ୍କୁ ଉତ୍ସାହିତ କରିବା ସହିତ ଉପସ୍ଥିତ ଛାତ୍ରୀଛାତ୍ର ମେଧାବୀ ଶିକ୍ଷାର୍ଥୀଭାବେ ନିଜକୁ ଗଢ଼ି ତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷୟିତ୍ରୀ ତିଳୋତ୍ତମା ଦାଶଙ୍କୁ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ଭାସ୍କର ଚନ୍ଦ୍ର ଦାଶ ଧନ୍ୟବାଦ ଦେଇଥିଲେ।

### ନିଃଶୁଳ୍କ ଯନ୍ତ୍ରଣା ଉପଶମ ଶିବିର

**ଗମ୍ଭାରୀମୁଣ୍ଡା,୨।୬(ଡି.ଏନ୍.ଏ.):** ଆଦର୍ଶ ଆରୋଗ୍ୟ ସେବାସଦନ ବାଣପୁର ଓ ହେଲ୍‌ଥ ଭିଲେଜ ହସ୍ପିଟାଲ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ବାଣପୁର ବ୍ଲକ ଅନ୍ତର୍ଗତ ଦାମିଆ ବରବରା ପଞ୍ଚାୟତରେ ଏକ ନିଃଶୁଳ୍କ ଯନ୍ତ୍ରଣା ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା ଯୋଗଦେଇ କହିଥିଲେ, ଖର୍ଚ୍ଚବହୁଳ ସମାଜରେ ଦାମିଆବରବରା ଭଳି ଏରିଆରେ ଏହି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ। ବୟସାଧିକ୍ୟ ଯୋଗୁ ଆଣ୍ଠୁଗଣ୍ଠି ସମସ୍ୟାରେ ପୀଡ଼ିତ ବହୁ ବୃଦ୍ଧାବୃଦ୍ଧ ଶିବିରରେ ଯୋଗଦେଇ ଚିକିତ୍ସାର ସୁଯୋଗ ନେଇଥିଲେ। ବରିଷ୍ଠ ଡାକ୍ତର ଯୋଗଦେଇ ଚିକିତ୍ସା କରିଥିବା ବେଳେ କାମେଶ୍ୱର ଆରରୀ ଓ ପ୍ରଦୀପ ସାହୁ ପରିଚାଳନ କରିଥିଲେ।

### ତ୍ରିବେଦୀ କମର୍ସ ଛାତ୍ରୀଛାତ୍ରଙ୍କ ସଫଳତା

**ଜଟଣୀ,୨।୬(ଡି.ଏନ୍.ଏ.):** ଚଳିତବର୍ଷ ସିବିଏସ୍‌ସି ଯୁକ୍ତ୨ କମର୍ସ ପରୀକ୍ଷାରେ ଜଟଣୀ ପୌରାଞ୍ଚଳ ରାମଚନ୍ଦ୍ରପୁରସ୍ଥିତ ତ୍ରିବେଦୀ କମର୍ସର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ନମନ ଚୋଟିଆ ସର୍ବାଧିକ ୯୨ ପ୍ରତିଶତ ନମ୍ବର ରଖି କୃତିତ୍ୱ ଅର୍ଜନ କରିଛନ୍ତି। ନମନଙ୍କ ସଫଳତାକୁ ନେଇ ତ୍ରିବେଦୀ କମର୍ସର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ଖୁସିବ୍ୟକ୍ତ କରିବା ସହିତ ସଫଳତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ତ୍ରିବେଦୀ କମର୍ସର ଉନ୍ନତ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଏବଂ ସଫଳତା ପାଇଁ ଅଭିଭାବକମାନେ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଡ. ରାଜ ତ୍ରିବେଦୀ ଓ ଜୟପ୍ରକାଶ ତ୍ରିବେଦୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ଜଟଣୀ,୨।୬(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ୱାର୍ଡ ନଂ.୧୫ ହାଟବଜାର ନିବାସୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଗତା ନନ୍ଦିନୀ ଦାସଙ୍କ ଏକାଦଶାହରେ ଗୁରୁବାର ଅଗ୍ରୱାଲ ଧର୍ମଶାଳା ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଅତିଥିମାନେ ପ୍ରଥମେ ସ୍ୱର୍ଗତା ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା କରିଥିଲେ। ସ୍ୱର୍ଗତା ଦାସ ଜଣେ ମିଷ୍ଟଭାଷୀ, କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଓ ସ୍ନେହୀ ଶିକ୍ଷୟିତ୍ରୀଭାବେ ସମସ୍ତଙ୍କ ନିକଟରେ ଆପଣାର ହୋଇପାରିଥିଲେ ବୋଲି ମତପ୍ରକାଶ ପାଇଥିଲା। ସଭାରେ ସ୍ୱର୍ଗତା ଦାସଙ୍କ ସ୍ୱାମୀ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଅରୁଣ କୁମାର ଦାସ ମହାପାତ୍ରଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

## ୩ଜଣଙ୍କୁ ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ପୁରସ୍କାର




**ଭୁବନେଶ୍ୱର,୨।୬(ବ୍ୟୁରୋ)**

ଓଡ଼ିଶୀ ନୃତ୍ୟଗୁରୁ ସଂଯୁକ୍ତା ପାଣିଗ୍ରାହୀଙ୍କ ସ୍ମୃତିରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ଆୟୋଜିତ ଦ୍ୱିତୀୟ ଜାତୀୟ ସ୍ତରୀୟ ‘ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ପୁରସ୍କାର’ ବିତରଣ ଉତ୍ସବ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ୨ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର ବିଭିନ୍ନ ରାଜ୍ୟରୁ ଆସିଥିବା ଯୁବ ଓଡ଼ିଶୀ ନୃତ୍ୟଶିଳ୍ପୀଙ୍କ ମଧ୍ୟରେ ଗୁରୁବାର ପ୍ରତିଯୋଗିତା ହୋଇଥିଲା। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଚଳିତବର୍ଷ ପାଇଁ ୩ଜଣଙ୍କୁ ସମ୍ମାନଜନକ ‘ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ପୁରସ୍କାର ୨୦୨୩’ ପ୍ରଦାନ କରାଯାଇଛି। ସ୍ୱୟମ୍ପ୍ରଭା ମିଶ୍ରଙ୍କୁ ପ୍ରଥମ ପୁରସ୍କାର ସ୍ୱରୂପ ୫୦ହଜାର ଟଙ୍କାର ଅର୍ଥରାଶି ସହ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇଛି। ସେହିଭଳି ନୃତ୍ୟଶିଳ୍ପୀ ମାଧବୀ ରାଉତଙ୍କ ଦ୍ୱିତୀୟ ପୁରସ୍କାର ବାବଦକୁ ୩୦ହଜାର ଟଙ୍କା ଓ ତୃତୀୟ ହୋଇଥିବା ଟି ତୁଳିକା ରେଡ୍ଡୀଙ୍କୁ ୨୦ହଜାର ଟଙ୍କା ସହ ‘ସଂଯୁକ୍ତା ପାଣିଗ୍ରାହୀ ଉତ୍କର୍ଷ ପୁରସ୍କାର’ ପ୍ରଦାନ କରାଯାଇଛି। ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ର ଓ ସୃଜନ ସହଯୋଗରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ଫାକଲ୍‌ଟି ଅଫ୍ ଆର୍ଟ, କମ୍ୟୁନିକେଶନ୍ ଆଣ୍ଡ ଇଣ୍ଡିକ୍ ଷ୍ଟଡିଜ୍ ପକ୍ଷରୁ ଏହି ଉତ୍ସବ ଆୟୋଜିତ ହୋଇଥିଲା। ଅତିଥି ଭାବେ ଡ. ପ୍ରୋନେମା ବାଗ୍‌ଚୀ, ଓଡ଼ିଶୀ ନୃତ୍ୟ ଗୁରୁ ମାଧବୀ ମୁଦ୍‌ଗଲ, ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟର ଫାଇନ୍ ଆର୍ଟସ୍ ଫାକଲ୍‌ଟି ଡ. ମହୁଆ ମୁଖାର୍ଜୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସମ୍ପାଦକ ପ୍ରବୋଧ ରଥ, ବିଶିଷ୍ଟ ଇଂଲିଶ ପ୍ରଫେସର ଡ. କଲ୍ୟାଣୀ ସାମନ୍ତରାୟ, ଗୁରୁ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ସନ୍ଧ୍ୟାରେ ପୁରସ୍କୃତ ଶିଳ୍ପୀଙ୍କ ଏକକ ନୃତ୍ୟ ସହ ବିଶ୍ୱବିଦ୍ୟାଳୟର ବ୍ୟାଚଲର ଅଫ୍ ପରଫର୍ମିଂ ଆର୍ଟସ୍ ଇନ୍ ହିନ୍ଦୁସ୍ତାନୀ ଭୋକାଲ୍‌ର ଛାତ୍ରୀଛାତ୍ର ସରସ୍ୱତୀ ବନ୍ଦନା ଉପସ୍ଥାପନ କରିଥିଲେ। ଅରୁପା ଗାୟତ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଜନକଲ୍ୟାଣ ସେବାଟ୍ରଷ୍ଟର ଜୀବେଦୟା କାର୍ଯ୍ୟକ୍ରମ

**ଜଟଣୀ,୨।୬(ଡି.ଏନ୍.ଏ.)**

ଜଟଣୀସ୍ଥିତ ଜନକଲ୍ୟାଣ ସେବା ଟ୍ରଷ୍ଟ ପକ୍ଷରୁ ଜୀବେଦୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନକଲ୍ୟାଣ ସେବା ଟ୍ରଷ୍ଟ ଅଧକ୍ଷ ନବୀନ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଛି ଜୀବେଦୟା ସପ୍ତାହ। ଚଳିତବର୍ଷ ଜଟଣୀ ମ୍ୟୁନିସିପାଲିଟି ଛକ ସ୍କୋପ୍ ଆଇଟିଆଇ ପରିସରରେ କଲେଜ ଛାତ୍ରୀଛାତ୍ରଙ୍କ ଗହଣରେ ଜୀବେଦୟାକୁ ନେଇ ଏକ ଆଲୋଚନାଚକ୍ର ହୋଇଥିଲା। ଟ୍ରଷ୍ଟର ସଙ୍ଗଠନ ସମ୍ପାଦକ ନିଲୁ ପଟ୍ଟନାୟକ, ଉପସଭାପତି ଏମ୍. ଡିକରିମ୍, ସହ ସମ୍ପାଦକ ମହେଶ୍ୱର ସାହୁ, ସଂଯୋଜ ବିଭୁ ମହାନ୍ତି, ଲିଟୁରଞ୍ଜନ ରାଉତରାୟ, ବରିଷ୍ଠ ସଦସ୍ୟ ଆଇନଜୀବୀ ମାନସ କୁମାର ରଥ, ପ୍ରକଳ୍ପ ନିର୍ଦ୍ଦେଶକ ଜିତେନ୍ଦ୍ର ନାୟକଙ୍କ ସହ ସ୍କୋପର ଚେୟାରମ୍ୟାନ୍ କେ.ସି ବେହେରା, ରଙ୍ଗନାଥ ବେହେରା ପ୍ରମୁଖ ଆଲୋଚନାରେ ଯୋଗ ଦେଇଥିଲେ। ଟ୍ରଷ୍ଟର ବରିଷ୍ଠ ସଦସ୍ୟ ହରପ୍ରସାଦ ମିଶ୍ରଙ୍କୁ କାର୍ଯ୍ୟଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧାପକ ସୁକାନ୍ତ କୁମାରମହାନ୍ତିଧନ୍ୟବାଦଦେଇଥିଲେ।

## ଧନ୍ଦାମୂଳକ ତାଲିମ ପରାମର୍ଶ କାର୍ଯ୍ୟକ୍ରମ

**ଟାଙ୍ଗୀ(ଖୋର୍ଦ୍ଧା),୨।୬(ଡି.ଏନ୍.ଏ.)**

ଅଧାରୁ ପାଠ ଛାଡ଼ିଥିବା କିଶୋରୀ ବାଳିକାଙ୍କୁ ଏକତ୍ର କରି ଧନ୍ଦାମୂଳକ ତାଲିମ ଏବଂ ଅଧିକ ଶିକ୍ଷାଗତ ଯୋଗ୍ୟତା ହାସଲ କରିବା ପାଇଁ ପରାମର୍ଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ ବଳରାମଦେବ ବିଦ୍ୟାପୀଠ ପରିସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ହେମ୍ବ୍ରମଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସ୍ୱାତୀ ତନୟା ମିଶ୍ର, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ନିର୍ମଳା ଦାଶ, ସହଗୋଷ୍ଠୀ ଶିକ୍ଷା ଅଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ସାବିତ୍ରୀ ସାହୁ, ବୈଷୟିକ କୌଶଳ ପରାମର୍ଶଦାତା ଚନ୍ଦ୍ରଶେଖର ସୁନ୍ଦରାୟ, ଶିବାଶିଷ ସାହୁ, ଶୁଭଶ୍ରୀ ନାୟକ, ଆରତି ସେନାପତି, ପ୍ରକାଶ ଚନ୍ଦ୍ର ବାରିକ, ସୌମ୍ୟା ପ୍ରିୟଦର୍ଶିନୀ, ସୁଶାନ୍ତ ପରିଡା, ଜୟକୃଷ୍ଣ ଦାସ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ ପଲେଇ, ଓରମାସ୍ ଅଧିକାରୀ ରସ୍ମିତା ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଟାଙ୍ଗୀ, ବଡ଼ପାରି, ମଙ୍ଗଳାଯୋଡ଼ି, ସୁନ୍ଦରପୁର, ରାମଚନ୍ଦ୍ରପୁର ପଞ୍ଚାୟତର ୩୨ଜଣ କିଶୋରୀ ବାଳିକାଙ୍କୁ ଟେଲରିଂ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ବିଷୟରେ ମାଗଣା ତାଲିମ ନେଇ ନିଯୁକ୍ତି ପାଇବା ସହିତ ମୁକ୍ତବିଦ୍ୟାଳୟମାନଙ୍କରେ ନାମ ଲେଖାଇ କିପରି ଉଚ୍ଚଶିକ୍ଷା ଲାଭ କରିହେବ ସେ ବିଷୟରେ ଅତିଥିମାନେ ପରାମର୍ଶ ଦେଇଥିଲେ। ଭୁବନେଶ୍ୱର, ଜଟଣୀ, ବାଲୁଗାଁଠାରେ ଥିବା ବିଭିନ୍ନ ଶିଳ୍ପ ତାଲିମକେନ୍ଦ୍ର ଅନୁଷ୍ଠାନରେ ତାଲିମ ନେବା ପାଇଁ କିଶୋରୀ ବାଳିକାମାନେ ଆଗ୍ରହ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଅମିତ ଚକ୍ରବର୍ତ୍ତୀ, ପ୍ରସନ୍ନ ପାଇକରାୟ, ଅଙ୍ଗନୱାଡି ସୁପରଭାଇଜର ସନ୍ଧ୍ୟାରାଣୀ ବେହେରା, ସୁଲୋଚନା ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମଦଦୋକାନରୁ ୫୦ ହଜାର ଟଙ୍କା ଚୋରି

**ବାଲିପାଟଣା,୨।୬(ଡି.ଏନ୍.ଏ.)**

ବାଲିପାଟଣା ଛକ ନିକଟ ମଦ ଦୋକାନରୁ ୫୦ହଜାର ଟଙ୍କା ଓ ମଦ ଚୋରି ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି। ଦୋକାନ ମାଲିକ ଆଶିଷ ପ୍ରତିହାରୀଙ୍କ ଅଭିଯୋଗକ୍ରମେ ପାଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଗ୍ରୀଲ୍ କାଟି ଦୋକାନ ଭିତରେ ଟଙ୍କା ଓ ମଦ ଚୋରି କରି ନେଇଯାଇଛନ୍ତି। ଆଶିଷ ଶୁକ୍ରବାର ସକାଳେ ଦୋକାନରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଜଣେ ଯୁବକ ମୁହଁରେ ଗାମୁଛା ପକାଇ ଚୋରି କରୁଥିବା ସିସିଟିଭିରେ କଏଦ ହୋଇଛି।

# ବଙ୍ଗୀୟ ମହିଳା ଗ୍ୟାଙ୍ଗର ୯ ଗିରଫ

**ଲଜ୍‌ରେ ରହି ମଲ୍‌ରୁ ଚୋରି ର୍‍ୟାକେଟ ଧରାପଡ଼ିଲା**

- ପ୍ରାୟ ୨ ଲକ୍ଷର ସାମଗ୍ରୀ ଜବତ, ଆଉ ୪ ସଦସ୍ୟ ଫେରାର
- ବିଭିନ୍ନ ରାଜ୍ୟରେ ବୁଲି ବୁଲି ଚୋରି କରନ୍ତି
- ଏତଲା ଦେବାକୁ ଅନ୍ୟ ମଲ୍‌କୁ ପୋଲିସର ଅପିଲ୍


ଗିରଫ ହୋଇଥିବା ୯ ମହିଳା।

**ଭୁବନେଶ୍ୱର,୨।୬(ବ୍ୟୁରୋ)**

ସ୍ମାର୍ଟସିଟି ଭୁବନେଶ୍ୱରର ବିଭିନ୍ନ ମଲ୍‌ରେ ସ୍ମାର୍ଟ ଉପାୟରେ ଚୋରି କରୁଥିଲା ବଙ୍ଗୀୟ ମହିଳା ଗ୍ୟାଙ୍ଗ୍। ଲଜ୍ ଓ ହୋଟେଲରେ ରହିବା ସହ ମଲ୍‌ରୁ ମଲ୍ ବୁଲି ଚତୁରତାର ସହ ଲକ୍ଷ ଲକ୍ଷ ଟଙ୍କାର ଜିନିଷ ଚୋରାଇ ନେଉଥିବା ଏହି ଆନ୍ତଃରାଜ୍ୟ ର୍‍ୟାକେଟ ଶେଷରେ ଧରାପଡିଛି। ୧୩ଜଣିଆ ଗ୍ୟାଙ୍ଗ୍‌ର ୯ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିବା ପରେ ର୍‍ୟାକେଟର ପର୍ଦ୍ଦାଫାଶ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲା ବିଜାପୁର ଥାନା ଅନ୍ତର୍ଗତ ହାଲିସର ଗ୍ରାମର ଲବୁନି ସମଦ୍ଦର (୩୪), ଶୁକ୍ଳା ବଣିକ (୩୦), ମଞ୍ଜରୀ ଚକ୍ରବର୍ତ୍ତୀ (୩୨), ଅମ୍ରିତା ରଏ (୪୦), ବୈଶାଖୀ ମିର୍ଦ୍ଧା (୨୩), ପୁତୁଲ ଦେବ ମହାନ୍ତି (୩୫), ମାଳତି ଦାସ (୩୪), ରୂପା ମିର୍ଦ୍ଧା (୩୨) ଓ ମୌସୁମୀ ଦତ୍ତ (୩୧)। ସେମାନଙ୍କ ନିକଟରୁ ପୋଲିସ ପ୍ରାୟ ୨ ଲକ୍ଷ ଟଙ୍କାର ହର୍ଲିକ୍ସ, ବିଭିନ୍ନ ପ୍ରକାର କସ୍‌ମେଟିକ୍ ଆଦି ସାମଗ୍ରୀ ଜବତ କରିଛି। ଗୁରୁବାର ରାତିରେ ଗିରଫ ପରେ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଗ୍ୟାଙ୍ଗର ଆଉ ୪ଜଣ ଫେରାର ଥିବାରୁ ସେମାନଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଜୋନ-୫ ଏସିପି ସଞ୍ଜୀବ ଶତପଥୀ କହିଛନ୍ତି। ଏଥିସହ ଏହି ମହିଳାମାନେ ଯଦି ଅନ୍ୟ କୌଣସି ମଲ୍‌ରେ ଚୋରି କରିଥିବା ପ୍ରମାଣ ଥିବ ତା’ହେଲେ ଏତଲା ଦେବାକୁ ସେ ଅପିଲ କରିଛନ୍ତି।

**ଚୋରି ସାମଗ୍ରୀକୁ ଗାଁରେ ଶସ୍ତାରେ ବିକୁଥିଲେ**

ଗ୍ୟାଙ୍ଗର ସଦସ୍ୟାମାନେ ଦେଶର ବିଭିନ୍ନ ରାଜ୍ୟକୁ ଚୋରି କରିବାକୁ ଯାଆନ୍ତି। ସେମାନେ ସପରିବାର ସହ ହୋଟେଲ କିମ୍ବା ଲଜ୍‌ରେ ରହିବା ସହ ମଲ୍‌ରୁ ମଲ୍ ବୁଲି ବୁଲି ଚୋରି କରନ୍ତି। ପରେ ସେମାନେ ବିଭିନ୍ନ ମଲ୍‌ରୁ ଚୋରି କରୁଥିବା ସାମଗ୍ରୀକୁ ନିଜ ଗାଁକୁ ନେଇଯାଆନ୍ତି। ସେଠାରେ ସେମାନେ ଉକ୍ତ ସାମଗ୍ରୀକୁ ଶସ୍ତାରେ ବିକ୍ରି କରନ୍ତି ବୋଲି ପୋଲିସ ପଚରାଉଚରାବେଳେ ଜାଣିବାକୁ ପାଇଛି।

**ସାୟାରେ ପ୍ୟାକେଟ୍, ସ୍ମାର୍ଟ ତରିକାରେ ଚୋରି**

ଗିରଫ ମହିଳାମାନେ ଶାଢ଼ି, ଲେଗିନ୍ସ, କୁର୍ତି ଆଦି ପୋଷାକ ପିନ୍ଧି ଚୋରି କରିବାକୁ ଯାଆନ୍ତି। ଅଧିକାଂଶ ମହିଳା ଶାଢ଼ି ପିନ୍ଧି ଚୋରି କରିବାକୁ ପସନ୍ଦ କରିଥାନ୍ତି। ଏଥିପାଇଁ ସେମାନେ ପିନ୍ଧୁଥିବା ସାୟା ଓ ଅନ୍ୟ ପୋଷାକରେ ବ୍ୟାଗ୍ ଭଳି ପ୍ୟାକେଟ କରିଥାନ୍ତି। ସେମାନେ ଚୋରି କରୁଥିବା ସାମଗ୍ରୀକୁ ଉକ୍ତ ପ୍ୟାକେଟ୍‌ରେ ଭର୍ତ୍ତି କରିଦିଅନ୍ତି। ଲେଗିନ୍ସ ପିନ୍ଧିଥିବା ମହିଳାମାନେ ଅଣ୍ଟାରେ ଭିଡିଦିଅନ୍ତି ଚୋରି ସାମଗ୍ରୀ। ଏପରିକି କିଛି ମହିଳା ଜଙ୍ଘ ମଝିରେ ମଧ ସାମଗ୍ରୀକୁ ଜାକି ଦିଅନ୍ତି। ସେମାନେ ଲମ୍ବା ଶାଢ଼ିକୁ ଚତୁରତାର ସହ ଘୋଡ଼େଇ ସମସ୍ତ କର୍ମଚାରୀଙ୍କ ଆଗରେ ନେଇଯାଆନ୍ତି। ସେମାନେ ଚୋରୁ କରୁଥିବା ମଲ୍‌ରୁ ଅଳ୍ପ ଟଙ୍କାର ସାମଗ୍ରୀ କିଣିଥାନ୍ତି। ତାହାର ବିଲ୍ ସିକ୍ୟୁରିଟି ଗାର୍ଡଙ୍କୁ ଜଣେ ଦେଖାଇବା ସମୟରେ ଅନ୍ୟମାନେ ଖସି ଆସନ୍ତି।



ଜବତ ହୋଇଥିବା ସାମଗ୍ରୀ।

**ଧରିଲା ସିସିଟିଭି, କାବୁ କଲେ କର୍ମଚାରୀ**

ବେଙ୍ଗଲୀ ଗ୍ୟାଙ୍ଗ୍‌ର ସଦସ୍ୟମାନେ ବୁଧବାର ନୟାପଲ୍ଲୀସ୍ଥିତ ରିଲିଆନ୍ସ ସ୍ମାର୍ଟରୁ ଲକ୍ଷାଧିକ ଟଙ୍କାର ଚୋରି କରି ନେଇଯାଇଥିଲେ। ସିସିଟିଭିରୁ ଏହା ଜଣାପଡିବା ପରେ ମଲ୍ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା। ପୋଲିସ ଏକ ମାମଲା (ନଂ.୨୨୮/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିବା ସହ ସେଭଳି ସନ୍ଦିଗ୍ଧ ମହିଳା ପୁଣି ମଲ୍‌କୁ ଆସିଲେ ସେମାନଙ୍କ ଉପରେ ନଜର ରଖିବାକୁ ମଲ୍ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ଗୁରୁବାର ସନ୍ଧ୍ୟାରେ ପୁଣି ୭ଜଣ ମହିଳା ଚୋରି କରିବାକୁ ଆସିଥିବାବେଳେ କର୍ମଚାରୀମାନେ ସେମାନଙ୍କୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ପରେ ଆଇଟିଆର୍ ନିକଟରେ ରହୁଥିବା ଲଜ୍‌ରେ ପୋଲିସ ଚଢ଼ାଉ କରି ଅନ୍ୟ ୨ଜଣଙ୍କୁ କାବୁ କରିବା ସହ ଚୋରି ସାମଗ୍ରୀ ଜବତ କରିଥିଲା।

## ସଂକ୍ଷେପରେ

### ୧୯ ମେଧାବୀ, ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

କୋଣାର୍କ,୨।୬(ଡି.ଏନ୍.ଏ.)- କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଯାତ୍ରୀ ନିବାସରେ ମାଟ୍ରିକ୍ ମେଧା ସମ୍ମାନ-୨୦୨୩ ଆୟୋଜିତ ହୋଇଯାଇଛି। ଏଥିରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା ଗୋପ ବ୍ଲକର ୧୯ଜଣ ଛାତ୍ରୀଛାତ୍ରଙ୍କ ସମେତ ସେମାନଙ୍କ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ଡ. ବିଶ୍ୱଜିତ୍ ଘୋଷ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତା କିଟ୍‌ର ପ୍ରତିଷ୍ଠାତା ସଦସ୍ୟ ଡ. ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି କୋଣାର୍କ ଏନ୍ଏସି ଅଧକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଶିକ୍ଷାବିତ୍ ଗୋପୀନାଥ କର, ଶିକ୍ଷାବିତ୍ ଶରତ ଚନ୍ଦ୍ର ପ୍ରଧାନ, ମନମୋହନ ସ୍ୱାଇଁ, କୃଷ୍ଣ ନାୟକ, ବାନରସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ, କବି ଚିତ୍ତରଞ୍ଜନ ବିଶ୍ୱାଳ, ନିରଞ୍ଜନ ସାହୁ ଓ ରବୀନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, ଶିକ୍ଷକ ପ୍ରତାପ ରାଉତ ଓ ସଂସଦ ସହସମ୍ପାଦକ ମହେନ୍ଦ୍ର ଦାଶ ସଭା ସଂଯୋଜନା କରିଥିଲେ। ରାମକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ମୋବାଇଲ ଲୁଟେରା ଧରାପଡ଼ିଲେ

ଗୋପ,୨।୬(ଡି.ଏନ୍.ଏ.)- ଗୋପ ମହାବିଦ୍ୟାଳୟ ନିକଟସ୍ଥ ଏକ କୋଚିଂ ସେଣ୍ଟର ନିକଟରୁ ଶୁକ୍ରବାର ପୂର୍ବାହ୍ନରେ ଜଣେ ଛାତ୍ରଙ୍କ ମୋବାଇଲ ଝାମ୍ପି ପଳାଇ ଯାଉଥିବାବେଳେ ଲୋକେ ପିଛା କରି ଜଣଙ୍କୁ ଧରି ପୋଲିସ ଜିମା ଦେଇଥିବା ବେଳେ ଆଉ ଜଣେ ଲୁଟେରା ଫେରାର ହୋଇଯାଇଛନ୍ତି। ଧରାପଡ଼ିଥିବା ଅଭିଯୁକ୍ତ ହେଲେ ରାମଚଣ୍ଡୀ ଥାନା ଅନ୍ତର୍ଗତ ତରକୋର ଗ୍ରାମର ଦୀପକ କୁମାର ସାହୁ (୨୩)। ଏଥିସହ ଏକ ବାଇକ୍ ଜବତ କରିବା ସହ ଏକ ମାମଲା(ନଂ.୨୫୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଗୋପ ଥାନା ଅନ୍ତର୍ଗତ ହେଲାରି ଗ୍ରାମର ବାଦଲ ବାରିକ କୋଚିଙ୍ଗ ସେଣ୍ଟରରୁ କ୍ଲାସ ସାରି ଠିଆ ହୋଇଥିଲେ। ହଠାତ୍ ୨ଜଣ ଯୁବକ ବାଇକ୍ ନମ୍ବର ଓଡି ୧୩ ଏଚ୍- ୯୮୬୦ରେ ଆସି ଛାତ୍ରଙ୍କ ହାତରୁ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ଛାତ୍ରଟି ପାଟି କରିବାରୁ ଅନ୍ୟ ବାଇକ୍‌ରେ ଯାଉଥିବା କେତେଜଣ ଯୁବକ ମୋବାଇଲ ଦୀପକଙ୍କୁ ଗୋଡାଇ କାବୁ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିଲା। ପରେ ପୋଲିସ ଆସି ଦୀପକଙ୍କୁ ଗିରଫ କରିଥିବା ଫେରାର ଯୁବକଙ୍କୁ ଧରିବା ପାଇଁ ପଚରାଉଚରା ଚଳାଇଛି।

### କମେଣ୍ଟମରାକୁ ନେଇ ଗଣ୍ଡଗୋଳ, ୨ ଆହତ

ଡେଲାଙ୍ଗ,୨।୬(ଡି.ଏନ୍.ଏ.)- ଡେଲାଙ୍ଗ ଥାନା ହରିରାଜପୁର ଫାଣ୍ଡି ଅନ୍ତର୍ଗତ ହରିରାଜପୁର ଛକଠାରେ କମେଣ୍ଟମରାକୁ ନେଇ ଗଣ୍ଡଗୋଳ ହୋଇଛି। ଏଥିରେ ଦୁଇ ପକ୍ଷ ମଧ୍ୟରେ ୨ଜଣ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଆହତଦ୍ୱୟ ହେଲେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ମହାଦେବ ରାଉତରାୟ ଓ ଅପରପକ୍ଷରୁ ଲକ୍ଷ୍ମଣ ସ୍ୱାଇଁ। ସୂଚନା ଅନୁଯାୟୀ, ହରିରାଜପୁର ଗ୍ରାମର ଲକ୍ଷ୍ମଣ ସ୍ୱାଇଁଙ୍କ ସାନଭାଇଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେଉଥିବା ବେଳେ ଓ ଅନ୍ୟପଟେ ମହାଦେବ ରାଉତରାୟଙ୍କ ସମ୍ପର୍କୀୟଙ୍କ ବିବାହ ଉତ୍ସବ ମଧ୍ୟ ହେଉଥିଲା। ଏହି ୨ଟି କାର୍ଯ୍ୟକ୍ରମକୁ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୋଗଦେବାକୁ ମଧ୍ୟ କାର୍ଯ୍ୟକ୍ରମ ରହିଥିଲା। ହରିରାଜପୁର ଗ୍ରାମର ଲକ୍ଷ୍ମଣ, ଟାଙ୍ଗି ଭଁସର ଗ୍ରାମର ମହାଦେବଙ୍କ ସହିତ ସେମାନଙ୍କ ସହଯୋଗୀମାନେ ଛକରେ ବିଧାୟକଙ୍କୁ ଅପେକ୍ଷା କରିରହିଥିଲେ। ସେହି ସମୟରେ କମେଣ୍ଟମରାକୁ ନେଇ ୨ପକ୍ଷଙ୍କ ମଧ୍ୟରେ ପ୍ରଥମେ ବଚସା ହୋଇ ପରେ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ଲକ୍ଷ୍ମଣ ଓ ମହାଦେବ ଆହତ ହୋଇଥିଲେ। ଅନ୍ୟପଟେ ଗଣ୍ଡଗୋଳ ଖବରପାଇ ବ୍ଲକ ଅଧ୍ୟକ୍ଷା ବସନ୍ତୀ ସାହୁ ଓ ବିଧାୟକ କାର୍ଯ୍ୟକ୍ରମରେ ଯୋଗ ନ ଦେଇ ଅଧାରାସ୍ତାରୁ ଫେରିଯାଇଥିଲେ। ଏ ନେଇ ଉଭୟ ପକ୍ଷରୁ ଅଭିଯୋଗ ହେବା ପରେ ଡେଲାଙ୍ଗ ଥାନାରେ ପୃଥକ ଭାବେ ୨ଟି ମାମଲା (ନଂ.୧୬୦, ୧୬୧/୨୩) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଅନିଲ ମହାନ୍ତି କହିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା

ସାକ୍ଷୀଗୋପାଳ,୨।୬(ଡି.ଏନ୍.ଏ./ସ୍ୱ.ପ୍ର.)- ସତ୍ୟବାଦୀ ବ୍ଲକର ମୁଖ୍ୟ କିରାଣି ପ୍ରଫୁଲ୍ଲ ବେହେରା କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ଏହି ଅବସରରେ ସତ୍ୟବାଦୀ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ହୋଇଥିଲା। ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଉତ୍ସବରେ ବିଡିଓ ଲୋଚନ ଦାସ ମୁଖ୍ୟ ଅତିଥି ଓ ଅତିରିକ୍ତ ବିଡିଓ ଅରକ୍ଷିତ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଅତିଥି ଓ ବ୍ଲକ କର୍ମଚାରୀମାନେ ବେହେରାଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧକ୍ଷ ପଣ୍ଡା ପ୍ରଫୁଲ୍ଲ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସନ୍ତୋଷ ନାୟକ ଧନ୍ୟବାଦ ଦେଇଥିଲେ।

# ୪୧ ବର୍ଷରେ ନାଗପୁର ପୋଲିସ ବିଟ୍‌ହାଉସ ଜରାଜୀର୍ଣ୍ଣ

ଗୋପ,୨।୬(ଡି.ଏନ୍.ଏ.)




ଗୋପ ପୋଲିସ ଅଧୀନ ନାଗପୁର ପୋଲିସ ବିଟ୍ ହାଉସ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫଳରେ ଏହି ପୋଲିସ ବିଟ ହାଉସ ଘରେ ସନ୍ଧ୍ୟା ହେଲେ ନିଶାସକ୍ତ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ପୋଲିସ ଏଥିପ୍ରତି ଧ୍ୟାନ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି। ପ୍ରକାଶ ଯେ, ନାଗପୁର ଅଞ୍ଚଳ ଏକ ବ୍ୟବସାୟିକ ପ୍ରତିଷ୍ଠାନ ଭାବେ ରହିଥିବାରୁ ୧୯୮୨ ମସିହାରେ ନାଗପୁର ଠାରେ ଆଇନ ଶୃଙ୍ଖଳା ସହିତ ଅନ୍ୟାନ୍ୟ ସଂସ୍କାରବର୍ତ୍ତୀ କାର୍ଯ୍ୟ କରିବା ଓ ରୋକିବା ନେଇ ସରକାରଙ୍କ ନିର୍ଦ୍ଦେଶରେ ଗୋଟିଏ ପୋଲିସ ବିଟ୍ ହାଉସ କରାଯାଇଥିଲା। ଆରମ୍ଭରୁ ଏକ ଚାଳ ଛପର ଘରେ ଏହି ପୋଲିସ ବିଟ୍‌ହାଉସ ଚାଲିଥିଲା। ପରେ କାର୍ଯ୍ୟ ସବୁ ବଢ଼ିବାରୁ ୨୦୧୩ ଜାନୁୟାରୀରେ ସରକାରୀ ଅର୍ଥରେ ନାଗପୁର ମେଳାପଡ଼ିଆଠାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଗୋଟିଏ ଗୃହ ନିର୍ମାଣ କରାଯାଇଥିବା ବେଳେ ୨ଜଣ ପୋଲିସ କର୍ମଚାରୀ ସେଠାରେ ରହୁଥିଲେ। ଏହି ପୋଲିସ ବିଟ ହାଉସକୁ ତତ୍କାଳୀନ ଜଗତ୍‌ସିଂହପୁର ଏମ୍‌ପି ବିଭୁଦତ୍ତ ତରାଇ ଉଦ୍‌ଘାଟନ କରିଥିଲେ। ଏହି ନାଗପୁର ପୋଲିସ ବିଟ ହାଉସଟି ଗୋପ ଥାନା ଅଧୀନରେ ରହିଥିବା ବେଳେ ଦୀର୍ଘ ୫/୬ ବର୍ଷ ହେବ ଏହି ବିଟ ହାଉସଠାରେ କେହି ପୋଲିସ କର୍ମଚାରୀ ରହୁନାହାନ୍ତି। ଫଳରେ ପୋଲିସ ବିଟ ହାଉସର ଝରକା ଭାଙ୍ଗି ଯିବାରେ ଏହି ଘରେ ସବୁ ସମୟରେ ଖୋଲା ରହୁଥିବାରୁ ନିଶାସକ୍ତ ବ୍ୟକ୍ତିଙ୍କ ଆଡ୍ଡା ହେଉଛି। ଅପରପକ୍ଷେ ନାଗପୁର ବଜାରରେ ଖୁଲମଖୁଲା ଭାବେ ଦେଶୀ ବିଦେଶୀ ମଦ, ଗଞ୍ଜେଇ ସହିତ ଅନ୍ୟାନ୍ୟ ନିଶା ବିକ୍ରି କରାଯାଉଥିବା ବେଳେ ଗୋପ ପୋଲିସ ସେପରି ଆଖିବୁଜିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ଏହି ପୋଲିସ ବିଟ ହାଉସକୁ ଖୋଲିବା ସହିତ ବଜାରରେ ଅବାଧରେ ଚାଲୁଥିବା ମଦ କାରବାରକୁ ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏସ୍‌ପି ଦୃଷ୍ଟି ଦେବା ସହ ପୋଲିସ କର୍ମଚାରୀ ନିଯୁକ୍ତ କରିବାକୁ ନାଗପୁର ବଜାର କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ସ୍ନାନଯାତ୍ରା ପ୍ରସ୍ତୁତି ନେଇ ୫-ଟି ସଚିବଙ୍କ ସମୀକ୍ଷା

ପୁରୀ ଅଫିସ,୨।୬

୫-ଟି ସଚିବ ଭି.କେ. ପାଣ୍ଡିଆନ ଶୁକ୍ରବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ସ୍ନାନଯତ୍ରା ନେଇ ପ୍ରଶାସନ ପକ୍ଷରୁ କରାଯାଉଥିବା କାର୍ଯ୍ୟର ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ ଭି.କେ. ପାଣ୍ଡିଆନ ପୁରୀ ଗସ୍ତରେ ଆସି ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧା ବିଗ୍ରହମାନଙ୍କ ଦର୍ଶନ କରିଥିଲେ। ପରେ ଶ୍ରୀମନ୍ଦିର ଭିତର ବେଢାରେ ଥିବା ମା’ ବିମଳା , ମା’ ମହାଲକ୍ଷ୍ମୀ, ବଟ ଗଣେଶଙ୍କ ସମେତ ପାର୍ଶ୍ୱଦେବଦେବୀଙ୍କ ଦର୍ଶନ କରି କିଛି ସମୟ ଶ୍ରୀମନ୍ଦିର ପରିସରରେ ଅତିବାହିତ କରି ପ୍ରସ୍ଥାନ କରିଥିଲେ। ପରେ ପରିକ୍ରମା ମାର୍ଗ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଆସନ୍ତା ୪ତାରିଖରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବାକୁ ଥିବାବେଳେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ପ୍ରଶାସନ ଆଉ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ମହାପ୍ରଭୁଙ୍କ ନୀତି ନିର୍ଘଣ୍ଟ ନେଇ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ତେବେ ପ୍ରଶାସନ ପକ୍ଷରୁ ସ୍ନାନଯାତ୍ରା ନେଇ କ’ଣ କ’ଣ ପ୍ରସ୍ତୁତି ତଥା ବ୍ୟବସ୍ଥା କରାଯାଇଛି। ସେ ନେଇ ୫-ଟି ସଚିବ ପାଣ୍ଡିଆନ ଜିଲାପାଳଙ୍କ ସହ ଆଲୋଚନା କରି କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ପାଣ୍ଡିଆନଙ୍କ ଗସ୍ତ ସମୟରେ ଜିଲାପାଳ ସମର୍ଥ ବର୍ମା ଏବଂ ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ‘କୃଷି ବିକାଶରେ କୃଷିମେଳାର ଅବଦାନ ଉଲ୍ଲେଖନୀୟ’



ରାଜସ୍ଥାନର କଳାକାରମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

ପୁରୀ ଅଫିସ, ୨।୬:

**ଜାତୀୟ କୃଷିମେଳା ଓ ଲୋକମେଳାର ଚତୁର୍ଥ ଦିବସ**

କେନ୍ଦ୍ର ସରକାର, ରାଜ୍ୟ ସରକାର ଏବଂ ପୁରୀ ଜିଲା ପ୍ରଶାସନ ସହଯୋଗରେ ଶ୍ରୀ ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ଶରଧାବାଲିରେ ଆୟୋଜିତ ଜାତୀୟ ଚତୁର୍ଦ୍ଦଶ କୃଷିମେଳା ଓ ଏକବିଂଶ ଲୋକମେଳା ଶୁକ୍ରବାର ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ସନ୍ଧ୍ୟାରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ମହାପାତ୍ର ଯୋଗଦେଇ ଓଡ଼ିଶାର କୃଷିବିକାଶରେ ଚତୁର୍ଦ୍ଦଶ କୃଷିମେଳାର ଯୋଗଦାନ ଉଲ୍ଲେଖନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସଚିବ ମଧୁସୂଦନ ଦାସ, ଉପଜିଲାପାଳ ଭବତାରଣ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, କେଭିଆଇସିର ରାଜ୍ୟ ନିର୍ଦ୍ଦେଶକ ସମୀର ମହାନ୍ତି, କେନ୍ଦ୍ର ହସ୍ତଶିଳ୍ପ ଓ ହସ୍ତକଳାର ବରିଷ୍ଠ ସହକାରୀ ନିର୍ଦ୍ଦେଶକ ଏ.କେ.ହୋତା, କତା ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ସୁନିଲ କୁମାର, ଜିଲା କଲ୍ୟାଣ ଅଧିକାରୀ ବିକାଶ ମହାନ୍ତି, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମୁଖ୍ୟ ପରିଚାଳକ ସୌରଜିତ୍ ଦାସ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ, ସେବାୟତ ମଧୁସୂଦନ ସିଂହାରୀ, ଇଂ. ଅଜିତ୍ ମହାପାତ୍ର, ଇଂ. ବିଘ୍ନରାଜ ପୁରୋହିତ, ଇଂ. ସ୍ମୃତିରଞ୍ଜନ ସ୍ୱାଇଁ, ନେହେରୁ ଯୁବକେନ୍ଦ୍ର ସଂଯୋଜକ ଜୟଶଙ୍କର ଯୋଶୀ, ସନ୍ତୋଷ ମହାନ୍ତି ଯୋଗଦେଇଥିଲେ। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ରାଜେଶ କୁମାର ମହାନ୍ତିଙ୍କ ତତ୍ତ୍ୱାବଧନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉତ୍ସବ କମିଟି ଅଧକ୍ଷ ବଦ୍ରି ମିଶ୍ରଙ୍କ ପରିଚାଳନା ଓ ସଂଯୋଜକ ହେକ୍ଟର ମିଶ୍ରଙ୍କ ସଂଯୋଜନାରେ ପ୍ରଦ୍ୟୁମ୍ନ ସାଥୁଆ, ବିଶ୍ୱନାଥ ମିଶ୍ର, ପ୍ରଫୁଲ୍ଲ ସାମନ୍ତରାୟ, ମଧୁସୂଦନ ମିଶ୍ର, ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ମଞ୍ଚାସୀନ ଥିଲେ। ପରେ ଅତିଥିମାନେ ବିଭିନ୍ନ ଷ୍ଟଲ ବୁଲି ଦେଖିଥିଲେ। ବିଭିନ୍ନ ରାଜ୍ୟର କଳାକାର ଲୋକନୃତ୍ୟ ପରିବେଷଣ କରିଥିଲେ। ଚନ୍ଦ୍ରବିଜୟୀ ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଚିଠି

### ନିଲାମଧାରୀଙ୍କୁ ଆକ୍ରମଣ ଘଟଣା ୩ଦିନ ବିତିଲା

ଗୋପ,୨।୬(ଡି.ଏନ୍.ଏ.)

ପୋଖରୀ ନିଲାମ ଘଟଣାକୁ ନେଇ ଗତ ୨୯ ତାରିଖରେ ଗୋପ ଥାନା ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ ଭିଆଁପଡା ଗ୍ରାମର ନିଲାମଧାରୀ ପ୍ରତାପ ରାଉତଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏହି ଘଟଣାକୁ ନେଇ ଥାନାରେ ଦୁଇ ପକ୍ଷଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା। ମାତ୍ର ଘଟଣାକୁ ୩ଦିନ ହୋଇଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଫଳରେ ଏହି ଘଟଣାରେ ଜଡିତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ଅଭିଯୋଗକାରୀ ପ୍ରତାପ ଗୁରୁବାର ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ପ୍ରକାଶ ଯେ, ବ୍ଲକର ପଞ୍ଚାୟତ ଅଧିକାରିଣୀ ଜୟଶ୍ରୀ ମିଶ୍ର, ବଉଲାଙ୍ଗ ସରପଞ୍ଚଙ୍କ ସହିତ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ୨୯ ତାରିଖ ଦିନ ପଞ୍ଚାୟତର ପୋଖରୀ ନିଲାମ ଥିଲା। ଭିଆଁପଡାର ପ୍ରତାପ ନିଲାମ ଡାକିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଉଥିବାବେଳେ ପ୍ରାୟ ୮/୧୦ଜଣ ଯୁବକ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ପ୍ରତାପ ଚିକିତ୍ସିତ ହୋଇ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଅପର ପକ୍ଷରୁ ଚୁନିବାଳା ଜେନା ମଧ୍ୟ ଏକ ପାଲଟା ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ବାବୁଲି ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିଲେ ମଧ୍ୟ ୩ଦିନ ହେଲାଣି କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ତଥ୍ୟ ଥିବା ସତ୍ତ୍ୱେ ସଂଘବଦ୍ଧ ଆକ୍ରମଣ କରିଥିବା ଯୁବକମାନଙ୍କୁ କାହିଁକି ପୋଲିସ ଏପର୍ଯ୍ୟନ୍ତ ଗିରଫ କରୁନାହିଁ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହେଉଛି। ଏ ନେଇ ଗୋପ ଥାନା ଅଧିକାରୀ ସୁନୀଲ କୁମାର ପ୍ରଧାନ କହିଛନ୍ତି, ରଥଯାତ୍ରା ଡିୟୁଟିରେ ଥିବା ସତ୍ତ୍ୱେ ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଜମି ବିବାଦକୁ ନେଇ ୨ ପରିବାର ମଧ୍ୟରେ ମାରପିଟ

ନିମାପଡ଼ା,୨।୬(ଡି.ଏନ୍.ଏ.)

- ୫ ଆହତ, ଜଣେ ଗିରଫ
- ନିରୀହଙ୍କୁ ଗିରଫ ପ୍ରତିବାଦରେ ଥାନା ଆଗରେ ଧାରଣା

ଚାରିଛକ ଥାନା ଅନ୍ତର୍ଗତ ପଥରପଦା ଗ୍ରାମରେ ଜମିବାଡ଼ି ବିବାଦ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ରାତିରେ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏହି ସଂଘର୍ଷରେ ଉଭୟ ପରିବାରର ୫ଜଣ ଆହତ ହୋଇ ଚାରିଛକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। କିନ୍ତୁ ସେଥିରୁ ଲିଜା ପଲେଇ ଓ ସଂଯୁକ୍ତା ପଲେଇଙ୍କ ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଏହି ଆକ୍ରମଣରେ ଗୋଟିଏ ପରିବାରର ଜଟାଧାରୀ ଭୋଇ ଆକ୍ରମଣକାରୀ ୫ଜଣଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବାବେଳେ ଅନ୍ୟ ପରିବାରର ପୂଜାରାଣୀ ପଲେଇ ୪ଜଣଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଉଭୟ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ୨ଟି ପୃଥକ ମାମଲା(ନଂ. ୬୫, ୬୬/୨୩) ରୁଜୁ କରି ତଦନ୍ତ କରି ଗୋଟିଏ ପରିବାରର ଆକାଶ ପଲେଇଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ତାଙ୍କ ଜାମିନ ଆବେଦନକୁ ବିଚାର ବିଭାଗୀୟ ନାମଞ୍ଜୁର କରି ହାଜତକୁ ପଠାଇ ଦେଇଛନ୍ତି। ଅନ୍ୟପଟେ ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ବଦଳରେ ଅଯଥାରେ ନିରୀହ ବ୍ୟକ୍ତିଙ୍କୁ ଗିରଫ କରିବା ପ୍ରତିବାଦରେ ପ୍ରାୟ ୩୦ଜଣ ମହିଳା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏପରିକି ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ମହିଳାମାନେ ଦାବି କରିଛନ୍ତି। ଥାନା ଅଧିକାରୀ ମମତା ବିଶ୍ୱାଳ ଧାରଣାକାରୀ ମହିଳାମାନଙ୍କ ନିକଟକୁ ଯାଇ ବୁଝାଶୁଝା କରିବା ପରେ ଧାରଣାରୁ ହଟିଥିଲେ।

# ‘ଗୀତାର ମହିମାକୁ ପ୍ରତି ଗାଁରେ ପ୍ରଚାର କର’


ଅତିଥିମାନେ ଗୀତା ନବାକ୍ଷରୀ ପୁସ୍ତକ ଲୋକାର୍ପଣ କରୁଛନ୍ତି ।

ଡେଲାଙ୍ଗ,୨।୬(ଡି.ଏନ୍.ଏ.)

**ପୁସ୍ତକ ଗୀତା ନବାକ୍ଷରୀ ଲୋକାର୍ପିତ**

ଡେଲାଙ୍ଗ ଷ୍ଟେଶନ ବଜାରସ୍ଥିତ ଶ୍ୟାମସୁନ୍ଦର ପାଠାଗାର ପରିସରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଲେଖକ ଡ. ବସନ୍ତ କୁମାର ରଥଙ୍କ ଦ୍ୱାରା ରଚିତ ଶ୍ରୀମଦ୍‌ଭଗବଦ୍‌ଗୀତାର ସାରାଂଶ ଉପରେ ଆଧାରିତ, କବିତା ଆଧାରରେ ‘‘ଗୀତା ନବାକ୍ଷରୀ’’ପୁସ୍ତକ ସ୍ଥାନୀୟ ଭଗବତ ପ୍ରେମୀଙ୍କ ଉପସ୍ଥିତିରେ ଲୋକାର୍ପିତ ହୋଇଯାଇଛି। ଏଥିରେ ଉକ୍ତ ପୁସ୍ତକର କେତେକ ଅଧ୍ୟାୟକୁ ଡ. ରଥ ଆବୃତ୍ତି କରି ଜ୍ଞାନ ଯୋଗ, କର୍ମଯୋଗ, ସଂଖ୍ୟା ଯୋଗ ଓ ନିଃସ୍ୱାର୍ଥପର କର୍ମ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରରେ ପାଠାଗାରାର ପ୍ରତିଷ୍ଠାତା କାଶୀନାଥ ମହାପାତ୍ର ସଭାପତିତ୍ୱ କରି ଗୀତାର ମହିମାକୁ ଗାଁଗାଁରେ ପ୍ରଚାର ପ୍ରସାର କରିବା ପାଇଁ ନିବେଦନ କରିଥିଲେ। ଗାନ୍ଧିତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କବି ଚନ୍ଦ୍ରଶେଖର ଓ ସଂସ୍କୃତି ପ୍ରେମୀ ଶିକ୍ଷକ ଅଭୟଚରଣ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଆଲୋଚନାରେ ପାଲାଗାୟକ ସରୋଜ ପ୍ରଧାନ, ସ୍ୱର୍ଣ୍ଣପ୍ରଭା ନନ୍ଦ, ଆଇନଜୀବୀ ହୃଷୀକେଶ ପାଢୀ, ଶିକ୍ଷକ ଅଭୟ ରଥ, ସିଆର୍‌ସିସି ବସନ୍ତ ସେଠୀ, ଅମରେନ୍ଦ୍ର ପ୍ରଧାନ, କବି ସଚିକାନ୍ତ ବାରିକ୍, ସାହିତ୍ୟିକ ଜିତେନ୍ଦ୍ର ପ୍ରଧାନ, ମାନବପ୍ରେମୀ ସୁରେଶ ମନ୍ତ୍ରୀ, ସଂଗ୍ରାମ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରତ୍ୟେକ ବ୍ୟକ୍ତି ଏହାକୁ ଅଧ୍ୟୟନ କରି ଗୀତାର ମାର୍ଗରେ ଜୀବନ ଗଢିତୋଳିଲେ ସମାଜରେ ସୁସ୍ଥ ବାତାବରଣ ବଜାୟ ରହିବ ବୋଲି ସାର୍ବଜନୀନ ମତପ୍ରକାଶ ପାଇଥିଲା। ଏହି ଅବସରରେ ଫକୀରଚରଣ ପାଢୀଙ୍କ ଦ୍ୱାରା ଲିଖିତ ‘‘ଦାନର ମହତ୍ତ୍ୱ’’ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶେଷରେ ସଂସ୍କୃତି ପ୍ରେମୀ ଶିକ୍ଷକ ସାହୁ ସମସ୍ତ ଭଗବତ ପ୍ରେମୀଙ୍କୁ ଧନ୍ୟବାଦ ଦେଇଥିଲେ।

# ଡକାୟତି ଯୋଜନା ବେଳେ ୪ ଗିରଫ, ଖଣ୍ଡା ଜବତ

ପୁରୀ ଅଫିସ,୨।୬

ନରେନ୍ଦ୍ରକୋଣ ଦେବୀଘାଟ ନିକଟ ଦଶ ତୁଠ ନିକଟରେ କେତେଜଣ ଦୁର୍ବୃତ୍ତ ଡକାୟତି ପାଇଁ ଯୋଜନା କରୁଥିବା ବେଳେ କୁମ୍ଭାରପଡା ଥାନା ପୋଲିସ ଚଢ଼ାଉ କରି ୪ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କୁମ୍ଭାରପଡା ଥାନା ଅନ୍ତର୍ଗତ ଦଣ୍ଡତୋଟା ପ୍ରଭାତ ଲେନ୍‌ର ଶଙ୍କର ସିଂ, ନରେନ୍ଦ୍ରକୋଣ ମଙ୍ଗଳାସାହିର ପୂର୍ଣ୍ଣଚନ୍ଦ୍ର ନାୟକ, ବାସେଳି ସାହି ଥାନା ଲୋକନାଥ ରୋଡ ହାତୀଶାଳର ରଞ୍ଜନ ମଲ୍ଲିକ ଏବଂ ମାର୍କଣ୍ଡେଶ୍ୱର ସାହି ହରିଜନ ବସ୍ତିର ଶ୍ରୀଧର ନାୟକ। ପୋଲିସ ସେମାନଙ୍କ ନିକଟରୁ ୨ଟି ବୋମା, ଗୋଟିଏ ଖଣ୍ଡା ଏବଂ ଗୋଟିଏ ଲୁହାରଡ ଜବତ କରିଛି। ଏ ନେଇ କେସ ନଂ.୧୧୩/୨୩ରେ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ୫ଜଣ ଦୁର୍ବୃତ୍ତ ନରେନ୍ଦ୍ରକୋଣ ଦେବୀଘାଟ ନିକଟ ଦଶ ତୁଠଠାରେ ଏକାଠି ହେବା ସହ ବିଭିନ୍ନ ମାରଣାସ୍ତ୍ର ସହ ଡକାୟତି ପାଇଁ ଯୋଜନା କରୁଥିଲେ। ଏହି ଖବର କୁମ୍ଭାରପଡା ପୋଲିସ ପାଇବା ପରେ ସେଠାରେ ଚଢାଉ କରିଥିଲା। ଚଢ଼ାଉ ସମୟରେ ଜଣେ ଅଭିଯୁକ୍ତ ଘଟଣା ସ୍ଥଳରୁ ଖସି ଯାଇଥିବା ବେଳେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ୪ ଅଭିଯୁକ୍ତଙ୍କୁ ପୋଲିସ ଥାନାକୁ ଆଣି ପଚରାଉଚରା ବେଳେ ମାର୍କେଟ ଛକ ସ୍ଥିତ ଏକ ଦୋକାନରେ ଡକାୟତି ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ତେବେ ୪ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅନେକ ମାମଲା ଥିବା ନେଇ ପୋଲିସ କହିଛି।

# ଜଳଛତ୍ରରେ ଜଳ ନ ଥିବାରୁ ଅସନ୍ତୋଷ

ପିପିଲି,୨।୬(ସ୍ୱ.ପ୍ର.)




ଚଳିତବର୍ଷ ପ୍ରଚଣ୍ଡ ରୌଦ୍ରତାପ ସାଙ୍ଗକୁ ଅସହ୍ୟ ଗୁଲୁଗୁଲି ହେଉଛି। ଏହି ସମୟରେ ଜଳର ବେଶ୍ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକ ରହିଛି। ପାଣି ମୁନ୍ଦିଏ ପିଇ ଲୋକେ ଜୀବନ ବଞ୍ଚାଇଥାନ୍ତି। ତେଣୁ ଏଭଳି ରୌଦ୍ରତାପ ସମୟରେ ସରକାର ପକ୍ଷରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲି ପଥଚାରୀଙ୍କ ତୃଷା ମେଣ୍ଟାଇବାର ଦାୟିତ୍ୱ ନେଇଛନ୍ତି। ସେଥିପାଇଁ ପିପିଲି ଏନ୍ଏସି ପକ୍ଷରୁ ୧୬ଟି ୱାର୍ଡରେ ଜଳଛତ୍ର ଖୋଲାଯାଇଛି। ହେଲେ ୧୦ନଂ. ୱାର୍ଡରେ ଖୋଲିଥିବା ଏହି ଜଳଛତ୍ର କେନ୍ଦ୍ରରେ ନାଁ ପାଣି ଅଛି, ନାଁ ପାତ୍ର, ନାଁ ପାଣି ଦେବାକୁ କେହି ଲୋକ ଅଛନ୍ତି। ପ୍ରତ୍ୟେକ ୱାର୍ଡରେ ଏପରି ଜଳଛତ୍ର ଖୋଲାଯାଇଛି, ହେଲେ କିଛି ଜଳଛତ୍ର କ୍ୟାମ୍ପରେ ମାଠିଆ ଥିଲେ ଜଳ ନ ଥିବା ବେଳେ ଆଉ କିଛି ଜଳଛତ୍ର ଥିଲେ ଦେବା ପାଇଁ ଲୋକ କେହି ନାହାନ୍ତି। ଫଳରେ ଖରାରେ ଯାତାୟାତ କରୁଥିବା ପଥଚାରୀ, ସାଧାରଣ ଲୋକ କ୍ୟାମ୍ପ ନିକଟକୁ ଜଳ ପାଇଁ ଯିବାବେଳେ ପାଣି ନ ଥିବା ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ପିପିଲି ସହରର ୨ଟି ଛକ ତଥା ପିପିଲି ହାଟଛକ, ନିମାପଡା ଛକର ଅବସ୍ଥା ମଧ୍ୟ ଏହିପରି ହୋଇଛି। ପିପିଲି-ନିମାପଡା ଛକରେ ଚାନ୍ଦୁଆ କିଣିବା ପାଇଁ ବହୁ ପର୍ଯ୍ୟଟକ ଆସିଥାନ୍ତି। ପିପିଲିର ସପ୍ତାହିକ ହାଟ ସହିତ ପ୍ରତ୍ୟେକ ଦିନ ଏହି ୨ଛକରୁ ବିଭିନ୍ନ ସ୍ଥାନକୁ ତଥା ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଯିବାପାଇଁ ଶତାଧିକ ଯାତ୍ରୀ ବସକୁ ଅପେକ୍ଷା କରିଥାନ୍ତି। ଏହାବାଦ ପିପିଲି ସହର ଦେଇ ପର୍ଯ୍ୟଟକ, ବାଟୋଇମାନେ ଯାତାୟାତ କରିଥାନ୍ତି। ସେହି ଦୃଷ୍ଟିରୁ ଏହି ଛକଦ୍ୱୟରେ ଜଳଛତ୍ରର ଆବଶ୍ୟକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାବେଳେ ବ୍ୟାନର ଓ କ୍ୟାମ୍ପରେ ସୀମିତ ରହିଯାଇଛି ଏହିଭଳି ଜଳଛତ୍ର। ପ୍ରାୟ ୨ମାସରୁ ଅଧିକ ଦିନ ହେବ ଏହି ଜଳଛତ୍ର ଖୋଲା ଯାଇଥିବା ବେଳେ ଏଭଳି ହିନସ୍ତା ଜଳଛତ୍ର ପାଇଁ ବିଭାଗୀୟ ଅଧିକାରୀଙ୍କୁ ପଚାରିଲେ ବର୍ଷା ଓ ପାଗ ଥଣ୍ଡା ଅଛି, ଠିକଣା ସମୟରେ ଜଳ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ସେପଟେ ସ୍ଥାନୀୟ ବରିଷ୍ଠ ସଚେତନ ନାଗରିକ କହିଛନ୍ତି, ଏଠି ନିର୍ବାଚିତ ପ୍ରତିନିଧି ଓ ପ୍ରଶାସନ ଏକାକାର। ଆମେ ଗୁହାରି କାହା ପାଖରେ କରିବୁ କିଏ ବା ଶୁଣିବ ବୋଲି କହିଛନ୍ତି।

# କାଠଚକ୍ରରେ ଉତ୍ସବମୁଖର ଦାଣ୍ଡମୁକୁନ୍ଦପୁର

**ଜୟଗୋପାଳ ଦେବଙ୍କ ବାଣଯାତ୍ରା**

ପିପିଲି ୨।୬(ସ୍ୱ.ପ୍ର./ଡି.ଏନ୍.ଏ.)



ଜୟଗୋପାଳ ଦେବଙ୍କ ବାଣଯାତ୍ରା ଦେଖିବା ପାଇଁ ଲୋକଙ୍କ ସମାଗମ ହୋଇଛି ।

ପୁରୀ ଜିଲା ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁର ଗ୍ରାମର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀଗୋପାଳ ଦେବ ଜୀଉଙ୍କ ବିବାହ ଉତ୍ସବ ପରେ ଶୁକ୍ରବାର ତ୍ରିଦେବଙ୍କ ଗାଁ ପରିକ୍ରମା ଓ ଶେଷରେ ପ୍ରସିଦ୍ଧ ବାଣଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ପ୍ରଭୁ ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପରିସର ରେ ଶ୍ରୀ କୃଷ୍ଣ ଓ ରୁକ୍ମିଣୀ ଦେବୀଙ୍କ ବିବାହ ଉତ୍ସବ ହୋଇଥିଲା। ଚମ୍ପକ ଦ୍ୱାଦଶୀ ରାତିରେ ପୃଥକ ସୁସଜ୍ଜିତ ବିମାନରେ ଶ୍ରୀଗୋପୀନାଥ ଦେବଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନ ମୋହନ, ଶ୍ରୀ ନୀଳକଣ୍ଠେଶ୍ୱର ଦେବ, ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କୁ ଉପବେଶନ କରାଯାଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଠାକୁରମାନଙ୍କୁ ଏହି ସମୟରେ ଘର ଘର ଦ୍ୱାରି ଭୋଗ ଅର୍ପଣ କରାଯାଇଥିଲା। ପରିକ୍ରମା ପରେ ଠାକୁରମାନେ ବାଣମରା ଛକରେ ଥିବା ପଥର ଖୁମ୍ବ ମଣ୍ଡପରେ ଉପବେଶନ ହୋଇଥିଲେ। ଶୁକ୍ରବାର ତ୍ରୟୋଦଶୀ ତିଥିରେ ଠାକୁରମାନଙ୍କ ସମ୍ମୁଖରେ ବିଭିନ୍ନ ପ୍ରକାରର ବାଣ ଫୁଟାଯାଇଥିଲା। ବିଭିନ୍ନ ବ୍ରାହ୍ମଣ ପରିବାର ପକ୍ଷରୁ ପ୍ରସ୍ତୁତ କରାଯାଇଥିବା କାଠଚକ୍ର ଏଠାରେ ମୁଖ୍ୟ ଆକର୍ଷଣ ପାଲଟି ଥିଲା। ବାଣଯାତ୍ରା ପାଇଁ ସମଗ୍ର ଦାଣ୍ଡ ମୁକୁନ୍ଦପୁର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିଲା। ହଜାର ହଜାର ଲୋକ ବାଣମରା ଛକରେ ଏକତ୍ରିତ ହୋଇ ଠାକୁରମାନଙ୍କୁ ଦର୍ଶନ କରିବା ସହ କାଠଚକ୍ର ପ୍ରଦର୍ଶନକୁ ଉପଭୋଗ କରିଥିଲେ। ଏବର୍ଷ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ ବାଣମରା ସ୍ଥାନରେ ଅଗ୍ନିକମାନଙ୍କୁ ମୁତୟନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ପିପିଲି ଥାନା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିବାବେଳେ ଭୋଗୁଆବାଙ୍କ ପିପିଲି ରାସ୍ତାରେ ଭାରିଯାନ ଚଳାଚଳକୁ ବନ୍ଦ କରାଯାଇ ବାଇପାସ୍ ରାସ୍ତାରେ ସବୁ ଯାନକୁ ଛଡ଼ାଯାଇଥିଲା। ଏହି ବାଣଯାତ୍ରା ଅପରାହ୍ନ ୩ଟା ୫୦ରୁ ଆରମ୍ଭ କରିଥିବା ବେଳେ ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶାସନିକ ଓ ଯାତ୍ରା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା ହୋଇଥିବା ମୋଟ ୪୨ଟି କାଠଚକ୍ର ବାଣ ପ୍ରଦର୍ଶନ କରାଯାଇଥିଲା।

## ସଂକ୍ଷେପରେ

### ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

**କଟକ ସଦର,୨।୬(ଡି.ଏନ୍.ଏ.):** ବେଆଇନ ଭାବେ ଦେଶୀବନ୍ଧୁକ ରଖିବା ଅଭିଯୋଗରେ ୪୨ ମୌଜା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୂଳକଳପଡ଼ା ଗ୍ରାମର ବିସ୍ତନ୍ମୟ ବିଶ୍ୱାଳ। ଅପରାହ୍ନରେ କୂଳକଳପଡା କାଠଯୋଡ଼ି ନଦୀ ବନ୍ଧରେ ଅଭିଯୁକ୍ତ ଜଣଙ୍କ ଏକ ବ୍ୟାଗ୍‌ରେ ଦେଶୀବନ୍ଧୁକ ନେଇ ଯାଉଥିଲେ। ଖବରପାଇ ପାଟ୍ରୋଲିଂ କରୁଥିବା ପୋଲିସ ସେଠାରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିବା ସହ ବନ୍ଧୁକ ଜବତ କରିଥିଲା। ଏନେଇ ଥାନାରେ ଏକ ମାମଲା(ନଂ.୧୮୬/୨୩) ରୁଜୁ ହୋଇଛି।

### ବ୍ରାଉନ୍‌ସୁଗାର ଜବତ, ୨ ଗିରଫ

**କଣ୍ଟାପଡା,୨।୬(ଡି.ଏନ୍.ଏ.):** ବ୍ରାଉନ୍‌ସୁଗାର କାରବାର ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଶୁକ୍ରବାର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ନୋଡା ଗ୍ରାମର ସରୋଜ ମହାନ୍ତି ଓ ମଳୟ ମହାନ୍ତି। ସେମାନଙ୍କଠାରୁ ୬.୧ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରାଯାଇଛି। ସେମାନେ ନୋଡା ଗ୍ରାମର କପିଳେଶ୍ୱର ମନ୍ଦିର ପଛପଟେ ବ୍ରାଉନ୍‌ସୁଗାର କାରବାର କରୁଥିବାବେଳେ ପୋଲିସ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

### ହୃଦ୍‌ଘାତରେ ଶିଙ୍ଗ ଶିଳ୍ପୀଙ୍କ ପୁତ୍ରଙ୍କ ମୃତ୍ୟୁ

**କଟକ ଅଫିସ,୨।୬:** କଟକ ରାଣୀହାଟ ବାସିନ୍ଦା ରବୀନ୍ଦ୍ର ମହାରଣା(୬୮)ଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ବିଶିଷ୍ଟ ଶିଙ୍ଗ କାରିଗର ସ୍ୱର୍ଗତ ସନାତନ ମହାରଣାଙ୍କ ଜ୍ୟେଷ୍ଠ ପୁତ୍ର। ସେ ଜଣେ ପରୋପକାରୀ ଓ ଧର୍ମାତ୍ମା ବ୍ୟକ୍ତି ଥିଲେ।

### ୫ନଂ. ୱାର୍ଡରେ ମୋ' ୱାର୍ଡ କାର୍ଯ୍ୟକ୍ରମ ସରିଲା

**କଟକ ଅଫିସ,୨।୬:** କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୫ନଂ. ୱାର୍ଡରେ ମୋ ୱାର୍ଡ କାର୍ଯ୍ୟକ୍ରମ ଶୁକ୍ରବାର ଶେଷ ହୋଇଛି। ଏହି ଅବସରରେ ମେୟର ସୁବାସ ସିଂ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରଭାତ ପରିକ୍ରମାରେ ଆଶ୍ରୟ ଦି ସେଲ୍‌ଟର୍ ସମ୍ମୁଖରୁ ବାହାରି ଭିତ୍ତିଭୂମି ତଦାରଖ କରିଥିଲେ। କାଠଯୋଡ଼ି ବସ୍ତିରେ ରାସ୍ତା ଆଲୋକୀକରଣ ନିହାତି ଆବଶ୍ୟକତା ରହିଛି। ଏହି କାର୍ଯ୍ୟ ସମ୍ପନ୍ନ କରିବାକୁ ମେୟର ନିର୍ଦ୍ଦେଶ ଦେଇଥିଲେ। ସେହିପରି ଡ୍ରେନ୍ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ କର୍ପୋରେଟର ପ୍ରିୟମ୍ବଦା ସ୍ୱାଇଁ, ପ୍ରେମାଂଶୁ ବେହେରା, ଦୀପ୍ତିରଞ୍ଜନ ରାୟ, ବିନୋଦ ପଣ୍ଡା, ଦେବେନ୍ଦ୍ର ପାଣିଗ୍ରାହୀ, ମିହିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ଉଦ୍ଭିଦ ବିଜ୍ଞାନ ଜଗତକୁ ପ୍ରଫେସର ପରିଜାଙ୍କ ଦାନ ଅତୁଳନୀୟ'

**କଟକ ଅଫିସ,୨।୬**


କାର୍ଯ୍ୟକ୍ରମରେ ପ୍ରଫେସର ପ୍ରଭାତ କୁମାର ରାଉଳଙ୍କୁ ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯାଉଛି।

**ବୈଜ୍ଞାନିକ ପ୍ରାଣକୃଷ୍ଣ ପରିଜାଙ୍କ ପୁଣ୍ୟତିଥି ଓ ସମ୍ମାନ ପ୍ରଦାନ ସମାରୋହ**

ବୈଜ୍ଞାନିକ ପଦ୍ମଭୂଷଣ ପ୍ରଫେସର ପ୍ରାଣକୃଷ୍ଣ ପରିଜାଙ୍କ ପୁଣ୍ୟତିଥି ଓ ସମ୍ମାନ ପ୍ରଦାନ ସମାରୋହ କଟକ ସାରଳା ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ଘାଟନ କରି କହିଥିଲେ, ଉଦ୍ଭିଦ ବିଜ୍ଞାନ ଜଗତକୁ ପ୍ରଫେସର ପରିଜାଙ୍କ ଦାନ ଅତୁଳନୀୟ। ପରିଜା ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବୈଜ୍ଞାନିକ। ବିଶ୍ୱର ଉଦ୍ଭିଦ ବିଜ୍ଞାନୀଙ୍କ ମଧ୍ୟରେ ସେ ଅନ୍ୟତମ। ସେହିପରି ମୁଖ୍ୟବକ୍ତା ଭାବେ କଟକସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ କୁମାର ନାୟକ ଯୋଗଦେଇ କହିଥିଲେ, ପ୍ରଫେସର ପରିଜା ରେଭେନ୍‌ଶା କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର, ବିଭାଗୀୟ ମୁଖ୍ୟ ଓ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ସେ ନିଖିଳ ଭାରତ ବିଜ୍ଞାନ କଂଗ୍ରେସର ସଭାପତି ଆସନ ଅଳଙ୍କୃତ କରି ଭାରତୀୟ ବିଜ୍ଞାନ କ୍ଷେତ୍ରରେ ନବଜାଗରଣ ଆଣିଥିଲେ। ସମ୍ମାନିତ ଅତିଥି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ସଂଘମିତ୍ରା ପତି କହିଥିଲେ, ପ୍ରଫେସର ପରିଜା ଜଣେ ଅସାଧାରଣ ଗବେଷକ ଥିଲେ।

ପ୍ରଫେସର ପରିଜା ମେମୋରିଆଲ ସୋସାଇଟି ସଭାପତି ଇଂ. ପ୍ରଭାକର ସ୍ୱାଇଁ ଅଧ୍ୟକ୍ଷତା କରି କହିଥିଲେ, ପ୍ରଫେସର ପରିଜା ନିଜର ଅଗାଧ ପାଣ୍ଡିତ୍ୟ, କଠୋର ଅଧ୍ୟବସାୟ, ସମୟାନୁବର୍ତ୍ତିତା ଓ ଚରିତ୍ରବତ୍ତା ପାଇଁ ସ୍ୱର୍ଣ୍ଣିମ ଇତିହାସ ରଚିଛନ୍ତି। ସେ ସେଓ ବୃକ୍ଷର ଶ୍ୱାସକ୍ରିୟା ସମ୍ବନ୍ଧରେ ଗବେଷଣା କରି ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲେ। ଏହି ଅବସରରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କୁ ପ୍ରାଣକୃଷ୍ଣ ପରିଜା ସମ୍ମାନ ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ରୌପ୍ୟନିର୍ମିତ ବୃକ୍ଷ, ମାନପତ୍ର ଓ ଉତ୍ତରୀୟ ଦିଆଯାଇଥିଲା। ପ୍ରଫେସର ରାଉଳ ସମ୍ବର୍ଦ୍ଧନା ଗ୍ରହଣ କରି ପ୍ରଫେସର ପରିଜାଙ୍କ ଉଚ୍ଚାଙ୍ଗ ଗବେଷଣା ଉତ୍ତରଦାୟାଦଙ୍କ ପାଇଁ ଆଲୋକବର୍ତ୍ତିକା ହୋଇପାରିଛି ବୋଲି କହିଥିଲେ। ସୋସାଇଟିର ସାଧାରଣ ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ, ଉପସଭାପତି ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ, ଇଂ. ସୁଚିତ୍ରା ସାହୁ ମାନପତ୍ର ପାଠ ଓ ବିଭୁ ପ୍ରସାଦ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲଦଣ୍ଡ

**କଟକ ଅଫିସ,୨।୬**

**ନାବାଳିକା ବଳାତ୍କାର ମାମଲା**

**■ପୀଡ଼ିତାଙ୍କୁ ୪ ଲକ୍ଷ କ୍ଷତିପୂରଣ**

ସଦର ଥାନା ଅଞ୍ଚଳର ନାବାଳିକା ବଳାତ୍କାର ମାମଲାରେ ରାୟ ପ୍ରକାଶ ପାଇଛି। କଟକ ଅତିରିକ୍ତ ଜିଲା ଜଜ୍ ତଥା ପୋକ୍ସୋ ସ୍ୱତନ୍ତ୍ର କୋର୍ଟ ବିଚାରପତି ଅଶୋକ କୁମାର ପହି ଅଭିଯୁକ୍ତଙ୍କୁ ୧୪ ବର୍ଷ ଜେଲଦଣ୍ଡ ସହ ୧୨ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ହେଲେ ସଦର ଥାନା ଅଧୀନ ନୂଆଗଡ଼ ଗ୍ରାମର ଅଙ୍କୁର ବାରିକ(୩୯)। ଅପରପକ୍ଷରେ ଏହି ମାମଲାର ଅନ୍ୟତମ ଅଭିଯୁକ୍ତ ଶଙ୍କର ବାରିକ (୩୨) ପ୍ରମାଣ ଅଭାବରୁ ଖଲାସ ହୋଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଅଦାଲତ କଟକ ଜିଲା ଆଇନସେବା ପ୍ରାଧିକରଣକୁ ଆଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ୨୦୧୬ ଫେବୃୟାରୀ ୨୯ରେ ନାବାଳିକା ଜଣଙ୍କ ଗ୍ରାମର ଏକ ନାଳକୁ ଗାଧୋଇବାକୁ ଯାଇଥିବାବେଳେ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିଲେ। ଏ ସଂକ୍ରାନ୍ତରେ ପରିବାର ଲୋକେ ଜାଣିବା ପରେ ତାଙ୍କ ଘର ଲୋକଙ୍କୁ ପଚାରିବାକୁ ଯାଇଥିଲେ। ସେଠାରେ ଅଙ୍କୁରଙ୍କ ସାନଭାଇ ଗାଳିଗୁଲଜ କରିବା ସହ ଦୁର୍ବ୍ୟବହାର କରିଥିଲେ। ଏହାପରେ ନାବାଳିକାଙ୍କ ପରିବାର ପକ୍ଷରୁ ସଦର ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏଥିସହ ୨୦୧୬ ଅଗଷ୍ଟ ୨୫ରେ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟରେ ଚାର୍ଜଫ୍ରେମ୍ କରିଥିଲା। ପୋକ୍ସୋ କୋର୍ଟ ବିଚାରପତି ୬ଟି ପ୍ରମାଣ ଓ ୧୧ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ମାମଲାର ଶୁଣାଣି ଶେଷ କରି ଗତ ମେ' ୧୬ରେ ରାୟ ସଂରକ୍ଷିତ ରଖିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରମେଶ ଚନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

# ହସ ଫୁଟାଇବାରେ ଧୁରନ୍ଧର ଥିଲେ ଫତୁରାନନ୍ଦ


ଫତୁରାନନ୍ଦଙ୍କ ଜୟନ୍ତୀ ଉତ୍ସବରେ ଅତିଥି ଓ ଅନ୍ୟମାନେ।

**କଟକ ଅଫିସ, ୨।୬**

**ଫତୁରାନନ୍ଦଙ୍କ ଜୟନ୍ତୀ ପାଳିତ**

ଲେଖକ ସହଯୋଗ ସମିତି ପକ୍ଷରୁ ବିଶିଷ୍ଟ ହାସ୍ୟବ୍ୟଙ୍ଗ ସ୍ରଷ୍ଟା ଫତୁରାନନ୍ଦଙ୍କ ଜୟନ୍ତୀ ଉତ୍ସବ ଖାନ୍‌ନଗରସ୍ଥିତ କାଳୀଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ଡା. ରବି ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଯୋଗଦେଇ କହିଥିଲେ, ଫତୁରାନନ୍ଦ ଜୀବନ ଯନ୍ତ୍ରଣାରେ ଛଟପଟ ହେଉଥିଲେ ମଧ୍ୟ ଅନ୍ୟମାନଙ୍କ ଓଠରେ ହସ ଫୁଟାଇବାରେ ସେ ଧୁରନ୍ଧର ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପ୍ରଫେସର ତରୁଣ କୁମାର ସାହୁ ଓ ପ୍ରଫେସର ବାବାଜୀ ପଟ୍ଟନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ରଘୁନାଥ ମହାପାତ୍ର ଯୋଗଦେଇ ଫତୁରାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଚିତ୍ରାନନ୍ଦ ମିଶ୍ର, ତ୍ରିଲୋଚନ ମହାକୁଳ, ଅଶ୍ୱିନୀ ସେଠୀ, ଆଦିତ୍ୟ ପ୍ରତାପ ଧଳ, ଭଗବତୀ ଖଟୁଆ, ନମିତା ମହାନ୍ତି, ସୁକାନ୍ତି ମହାନ୍ତି, କୋକିଳସ୍ୱରା ପାତ୍ର ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ପବିତ୍ରଙ୍କ ଶୁଦ୍ଧିକ୍ରିୟା ଖର୍ଚ୍ଚ ବହନ କଲେ ଜୟନ୍ତ

**ମଙ୍ଗୁଳି-ଜଗତପୁର,୨।୬(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ବାଣୀପଦା ପଞ୍ଚାୟତ ସହର ସାହିର ପବିତ୍ର ବେହେରାଙ୍କର ଗତ ୨୪ ତାରିଖରେ ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ତାଙ୍କ ପରିବାର କହିଲେ ସ୍ତ୍ରୀ ଟିକିନା ଦେହୁରୀ, ଝିଅ ଯଶୋଦା ଦେହୁରୀ(୫) ବଡ଼ପୁଅ ଶିବ ଦେହୁରୀ(୧୧), ମଝିଆ ପୁଅ ବ୍ରହ୍ମା ଦେହୁରୀ(୯) ସାନପୁଅ ମହେଶ୍ୱର ଦେହୁରୀ(୭)। ପବିତ୍ର ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିବାବେଳେ ଘରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ପରିବାର ସବୁବେଳେ ଆର୍ଥିକ ଅନଟନ ଦେଇ ଗତି କରୁଥିବାବେଳେ ତାଙ୍କର ମୃତ୍ୟୁ ପରେ ଟିକିନା ତାଙ୍କର ଦଶାହକର୍ମ ଏବଂ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ଯୋଗାଡ କରିବା ଅସମ୍ଭବ ଥିଲା। ଇନ୍ଦ୍ରାଣୀପାଟଣା ମଣ୍ଡଳ ଭାଜପା ସଭାପତି ଜୟନ୍ତ କୁମାର ସ୍ୱାଇଁ ଖବର ପାଇ ମୃତକଙ୍କ ପରିବାରକୁ ଗୁରୁବାର ରାତିରେ ଭେଟିବା ସହ ସମବେଦନା ଜଣାଇ ଉଭୟ କର୍ମ ପାଇଁ ୫୦ ଖଣ୍ଡ ଲେଖାଏ ଲୁଙ୍ଗି ଓ ଗାମୁଛା, ପୂଜା ସାମଗ୍ରୀ, ରାସନ ସାମଗ୍ରୀ ସହ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ସହାୟତା ଦେବା ସମୟରେ ସମିତିସଭ୍ୟ ସୁରେନ୍ଦ୍ର ସାମଲ, ୱାର୍ଡ ମେମ୍ବର ଚିନୁ ଦେହୁରୀ, କେଦାର ସୁବୁଦ୍ଧିରାୟ, ପ୍ରଫୁଲ୍ଲ ଦେହୁରୀ, ସୁବାସ ମାହୁନ୍ତ, ଦିବାକର ପାତ୍ରଙ୍କ ସମେତ ଗ୍ରାମର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅଧିକ ସହାୟତା ପାଇଁ ସେମାନେ ବିଡ଼ିଓ ଆଶୁତୋଷ ମିଶ୍ରଙ୍କ ହସ୍ତକ୍ଷେପ ଲୋଡିଛନ୍ତି।

# ଖୁବ୍‌ଶୀଘ୍ର କଏଦୀଙ୍କୁ ଗିରଫ କରାଯିବ: ଡିସିପି

**କଟକ ଅଫିସ,୨।୬**

**ମହିଳା ବେଶରେ ଏସ୍‌ସିବିରୁ ଚମ୍ପଟ ମାରିଥିଲେ**

ଏସ୍‌ସିବି ମେଡିକାଲରୁ ମହିଳା ବେଶରେ ଗୁରୁବାର ଜଣେ ବିଚାରାଧୀନ କଏଦୀ ଚମ୍ପଟ ମାରିଥିଲେ। ଇତିମଧ୍ୟରେ ଗୋଟିଏ ଦିନ ବିତିଯାଇଥିଲେ ମଧ୍ୟ କମିଶନରେଟ୍ ପୋଲିସ କିମ୍ବା ଚୌଦ୍ୱାର ଜେଲ କର୍ମଚାରୀ ସମ୍ପୃକ୍ତ କଏଦୀଙ୍କୁ ଧରିପାରି ନାହାନ୍ତି। ଏ ନେଇ କଟକ ଡିସିପି ପିନାକ ମିଶ୍ର କହିଛନ୍ତି, ଜେଲ କର୍ମଚାରୀଙ୍କ ପକ୍ଷରୁ ମଙ୍ଗଳାବାଗ ଥାନାରେ ଦିଆଯାଇଥିବା ଏତଲା ଆଧାରରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ବିଭିନ୍ନ ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଛି। ଏସ୍‌ସିବି ମେଡିକାଲର ପ୍ରବଳ ଗହଳି ଭିତରେ ଫୁଟେଜ୍‌ରୁ ନିର୍ଦ୍ଦିଷ୍ଟ ଭାବେ ଫେରାର କଏଦୀଙ୍କୁ ଧରିବା କଷ୍ଟକର ହୋଇଛି। ତେବେ ଖୁବ୍‌ଶୀଘ୍ର ଫେରାର କଏଦୀ ଜଗତ୍‌ସିଂହପୁର ଜିଲା ନାଉଗାଁ ଅଞ୍ଚଳର ସାଜନ ଦାସଙ୍କୁ ଗିରଫ କରାଯିବ। ଆଗାମୀ ଦିନରେ ଏସ୍‌ସିବିକୁ ଚୌଦ୍ୱାର ଜେଲ୍‌ରୁ ଆସୁଥିବା କଏଦୀଙ୍କ ନିମନ୍ତେ ଆବଶ୍ୟକ ହେଲେ କମିଶନରେଟ୍ ପୋଲିସ ପକ୍ଷରୁ ଅଧିକ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ସାଜନ ନାଉଗାଁ ଅଞ୍ଚଳରେ ଚୋରି, ଲୁଟ୍ ଭଳି ଆପରାଧିକ କାର୍ଯ୍ୟ କରୁଥିଲେ। କିଛି ମାସ ପୂର୍ବେ ନାଉଗାଁ ପୋଲିସ ତାଙ୍କୁ ଗିରଫ କରି ଚୌଦ୍ୱାର ଜେଲ ପଠାଇଥିଲା। ଜେଲରେ ଥିବା ସମୟରେ ସାଜନଙ୍କୁ ବାତ ମାରିଥିଲା। ଫଳରେ ଜେଲ ପକ୍ଷରୁ ସାଜନଙ୍କୁ ଏସ୍‌ସିବି ମେଡିକାଲର ନ୍ୟୁ ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା। ୱାର୍ଡର ବେଡ୍ ନଂ. ୧୭୨ରେ ସେ ଚିକିତ୍ସିତ ହେଉଥିଲେ। ସେଠାରେ ଚୌଦ୍ୱାର ଜେଲ୍‌ର ୩ଜଣ କର୍ମଚାରୀ ତାଙ୍କୁ ଜଗି ରହିଥିଲେ। ଗୁରୁବାର ସେ ଶୌଚ ହେବାକୁ କହିବାରୁ ସୁରକ୍ଷା କର୍ମଚାରୀମାନେ ବିଶ୍ୱାସ କରି ତାଙ୍କୁ ଛାଡ଼ି ଦେଇଥିଲେ। ୱାର୍ଡ ପାଖରେ ଥିବା ପୁରୁଷ ଶୌଚାଳୟକୁ ନ ଯାଇ ସେ ମହିଳା ଶୌଚାଳୟକୁ ଯାଇଥିଲେ। ସେଠାରେ ଏକ ଶାଢ଼ି ପିନ୍ଧି ବାହାରକୁ ପଳାଇ ଯାଇଥିଲେ ସୁଦ୍ଧା ସୁରକ୍ଷା କର୍ମୀମାନେ ଜାଣିପାରି ନ ଥିଲେ।

# ଲକ୍ଷ୍ୟ ପୂରଣ ପାଇଁ ଦେଢ଼ଫୁଟ ଗଭୀରରେ ପୋତାଯାଉଛି ପାଇପ

**କଟକ ସଦର,୨।୬(ଡି.ଏନ୍.ଏ.)**

ଜଳଜୀବନ ମିଶନ କାର୍ଯ୍ୟକ୍ରମରେ ୨୦୨୪ ସୁଦ୍ଧା କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତର ଘରେ ଘରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେଣୁ ସବୁ ପଞ୍ଚାୟତର ଗ୍ରାମରେ ପ୍ଲାଷ୍ଟିକ ପାଇପ୍ ପୋତା ଯାଇ ଜଳ ଯୋଗାଣ ପାଇଁ ଯୁଦ୍ଧକାଳୀନଭିତ୍ତିରେ କାମ ଚାଲିଛି। ଏହି ପାଇପ୍ ୩ ଫୁଟ ଗଭୀରରେ ପୋତାଯିବା ପାଇଁ ଏଷ୍ଟିମେଟ୍‌ରେ ବ୍ୟବସ୍ଥା ରହିଛି। ହେଲେ ଖରା ଦିନରେ ମାଟି ଟାଣ ଥିବାରୁ ଠିକାଦାରମାନେ ଦେଢ଼ ଫୁଟ ଗଭୀରରେ ପ୍ଲାଷ୍ଟିକ ପାଇପ ପୋତୁଥିବା ନେଇ କଟକ ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଛାୟତ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ସ୍ୱଳ୍ପ ଗଭୀରରେ ପାଇପ ପୋତା ହେଲେ କ୍ଷତି ଘଟିବାର ସମ୍ଭାବନା ରହିଛି। କାରଣ କେହି ଶାବଳରେ ଆଘାତ କରିବା ଦ୍ୱାରା ପାଇପ ଫାଟିଯିବ। ଫଳରେ ନିରବଚ୍ଛିନ୍ନ ଭାବେ ଘରକୁ ଜଳ ଯୋଗାଣ ସମ୍ଭବ ନୁହେଁ। ପ୍ରହରାଜପୁର, ସୋମପୁର, ପରମହଂସ, ବେଷ୍ଟକାର, ଅରିଲୋ ସମେତ ସବୁ ପଞ୍ଚାୟତରେ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ସହ ଓଭରହେଡ୍ ପାଣି ଟାଙ୍କି କାର୍ଯ୍ୟ ଚାଲିଛି। ଏବେଠାରୁ ଯନ୍ତ୍ରୀମାନେ କାର୍ଯ୍ୟର ତଦାରଖ କରିବା ପାଇଁ ଦାବି ହୋଇଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମିଶନ କଟକ ସଦର ଶାଖାର ସହକାରୀ ଯନ୍ତ୍ରୀ ଏଲିଜା ମଲ୍ଲିକ କହିଛନ୍ତି, ନିର୍ଦ୍ଦିଷ୍ଟ ଭାବେ କେଉଁ ସ୍ଥାନରେ କମ୍ ଗଭୀରରେ ପାଇପ ପୋତାଯାଇଛି ସେ ସମ୍ପର୍କରେ ଅଭିଯୋଗକାରୀମାନେ ସୂଚନା ଦେଲେ ତଦନ୍ତ କରାଯାଇ ପୁଣିଥରେ ପାଇପ ପକାଇବା ପାଇଁ ଠିକାଦାରଙ୍କୁ କୁହାଯିବ।


କଟକ ଫଟୋଗ୍ରାଫର୍ସ ଆସୋସିଏଶନ ପକ୍ଷରୁ କଟେରିଗଡାଠାରେ ଖୋଲାଯାଇଥିବା ଜଳଛତ୍ର କେନ୍ଦ୍ରରେ ଲୋକମାନଙ୍କୁ ଦହିପାଣି ବଣ୍ଟନ କରାଯାଉଛି।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ମୁକ୍ତା ଯୋଜନା

**ଚୌଦ୍ୱାର,୨।୬(ଡି.ଏନ୍.ଏ.)**

ସହରାଞ୍ଚଳରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ(ମୁକ୍ତା) ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନା ମାଧ୍ୟମରେ ବହୁ ସଂଖ୍ୟାରେ ମହିଳା ନିଜ ପରିବାର ଓ ସମାଜର କଲ୍ୟାଣରେ ସହାୟକ ହୋଇପାରିଛନ୍ତି। ଏହାକୁ ଆହୁରି ଲୋକାଭିମୁଖୀ କରିବା ପାଇଁ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିମାନେ କାର୍ଯ୍ୟ କରିବାକୁ ୫-ଟି ସଚିବ ଭି.କେ.ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଭର୍ଚୁଆଲରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଚୌଦ୍ୱାର ପୌରପାଳିକାରେ କାର୍ଯ୍ୟକାରୀ ହେଉଥିବା ମୁକ୍ତା ଯୋଜନାର ପରିଚାଳନା ଓ ସଫଳ ରୂପାୟନ ଉପରେ ବିଧାୟକ ସୌଭିକ୍ ବିଶ୍ୱାଳ ଏବଂ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ସହିତ ୫-ଟି ସଚିବ ପାଣ୍ଡିଆନ୍ ଭର୍ଚୁଆଲରେ ଆଲୋଚନା କରିଥିଲେ। ୨୦୨୩-୨୪ ବର୍ଷ ପାଇଁ ଚୌଦ୍ୱାର ପୌରପାଳିକା ପକ୍ଷରୁ ଦିଆଯାଇଥିବା ମୋଟ ୯୧ଟି ପ୍ରସ୍ତାବିତ ଉନ୍ନୟନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରି ଏଥିପାଇଁ ୫ କୋଟି ୯୯ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ସେ ସୂଚନା ଦେଇଥିଲେ। ଏହି ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶିଶୁ କ୍ରୀଡ଼ା ଉଦ୍ୟାନ, ସହର ସୌନ୍ଦର୍ଯ୍ୟକରଣ, ଡ୍ରେନ୍, ଶୌଚାଳୟ, ପାର୍କ, ଗୋଷ୍ଠୀକେନ୍ଦ୍ର, ଖୋଲାସ୍ଥାନର ଉନ୍ନତୀକରଣ, ୱାକିଂ ଟ୍ରାକ, ଚାରା ରୋପଣ, ବ୍ୟାୟାମଶାଳା, ଭେଣ୍ଡିଂଜୋନ୍, ଜଳାଶୟ ଆଦି ଅନ୍ତର୍ଭୁକ୍ତ। ଚୌଦ୍ୱାର ସହରର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରିଥିବାରୁ ପୌର ପରିଷଦ, ପୌର ପ୍ରଶାସନ ଓ ସହରବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଅର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ବିଜେଡି ନଗର ସଭାପତି ବିଷ୍ଣୁ ଚରଣ ପରିଡ଼ା, ମୁକ୍ତା ପ୍ରକଳ୍ପ ନିର୍ଦ୍ଦେଶିକା ଦେବିକା ମହାନ୍ତିଙ୍କ ସମେତ ସମସ୍ତ କାଉନସିଲର, ନାରୀ ନେତ୍ରୀ, କ୍ରୀଡାବିତ୍, ବରିଷ୍ଠ ନାଗରିକ, ମହିଳା ସମିତି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ସହ ଅନ୍ୟମାନେ।

# ଜିଲାସ୍ତରୀୟ ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**କଟକ ଅଫିସ, ୨।୬**



ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ କଟକ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ।

**ଗ୍ରେଡ୍ ପେ' ୪୨୦୦ ଦାବି**

ଜିଲାସ୍ତରୀୟ ଅମଲାମାନଙ୍କ ରାଜ୍ୟବ୍ୟାପି କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନ ଶୁକ୍ରବାର ଜାରି ରହିଛି। ବିଶେଷକରି ଗ୍ରେଡ୍ ପେ' ୪୨୦୦ ଟଙ୍କା ଦାବି ନେଇ ଉକ୍ତ ଆନ୍ଦୋଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ କଟକ ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏ ସମ୍ପର୍କରେ ମଞ୍ଚର କଟକ ଜିଲା ଅଧ୍ୟକ୍ଷ ବିରଞ୍ଚି ନାରାୟଣ ବରାଳ କହିଛନ୍ତି, ୨୦୧୭ରୁ ବିଭିନ୍ନ ଫୋରମ୍‌ରେ ଜଣାଇବା ସହ ସ୍ମାରକପତ୍ର, କଳାବ୍ୟାଜ୍ ପରିଧାନ ସତ୍ତ୍ୱେ ରାଜ୍ୟ ସରକାର ଦାବି ପ୍ରତି କର୍ଣ୍ଣପାତ କଲେ ନାହିଁ। ଏଣୁ ଯେପର୍ଯ୍ୟନ୍ତ ଦାବି ପୂରଣ ନ ହୋଇଛି କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଜିଲାସ୍ତରୀୟ ଅମଲାଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହ କମ୍ପ୍ୟୁଟର ଜ୍ଞାନ ସମ୍ପର୍କିତ ବିଜ୍ଞପ୍ତି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୨୦୧୭ ନଭେମ୍ବର ୨୯ରେ ପ୍ରକାଶ ପାଇଥିଲା। ହେଲେ ଶିକ୍ଷାଗତ ଯୋଗ୍ୟତା ଆଧାରରେ ସେମାନଙ୍କୁ ଦରମା ପ୍ରଦାନ କରାଯାଉ ନାହିଁ। ସଂଘ ପକ୍ଷରୁ ଶିକ୍ଷାଗତ ଯୋଗ୍ୟତା ଆଧାରରେ ଦରମା ପ୍ରଦାନ ପାଇଁ ବାରମ୍ବାର ଦାବି କରାଯାଇଛି। ହେଲେ ରାଜ୍ୟ ସରକାରଙ୍କଠାରୁ କୌଣସି ପ୍ରତିକ୍ରିୟା ପ୍ରକାଶ ନ ପାଇବାରୁ ଗତ ମେ' ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ସେମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ଏହାପରେ ଜୁନ୍ ୧ରୁ ଜିଲାସ୍ତରୀୟ ଅମଲାମାନେ ସାମୂହିକ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ବିକ୍ଷୋଭରେ ଓଡ଼ିଶା ରାଜସ୍ୱ ଅମଲା ସଂଘ କଟକ ଜିଲା ସଭାପତି ଜ୍ଞାନେନ୍ଦ୍ର ମହାପାତ୍ର, ସମ୍ପାଦକ ସୂର୍ଯ୍ୟକାନ୍ତ ପାଣି, ଓଡ଼ିଶା ଅମଲା ସଂଘ ରାଜ୍ୟ ମୁଖ୍ୟ ସଂଯୋଜକ ହୃଦୟ ବିହାରୀ ମହାପାତ୍ର, ବିଭୂତି ଭୂଷଣ ମିଶ୍ର, ଅଜୟ ଜେନା, ବିକାଶ କୁମାର ବାଗେରିଆ, ସତ୍ୟରଞ୍ଜନ ସ୍ୱାଇଁ, ପ୍ରିୟବ୍ରତ ପାତ୍ର, ବିକ୍ରମ କୁମାର ସିଂ ପ୍ରମୁଖ ସାମିଲ ହୋଇଥିଲେ। ଜିଲାସ୍ତରୀୟ ଅମଲାମାନଙ୍କ ରାଜ୍ୟବ୍ୟାପୀ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କଟକ ଜିଲା ଶାଖା ସମର୍ଥନ ଜଣାଇଛି। ସମିତି ପକ୍ଷରୁ ଜିଲାସ୍ତରୀୟ ଅମଲାମାନଙ୍କ ଯଥାର୍ଥ ଓ ଯୁକ୍ତିଯୁକ୍ତ ଦାବିକୁ ଆଲୋଚନା ମାଧ୍ୟମରେ ଯଥାଶୀଘ୍ର ସମାଧାନ କରିବାକୁ ଦାବିକରି ଗୃହିତ ପ୍ରସ୍ତାବକୁ ଇ-ମେଲ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। ଏ ନେଇ ସମିତିର କାର୍ଯ୍ୟକାରୀ ସଭାପତି ଭାନୁମତି ମହାନ୍ତି ଓ ସମ୍ପାଦକ ବିମଳ କୁମାର ରାଉତ ସୂଚନା ଦେଇଛନ୍ତି।

# ଅଧ୍ୟାଦେଶ ବିରୋଧରେ ଏଏପିକୁ ଜେଏମ୍ଏମ୍‌ର ସମର୍ଥନ

ନୂଆଦିଲ୍ଲୀ, ୨।୬

ଦିଲ୍ଲୀ ସରକାରଙ୍କ ପ୍ରଶାସନିକ ସେବା ଉପରେ ନିୟନ୍ତ୍ରଣ ପାଇଁ କେନ୍ଦ୍ର ଆଣିଥିବା ଅଧ୍ୟାଦେଶ ବିରୋଧରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଚଳାଇଥିବା ଲଢ଼େଇରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ସମର୍ଥନ ଯୋଗାଇଦେବ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଶୁକ୍ରବାର ଏହା କହିଛନ୍ତି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ଆବାହକ ଅରବିନ୍ଦ କେଜ୍‌ରିୱାଲ ରାଞ୍ଚିରେ ସୋରେନ୍‌ଙ୍କୁ ଭେଟି କେନ୍ଦ୍ରର ଅଧ୍ୟାଦେଶକୁ ରାଜ୍ୟ ସଭାରେ ଖାରଜ କରିବା ପାଇଁ ସମର୍ଥନ ଲୋଡ଼ିଥିଲେ। ଗଣତନ୍ତ୍ର ଉପରେ କେନ୍ଦ୍ରର ଆକ୍ରମଣ ଗମ୍ଭୀର ଚିନ୍ତାର ବିଷୟ। କେନ୍ଦ୍ର ସରକାର ସଂଘୀୟ ବ୍ୟବସ୍ଥା କଥା କହୁଥିବାବେଳେ ସମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟ କରୁଛନ୍ତି। କେନ୍ଦ୍ର ସରକାରଙ୍କ ସହ ମେଣ୍ଟରେ ନ ଥିବା ଦଳଗୁଡ଼ିକ ସମାନ ସ୍ଥିତିର ସମ୍ମୁଖୀନ ହେଉଥିବା କେଜ୍‌ରିୱାଲଙ୍କ ସହ ମିଳିତ ଖବରଦାତା ସମ୍ମିଳନୀରେ ସୋରେନ କହିଛନ୍ତି।



ରାଞ୍ଚିଠାରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ସହ ଏଏପି ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ, ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବତ ସିଂ ମାନ ଓ ଏଏପି ନେତା ସଞ୍ଜୟ ସିଂ।

# ବର୍ଷକ ମଧ୍ୟରେ ୫ ନିର୍ବାଚନ ଗ୍ୟାରେଣ୍ଟି କାର୍ଯ୍ୟକାରୀ ହେବ: ସିଦ୍ଧାରାମାୟା

ବେଙ୍ଗାଲୁରୁ, ୨।୬

କର୍ନାଟକରେ କ୍ଷମତାକୁ ଆସିଥିବା କଂଗ୍ରେସ ସରକାର ସମସ୍ତ ୫ ଗ୍ୟାରେଣ୍ଟିକୁ ଚଳିତ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ କରିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ନିର୍ବାଚନୀ ଇସ୍ତାହାରରେ ଦଳ ପକ୍ଷରୁ ୫ ପ୍ରତିଶ୍ରୁତି ଦିଆଯାଇଥିଲା। ସ୍ୱତନ୍ତ୍ର କ୍ୟାବିନେଟ ବୈଠକ ପରେ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ବିଧାନ ସୌଧରେ ଏକ ଖବରଦାତା ସମ୍ମିଳନୀରେ ଉପରୋକ୍ତ ଘୋଷଣା କରିଛନ୍ତି। ଗୃହଲକ୍ଷ୍ମୀ ଯୋଜନାରେ ପ୍ରତି ପରିବାରର ମହିଳା ମୁଖ୍ୟମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨,୦୦୦ ଟଙ୍କା ଲେଖାଏ ପଠାଯିବ। ଏଥିପାଇଁ ଜୁନ୍ ୧୫ରୁ ଜୁଲାଇ ୧୫ ମଧ୍ୟରେ ଆବେଦନ କରିବାକୁ କୁହାଯାଇଛି। ଅଗଷ୍ଟ ୧୫ରୁ ଏହି ଯୋଜନା କାର୍ଯ୍ୟକାରୀ ହେବ ଏବଂ ୨,୦୦୦ ଟଙ୍କା ଲେଖାଏଁ ମହିଳା ମୁଖ୍ୟଙ୍କ ଆକାଉଣ୍ଟକୁ ଛଡ଼ାଯିବ। ବାର୍ଦ୍ଧକ୍ୟ ଭତ୍ତା, ସାମାଜିକ ସୁରକ୍ଷା ପେନ୍‌ସନ ପାଉଥିବା ମହିଳା ଓ ଭିନ୍ନକ୍ଷମ ମହିଳା ମଧ୍ୟ ଏହି ଯୋଜନାରେ ସାମିଲ ହେବେ ବୋଲି ସିଦ୍ଧାରାମାୟା କହିଛନ୍ତି। ଅନ୍ନ ଭାଗ୍ୟ ଯୋଜନାରେ ଜୁଲାଇ ୧ରୁ ୧୦ କିଲୋଗ୍ରାମ ଲେଖାଏ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦିଆଯିବ। ଜୁନ୍ ୧୧ରୁ କର୍ନାଟକର ମହିଳାମାନଙ୍କୁ ବସ୍‌ରେ ମାଗଣା ଯାତ୍ରା କରିବାର ସୁଯୋଗ ମିଳିବ ବୋଲି ସରକାର ଘୋଷଣା କରିଛନ୍ତି। ତେବେ ଏହି ସୁବିଧା ଏସି ବସ୍, ଏସି ସ୍ଲିପର ବସ୍ କିମ୍ବା ଲକ୍‌ଜୁରୀ ବସ୍‌ରେ ଲାଗୁ ହେବ ନାହିଁ। କିନ୍ନରମାନଙ୍କୁ ମଧ୍ୟ ମାଗଣା ବସ୍‌ଯାତ୍ରା ସୁବିଧା ଯୋଗାଇ ଦିଆଯିବ।

ସ୍ନାତକ ଡିଗ୍ରୀ ହାସଲର ୬ ମାସ ମଧ୍ୟରେ ନିଯୁକ୍ତି ପାଇବାରେ ବିଫଳ ହେଲେ ଯୁବନିଧି ଯୋଜନାରେ ମାସିକ ୩,୦୦୦ ଟଙ୍କା ଲେଖାଏ ୨୪ ମାସ ପାଇଁ ଯୋଗାଇ ଦିଆଯିବ। ଡିପ୍ଲୋମାଧାରୀ ଛାତ୍ରୀଛାତ୍ରଙ୍କୁ ମାସିକ ୧,୫୦୦ ଟଙ୍କା ମିଳିବ। ସେହିପରି ଗୃହଜ୍ୟୋତି ଯୋଜନାରେ ଯେଉଁମାନେ ବାର୍ଷିକ ହାରାହାରି ୨୦୦ ୟୁନିଟ୍‌ରୁ କମ୍ ବିଦ୍ୟୁତ ବ୍ୟବହାର କରୁଥିବେ, ସେମାନଙ୍କୁ ବିଲ୍ ପୈଠ କରିବାକୁ ପଡ଼ିବ ନାହିଁ। ତେବେ ବର୍ତ୍ତମାନ ସୁଦ୍ଧା ବକେୟା ବିଦ୍ୟୁତ୍ ବିଲ୍ ଗ୍ରାହକଙ୍କୁ ଭରିବାକୁ ପଡ଼ିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

## ଦୂରଦର୍ଶନରେ ସ୍ନାନଯାତ୍ରାର ସିଧା ପ୍ରସାରଣ

No. Z-07: ଆସନ୍ତା ୪ ତାରିଖ ରବିବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନଯାତ୍ରା। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପରେ ଶ୍ରୀବିଗ୍ରହମାନଙ୍କୁ ସୁବାସିତ ଜଳଲାଗି ସହ ହାତୀବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ ଦାରୁଦିଅଁ। ସ୍ନାନପୂର୍ଣ୍ଣିମା ଅବସରରେ ରତ୍ନ ସିଂହାସନଠାରୁ ସ୍ନାନମଣ୍ଡପ ପର୍ଯ୍ୟନ୍ତ ସମ୍ପନ୍ନ ହେବ ବିଭିନ୍ନ ନୀତିକାନ୍ତି। ଶ୍ରୀଜୀଉଙ୍କର ସ୍ୱତନ୍ତ୍ର ରୀତିନୀତି ଓ ଦୁର୍ଲଭ ବେଶ ଦେଖିବା ପାଇଁ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ସିଧାପ୍ରସାରଣର ବ୍ୟବସ୍ଥା କରାଯାଇଛି। ଡି.ଡି. ଓଡ଼ିଆ ସମେତ ଅନ୍ୟ ଚ୍ୟାନେଲଗୁଡ଼ିକରେ ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ମାଧ୍ୟମରେ ସ୍ନାନଯାତ୍ରାର ପ୍ରସାରଣ ବନ୍ଦୋବସ୍ତ କରାଯାଇଛି। ସେଦିନ ପ୍ରଭାତରେ ନୀତି ଆରମ୍ଭରୁ ରାତ୍ରରେ ନୀତି ସମ୍ପନ୍ନ ହେବା ପର୍ଯ୍ୟନ୍ତ ସ୍ନାନଯାତ୍ରାର ସିଧାପ୍ରସାରଣ କରାଯିବ ବୋଲି ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ରର ଉପମହାନିର୍ଦ୍ଦେଶକ ରିଜୱାନା ଅଖତାର ପ୍ରେସ୍‌ନୋଟ୍‌ରେ ଜଣାଇଛନ୍ତି।

ସ୍ନାନଯାତ୍ରା ସହ ଆସନ୍ତା ୨୦ ତାରିଖରେ ଶ୍ରୀଗୁଣ୍ଡିଚା ଯାତ୍ରା, ୨୧ ତାରିଖରେ ଆଡ଼ପ ମଣ୍ଡପ ବିଜେ, ୨୮ ତାରିଖରେ ବାହୁଡ଼ା ଯାତ୍ରା, ପରେ ପରେ ଜୁନ୍ ୨୯, ୩୦ ଓ ଜୁଲାଇ ୧ ତାରିଖରେ କ୍ରମାନ୍ୱୟରେ ସୁନାବେଶ, ଅଧରପଣା, ନୀଳାଦ୍ରିବିଜେର ସିଧା ପ୍ରସାରଣ ପାଇଁ ମଧ୍ୟ ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।

OIPR-15020/11/0002/2324

## ରାହୁଲଙ୍କୁ ଟାର୍ଗେଟ କଲେ ଆନ୍ନାମଲାଇ

ଚେନ୍ନାଇ,୨।୬: ତାମିଲନାଡୁ ଭାଜପା ସଭାପତି କେ. ଅନ୍ନାମଲାଇ ଶୁକ୍ରବାର ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, ରାହୁଲ ବେରୋଜଗାର ଅଛନ୍ତି, ଏହାର ଅର୍ଥ ନୁହେଁ ଯେ ସାରା ଦେଶ ବେରୋଜଗାର ଅଛି। କଂଗ୍ରେସର ସଂସ୍କୃତି ଯୋଗୁ ତାମିଲନାଡୁରେ ଜାତୀୟ ଦଳଗୁଡିକର ନାଁ ଖରାପ ହେଉଛି। ଦକ୍ଷିଣ ଭାରତରେ ଭାଜପା କାହିଁକି ପ୍ରଭାବ ପକାଇ ପାରୁ ନାହିଁ ପ୍ରଶ୍ନରେ ସେ କହିଛନ୍ତି, କର୍ନାଟକ ନିର୍ବାଚନରେ ପୂର୍ବଭଳି ଆମେ ଆମର ଭୋଟ ବଜାୟ ରଖିଛୁ। ୨୦୧୪ ପୂର୍ବରୁ ଦକ୍ଷିଣ ଭାରତର ରାଜନୀତି ଅଲଗା ଥିଲା। ତାମିଲନାଡୁରେ ଭାଜପା ତା'ର ପ୍ରଭାବ ବିଳମ୍ବରେ ଆରମ୍ଭ କରିଥିଲା। ଅଟଳ ବିହାରୀ ବାଜପାୟୀଙ୍କ ଗସ୍ତ ସମୟରେ ଆମେ ଏଠାରେ ମୂଳଦୁଆ ପକେଇଥିଲୁ। ୨୦୧୪ ପରେ ଏଠାରେ ଆମେ ସ୍ଥିତି ବୃଦ୍ଧି ପାଇଛୁ। ଆମେ ପଣ୍ଡିଚେରୀରେ ମେଣ୍ଟ ସରକାର ଗଠନ କରିଛୁ। ୨୦୨୪ରେ ଭାଜପା ତାମିଲନାଡୁ ଏବଂ କେରଳରେ ଭଲ ପ୍ରଦର୍ଶନ କରିବ ବୋଲି ସେ କହିଛନ୍ତି।

## ୧୭ରେ ଶାହା, ୨୨ରେ ନଡ୍ଡା ଓଡ଼ିଶା ଆସିବେ

### ଭାଜପାର ମହା ଜନସମ୍ପର୍କ ଯାତ୍ରା

ଭୁବନେଶ୍ୱର, ୨।୬(ବ୍ୟୁରୋ): ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓଡ଼ିଶା ଗସ୍ତରେ ଆସିବେ। ଭାଜପାର ମହାଜନସମ୍ପର୍କ କାର୍ଯ୍ୟକ୍ରମରେ ସେମାନେ ଯୋଗଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଦଳର ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ଏହି ସୂଚନା ଦେଇଛନ୍ତି। ମନମୋହନ କହିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହା ଜୁନ୍ ୧୭ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ସେହିପରି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ନଡ୍ଡା ଜୁନ୍ ୨୨ ତାରିଖରେ ରାଜ୍ୟ ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବେ ଓଡ଼ିଶା ଆସିବେ ସେନେଇ ତାରିଖ ସ୍ଥିର ହୋଇ ନାହିଁ। ରାଜ୍ୟ ସଭାପତି ଆହୁରି କହିଛନ୍ତି, ଦଳର ମହାଜନସମ୍ପର୍କ କାର୍ଯ୍ୟକ୍ରମରେ ଯୋଗଦେବାକୁ କେନ୍ଦ୍ରମନ୍ତ୍ରୀମାନେ ୬ ତାରିଖରୁ ଓଡ଼ିଶା ଆସିବା ଆରମ୍ଭ କରିବେ। ୬ ତାରିଖରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଆସିବେ। ଭାଜପାର ମହାଜନସମ୍ପର୍କ କାର୍ଯ୍ୟକ୍ରମ କେଉଁ ସ୍ଥାନରେ ହେବ ତାହା ସ୍ଥିର କରାଯାଇ ନାହିଁ ବୋଲି ମନମୋହନ କହିଛନ୍ତି। ସୂଚନାଯୋଗ୍ୟ, ମୋଦି ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ଗତ ୯ ବର୍ଷର ସଫଳତାକୁ ଘରେ ଘରେ ପହଞ୍ଚାଇବା ପାଇଁ ଭାଜପା ମହାଜନସମ୍ପର୍କ ଯାତ୍ରା ରାଜସ୍ଥାନରୁ ଆରମ୍ଭ କରିଛି। ଓଡ଼ିଶାରେ ମାସେ ଧରି ଏହି ଜନସମ୍ପର୍କ ଯାତ୍ରା କରାଯିବ। ଏହି ଯାତ୍ରାରେ ୪ଟି ବଡ଼ ରାଲି କରାଯିବାକୁ ଥିବାବେଳେ କେନ୍ଦ୍ରମନ୍ତ୍ରୀମାନେ ଆସି ୮ ଦିନ ଓ ରାତି ଓଡ଼ିଶାରେ କଟାଇବେ। ସବୁ ବୁଥ୍‌ରେ ୫ ଲକ୍ଷ କର୍ମୀ କେନ୍ଦ୍ରର ସଫଳ କାର୍ଯ୍ୟକ୍ରମ ସମ୍ପର୍କରେ କହିବେ। ରାଜ୍ୟର ୨୧ ଲୋକ ସଭା ନିର୍ବାଚନମଣ୍ଡଳୀକୁ ୬ଟି କ୍ଲଷ୍ଟରରେ ଭାଗ କରାଯାଇଛି। ଏହି ୬ କ୍ଲଷ୍ଟରରେ କେନ୍ଦ୍ରମନ୍ତ୍ରୀମାନେ ରହି କେନ୍ଦ୍ର ସଫଳତା କଥା ପ୍ରଚାର କରିବେ ବୋଲି ସୂଚନା ମିଳିଛି।

---

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-818 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.2926/OSIC/MKT Dt.01.06.2023

The OSIC Ltd., Cuttack invites sealed bids from experienced MSMEs empanelled with OSIC for supply of G.I welded wire mesh made out of 12 SWG G.I. Wire, Gap size: 4"x4", 5"x5" & 6"x6" having width 1.5 meter of each size. The weight of the each roll will be around 40 Kg. (Approx.). The detail schedules, terms and conditions of the tender document can be downloaded from www.osicltd.in . Any corrigendum/ changes/modifications will appear in OSIC Ltd. website: **www.osicltd.in** only and the responsibility lies with the bidders to download the same before the last date of submission of bids. The authority reserve the right to accept or reject the bids in toto for supply of the item without any reason thereof.

**By order of MD**
**Sd/-Manager(Mktg)**

OIPR-14073/11/0029/2324

---

GOVERNMENT OF ODISHA
# OFFICE OF THE SUPERINTENDING ENGINEER, KANTABANJI (R&B) DIVISION

e-mail ID: eerbkbj@rediffmail.com, Tel/Fax No.- 06657-220216

**Bid Identification No. 02/KBJ/2023-2024**

No. B-278: The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites item rate bid in Single Cover System in ONLINE MODE for the construction of works detailed in the table below from the contractor registered with the State Government ELBO and contractors of equivalent Grade/Class registered with ELBO for execution of Electrical Works. The proof of registration from the approprite authority shall be enclosed along with the bid.

1. No. of work : 02 Nos. (Single Cover)
2. Nature of work : Electrical work
3. Class of Contractor : HT & Specialized agency with associate electrical contractor having valid license from ELBO
4. Approximate value of work : Between 49.71 lakh & Rs.24.11 lakh
5. Tender Cost : Rs.6,000/- (for Single Cover)
6. Date and time of availability of Bid documents in online : From Dt.05.06.2023, 11.00 A.M. to Dt.18.06.2023 upto 05.00 P.M.
7. Date of Opening of Technical Bid (Cover-I) in Online : Dt.19.06.2023 at 11.30 A.M.
8. Other details can be seen in the bidding documents from the e-procurement portal **"www.tendersodisha.gov.in"**.
9. The bidders have to participate in ONLINE bidding only. Further details can be seen from the website: **"www.tendersodisha.gov.in"**. All future corrigendum will be available on ONLINE MODE only.

**Sd./- Arjuna Behera, Superintending Engineer**
**Kantabanji (R&B) Division**

OIPR-34099/11/0005/2324

---

GOVERNMENT OF ODISHA No.O-187:
# OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA

Ph:06670-235504, Email:serwbpt@yahoo.com
Bid Identification No.:-BPT/Online-04/2023-24, Date:29.05.2023

**NOTICE INVITING TENDERS FOR ROAD WORKS IN ODISHA NATIONAL COMPETITIVE BIDDING THROUGH e-Procurement**

1. Name of the Work : Construction & maintenance of Road Works under Improvement to Existing RD Roads & CUVDA in the District of Nuapada.
2. No. of Works : 03 Nos.
3. Location details : Nuapada District
4. Estimated Cost : As per NIT
5. Period of Completion : As per NIT
6. Cost of Tender Paper : Rs.10,000/- per set.
7. Other details:

| Availability of tender for online bidding | | Last date & time for seeking tender clarification | Date and Time of opening of technical bid |
|---|---|---|---|
| From | To | | |
| 07.06.2023 11.00 A.M. | 27.06.2023 5.00 P.M. | 26.06.2023 | 28.06.2023 at 11.00 A.M. |

Further details can be seen from the website: www.tendersorissa.gov.in.

**Sd./- Chief Construction Engineer**
**Rural Works Circle, Bhawanipatna**
OIPR-25102/11/0006/2324

---

GOVERNMENT OF ODISHA
E-Procurement Notice
# OFFICE OF THE SUPERINTENDING ENGINEER SONEPUR (R&B) DIVISION, SONEPUR

E-mail:eepwdsnpr@gmail.com, Phone:06654-221081

**BID IDENTIFICATION No. SE/R&B/SNPR/04/2023-24**
**No.2625 // Dt.25.5.23**

**No.B-281:**1. The Superintending Engineer, Sonepur (R&B) Division, Sonepur on behalf of Governor of Odisha, invites Percentage Rate bids in Single & Double Cover System in Online Mode for Building works detailed in the DTCN from the eligible Class of Contractors.

2. No. of Work : 05 (Five)
3. Tender Cost : Rs.10,000/- for Serial No. 1 & 2; Rs.6,000/- for Serial No. 3 to 5
4. Class of Contractor : "B" Class Contractor for Serial No. 1 & 2 : "C & B" Class Contractor for Serial No.3 : "D & C" Class Contractor for Serial No. 4 and 5
5. Date and Time available in website & receipt of Bids : From 10.00 AM of 06.06.2023 to 5.00PM of 21.06.2023.
6. Date of Opening of Tender: 22.06.2023 at 11.30 AM
7. The Bidders have to participate in Online bidding only further details can be seen from the website.
8. Any Corrigendum/Addendum will be displayed in the website www.tendersodisha.gov.in only.

**Sd./- Superintending Engineer**
**Sonepur (R&B) Division, Sonepur**
OIPR-34081/11/0006/2324

---

# DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

Nayapalli, Bhubaneswar - 751012

No. E-143

**Advertisement Reference No.2463, dated 24.05.2023**

**TRAINING OF GOVERNMENT DOCTORS**

Applications are invited as per the following criteria from interested and committed regular in service State Govt. MBBS doctors for 1 Year course of Post Graduate Diploma in Public Health Management for the year 2023-24. The candidates applying for the above courses must not have completed/ undergone any PG degree, Diploma course in any subject or any such similar course viz LSAS /EmOC / USG Training / Chemotherapy / Mental Health / ICU / CPS Diploma etc.

| Name of the Training | Duration | Training Organizing Institute. | Eligibility Criteria |
|---|---|---|---|
| PG Diploma in Public Health Management | 1 year | Indian Institute of Public Health, Bhubaneswar | Minimum 3 (Three) years of service completed and five years to retire as on 31st May'2023. |

All interested MBBS Doctors (OPSC confirmed) are requested to apply to the Director, SIHFW, Odisha, Nayapalli, Unit-8, Bhubaneswar-751012, through proper channel (CDM&PHO of the districts / Superintendent of Medical Colleges or respective authorities) in the prescribed format available on website **www.sihfwodisha.nic.in / www.nhmodisha.gov.in / www.health.odisha.gov.in / www.odisha.gov.in** through registered post, courier or in person. The application form can also be obtained from respective CDM&PHO office / Superintendent Govt. Medical Colleges. Last date for receipt of application is 26th June 2023. No application will be entertained after the last date. For further clarification Director, SIHFW, Odisha can be contacted in sihfwodisha@gmail.com, phone no - 0674-2394336.

**Sd/-**
**Director, SIH&FW (Odisha),**
**Bhubaneswar.**

OIPR-10003/11/0034/2324

---

# कार्यपालक अभियंता का कार्यालय
पथ निर्माण विभाग, पथ प्रमण्डल मनोहरपुर

**नेशनल कम्पीटिटिभ बिडींग (संशोधित ई०-निविदा आमंत्रण सूचना)**
पी० आर० सं०– 298692 West Singhbhum (23-24)D
संशोधित ई– निविदा आमंत्रण सूचना संख्या – RCD/MANOHARPUR/01/2023-24 दिनांकः 30.05.2023

| | | |
|---|---|---|
| 1. | कार्य का नाम :– | Construction of High Level RCC Bridge over local nala in 37th k.m. of Majhgaon-Jaintgarh-Noamundi road (MDR-184) |
| 2. | प्राक्कलित राशि (रूपये में) | रू० 3,47,19,411.86 (तीन करोड़ सैंतालीस लाख उन्नीस हजार चार सौ ग्यारह रूपये और छियासी पैसे) |
| 3. | कार्य समाप्ति की अवधि | 18 (अठारह) माह । |
| 4. | वेबसाईट पर निविदा प्रकाशन की तिथि एवं समय | 14.06.2023, 10.30 बजे पूर्वाह्न से। |
| 5. | बेवसाईट पर निविदा उपलब्धता की अंतिम तिथि एवं समय | 21.06.2023, 3.00 बजे अपराह्न तक। |
| 6. | निविदा खुलने की तिथि एवं समय | 23.06.2023, 12.30 बजे अपराह्न। |
| 7. | निविदा आमंत्रित करने वाले पदाधिकारी का पदनाम एवं कार्यालय का पता। | कार्यपालक अभियंता, पथ निर्माण विभाग, पथ प्रमण्डल, मनोहरपुर। |
| 8. | निविदा आमंत्रण करने वाले पदाधिकारी का सम्पर्क नम्बर | 8809665333 |
| 9. | ई–निविदा आमंत्रण कोषांग का हेल्प लाईन नम्बर | 0651-2403007 |

नोट :– यूकैन निबंधित निविदाकार ही निविदा डाल सकते हैं। निविदा की राशि घट–बढ़ सकती है।
विस्तृत जानकारी हेतु वेवसाईट ***http://jharkhandtenders.gov.in*** पर देखें।

कार्यपालक अभियंता,
प०नि०वि०, पथ प्रमण्डल, मनोहरपुर

PR 298926 West Singhbhum (23-24)_D

---

# Bhubaneswar Development Authority

Akash Shova Building, Pandit Jawaharlal Nehru Marg, Bhubaneswar-751001, Odisha
Telephone:(0674) 2396437, 2390998, 2392801, Fax:0674-2390633

No.18145 BDA, Bhubaneswar Date:31.05.2023
ALMT-V-(Rev)-190/2021

**NOTICE**

**No.CAD-815:**The Bhubaneswar Development Authority invites online applications in the prescribed format for allotment of 128 (One hundred twenty eight) flats in DAYA ENCLAVE (K9B), Plot No.1046 (pt), Khata No.683/1, Mouza:Bhagabanpur, Bhubaneswar (ORERA Registration Number-RP/19/2021/00456) through lottery. The basic descriptions of the flats are as follows:

| Type of Flat | Total Flats available | Carpet Area | Area of Balcony | Price (in Rs.) |
|---|---|---|---|---|
| Type -A | 80 | 638 Sq.ft | 47.23 Sq.ft | Rs.51,60,000/- |
| Type-B | 48 | 638 Sq.ft | 26.37 Sq.ft | Rs.49, 60,000/- |

**The allotment will be made through lottery only.**

- Receipt of Online application starts at 11.00 A.M. on 07.06.2023
- Receipt of Online application closes at 11.59 P.M. on 06.07.2023

For participation in the lottery, the applicants must obtain a Unique Account Number (UAN) by registering in the BDA website (www.bda.gov.in) and use this UAN for reference and future communication.

Applicants interested for participation in the lottery must submit duly filled in online applications latest by 06.07.2023, 11.59 P.M with all the required documents and proof of remittance of requisite Security Money for participation.

For any clarification in the matters of UAN and online application, the applicant may contact the help desk telephone No-0674-2396437. The intending applicant may also avail assistance from the e-Commerce Cell, BDA (Telephone No-0674-2392801) from 10.00 A.M to 5.30 P.M on working days.

**Sd./- Secretary**
**Bhubaneswar Development Authority**

OIPR-13033/11/0106/2324

---

# कार्यपालक अभियंता का कार्यालय, ग्रामीण विकास विशेष प्रमंडल, खूँटी

**अति अल्पकालीन ई-पुनर्निविदा आमंत्रण सूचना**
ई० टेन्डर रिफरेन्स नम्बर– **RDD/SD/KHUNTI/02/2023-24 (2ND Call)**
**P.R. No.-297188 RURAL DEVELOPMENT (2023-24).D**

**1.** कार्य की विस्तृत विवरणी :– समेकित जनजाति विकास

| ग्रुप सं0 | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | खूँटी | खूँटी जिला अन्तर्गत प्रखण्ड खूँटी के ग्राम टकरा में मिनी स्टेडियम का निर्माण। | 1,12,98,600/– | 2,26,000/– | 10,000/– | 12 माह |

1. वेबसाईट में निविदा प्रकाशन की तिथि :–05.06.2023 के अपराहण 2.00 बजे तक।
2. वेबसाईट में निविदा डालने की अंतिम तिथि :–12.06.2023 के अपराह्ण 5.00 बजे तक ।
3. निविदा शुल्क, अग्रधन की राशि, शपथ पत्र की मूल प्रति जमा करने की अंतिम तिथि, स्थान एवं समयः–13.06.2023 अपराह्ण 2.00 बजे तक। कार्यपालक अभियंता का कार्यालय, ग्रामीण विकास विशेष प्रमंडल, खूँटी।
4. निविदा खोलने की तिथि, स्थान एवं समयः–14.06.2023 अपराह्ण 3.00 बजे। कार्यपालक अभियंता, ग्रामीण विकास विशेष प्रमंडल, खूँटी।
5. निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, खूँटी।
6. ई–निविदा प्रकोष्ठ का दूरभाष सं0– 6201188328
7. निविदा शुल्क राष्ट्रीयकृत बैंक द्वारा निर्गत बैंक ड्राफ्ट/बैकर्स चेक के रूप में कार्यपालक अभियंता, ग्रामीण विकास विशेष प्रमंडल, खूँटी के पक्ष जो खूँटी शाखा में भुगतेय होगा जो लौटाया नहीं जायेगा।
8. निविदादाता को यू–केन रजिस्ट्रेशन की फोटोकॉपी अपलोड करना अनिवार्य है।
9. प्राक्कलित राशि घट–बढ़ सकती है, तदनुसार अग्रधन की राशि देय होगी।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल, खूँटी

PR 299049 Rural Development (23-24)_D

**ବିଶାଖାପାଟଣା ରୋଗୀ ସହାୟତା କେନ୍ଦ୍ରକୁ ୧୦ ଲକ୍ଷ ସହାୟତା**

ଭୁବନେଶ୍ୱର,୨।୬(ବ୍ୟୁରୋ)-ବିଶାଖାପାଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋଲା ଯାଇଥିବା 'ରୋଗୀ ସହାୟତା କେନ୍ଦ୍ର'ର ଅବଧିକୁ ଆଉ ବର୍ଷେ ପାଇଁ ବୃଦ୍ଧି କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ସହାୟତା ଦିଆଯାଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ମାଲକାନଗିରିରୁ ବିଶାଖାପାଟଣାକୁ ଯାଉଥିବା ଗରିବ ଆଦିବାସୀଙ୍କ ଚିକିତ୍ସା ସୁବିଧା ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ବିଶାଖାପାଟଣାରେ ରାଜ୍ୟ ସରକାର ୨୦୧୬ରୁ ଏକ ରୋଗୀ ସହାୟତା କେନ୍ଦ୍ର ସ୍ଥାପନ କରିଛନ୍ତି। ଅଦ୍ୟାବଧି ଏହି ସହାୟତା କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି।

# ଶାଳୀ ପ୍ରେମିକଙ୍କୁ ହତ୍ୟାକଲେ ଭିଣୋଇ

## ପାରାଦୀପ ଆଦର୍ଶ ଥାନା ପାଖରେ ବିଭତ୍ସ ହତ୍ୟାକାଣ୍ଡ

### କୋଦାଳରେ ହାଣି ଛୁରି ଭୁସିଲେ



ଅଭିଯୁକ୍ତ ରମେଶ ପୋଲିସକୁ ହତ୍ୟାକାଣ୍ଡ ସମ୍ପର୍କରେ କହୁଛନ୍ତି।

ପାରାଦୀପ,୨।୬(ସ୍ୱ.ପ୍ର.)

ସମ୍ପର୍କୀୟ ଶାଳୀଙ୍କୁ ପ୍ରେମ କରିବାରୁ ଭିଣୋଇ ପ୍ରତିକ୍ରିୟାଶୀଳ ହୋଇ ଜଣେ ଯୁବକଙ୍କୁ କୋଦାଳରେ ହାଣି ହତ୍ୟା କରିଛନ୍ତି। ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନାଠାରୁ ମାତ୍ର ୫୦ ମିଟର ଦୂରରେ ଶୁକ୍ରବାର ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଟୁବୁଲା ଜେନା (୨୫)। ସେ କେନ୍ଦ୍ରାପଡା ଜିଲା ରାଜନଗର ଥାନା ଅନ୍ତର୍ଗତ ସଂସାରଫଳ ନିକଟସ୍ଥ ଲୋକନାଥପୁର ଗ୍ରାମର ଶ୍ରୀଚରଣ ଜେନାଙ୍କ ସାନପୁଅ। ଅଭିଯୁକ୍ତ ଜଣକ ହେଲେ ଉକ୍ତ ଗାଁର ରମେଶ ଜେନା। ସେ ଟୁବୁଲାଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

ଅଭିଯୁକ୍ତ ରମେଶ ଟୁବୁଲାଙ୍କ ସମ୍ପର୍କୀୟ ଥିଲେ। ଟୁବୁଲା ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବଡ଼ପଡ଼ିଆସ୍ଥିତ ରେବିକା ହୋଟେଲରେ ମାତ୍ର ୨୫ ଦିନ ହେବ କାମ କରୁଥିଲେ। ହୋଟେଲ ପଛପଟରେ ଏକ ପିଣ୍ଡି ଅଛି। ଗୁରୁବାର ରାତିରେ ଟୁବୁଲାଙ୍କ ସମେତ ଅନ୍ୟ ହୋଟେଲ କର୍ମଚାରୀମାନେ ସେଠାରେ ଶୋଇଥିଲେ। ସେମାନଙ୍କ ମଧ୍ୟରେ ଟୁବୁଲାଙ୍କ ଗାଁର ସମ୍ପର୍କୀୟ ତଥା ଅଭିଯୁକ୍ତ ରମେଶ ଜେନା ମଧ୍ୟ ଥିଲେ। ପ୍ରତ୍ୟୁଷ ପ୍ରାୟ ୪ଟାରେ ରମେଶ ଏକ କୋଦାଳରେ ପ୍ରଥମେ ଟୁବୁଲାଙ୍କ ବେକରେ ଆଘାତ କରିଥିଲେ। କାଳେବଞ୍ଚି ଯାଇଥିବେ ଭାବି ପୁଣି ଏକ ଧାରୁଆ ଛୁରିରେ କାନ ପାଖରେ ଭୁସି ଦେଇଥିଲେ। ପରେ ରକ୍ତ ଭିଜା ପୋଷାକ ବଦଳାଇ ହୋଟେଲ ଭିତରକୁ ଯାଇ ଶୋଇପଡ଼ିଥିଲେ। ଶୁକ୍ରବାର ସକାଳେ ହତ୍ୟାକାଣ୍ଡ ସମ୍ପର୍କରେ ଜଣାପଡ଼ିବା ପରେ ହୋଟେଲ ମ୍ୟାନେଜର ସୁଶାନ୍ତ ପାରାଦୀପ ଆଦର୍ଶ ଥାନାକୁ ସୂଚନା ଦେବାସହ ଟୁବୁଲାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ଏହି ଘଟଣାକୁ ନେଇ ସଭିଏଁ ଚଳଚଞ୍ଚଳ ଥିବାବେଳେ ଅଭିଯୁକ୍ତ ରମେଶଙ୍କ ହାବଭାବ ଅଲଗା ରହିଥିଲା। ଏନେଇ ପୋଲିସର ସନ୍ଦେହ ହେବାରୁ ତାଙ୍କୁ ଥାନାକୁ ନେଇ ପଚରାଉଚରା କରିବାରେ ସେ ସବୁ ମାନି ଯାଇଥିଲେ। ରମେଶଙ୍କ କହିବାନୁଯାୟୀ, ତାଙ୍କର ଜଣେ ସମ୍ପର୍କୀୟ ଶାଳୀଙ୍କୁ ଟୁବୁଲା ପ୍ରେମ କରୁଥିଲେ। ରମେଶ ଏନେଇ ବାରମ୍ବାର ବାରଣ କରିବା ସତ୍ତ୍ୱେ ଟୁବୁଲା କିଛି ଶୁଣୁ ନ ଥିଲେ। ଏଥିରେ ସେ ରାଗିଯାଇ ପ୍ରତିଶୋଧ ନେବାକୁ ସ୍ଥିର କରିଥିଲେ ବୋଲି କହିଛନ୍ତି। ପୋଲିସ ରମେଶଙ୍କୁ ଗିରଫ କରିବା ପରେ ଘଟଣାସ୍ଥଳକୁ ନେଇଛି। ସେଠାରେ ରମେଶ କିପରି ହତ୍ୟା କରିଥିଲେ ସେନେଇ ଡେମୋ ଦେଖାଇଥିଲେ। ଅପରାହ୍ନରେ ଟୁବୁଲାଙ୍କ ମୃତଦେହକୁ ଘଟଣାସ୍ଥଳରୁ ଜବତ କରାଯାଇ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି। ଏନେଇ ଥାନାରେ ମାମଲା (ନଂ.୨୪୨/୨୩)ରୁଜୁ ହୋଇଛି।

# ହାଇକୋର୍ଟରେ ହାଜର ହେବେ ହ୍ୟାରି

## ଅଦାଲତକୁ ଯିବାରେ ୧୩୦ ବର୍ଷରେ ରାଜବଂଶର ପ୍ରଥମ ସଦସ୍ୟ

ଲଣ୍ଡନ୍,୨।୬

ବ୍ରିଟେନ୍ କିଙ୍ଗ୍ ଚାର୍ଲ୍ସ ୩ୟଙ୍କ ସାନପୁଅ ପ୍ରିନ୍ସ ହ୍ୟାରି ଆସନ୍ତା ସପ୍ତାହରେ ଏକ ଖବରକାଗଜର ବେଆଇନ କାର୍ଯ୍ୟକଳାପ ବିରୋଧରେ କୋର୍ଟରେ ହାଜର ହୋଇ ସାକ୍ଷ୍ୟ ପ୍ରଦାନ କରିବେ। କୋର୍ଟରେ ହାଜର ହେବାରେ ହ୍ୟାରି ହେବେ ୧୩୦ ବର୍ଷ ମଧ୍ୟରେ ବ୍ରିଟିଶ୍ ରାଜପରିବାରର ପ୍ରଥମ ସଦସ୍ୟ। ୩୮ ବର୍ଷୀୟ ହ୍ୟାରି ଲଣ୍ଡନ ହାଇକୋର୍ଟର ୱିଟ୍‌ନେସ୍ ବକ୍ସରେ ଛିଡ଼ାହେବାକୁ ଯାଉଛନ୍ତି। ତାଙ୍କ ସହ ଶତାଧିକ ଅନ୍ୟ ସେଲିବ୍ରିଟି ଏବଂ ହାଇ-ପ୍ରୋଫାଇଲ ବ୍ୟକ୍ତିତ୍ୱମାନେ ଡେଲି ମିରର, ସଣ୍ଡେ ମିରର ଏବଂ ସଣ୍ଡେ ପିପୁଲର ପ୍ରକାଶକ ମିରର୍ ଗ୍ରୁପ୍ ନ୍ୟୁଜପେପର(ଏମ୍‌ଜିଏନ୍) ବିରୋଧରେ ମାମଲା କରିଛନ୍ତି।

ଏହା ପୂର୍ବରୁ ଏଡ୍‌ୱାର୍ଡ ୭ମ ରାଜ୍ୟଭାର ଗ୍ରହଣ କରି ନ ଥିବା ସମୟରେ ଦୁଇ ଅଦାଲତରେ ହାଜର ହୋଇଥିଲେ। ୧୮୭୦ରେ ସେ ଏକ ଛାଡ଼ପତ୍ର ମାମଲାରେ କୋର୍ଟରେ



ପ୍ରିନ୍ସ ହ୍ୟାରି

ହାଜର ହୋଇଥିଲେ। ଏହାର ୨୦ ବର୍ଷ ପରେ ସେ ତାସଖେଳରେ ମିଥ୍ୟା ଅପବାଦ ମାମଲାରେ ମଧ୍ୟ କୋର୍ଟକୁ ଯାଇଥିଲେ। ରାଜସିଂହାସନର ପଞ୍ଚମ ଦାୟାଦ ହ୍ୟାରି ବ୍ରିଟିଶ୍ ପ୍ରେସ୍, ତାଙ୍କ ଆତ୍ମଜୀବନୀ 'ସ୍ପେୟାର' ପ୍ରକାଶନ ଏବଂ ନେଟ୍‌ଫ୍ଲିକ୍ସ ଡକ୍ୟୁମେଣ୍ଟାରି ସିରିଜ ବିରୋଧରେ ଆଇନଗତ ବିବାଦକୁ ନେଇ ଗତ ୬ ମାସ ମଧ୍ୟରେ ଅନେକ ଥର ଚର୍ଚ୍ଚାକୁ ଆସିଛନ୍ତି। ହାଇକୋର୍ଟରେ ହ୍ୟାରିଙ୍କ ହାଜିରା ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିବ ବୋଲି କୁହାଯାଉଛି।

ସନ୍ ଟାବ୍‌ଲଏଡ୍‌ର ବରିଷ୍ଠ କମ୍ୟୁନିକେଶନ ଆଡ୍‌ଭାଇଜର ଡାଭିଡ୍ ୟେଲାଣ୍ଡ କହିଛନ୍ତି, ରାଜପରିବାର ଦୀର୍ଘ ବର୍ଷ ଧରି କୋର୍ଟ କଚେରି ମାମଲାରେ ପଡ଼ିବାକୁ ଏଡ଼ାଇଥାଆନ୍ତି। ଆପୋସ ବୁଝାମଣା ଜରିଆରେ ଏପରି ମାମଲାର ସମାଧାନକରାଯିବା ଉଚିତ। ଯାହାବି ନିଷ୍କର୍ଷ ଆସୁ କେହି ମହାନ୍ ଦେଖାଯିବେ ନାହିଁ।

ପ୍ରକାଶ ଯେ, ଗତ ମାସରେ ଏହି ମାମଲାର ତଦନ୍ତ ଆରମ୍ଭ ହୋଇଥିଲା। ଏମ୍‌ଜିଏନ୍ ଖବରଦାତାମାନେ କିମ୍ବା ସେମାନଙ୍କ ଦ୍ୱାରା ନିଯୁକ୍ତ ଘରୋଇ ତଦନ୍ତକାରୀମାନେ ହ୍ୟାରି ଏବଂ ଅନ୍ୟ ଅଭିଯୋଗକାରୀମାନଙ୍କ ଗୋପନୀୟ ତଥ୍ୟ ହାସଲ ପାଇଁ ବେଆଇନ ଫୋନ୍ ହ୍ୟାକିଂର ଯାଞ୍ଚ କରିଥିଲେ। ବରିଷ୍ଠ ସମ୍ପାଦକ ଓ ଏକ୍ଜିକ୍ୟୁଟିଭ୍‌ମାନଙ୍କ ଜ୍ଞାତସାରରେ ଏହି କାର୍ଯ୍ୟ କରାଯାଇଥିଲା ବୋଲି ଅଭିଯୋଗକାରୀମାନଙ୍କ ଓକିଲ ଡାଭିଡ୍ ଶେରବର୍ନ କହିଛନ୍ତି।

# ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳଙ୍କ ଅଡୁଆ ବଢ଼ିଲା

## କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କଲେ ରାଜସ୍ୱ ପର୍ଷଦ ସଚିବ

- ୨କୋଟି ୪୨ଲକ୍ଷ ୬୬ହଜାର ଟଙ୍କାର ରାଜସ୍ୱ ହାନି
- ଅଡିଟ୍ ରିପୋର୍ଟକୁ ୧୩ ବର୍ଷ ଧରି ଚାପି ଦିଆଯାଇଥିଲା

ସୋନପୁର,୨।୬(ନି.ପ୍ର.)

ସୁବର୍ଣ୍ଣପୁର ଅତିରିକ୍ତ ଜିଲାପାଳ ତଥା ଭାରପ୍ରାପ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ଅଡୁଆ ବଢ଼ିବାରେ ଲାଗିଛି। ରାଜସ୍ୱ ପର୍ଷଦ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ପତ୍ର ସଂଖ୍ୟା ୮୩୪/୧।୬।୨୦୨୩ରେ ଭୁବନେଶ୍ୱରସ୍ଥିତ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଗୁରୁବାର ଚିଠି ଲେଖିଛନ୍ତି। ସେହିପରି ଏହାର ଏକକିତା ନକଲ ଅତିରିକ୍ତ ସଚିବ ସାଧାରଣ ପ୍ରଶାସନ ବିଭାଗକୁ ପଠାଇଛନ୍ତି। ଯେହେତୁ ଦାଶ ଅତିରିକ୍ତ ସଚିବ ପାହ୍ୟାର ଅଧିକାରୀ, ତେଣୁ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଅଧିକାର ରାଜସ୍ୱ ବିଭାଗର ନାହିଁ। ତେଣୁ ରାଜସ୍ୱ ପର୍ଷଦ ସଚିବ ଡ. ଉପାଧ୍ୟାୟ ଭାରପ୍ରାପ୍ତ ଜିଲାପାଳ ଦାଶଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗକୁ ସୁପାରିସ କରିଛନ୍ତି।

ପ୍ରକାଶ ଯେ, ଭାରପ୍ରାପ୍ତ ଜିଲାପାଳ ଦାଶଙ୍କ ବିରୋଧରେ ଓଡ଼ିଶା ସିଭିଲ ସର୍ଭିସ(ସିସିଏ) ନିୟମ ୧୯୬୨ ଧାରା ୧୫ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣା ତାଙ୍କ ପତ୍ର ସଂଖ୍ୟା ୧୫୯୧/୨୩।୫।୨୦୨୩ ରେ ରାଜସ୍ୱ ପର୍ଷଦ ସଚିବ କଟକଙ୍କୁ ଜଣାଇଥିଲେ। ଦାଶ ବଲାଙ୍ଗୀରରେ ୨୦୦୪ରୁ ୨୦୦୯ ମସିହା ପର୍ଯ୍ୟନ୍ତ ୫ ବର୍ଷ ଧରି ତହସିଲଦାର ଥିଲେ। ଏହି ସମୟରେ ସେ ବେଆଇନ ଭାବେ ବିଭିନ୍ନ ଜମିର କିସମ ପରିବର୍ତ୍ତନ କରିବା ସମୟରେ ଜମି ମାଲିକଙ୍କୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିଲେ। ସବୁଠୁ ବଡ କଥା ହେଲା ତତ୍କାଳୀନ ବଲାଙ୍ଗୀର ତହସିଲଦାର ତଥା ବର୍ତ୍ତମାନର ସୁବର୍ଣ୍ଣପୁର ଭାରପ୍ରାପ୍ତ ଜିଲାପାଳ ଦାଶ ୪।୧୦।୨୦୦୪ରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢେ ୪ଟା ପର୍ଯ୍ୟନ୍ତ ସ୍ଥାନୀୟ ଚନ୍ଦନଭାଟି ଓ ବ୍ରାହ୍ମଣୀପାଲି ଗ୍ରାମକୁ ସରକାରୀ ଗସ୍ତରେ ଜଳ ବିବାଦର ସମାଧାନ ପାଇଁ ଯାଇଥିଲେ। ତେବେ ସେହିଦିନ ଅପରାହ୍ନ ସାଢେ ୪ଟାରୁ ଅପରାହ୍ନ ୫ଟା ଭିତରେ ଦାଶ ୧୦୦୦ରୁ ଊର୍ଦ୍ଧ୍ୱ ଓଏଲ୍‌ଆର୍ କେସ୍‌ରେ ପ୍ରିମିୟମ ମୂଲ୍ୟାୟନ କରିବା ସହିତ କେସ୍ ମଞ୍ଜୁର ଆଦେଶ ଦେଇଥିଲେ। କିନ୍ତୁ ବାସ୍ତବରେ ଏଭଳି କାମ କରିବା ଅସମ୍ଭବ ବୋଲି ଅଡିଟ୍ ରିପୋର୍ଟରେ ଦର୍ଶାଯାଇଥିଲା।

ସେହିପରି ଦାଶ ବେଆଇନ ଭାବେ ଜମିର କିସମ ପରିବର୍ତ୍ତନ କରିବା ଯୋଗୁ ସରକାରଙ୍କ ରାଜସ୍ୱ ହାନି ହୋଇଥିଲା। ଅଡିଟ୍ ରିପୋର୍ଟ ଅନୁଯାୟୀ ଆଦେଶ ପରେ ପଞ୍ଜୀକୃତ ବିକ୍ରି କବଲା ଅନୁସାରେ କିଣାଯାଇଥିବା ଜମି ଉପରେ ବେଆଇନ ଭାବରେ ପ୍ରିମିୟମ ମୂଲ୍ୟାୟନ କରାଯାଇଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ହୋଇଛି। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁସାରେ ୧ ହଜାରରୁ ଅଧିକ ଓଏଲ୍‌ଆର୍ କେସ୍ ଧାରା ୮(କ) ଅନୁସାରେ ଆରମ୍ଭ କରାଯାଇଥିଲା। କିନ୍ତୁ ଏଥିପାଇଁ ଜମି ମାଲିକମାନଙ୍କୁ କୌଣସି ନୋଟିସ ଦିଆଯାଇ ନ ଥିଲା। ସରକାରଙ୍କ ବିଜ୍ଞପ୍ତି ନଂ. ୩୬୮୮୬/୨୧।୯।୨୦୦୪ ଅନୁସାରେ ଏକର ପ୍ରତି ୩ ଲକ୍ଷ ଟଙ୍କା ପ୍ରିମିୟମ ଆଦାୟ କରିବା ପରିବର୍ତ୍ତେ ଦାଶ ଏକର ପ୍ରତି ୭୫ ହଜାର ଟଙ୍କା ଆଦାୟ କରିଥିଲେ। ବଲାଙ୍ଗୀର ମ୍ୟୁନିସିପାଲିଟିରେ ଜମି କିସମ ପରିବର୍ତ୍ତନ ବେଳେ ଫର୍ମ ୨୬ ସ୍ପେଶାଲ ଟାଉନ ପ୍ଲାନିଂ ଅଥରିଟିଙ୍କୁ ଦିଆଯାଇ ନ ଥିଲା। ଅଡିଟ ରିପୋର୍ଟ ଅନୁସାରେ ଓଡ଼ିଶା ଭୂସଂସ୍କାର ଆଇନର ଧାରା ୮(କ) ଅନୁସାରେ ମକଦ୍ଦମା ଫଇସଲା କରିବାରେ ଦାଶଙ୍କ ଢିଲାପଣ ଓ କର୍ତ୍ତବ୍ୟରେ ଅବହେଳା କାରଣରୁ ସରକାରଙ୍କ ୨ କୋଟି ୪୨ ଲକ୍ଷ ୬୬ ହଜାର ୧୧୭ ଟଙ୍କାର ରାଜସ୍ୱ କ୍ଷତି ହୋଇଥିଲା। ତେବେ ଏହି ରିପୋର୍ଟକୁ ବଲାଙ୍ଗୀର ତହସିଲ ଓ ଜିଲାପାଳଙ୍କ କାର୍ଯ୍ୟାଳୟରେ ଦୀର୍ଘ ୧୩ ବର୍ଷ ଧରି ଚାପି ଦିଆଯାଇଥିଲା। ରାଜସ୍ୱ ବିଭାଗର ଉପରିସ୍ଥ ଅଧିକାରୀଙ୍କ କଡ଼ା ନିର୍ଦ୍ଦେଶ ପରେ ବଲାଙ୍ଗୀର ଜିଲାପାଳ ରାଣା କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରିଛନ୍ତି। ତେବେ ଜଣେ ବରିଷ୍ଠ ରାଜନେତାଙ୍କ ଚାପରେ ଅଡିଟ୍ ରିପୋର୍ଟ ଫାଇଲକୁ ବଲାଙ୍ଗୀରରେ ଦୀର୍ଘ ବର୍ଷ ଚାପି ଦିଆ ଯାଇଥିଲା ବୋଲି ଆଲୋଚନା ହେଉଛି।

# ୧୯ ବ୍ୟାଙ୍କରୁ ୬,୫୨୪ କୋଟି ଟଙ୍କା ଠକେଇ

## ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଟ୍ରାନ୍ସପୋର୍ଟେଶନ ନେଟ୍‌ୱର୍କ ବିରୋଧରେ ସିବିଆଇ ମାମଲା

ନୂଆଦିଲ୍ଲୀ, ୨।୬

୨୦୧୬ରୁ ୨୦୧୮ ମଧ୍ୟରେ ଦେଶର ୧୯ଟି ବ୍ୟାଙ୍କରୁ ୬,୫୨୪ କୋଟି ଟଙ୍କା ଠକିବା ଅଭିଯୋଗରେ ଆଇଏଲ୍ ଆଣ୍ଡ୍ ଏଫ୍‌ଏସ୍ ଟ୍ରାନ୍ସପୋଟ୍ରେଶନ ନେଟ୍‌ୱର୍କ ଓ ଏହାର କେତେଜଣ ନିର୍ଦ୍ଦେଶକଙ୍କ ବିରୋଧରେ ସିବିଆଇ ମାମଲା ରୁଜୁ କରିଛି। ଏହି କମ୍ପାନୀ ଦ୍ୱାରା ଠକେଇର ସମ୍ମୁଖୀନ ହୋଇଥିବା ବ୍ୟାଙ୍କ ମଧ୍ୟରେ ଅଛନ୍ତି ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆକ୍ସିସ ବ୍ୟାଙ୍କ ଏବଂ ୟେସ୍ ବ୍ୟାଙ୍କ ପ୍ରମୁଖ। ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଟ୍ରାନ୍ସପୋର୍ଟେଶନ ନେଟ୍‌ୱର୍କ ହେଉଛି ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଲିଃର ଏକ ସହଯୋଗୀ କମ୍ପାନୀ, ଯିଏ ୨୦୧୮ରେ ଦେବାଳିଆ ଘୋଷଣା ପାଇଁ ଆବେଦନ କରିଥିଲା। ମୂଳ କମ୍ପାନୀ ଆଇଏଲ୍ ଆଣ୍ଡ ଏଫ୍‌ଏସ୍‌କୁ ଅଧିଗ୍ରହଣ କରିବା ଲାଗି ୨୦୧୮ରେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ଏକ ନୂଆ ବୋର୍ଡ ଅଫ୍ ଡାଇରେକ୍ଟର୍ସ ଗଠନ କରିବା ପରେ ଆଇଏଲ୍ ଆଣ୍ଡ୍ ଏଫ୍‌ଏସ୍ ଟ୍ରାନ୍ସପୋର୍ଟେଶନ ନେଟ୍‌ୱର୍କ ଲିଃ (ଆଇଟିଏନ୍‌ଏଲ୍) ଓ ଏହାର ନିର୍ଦ୍ଦେଶକମାନଙ୍କ ଜାଲିଆତି ପଦାକୁ ଆସିଥିଲା ବୋଲି ଏତଲାରେ ଦର୍ଶାଯାଇଛି। ଆଇଏଲ୍ ଆଣ୍ଡ ଏଫ୍‌ଏସ୍ ଓ ଏହାର ୩୪୮ ଗ୍ରୁପ୍ କମ୍ପାନୀ ବିରୋଧରେ ଗ୍ରାଣ୍ଟ ଥୋର୍ଟନ ଫୋରେନ୍‌ସିକ୍ ଅଡିଟ୍ କରିଥିଲା। ଆଇଟିଏନ୍‌ଏଲ୍ ହିସାବ ନ ଦେଖାଇ କିମ୍ବା କମ୍ପାନୀ ସଫ୍ଟୱେରରେ ରେକର୍ଡ ନ କରି ବିପୁଳ ପରିମାଣର ପାଣ୍ଠି ଟ୍ରାନ୍ସଫର କରୁଥିଲା। ଆଇଟିଏନ୍‌ଏଲ୍ ଓ ଅନ୍ୟ ଗ୍ରୁପ୍ କମ୍ପାନୀଗୁଡ଼ିକ ମଧ୍ୟରେ ସର୍କୁଲାର କାରବାର ପାଇଁ ବ୍ୟବସାୟିକ ଦସ୍ତାବିଜ୍‌ର ବ୍ୟବସ୍ଥା ହୋଇଥିଲା। ଜଣେ ଭେଣ୍ଡରଙ୍କଠାରୁ ୪୫୦ ଟନ୍ ଇସ୍ପାତ କିଣାଯାଇଥିବା ମିଥ୍ୟା ବ୍ୟୟ ରେକର୍ଡ ଏବଂ ଉପଠିକାଦାରମାନଙ୍କଠାରୁ ଜାଲ୍ ମୂଲ୍ୟ କୋଟ୍ ଠାବ ହୋଇଥିବା ଏତଲାରେ କୁହାଯାଇଛି।

# 'ଏସ୍‌ଏଚ୍‌ଜିରୁ ଉଦ୍ୟୋଗୀ ସୃଷ୍ଟି ମୂଳଲକ୍ଷ୍ୟ'

ଭୁବନେଶ୍ୱର, ୨।୬(ବ୍ୟୁରୋ)

ମିଶନ ଶକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଓଡ଼ିଶାର ମହିଳାମାନେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏସ୍‌ଏଚ୍‌ଜିରୁ ଉଦ୍ୟୋଗୀ ସୃଷ୍ଟିକରି ମହିଳାଙ୍କୁ ରାଜ୍ୟ ଅର୍ଥନୀତିର ପ୍ରମୁଖ ଅଂଶୀଦାର କରିବା ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ। ଗତ ମେ ୩୧ ଏବଂ ଜୁନ୍ ୧ରେ ଲୋକସେବା ଭବନ କନ୍‌ଭେନସନ ହଲ୍‌ରେ ମିଶନ ଶକ୍ତି ବିଭାଗ ଦ୍ୱାରା ବ୍ୟାଙ୍କ୍ ଋଣ ଏବଂ ସୁଧ ଫେରସ୍ତ ସମ୍ପର୍କିତ ବ୍ଲକ୍ ପ୍ରଶିକ୍ଷକଙ୍କ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଭାଗୀୟ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଏହା କହିଛନ୍ତି।

ବିଭାଗୀୟ କମିଶନର ତଥା ଶାସନ ସଚିବ ସୁଜାତା ଆର୍. କାର୍ତ୍ତିକେୟନ୍ କହିଛନ୍ତି, ଏସ୍‌ଏଚ୍‌ଜି ସଦସ୍ୟାଙ୍କ ମଧ୍ୟରେ ଅସାଧାରଣ ଦକ୍ଷତା, ସାମର୍ଥ୍ୟ ଏବଂ ଶକ୍ତି ରହିଛି। ସେମାନଙ୍କ ନେତୃତ୍ୱ ପାଇଁ ଏସ୍‌ଏଚ୍‌ଜି ଆନ୍ଦୋଳନ ସଫଳ ହୋଇଛି। କର୍ମଶାଳାରେ ଓଡ଼ିଶା ଜୀବିକା ମିଶନର ରାଜ୍ୟ ମିଶନ ନିର୍ଦ୍ଦେଶକ ଏନ୍. ତିରୁମାଲା ନାୟକ, ବିଭାଗୀୟ ଯୁଗ୍ମ ଶାସନ ସଚିବ ବିନୋଦ ଜେନା ଏବଂ ବିଶେଷଜ୍ଞମାନେ ଯୋଗଦେଇ କର୍ମଶାଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅଦ୍ୟାବଧି ୨ଟି ପର୍ଯ୍ୟାୟରେ ଆୟୋଜିତ ଏହି କର୍ମଶାଳାରେ ୨୦ଟି ଜିଲାର ୭୦୦ରୁ ଊର୍ଦ୍ଧ୍ୱ ମହାସଂଘ ସଦସ୍ୟା, କ୍ଷେତ୍ର କର୍ମଚାରୀମାନେ ଅଂଶଗ୍ରହଣ କରିଛନ୍ତି। ବ୍ୟାଙ୍କ ଋଣ ବ୍ୟବସ୍ଥାକୁ ପ୍ରତି ଏସ୍‌ଏଚ୍‌ଜିଙ୍କ ନିକଟରେ ପହଞ୍ଚାଇବା, ନିୟମିତ ଋଣ ପରିଶୋଧ କରି ସୁଧ ରିହାତି ପାଇବା ସୁନିଶ୍ଚିତ କରିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ବ୍ଲକ ଓ ଜିଲା ମହାସଂଘ ଲିଡରମାନଙ୍କୁ ଏହି ପ୍ରଶିକ୍ଷଣ ମାଧ୍ୟମରେ ଏ ସମ୍ପର୍କିତ ତାଲିମ ଦିଆଯାଇଛି। ମିଶନ ଶକ୍ତି ବିଭାଗର ଏହି ପ୍ରୟାସ ମାଧ୍ୟମରେ ରାଜ୍ୟର ୧,୦୧୪ ବ୍ଲକ ଓ ଜିଲା ମହାସଂଘର ଲିଡରମାନେ ରିସୋର୍ସ ଗୋଷ୍ଠୀ ଭାବେ କାର୍ଯ୍ୟ କରିବେ ବୋଲି ସୂଚନା ଦିଆଯାଇଛି। ରାଜ୍ୟରେ ଗତ ୮ବର୍ଷ ମଧ୍ୟରେ ଏସ୍‌ଏଚ୍‌ଜିଙ୍କୁ ବ୍ୟାଙ୍କ ମାଧ୍ୟମରେ ପ୍ରଦାନ କରାଯାଉଥିବା ଆର୍ଥିକ ସହାୟତା ରାଶିର ପରିମାଣ ୧୯ ଗୁଣ ବୃଦ୍ଧି ପାଇଛି । ୨୦୨୨-୨୩ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦିଆଯାଉଥିବା ବ୍ୟାଙ୍କ ଋଣ ରାଶି ବୃଦ୍ଧି ପାଇ ୧୧,୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଏ ବର୍ଷ ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ଏସ୍‌ଏଚ୍‌ଜିମାନଙ୍କୁ ୧୫,୦୦୦ କୋଟି ଟଙ୍କାର ଋଣ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

**ଫୁର୍‌ସତ୍**

# ପ୍ରଥମ ଫିଲ୍ମ ପାଇଁ ଓଜନ କମାଇଥିଲେ ସୋନାକ୍ଷୀ



ମୁମ୍ବାଇ

ବଲିଉଡର ଦବଙ୍ଗଗର୍ଲ ଭାବେ ପରିଚିତ ସୋନାକ୍ଷୀ ସିହ୍ନା ଶୁକ୍ରବାର ତାଙ୍କର ୩୬ ତମ ଜନ୍ମଦିନ ପାଳନ କରିଛନ୍ତି। ୨ ଜୁନ ୧୯୮୭ରେ ସୋନାକ୍ଷୀଙ୍କର ଜନ୍ମ ବିହାରର ପାଟନାରେ ହୋଇଥିଲା। ବଲିଉଡର ନାଁ କରା ଅଭିନେତା ଶତ୍ରୁଘ୍ନ ସିହ୍ନା ଓ ପୁନମ ସିହ୍ନାଙ୍କର ଝିଅ ହେଉଛନ୍ତି ସୋନାକ୍ଷୀ। ସେ ୨୦୦୫ରେ ଫିଲ୍ମ 'ମେରା ଦିଲ୍ ଲେକର ଦେଖୋ'ରେ କଷ୍ଟ୍ୟୁମ ଡିଜାଇନର ଭାବେ ବଲିଉଡରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ବହୁତ କମ୍ ଲୋକ ଜାଣନ୍ତି କି ସୋନାକ୍ଷୀ ଫିଲ୍ମରେ ଅଭିନୟ କରିବା ପୂର୍ବରୁ ମଡେଲ ଭାବେ କାମ କରୁଥିଲେ। ୨୦୦୮-୨୦୦୯ରେ ସୋନାକ୍ଷୀ ଲାକ୍‌ମେ ଫ୍ୟାଶନ ୱିକରେ ର୍‌ୟାମ୍ପରେ ଚାଲିଥିଲେ। ଏହା ପରେ ୨୦୧୦ରେ ସଲମାନ ଖାନ୍‌ଙ୍କ ସହ ମୁଭି 'ଦବଙ୍ଗ'ରୁ ବଲିଉଡରେ ତାଙ୍କର କ୍ୟାରିୟର ଆରମ୍ଭ କରିଥିଲେ। ଏହା ସୁପରହିଟ୍ ହେବା ସହ ଏହି ମୁଭି ପାଇଁ ସୋନାକ୍ଷୀ ଫିଲ୍ମ ଫେୟାର ବେଷ୍ଟ ଡେବ୍ୟୁ ଆୱାର୍ଡ ହାତେଇଥିଲେ। ବହୁତ କମ୍ ଲୋକ ଜାଣନ୍ତି ଫିଲ୍ମ 'ଦବଙ୍ଗ' ପାଇଁ ସୋନାକ୍ଷୀ ୩୦ କିଲୋ ଓଜନ କମାଇଥିଲେ। ଆଉ ସେହି ବର୍ଷ ହିଁ ମ୍ୟାକ୍ସିମ ମାଗାଜିନର ଇଣ୍ଡିଆନ ଏଡିସନରେ କଭର ଗର୍ଲ ହୋଇଥିଲେ। ଏହା ପୂର୍ବରୁ ତାଙ୍କ ଓଜନ ୯୦ କିଲୋ ଥିଲା ଯାହା ସମସ୍ତଙ୍କୁ ଚମକାଇ ଦେଇଥିଲା।

# କାଠରୁ ପ୍ରସ୍ତୁତ ହେଉଛି ଆଲକହଲ୍

ଟୋକିଓ

ଅଙ୍ଗୁର, ଆଖୁ, ମକା, ଆଳୁ, ଚାଉଳ କିମ୍ବା ମହୁଲରୁ ପ୍ରସ୍ତୁତ ୱିସ୍କି, ମଦ, ଭୋଡକା କିମ୍ବା ବିଅର ସମ୍ପର୍କରେ ଜାଣିଥିବେ। କିନ୍ତୁ ବର୍ତ୍ତମାନ ଜାପାନ କାଠରୁ ଆଲକହଲ ପ୍ରସ୍ତୁତ କରିବାର ଉପାୟ ବାହାର କରିଛି। ଯଦି ଜାପାନ ବିଶେଷଜ୍ଞଙ୍କ ଏହି ଦାବି ଠିକ ହୁଏ ତେବେ ଆଲକହଲ ତିଆରି କରିବାର ଉପାୟ ସମଗ୍ର ବିଶ୍ୱରେ ପରିବର୍ତ୍ତନ ହେବ ତାହା ନୁହେଁ, ବରଂ ବୃକ୍ଷ ରୋପଣର ଗତି ମଧ୍ୟ ବୃଦ୍ଧି ପାଇବ। ଜାପାନର ତାହୋକାରେ ୧୬୦୦ ମସିହାରେ ଏକ ଗଛ ଲଗାଯାଇଥିଲା, ଯାହାର ନାମ ସିଦାର। ୧୯୧୬ରେ ଏହି ଗଛରୁ ଧଳା ତରଳ ପଦାର୍ଥ ବାହାରିବାକୁ ଲାଗିଲା। ଏହି ଗଛରୁ ୩୫ଲିଟରରୁ ଅଧିକ ଧଳା ତରଳ ପଦାର୍ଥ ବାହାରିଥିଲା। ତେବେ ଜାପାନର ବିଶେଷଜ୍ଞମାନେ ବର୍ତ୍ତମାନ ଏହି ତରଳ ପଦାର୍ଥରୁ ଆଲକହଲ ପ୍ରସ୍ତୁତ କରିବାର ଉପାୟ ବାହାର କରିଛନ୍ତି। ସେମାନେ କହିଛନ୍ତି, ସିଦାର ଏବଂ ଚେରି ଗଛର କାଠରୁ ମେଥାନଲ ମିଳିଥାଏ, ଯାହା ପିଇବା ଯୋଗ୍ୟ ନୁହେଁ। ଏହା ଶରୀର ପାଇଁ କ୍ଷତିକାରକ। ବିଶେଷଜ୍ଞଙ୍କ ଅନୁଯାୟୀ, ରଙ୍ଗ ଏବଂ ପ୍ଲାଷ୍ଟିକ ତିଆରି ପାଇଁ ମେଥାନଲ





ବ୍ୟବହାର କରାଯାଏ। ଏଥିସହ ଇନ୍ଧନ ତିଆରିରେ ମଧ୍ୟ ଏହା ବ୍ୟବହୃତ ହୋଇଥାଏ। ଗଛର କାଠରୁ ମିଳୁଥିବା ମେଥାନଲ ବିଷାକ୍ତ ହୋଇଥାଏ ଯାହାକୁ ପିଇବା ଦ୍ୱାରା ବ୍ୟକ୍ତି ଦୃଷ୍ଟିହୀନ କିମ୍ବା ସଙ୍ଗେସଙ୍ଗେ ମୃତ୍ୟୁ ଘଟିଥାଏ। ମଦ ତିଆରିରେ ମେଥାନଲ ବ୍ୟବହାର କରାଯାଏ। ଜାପାନର ବିଶେଷଜ୍ଞମାନେ କାଠରୁ ମେଥାନଲ ବାହାର କରିବା ପାଇଁ ଏକ ସ୍ୱତନ୍ତ୍ର ପଦ୍ଧତି ଆପଣାଇଛନ୍ତି। ସେ ପ୍ରଥମେ କାଠର ପେଷ୍ଟ ତିଆରି କରିଛନ୍ତି। ପରେ ଏହି ପେଷ୍ଟରେ ଇଷ୍ଟ ଏବଂ ଏନ୍‌ଜାଇମ ମିଶାଇ ଏକ କମ୍ପୋଜିଶନ ପ୍ରସ୍ତୁତ କରନ୍ତି। ତେବେ ଏହି ତରଳ ପଦାର୍ଥରେ ୧୫ ପ୍ରତିଶତ ଆଲକହଲ ରହିଛି। ଅନୁସନ୍ଧାନକାରୀଙ୍କ ଏହି ଆବିଷ୍କାର ପରେ ଜାପାନର ବନ ବିଭାଗ ଏବଂ ବନଜାତ ଦ୍ରବ୍ୟ ଅନୁସନ୍ଧାନ ପ୍ରତିଷ୍ଠାନ ବର୍ତ୍ତମାନ କାଠରୁ ଆଲକହଲ ତିଆରି କରିବାର ସମ୍ପୂର୍ଣ୍ଣ କୌଶଳ ପ୍ରସ୍ତୁତ କରିସାରିଛନ୍ତି। ଏହି ଆଲକହଲ ଯେତେ ପୁରୁଣା ହେବ ସେତେ ଅଧିକ ନିଶା ଚଢ଼ିବ ବୋଲି ବିଶେଷଜ୍ଞମାନେ କହିଛନ୍ତି।

## ବିଶ୍ୱର ସବୁଠୁ ଶୀତଳ ସ୍ଥାନ

ରୁଷିଆ

ଗ୍ରୀଷ୍ମ ଋତୁରେ ଗରମରୁ ତ୍ରାହି ପାଇବା ପାଇଁ ସମସ୍ତେ ଥଣ୍ଡା ସ୍ଥାନକୁ ଯିବା ପାଇଁ ଇଚ୍ଛା ପ୍ରକାଶ କରିଥାନ୍ତି। କିନ୍ତୁ ଜାଣନ୍ତି କି ଦୁନିଆର ସବୁଠାରୁ ଥଣ୍ଡା ସ୍ଥାନ କେଉଁଠି? ଏପରିକି ଲୋକେ ବରଫ ତରଳାଇ ପାଣି ପିଇଥାନ୍ତି। ଓମୟାକନ ହେଉଛି ବିଶ୍ୱର ସବୁଠାରୁ ଥଣ୍ଡା ସ୍ଥାନ, ଯାହା ରୁଷିଆରେ ଅବସ୍ଥିତ। ଏଠାରେ ତାପମାତ୍ରା ମାଇନସ ୬୦ ଡିଗ୍ରୀକୁ ଖସିଆସେ। ଏହା ସତ୍ତ୍ୱେ ଏଠାରେ ପ୍ରାୟ ୫୫୦ ଲୋକ ବାସ କରନ୍ତି। ଏଠାରେ ଗରମ ଦିନରେ ତୁଷାରପାତ ହୋଇଥାଏ।

# ବାଂଲାଦେଶରେ ରିଲିଜ ହେବ ସଲମାନଙ୍କ ମୁଭି



ମୁମ୍ବାଇ

ବଲିଉଡ ଭାଇଜାନ ସଲମାନ ଖାନ୍‌ଙ୍କ ମୁଭି 'କିସି କା ଭାଇ କିସି କି ଜାନ' ଇଦ୍ ଅବସରରେ ୨୧ ଏପ୍ରିଲ ୨୦୨୩ରେ ରିଲିଜ ହୋଇଥିଲା। ମୁଭିକୁ ବକ୍ସ ଅଫିସରେ ଭଲ ରେସପନ୍ସ ବି ମିଳିଥିଲା। ଏବେ ଏହି ମୁଭି ବାଂଲାଦେଶରେ ରିଲିଜ ହେବାକୁ ପ୍ରସ୍ତୁତ ହେଉଛି। ଏହାକୁ ନେଇ ବାଂଲାଦେଶରେ ଥିବା ସଲମାନଙ୍କ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ହୋଇ ପଡିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ବେଲଜିୟମକୁ ହରାଇଲା ଭାରତ

## ପ୍ରୋ ଲିଗ୍ ହକି

**ଲଣ୍ଡନ, ୨।୬ (ପି.ଟି.)**

ୟୁରୋପ ପର୍ଯ୍ୟାୟ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ହକି ପ୍ରତିଯୋଗିତାରେ ଶୁକ୍ରବାର ବେଲଜିୟମକୁ ୫-୧ ଗୋଲ୍‌ରେ ପରାସ୍ତ କରିଛ ଭାରତ। ପ୍ରତିଯୋଗିତାରେ ପଛକୁ ପଛ ଦୁଇଟି ମ୍ୟାଚ ହାରିଯିବା ପରେ ଦଳର ଏହା ହେଉଛି ପ୍ରଥମ ବିଜୟ। ମିଡ୍‌ଫିଲ୍ଡର ବିବେକ ସାଗର ପ୍ରସାଦ ଖେଳର ପ୍ରଥମ ମିନିଟ୍‌ରେ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ପରେ ହରମନପ୍ରୀତ (୨୦ତମ ଓ ୨୯ତମ ମିନିଟ୍) ପେନାଲ୍ଟି କର୍ନରରୁ ଦୁଇଟି ଗୋଲ୍ ଦେଇଥିଲେ। ଭାରତ ଅନ୍ୟ ଦୁଇଟି ଗୋଲ୍ ଅମିତ ରୋହିଦାସ (୨୮ତମ) ଓ ଦିଲପ୍ରୀତ ସିଂ(୫୯ତମ)ଙ୍କ ଜରିଆରେ ସ୍କୋର କରିଥିଲା। ବେଲଜିୟମ ପକ୍ଷରୁ ଏକମାତ୍ର ଗୋଲ୍ ଚତୁର୍ଥ କ୍ୱାର୍ଟର ଖେଳର ପ୍ରଥମ ମିନିଟ୍‌ରେ ୱିଲିୟମ ଘିସ୍‌ଲେନ୍ (୪୫ତମ) ଦେଇଥିଲେ। ୟୁରୋପ ଗସ୍ତ ପୂର୍ବରୁ ଭାରତ ପ୍ରୋ-ଲିଗ୍ ଟେବୁଲ ଟପ୍ପର ରହିଥିଲା। ଦଳ ମେ' ୨୬ରେ ବେଲଜିୟମ ବିପକ୍ଷ ଏହାର ଓପନିଂ ଗେମ୍ ୧-୨ ଏବଂ ପରଦିନ ଗ୍ରେଟ୍ ବ୍ରିଟେନଠାରୁ ୨-୪ ଗୋଲ୍‌ରେ ପରାସ୍ତ ହୋଇଥିଲା। ଭାରତ ଶନିବାର ପୁନର୍ବାର ଗ୍ରେଟ୍ ବ୍ରିଟେନକୁ ଭେଟିବ।



ପ୍ଲେୟର ଅଫ୍ ଦି ମ୍ୟାଚ ମନପ୍ରୀତ ସିଂ।



ଜୁନିୟର ଏସିଆ କପ୍ ଚାମ୍ପିୟନ ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ସୁଦୀପ ଚିରମାକୋ, ସୁନୀତ ଲାକ୍ରା ଓ ଅମନଦୀପ ଲାକ୍ରା ଟ୍ରଫି ଓ ପଦକ ସହ।

# ଆହାନ ମିଶ୍ର ରନରଅପ୍



ପୁରସ୍କାର ସହ ଆହାନ ମିଶ୍ର (ବାମ)।

**ଭୁବନେଶ୍ୱର, ୨।୬ (କ୍ରୀଡ଼ା ପ୍ରତିନିଧି):** ପଞ୍ଜାବର ଜସୋୱାଲଠାରେ ୨୯ ମେ'ରୁ ୨ ଜୁନ୍ ପର୍ଯ୍ୟନ୍ତ ଅନୁଷ୍ଠିତ ଏଆଇଟିଏ ୧୪ ବର୍ଷରୁ କମ୍ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟର ଡବଲ୍ସରେ ରନରଅପ୍ ହୋଇଛନ୍ତି ଓଡ଼ିଶାର ଆହାନ ମିଶ୍ର। ଉକ୍ତ ପ୍ରତିଯୋଗିତାରେ ତାଙ୍କର ଡବଲ୍ସ ପାର୍ଟନର ଥିଲେ ପଞ୍ଜାବର ଆର୍ଯ୍ୟବୀର ଶର୍ମା। ଏହି ଓଡ଼ିଶା-ପଞ୍ଜାବ ଯୋଡ଼ି ଫାଇନାଲରେ ଉତ୍ତର ପ୍ରଦେଶର ଅନୁଜ ଶାରଦା ଓ ମହାରାଷ୍ଟ୍ରର ଅଥର୍ବ ଶୁକ୍ଲାଙ୍କଠାରୁ ୪-୬, ୪-୬ ସେଟ୍‌ରେ ହାରି ଯାଇଥିଲେ। ତେବେ ଟୁର୍ନାମେଣ୍ଟରୁ ଆହାନଙ୍କୁ ୪୦ ଏଆଇଟିଏ ଡବଲ୍ସ ର୍‍ୟାଙ୍କିଙ୍ଗ୍ ପଏଣ୍ଟ ମିଳିଛି।

CLASSIFIED DISPLAY
ALL EDITION - BW (Everyday)
MORE SPACE * SAME PRICE
TARIFF
For Booking Contact: 0674-2580385, 8637280816, 7894447167, 9338226625

## ATC ଟାୱାର

ପଞ୍ଜୀକୃତ କମ୍ପାନୀ ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ 5G ଡିଜିଟାଲ ଟାୱାର ଲଗାନ୍ତୁ
(ଭଡ଼ା 25,000/-)
(ଆଡ୍‌ଭାନ୍ସ-30,00,000/-)
20 ବର୍ଷର ଏଗ୍ରିମେଣ୍ଟ+1 ଚାକିରି
(ଏଜେଣ୍ଟ ମାସିକ 35,000/- ଆୟ କରନ୍ତୁ)
ଯୋଗାଯୋଗ କରନ୍ତୁ-
7625811050

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ

**ଭୁବନେଶ୍ୱର, ୨।୬ (କ୍ରୀଡ଼ା ପ୍ରତିନିଧି)**



ଚାମ୍ପିୟନ ପାରାମାଉଣ୍ଟ ସ୍ପୋର୍ଟିଂ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ୨ୟ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଜୁନିୟର (୧୬ ବର୍ଷରୁ କମ୍) କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଏହାର ଫାଇନାଲରେ ପ୍ରଗତି ସ୍ପୋର୍ଟିଂକୁ ୨୮ ରନରେ ହରାଇ ପାରାମାଉଣ୍ଟ ସ୍ପୋର୍ଟିଂ ଚାମ୍ପିୟନ ହୋଇଛି। ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ ନିର୍ଦ୍ଧାରିତ ୩୫ ଓଭରରେ ୬ ଉଇକେଟ ହରାଇ ୧୩୪ ରନ କରିଥିଲା। ୧୩୫ ରନ ବିଜୟ ଲକ୍ଷ୍ୟନେଇ ବ୍ୟାଟିଂ କରିଥିବା ପ୍ରଗତି ୩୫ ଓଭରରେ ୧୦୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଦୁର୍ଗା ପ୍ରସାଦ ମଲିକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପ୍ରଗତିର ଅସିମ ବରଦଙ୍କୁ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ବିବିସିଏର ବିଶ୍ୱଜିତ ପ୍ରଧାନ ଶ୍ରେଷ୍ଠ ବ୍ୟାଟର, ପାରାମାଉଣ୍ଟର ସେକ୍ ନକିବ ସର୍ବର ଶ୍ରେଷ୍ଠ ବୋଲର, ବିବିସିଏର ଅସ୍‌ନିଲ ରାଉତରାୟ ଶ୍ରେଷ୍ଠ ଉଇକେଟ କିପର ଏବଂ ମୁକ୍ତେଶ୍ୱରର ଅଭିଳାଷ କାନୁନଗୋ ଇମର୍ଜିଂ ପ୍ଲେୟର ପୁରସ୍କାର ପାଇଥିଲେ। ଏହି ଅବସରରେ ଓସିଏ ପ୍ୟାନେଲ ଅମ୍ପାୟର ନିର୍ମଳ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଫାଇନାଲ ଆରମ୍ଭ ପୂର୍ବରୁ ମେୟର ସୁଲୋଚନା ଦାଶ ଓ କର୍ପୋରେଟର କେ. ଶାନ୍ତି ଅତିଥିଭାବେ ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କ୍ରିକେଟର ବସନ୍ତ ମହାନ୍ତି, ସଞ୍ଜୟ ଶତପଥୀ, ଗୋବିନ୍ଦ ପୋଦ୍ଦାର, ଗୁଜରଜିତ ସିଂ ଚୌହାନ, ପ୍ରଦୋଷ ମହାନ୍ତି, ପ୍ରକାଶ ଦାଶ, ଅସିତ ମଲିକ, ଅଜିତ ବିଶ୍ୱାଳ, ଗୌର ପ୍ରସାଦ ନନ୍ଦ, ଶରଣଜିତ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।

# ଭିଲାସିରଙ୍କୁ ଡବଲ ଟାଇଟଲ

**ଭୁବନେଶ୍ୱର, ୨।୬(କ୍ରୀଡ଼ା ପ୍ରତିନିଧି)**



ପୁରସ୍କାର ସହ କୃତୀ ପ୍ରତିଯୋଗୀ।

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ଓ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଆନୁକୂଲ୍ୟରେ ଖୋର୍ଦ୍ଧାର ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ୍ ପରିସରରେ ଅନୁଷ୍ଠିତ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଶେଷ ହୋଇଛି। ଭାରତର ବିଭିନ୍ନ ସ୍ଥାନରୁ ୮୦ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ନାଗାଲାଣ୍ଡର ଖାତି ଭିଲାସିର ଏହି ଟୁର୍ନାମେଣ୍ଟର ଡବଲ ଟାଇଟଲ ହାସଲ କରିଛନ୍ତି। ସିଙ୍ଗଲ୍ସ ଫାଇନାଲରେ ଭିଲାସିର ୬-୩, ୨-୬, ୭-୬ ସେଟ୍‌ରେ ନିଥଲାନ କିନ୍ନାତୁଭିଲାଇଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ଡବଲ୍ସ ଫାଇନାଲରେ ଭିଲାସିର ଓ ପଶ୍ଚିମବଙ୍ଗର ମହମ୍ମଦ ଫରଦିନ ଓଡ଼ିଶା ଯୋଡ଼ି ଅମୃତଜୟ ମହାନ୍ତି ଓ ଆଦିତ୍ୟ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ସୁପର ଟାଇବ୍ରେକରରେ ଶେଷ ହୋଇଥିବା ୩ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭିଲାସିର-ଫରଦିନ ଯୋଡ଼ି ୬-୧, ୨-୬, ୧୦-୬ରେ ବିଜୟୀ ହୋଇଛନ୍ତି। ଟୁର୍ନାମେଣ୍ଟର ମ୍ୟାଚ ରେଫରି ଥିଲେ ଜ୍ୟୋତି ଶଙ୍କର ନନ୍ଦ।

## ଏସିସି ଏମର୍ଜିଂ ମହିଳା ଏସିଆ କପ୍

# ୧୪ ଜଣିଆ ଭାରତ 'ଏ' ଦଳ ଘୋଷଣା

**ନୂଆଦିଲ୍ଲୀ, ୨।୬ (ପି.ଟି.):** ହଂକଂରେ ଜୁନ୍ ୧୨ରୁ ଏସିସି (ଏସିଆନ କ୍ରିକେଟ କାଉନ୍‌ସିଲ) ଏମର୍ଜିଂ ମହିଳା ଏସିଆ କପ୍ ଖେଳାଯିବ। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମହିଳା ସିଲେକ୍ସନ କମିଟି ତରଫରୁ ୧୪ ଜଣିଆ ଦଳ ଘୋଷଣା କରାଯାଇଛି। ବ୍ୟାଟିଂ ଅଲରାଉଣ୍ଡର ଶ୍ୱେତା ଶେରାୱତଙ୍କୁ ଦଳର ଅଧିନାୟିକା କରାଯାଇଛି। ଭାରତ 'ଏ' ଜୁନ୍ ୧୩ରେ ଆୟୋଜକ ହଂକଂ ବିପକ୍ଷରେ ଖେଳି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଇଭେଣ୍ଟରେ ଭାଗ ନେଉଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଭାରତ 'ଏ', ହଂକଂ, ଥାଇଲାଣ୍ଡ 'ଏ' ଓ ପାକିସ୍ତାନ 'ଏ' ଦଳ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ 'ବି'ରେ ବାଂଲାଦେଶ 'ଏ', ଶ୍ରୀଲଙ୍କା 'ଏ', ମାଲେସିଆ ଓ ସଂଯୁକ୍ତ ଆରବ ଏମିରେଟ୍ସ ଦଳ ସ୍ଥାନ ପାଇଛନ୍ତି। ଫାଇନାଲ ଜୁନ୍ ୨୧ରେ ଖେଳାଯିବ।

**ଭାରତ 'ଏ' (ଏମର୍ଜିଂ) ଦଳ**

ଶ୍ୱେତା ଶେରାୱତ (ଅଧିନାୟିକା), ସୌମ୍ୟା ତିୱାରୀ (ଉପଅଧିନାୟିକା), ତ୍ରିସା ଗୋଙ୍ଗାଡି, ମୁସ୍‌କାନ ମଲିକ, ଶ୍ରେୟଙ୍କା ପାଟିଲ, କନିକା ଆହୁଜା, ଉମା ଛେତ୍ରୀ (ଉଇକେଟକିପର), ମମତା ମାଡ଼ିୱାଲା (ଉଇକେଟକିପର), ତିତାସ ସାଧୁ, ୟାଶାରି ଏସ୍., କାଶଭି ଗୌତମ, ପାର୍ଶଭି ଚୋପ୍ରା, ମନ୍ନତ କାଶ୍ୟପ, ବି. ଅନୁଷା। ମୁଖ୍ୟ କୋଚ୍: ନୁଶିନ୍ ଅଲ୍ ଖାଦିର।

**ଭାରତ 'ଏ' ଦଳର କାର୍ଯ୍ୟସୂଚୀ**

ଜୁନ୍ ୧୩- ଭାରତ 'ଏ' ବନାମ ହଂକଂ, ଜୁନ୍ ୧୫- ଭାରତ 'ଏ' ବନାମ ଥାଇଲାଣ୍ଡ 'ଏ', ଜୁନ୍ ୧୭- ଭାରତ 'ଏ' ବନାମ ପାକିସ୍ତାନ 'ଏ'।

## Classified Everyday 0674-2580101, 2549949

AUTOMOBILE
SALE

Old 2516 Tippers, Tankers (Water & Diesel) and JCB 430Z Loaders are available for Sale at REPL Complex Doliambo Simliguda, Orissa. Contact No. 6281867622, 7727016021. D-0496

Tata Hywa (Model-3118) 2018, 5nos. Tata Hywa (Model-2518) 2016, 4nos. Contact- 9827516256. 7504690838. D-74869

REAL ESTATE
SALE

Plot for Sale- 5200sqft. Mouza- Basuaghai infront of Sai Temple. Contact- Rakesh Jena. Mob- 9337203932. D-0446

**Gharabari land for sale near Barunei, Khurda. Only genuine buyer contact on 6371543787.** D-0374

Ready to move duplex at Sahidnagar, Bhubaneswar and Damana Patia. 6371040313, +91 6370281072. D-0498

**ଭୁବନେଶ୍ୱର ଫୁଲନଖରା ଛକରେ simplex/ duplex, ରସୁଲଗଡ଼ରେ 3BHK flat ମିଳୁଛି। 9658122456, 8327785834.** D-74866

Land for sale at Sundarpada 12050sqft. private land. Contact: 9437075283. D-0463

**1/2/3 BHK ready to move apartment for sale at DHPL Platinum, Pahal. 1BHK starting at Rs. 33,50,000/-. Contact 9937059891.** D-0495

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft- 3,60,000/-, ଛଡାବର 1200sqft-3,00,000/- ନଖରା- 300/- 6371569855. D-74870

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

CONSTRUCTION

**Construction and renovation your house with expert Technical team having best quality and pricing we provide BDA plan approval, boring, Bank estimate- SNV Construction Pvt. Ltd., 9439295469.** D-74862

Healthcare

Spa full body Massage only best therapist Gents & ladies @699/-, Bhubaneswar. 9337672475. D-0484

Newly open health benefits Spa special offer @799 Jaydev Vihar. 8018429809. D-75113

Newly open SPA positively health benefits with expert therapist. 8114322659. D-75111

Herbal full body massage by smart / expert therapist. Contact: 7846923244. D-74691

Newly open health benefits SPA special offer @ 799, Master Centeen. 9124527173. D-75109

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74688

All types of professional body massage by professional therapy. Contact: 9556924059, 7077933109. D-0499

LOST

ମୁଁ ରାଜଶ୍ରୀ ନାୟକ ଗୋଟେ ଜାଗା କିଣିଥିଲି ପାଣ୍ଡରା ମୌଜାରେ । ମୁଁ ପଟ୍ଟା ହଜାଇ ଦେଇଛି, ଯାହାର ଖାତା ନଂ.- ୧୩୩୦/୫୩୯। ଧ-୦୪୯୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

AFFIDAVIT

Affidavit before Executive Magistrate, Chatrapur, Ganjam I Sri Amari Chiney, S/o Mari Appana, resident of P.Laxmipur, Po-Badaputti, Ps- Chamakhandi, Dist- Ganjam, Pin-761002 declare by this Affidavit No. 333 that now on- wards I shall be known as Mari Chineya for all future purposes. D-0501

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ସର୍ବେଶ୍ୱର ମହାନ୍ତି**
ଆବିର୍ଭାବ: ୨୯।୧୦।୧୯୩୩
ତିରୋଧାନ: ୨୪।୦୫।୨୦୨୩
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥
ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
::ଆପଣଙ୍କର ଶୋକସନ୍ତପ୍ତ::
ଝିଅ, ଜ୍ୱାଇଁ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୦୪୯୭

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ସୌଭାଗ୍ୟଲକ୍ଷ୍ମୀ ପାତ୍ର (ଡଲି)**
ବାଲିଅନ୍ତା (ଡାମରା)
ଆବିର୍ଭାବ: ୦୧।୦୭।୧୯୬୪
ତିରୋଧାନ: ୨୮।୦୫।୨୦୧୮
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ ଓ କର୍ତ୍ତବ୍ୟନିଷ୍ଠା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ। ଆଜି ତୁମର ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ଦିବସରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ୱାମୀ: ଦଇତାରି ପାତ୍ର, ପୁଅ: ମୁନା, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୦୪୯୩

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାରଦା ସାହୁ**
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଗୁନୀ ଲେନ୍, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୪
ତିରୋଧାନ: ୦୩।୦୬।୨୦୧୮
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ: ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୩୭୬୯

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଗୋକୁଳାନନ୍ଦ ଦାଶ**
ଭାଲିଆବାଡ଼ି, ଖୋର୍ଦ୍ଧା
ଆବିର୍ଭାବ: ୧୫।୦୨।୧୯୪୧
ତିରୋଧାନ: ୨୫।୦୫।୨୦୨୩
ତୁମେ ଆମକୁ ଛାଡ଼ି ଚାଲିଗଲ । ତୁମର ନୀତି, ଆଦର୍ଶ, ପରୋପକାର, କର୍ତ୍ତବ୍ୟପରାୟଣତା, ନିଃସ୍ୱାର୍ଥପରତା ସବୁ ଦିନ ପାଇଁ ମନେପଡ଼ିବ। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଅମର ପବିତ୍ର ଆତ୍ମାର ସଦ୍‌ଗତି କରନ୍ତୁ, ଏତିକି ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁଅ, ବୋହୂ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ, ବନ୍ଧୁ ପରିଜନ ।
ଧ-୦୫୦୦

# ନନ୍ଦିନୀ: ବଜ୍ରପରି କଠିନ, ବର୍ଷା ପରି କୋମଳ



ନନ୍ଦିନୀ ଶତପଥୀ ଆଜି ଏକ କିମ୍ବଦନ୍ତୀ। ପିଲାଟି ଦିନରୁ ଅଭାବୀ ମଣିଷର ଦୁଃଖଯାତନା ତାଙ୍କୁ ଏପରି ବିଚଳିତ କରିଥିଲାଯେ ସମଗ୍ର ଜୀବନ ତାଙ୍କର ନିପୀଡ଼ିତ ମାନବ ସେବା ପ୍ରତି ଉନ୍ମୁଖ ହୋଇ ଉଠିଥିଲା। ଓଡ଼ିଶାର ରାଜନୀତିରେ ସେ ଥିଲେ ଅତି ବିଚକ୍ଷଣ ନେତ୍ରୀ, ଯିଏ ଭାରତୀୟ ରାଜନୀତିକୁ ନୂତନ ଦିଶାରେ ଆଲୋକିତ କରିଥିଲେ। ତାଙ୍କ ରକ୍ତରେ ଥିଲା ସୃଜନର ଉଦ୍ଦୀପିତ ପ୍ରେରଣା, ଯାହା ତାଙ୍କ ଗଳ୍ପ ଓ କବିତାରେ ମୂର୍ତ୍ତିମନ୍ତ ହୋଇ ଉଠିଥିଲା। ସମାଜର ତଳ ପାହାଚରେ ବଞ୍ଚିଥିବା ଆଶାହରା ମଣିଷଙ୍କର ସେ ଥିଲେ ଆଶାର ଏକ ଜାଗ୍ରତ-ଦୀପିକା। ସୁଷମ ଏକ ସମାଜ ଗଠନ ପାଇଁ ଦୁର୍ବାର ସ୍ୱପ୍ନ ଥିଲା ତାଙ୍କ ସାହିତ୍ୟକୃତିର ଭିତ୍ତି ଓ ଏହି ସ୍ୱପ୍ନକୁ ସେ ତାଙ୍କର ରାଜନୈତିକ ଜୀବନରେ ସାକାର କରିବା ଦିଗରେ ନିରନ୍ତର ଉଦ୍ୟମ କରିଥିଲେ। ନନ୍ଦିନୀଙ୍କ ଜୀବନ ଥିଲା ରାଜନୈତିକ ନାନା ଝଡ଼ଝଞ୍ଜାରେ ଅନବରତ କ୍ଷୁବ୍ଧ, କିନ୍ତୁ ସେହି ଝଡ଼ଧ୍ୱସ୍ତ ପ୍ରତିକୂଳତା ଭିତରେ ସେ ଥିଲେ ଅସୀମ ଇଚ୍ଛାଶକ୍ତିର ଏକ ଉଡ଼ନ୍ତ ଇଗଲ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଥିବାବେଳେ ବା କେନ୍ଦ୍ରରେ ତଥ୍ୟ ଓ ବେତାର ମନ୍ତ୍ରୀ ଥିବାବେଳେ ଯେଉଁ ସବୁ ନିଷ୍ପତ୍ତି ସେ ନେଇଥିଲେ, ତାହା ଥିଲା ଯୁଗାନ୍ତକାରୀ। ଗଣମାଧ୍ୟମ କ୍ଷେତ୍ରକୁ ତାଙ୍କର ଅବଦାନ ଯେପରିଥିଲା ଉଦାହରଣୀୟ, ଓଡ଼ିଶାର କୃଷି ଓ ଶିଳ୍ପ କ୍ଷେତ୍ରକୁ ତାଙ୍କର ଅବଦାନ ଥିଲା ସେହିପରି ଅବିସ୍ମରଣୀୟ। ମୌଳିକ ସାହିତ୍ୟ ସାଙ୍ଗକୁ ଅନୁବାଦ କ୍ଷେତ୍ରରେ ତାଙ୍କର ସିଦ୍ଧି ତାଙ୍କୁ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ପୁରସ୍କାର ଓ ଗଙ୍ଗାଧର ରଥ ଫାଉଣ୍ଡେଶନ ପ୍ରଦତ୍ତ 'ସାହିତ୍ୟ-ଭାରତୀ' ଭଳି ମର୍ଯ୍ୟାଦାଜନକ ପୁରସ୍କାରରେ ଶ୍ରୀମଣ୍ଡିତ କରିଥିଲା। ପ୍ରଶାସନିକ ସିଦ୍ଧାନ୍ତ ନେବାରେ ସେ ଯେପରି ଥିଲେ ବଜ୍ରପରି କଠିନ, ପୀଡ଼ିତ ମଣିଷର ଦୁଃଖମୋଚନରେ ସେପରି ଥିଲେ ବର୍ଷାପରି ସମ୍ବେଦନା-ସଜଳ। ଜୁନ୍ ୧୯୩୧ରେ ବାଣୀମୂର୍ତ୍ତି ଏହି ମହାନାୟିକାଙ୍କର ଆବିର୍ଭାବ ହୋଇଥିଲା କଟକ ସହରରେ। ତାଙ୍କରି ସ୍ମୃତି ପ୍ରତି ଗଭୀର ସଦିଚ୍ଛା ଜଣାଇ 'ସାହିତ୍ୟାୟନ'ରେ ସ୍ଥାନିତ ହେଲା ତାଙ୍କର ଏକ ଚର୍ଚ୍ଚିତ ଗଳ୍ପ **'ସୀତାନାନୀର ପୁଅ'**।

– ଉପସ୍ଥାପନା: **ଡ. ହୃଷୀକେଶ ମଲ୍ଲିକ**

## ସୀତାନାନୀର ପୁଅ

"ସଉରିଆ ଖବର କିଛି ଜାଣିଚୁ କି ବାପ!"

"ନାଇଁ ତ, ସେଦିନଠୁ ମୁଁ ଆଉ ତାକୁ ଦେଖିନି।" – ଉତ୍ତର ଦେବା ସାଙ୍ଗେ ସାଙ୍ଗେ ସୀତାନାନୀକୁ ନମସ୍କାରଟାଏ କଲି।

ଚାରିପଟଯାକ ମୋର ସେତେବେଳକୁ ଛୁଆଗୁଡ଼ା ଘେରିଗଲେଣି। କିଏ କେତେ ପ୍ରକାର ଉଦ୍ଦେଶ୍ୟ ନେଇ ଜମା। ସମସ୍ତଙ୍କୁ ଆଡ଼େଇ ଦେଇ ସୀତାନାନୀ କିନ୍ତୁ ଲାଗିଆସିଲା ମୋ' ପାଖକୁ। କ'ଣଟାଏ କହିବ ବୋଲି ପାଟି ଖୋଲିଲା ବେଳକୁ ଅସହିଷ୍ଣୁ ପିଲାଟାଏ କିଏ ପଛରୁ କହିଲା– "କେତେ ସଉରିଆ ସଉରିଆ ହଉଚୁ ମ! ୟାରି ପୁଅ ଏକା ବିଦେଶ ଯାଇଚି ନା ଆଉ କିଏ ?"

ଠିକ୍ ସେତିକିବେଳେ ତା' ବସାଇ ବରଡ଼ା କେରାକ ଚୁଲିମୁହଁକୁ ଠେଲି ଦଉ ଦଉ ମା' ବି ତେଣୁ ପାଟିକରି ଉଠିଲେ, "କ'ଣ ହଉଚନ୍ତି ଏଗୁଡ଼ାକ! ପୁଅଟା ଟିକେ ମୁହଁ ହାତ ଧୋଇ ଦମ୍ଭ ମାରୁ ଭଲା!"

ସୀତାନାନୀ ଚପିଗଲା। ଆଉ ପଦେ ବି କଥା ନ କହି ଆଖିରେ ଲୁହ ଡବଡବ କରି ସେ ପଛକୁ ଫେରିପଡ଼ିଲା। ମନଟା ଗୋଳେଇ ଘାଣ୍ଟି ହେଲା ସତ ; କିନ୍ତୁ ପ୍ରଶ୍ନରୁ ଅବ୍ୟାହତି ପାଇ ଟିକିଏ ଆଶ୍ୱସ୍ତ ହେଲି।

ସୀତାନାନୀ ମୋର ଦୂର-ସମ୍ପର୍କୀୟା ଭଉଣୀ। ପିଲାଛୁଆ ଗୁଡ଼ାଏ ତା'ର। ଘରେ ଚଳିବାକୁ ବଡ଼ ଅସୁବିଧା। ଘରପୋଡ଼ି ପଛେ ପଛେ ଦି' ବର୍ଷ ତଳେ ଗାଁରେ ଯେଉଁ କଲେରା ଲାଗିଲା, ସେଥିରେ ଗାଁରୁ ଅଧେ ପଦା ହୋଇଗଲା। ସୀତାନାନୀର ସ୍ୱାମୀଟି ବି ସେତିକିବେଳେ ଚାଲିଗଲା। ବଡ଼ପୁଅ ସଉରିଆ ଷୋହଳ ସତର ବର୍ଷର। ବାପ ମଲା ପରଠୁଁ ରୋଜଗାର କରିବାକୁ ଯାଇଛି ଯେ ଆଜିଯାଏଁ ଖବର ଅନ୍ତର ନାହିଁ।

କେତେ ମାସଯାଏଁ ସୀତାନାନୀ ପ୍ରତିଥର ଡାକବାଲାକୁ ପଚାରେ– "ମୋର କ'ଣ ମଣିଅର୍ଡର ଆସିଚି ?" ସେ ମନାକରେ। ସୀତାନାନୀ ଫେରିଯାଏ ସତ, ହେଲେ ତା' ମନରୁ ଆଶା ତୁଟେନି। ସୀତାନାନୀକୁ ଆସୁଥିବାର ଦେଖିଲେ ଗାଁର ଛତରା ଟୋକାଏ ପାଟି କରିବାକୁ ଆରମ୍ଭ କଲେ, "ମୋର କ'ଣ ମଣିଅର୍ଡର ଆସିଚି ?"

ସୀତାନାନୀ ସବୁ ଶୁଣେ, କାହାରି ଉପରେ ରାଗେନି, ମୁହଁ ଖୋଲି ପଦେ କଥା ବି କହେନି। ଟଙ୍କାର ଆଶା ତୁଟିଗଲା ପରେ ସୀତାନାନୀ କେତେ ବ୍ୟାକୁଳ ହେଇ ଚାହିଁରହେ ଖଣ୍ଡେ ଚିଠିକୁ। କିନ୍ତୁ ଚିଠି କାଇଁ!

ଯେତେଥର ଛୁଟିରେ ମୁଁ ଗାଁକୁ ଆସେ, ସେ ମୋତେ ପଚାରେ ସଉରିଆ କଥା। ଗାଁର କୌଣସି ବିଦେଶବାହୁଡ଼ା ତା'ର ଏଇ ପ୍ରଶ୍ନରୁ ତ୍ରାହି ପାଆନ୍ତିନି। କିଏ ଜବାବ ଦିଏ, କିଏ ବା ବିରକ୍ତ ହୋଇ ଗାଳିଦିଏ। ସୀତାନାନୀର କିନ୍ତୁ କାହାରି ପ୍ରତି କିଛି ରାଗ-ରୋଷ ନାହିଁ।

ସେଦିନ ଖାଇସାରି ବୁଲଚାଲ ହେଇ ତା'ରି ଘରଆଡ଼େ ଗଲି। ଏ ସାଲେ ଛପର ନ ହୋଇ ଘରଖଣ୍ଡକ ଭାଙ୍ଗିପଡ଼ିବାକୁ ବସିଲାଣି। 'ନାନୀ ନାନୀ' ଡାକି ଘରକୁ ପଶିଲି।

ମୋର ଆସିବାରେ ସୀତାନାନୀ ବେଶ୍ ଟିକିଏ ଖୁସି ହୋଇଗଲା। ପିଲାଛୁଆଙ୍କୁ ହାଉ ହାଉ ହୋଇ ଡାକ ପକାଇଲା– "ଆରେ ପଟିଖଣ୍ଡେ ଦିଅରେ, ବିନ ମାମୁ ଆସିଛି।"

"ଆଲୋ ନାନୀ ପଟି କ'ଣ ହେବ– ମୁଁ ଏଇଠି ବସୁଚି ମ!" କହୁ କହୁ ଭୂଇଁ ଉପରେ ବସିପଡ଼ିଲି।

ସୀତାନାନୀ ପୁଣି ତା'ର ପୁରୁଣା କଥାର ଖିଅ ଧରିଲା– "କ'ଣ କରିବି ବାପ, ଦି' ବର୍ଷ ହେଲା ପୁଅଟା ଗଲାଣି, ଖବର-ଅନ୍ତର କିଛି ନାହିଁ। ଏ ନିଆଁଲଗା ଗାଁଲୋକେ ପୁଣି ଏତିକି ଅସହଣିକ ଯେ ତା' କଥା ଟିକେ କାହାକୁ ପଚାରିଲେ ବାଘ



ଭଳି ମିଶି ଆସୁଚନ୍ତି। ଦେଖିଲୁ ତ, ଆଜି ତୋ' ଘରେ କେମିତି ହେଲା ? ମନ ସିନା ଥୟ ହୁଏନି ବୋଲି..."– ସୀତାନାନୀ ସୁଁ ସୁଁ ହେଇ କାନ୍ଦିବାକୁ ଆରମ୍ଭ କରିଦେଲା।

ବଡ଼ ମୁସ୍କିଲ୍‌ରେ ପଡ଼ିଲି। କହିଲି, "କାନ୍ଦୁଛୁ କାଇଁକି ନାନୀ, ଲୋକଙ୍କ କଥାରୁ କ'ଣ ମିଳିବ ? ହଁ, ଆଉ କାହାଠୁ କିଛି ଖବର ଭଲା ପାଇଚୁ ?"

କାନ୍ଦ ବନ୍ଦ କରି ସେ ପୁଣି ଆରମ୍ଭ କରିଦେଲା, "ତୁ ତ ଜାଣିଚୁ, ସେଇ ପହିଲେ ଯେତେବେଳେ ଗଲା ମିଶ୍ରଘର ପୁଅ କହୁଥିଲା ତାକୁ କଟକରେ ଦେଖିଚି ବୋଲି। ସେ କୋଉଠି ମଟରରେ ବସି ସହରଯାକ ବୁଲୁଚି। ଯା'ହେଉ, ଟୋକାଟାର ଭାଗ୍ୟ ଖୋଲିଲା– କୋଉ ବଡ଼ଘରେ ଆଶ୍ରା ପାଇଯାଇଚି। ସେଇଠୁ ଆଉ କିଛି ତା' ଖବର ପାଇଲିନି। ଯେ କଟକ ଗଲା, ତା' ହାତରେ ଖବର ଦେଲି। ସମସ୍ତେ ଆସିଲେ– କେହି ତାକୁ ପାଇଲେନି।"

ଏଇ କଥା ଅନେକ ଥର ମୁଁ ତା' ମୁହଁରୁ ଶୁଣିଥିଲି– ତା' ପୁଅ କଟକରେ ଅଛି, ମଟର ଚଢୁଚି ଇତ୍ୟାଦି। କହିଲି, "ସେ କଥା ତ ମୁଁ ଶୁଣିଚି– ଏବେ କୋଉଠି ଅଛି ଭଲା ଜାଣିଚୁ ?"

"ହଁ, ଶୁଣିଚି ତ କେତେ କଥା– ଉଡ଼ାଖବର– କେତେ ସତ କିଏ ଜାଣେ ? ସେ ପୁଣି ଖଣ୍ଡେ ଭାଷା ଦିଅନ୍ତାନି ? ଟଙ୍କା ନ ପଠାଇଲୁ ନାହିଁ– ମା'ଟା ମଲା କି ଗଲା ଟିକିଏ ଖବର ନିଅନ୍ତୁନି! ଅର୍ଜୁନି କହୁଥିଲା, ଥରେ ତାକୁ ଖଡ଼ଗପୁରରେ ଦେଖିଥିଲା। କୋଉ ଦୋକାନରେ ଚାକିରି କରୁଚି। କାଲା ଭୀମ ସାହୁ ପୁଅ କଲିକତାରୁ ଆସିଲା। ସେଇ କହୁଥିଲା, ସଉରିଆ କଲିକତାରେ କୋଉ ଗୋଟେ ରଙ୍ଗ କଲରେ କାମ କରୁଚି, ତା' ଦିହ ଭଲ ରହୁନି– ଗାଁକୁ ଆସିବ ବୋଲି କହୁଥିଲା। ସେଇଥିପାଇଁ ଯାଇଥିଲି ତତେ ପଚାରିବାକୁ।"

"ମୁଁ ତ କଲିକତାରେ ରହୁନି ନାନୀ, ସେଇଠି ପାଖରେ ଆଉ ଗୋଟାଏ ଜାଗାରେ ଥାଏ। ମୁଁ କେମିତି ଜାଣିବି ? ହଉ, ସେ ଆସିବ ବୋଲି ଯେତେବେଳେ କହିଚି– ନିଶ୍ଚେ ଆସିବ ; ଆଉ ବ୍ୟସ୍ତ ହଉଚୁ କାଇଁକି ?"

"ନାଇଁ ପୁଅ, ଦିଅଁଙ୍କ ପାଖେ ଘିଅବଳିତା ବସେଇଚି, ଭୋଗ ଯାଚିଚି ପୁଅ ମୋର କେମିତି ଭଲରେ ଘରକୁ ଫେରିଆସୁ। ମୋର ପଛେ ପଇସା ନ ହେଲା ନାଇଁ।"

ପଇସା ନ ହେଲେ ସୀତାନାନୀ କେମିତି ଚଳିବ ବୋଲି ଭାବିଚି, ମୁଁ କିଛି ବୁଝିପାରିଲିନି। କିନ୍ତୁ ସେ ବିଷୟରେ ଆଉ କିଛି ନ ପକାଇ ପଦେ ଦି'ପଦ ସୁଖ-ଦୁଃଖ ହେଇ ଯିବାକୁ ଉଠିଲି। ହାତଟାକୁ ଟାଣି ସାଙ୍ଗେ ସାଙ୍ଗେ ସୀତାନାନୀ ମୋତେ ବସେଇଦେଲା– "ଏତେ ଦିନକେ ମୋ' ଘରକୁ ଆସିଚୁ, ମୁହଁ ନ ଧୋଇ ଚାଲିଯିବୁ ?"

ଯେତେ ମନା କଲେ ବି ସେ ଶୁଣିଲା ନାହିଁ। ତା' ଡାକ ଶୁଣି ସାନ ଝିଅଟି ଥାଳିରେ ଟିକିଏ ରାଶିଯାଉ ଆଣି ଥୋଇ ଦେଇ ଗଲା। ବୋଧହୁଏ ତାଙ୍କ ରାତିଖାଦ୍ୟରୁ କିଛି ସେତକ।

ଛୁଟି ସରିଆସିଲା। ଦଶହରାର ଝମେଲା ପରେ ଗାଁ ବି ଶାନ୍ତ ହେଇଆସିଲାଣି ଅନେକ। ଯେଉଁମାନେ ଛୁଟିରେ ଆସିଥିଲେ ସେମାନେ ଫେରିଗଲେଣି ନିଜ ନିଜ କର୍ମଭୂମିକୁ। ଶରତର ସ୍ୱଚ୍ଛ ଆକାଶ, ପଲ୍ଲୀର ଶ୍ୟାମଳିମା, ଆତ୍ମୀୟ ସ୍ୱଜନଙ୍କ ଆନ୍ତରିକତା ସବୁ ପଛରେ ରଖି ମୁଁ ବି ଫେରିଲି ଶେଷରେ।

ଷ୍ଟେସନରେ ପହଞ୍ଚି ଦେଖିଲି ଦଶ ପନ୍ଦର ମିନିଟ୍ ହେଲା ଗାଡ଼ି ଛାଡ଼ି ଦେଇଚି। ସାନ ଷ୍ଟେସନଟି, ରାତିରେ ଶୋଇବା ପାଇଁ ଜାଗା ନାହିଁ। ରାତିରେ ବି ଟ୍ରେନ୍ ନାହିଁ ଆଉ। ତେଣୁ ସେଇ ଖୋଲା ଉଏଟିଂ ରୁମ୍‌ର ଗୋଟାଏ ସିମେଣ୍ଟ ବେଞ୍ଚ ଉପରେ ବିଛଣାଟା ମେଲାଇ ଦେଇ ପଡ଼ିରହିଲି। ତଳେ ଆହୁରି ଅନେକ ଯାତ୍ରୀ ଶୋଇପଡ଼ିଛନ୍ତି ଧାଡ଼ି ଧାଡ଼ି ହୋଇ।

ହଠାତ୍ କ'ଣ ଗୋଟାଏ ଚିତ୍କାରରେ ନିଦ ଭାଙ୍ଗିଗଲା। ଦେଖିଲି ଦୁଇ ଚାରିଜଣ ଯାତ୍ରୀ ଉଠିପଡ଼ି ଗୋଟାଏ ଲୋକକୁ ପିଟୁଛନ୍ତି। ମୋତେ ଉଠିବାର ଦେଖି ଜଣେ ଆଗତୁରା କହିପକାଇଲା– "ବାବୁ, ପାଗଳା ବୁଢ଼ାଟା ଝୁନ୍ଦି ହୋଇ ଆସି ଏଇଠି ପଶୁଚି। ଘା' ଗୁଡ଼ାକ ଦେହଯାକ। ଗନ୍ଧରେ ଖାଲି ନାକ ଫାଟି ପଡୁଚି।" ମାଡ଼ ଖାଇ ବୁଢ଼ାଟା ନୀରବରେ ଚାଲିଗଲା। ଅନ୍ଧାରରେ ମିଶିଗଲା।

ସକାଳୁ ଦାନ୍ତ ଘଷିବା ପାଇଁ ବାହାରକୁ ଗଲି। ପୋଲଟା ପାଖରେ ଲୋକଗୁଡ଼ାଏ ଜମା ହୋଇଛନ୍ତି। ଯାଇ ଦେଖିଲି, ପୋଲ ତଳେ ଶୁଖିଲା ନାଳଟାରେ କାଲିର ସେଇ ପାଗଳ ବୁଢ଼ାଟା ପଡ଼ିଚି। କେତେଜଣ ଟେକି ଆଣି ତାକୁ ରାସ୍ତା ଉପରେ ଥୋଇଲେ। ହାତ ଗୋଡ଼ ତା'ର ଅବଶ ହେଇଯାଇଚି– ହିକ୍‌କା ଉଠୁଚି। କିଏ ଜଣେ କହିଲା, 'ବିଚାରା ପୋଲ ଉପରୁ ଗଡ଼ିପଡ଼ିଚି ରାତିରେ।'

ପାଟି କରି ତିନି ଚାରିଜଣ ଲୋକ ଦଉଡ଼ି ଦଉଡ଼ି ଆସୁଛନ୍ତି ଆଗରୁ। ସମସ୍ତେ ସେଇଆଡ଼େ ଚାହିଁଲୁ। ଆରେ ଏ କ'ଣ ? ସୀତାନାନୀ ଯେ! ସାଙ୍ଗରେ ତା'ର ଭୀମ ସାହୁ ପୁଅ ମଦନ। ଦିହେଁଯାକ ଲୋକଙ୍କୁ ଆଡ଼େଇ ଦେଇ ଆଗେଇ ଗଲେ। ମଦନ ଠିଆ ହେଇ ପଡ଼ିଲା। ହଠାତ୍ "ମୋ' ସଉରିଆରେ..." ଚିତ୍କାର କରି ସୀତାନାନୀ ସେଇ ପାଗଳାଟା ଉପରେ ପଡ଼ିଗଲା।

ଷ୍ଟେସନରୁ ବାଜିଉଠିଲା ଗାଡ଼ି ଆସିବାର ଶେଷ ଘଣ୍ଟି।

## ପୁସ୍ତକ ପରିଚୟ

### ଶିକ୍ଷା ଓ ସଂସ୍କୃତି



**ଲେଖକ:** ଅଲେଖ ନାୟକ
**ପ୍ରକାଶିକା:** ଗୀତାଞ୍ଜଳି ନାୟକ, କାନନ ବିହାର, ପଟିଆ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ନିଃଶୁଳ୍କ

ଆଲୋଚ୍ୟ ପୁସ୍ତକଟି ଲେଖକ ଶ୍ରୀ ନାୟକଙ୍କ ଆତ୍ମଜୀବନୀର ଦ୍ୱିତୀୟ ଭାଗ। ପୂର୍ବରୁ ପ୍ରଥମ ଭାଗ 'ସ୍ମୃତି: କୃତଜ୍ଞତା' ଶୀର୍ଷକରେ ପ୍ରକାଶ ପାଇଛି। ଦ୍ୱିତୀୟ ଭାଗର ନାମ 'ଶିକ୍ଷା ଓ ସଂସ୍କୃତି' ରଖାଯାଇଛି। 'ସମ୍ପାଦକୀୟ'ରେ ଲେଖକ ଲେଖିଛନ୍ତି: "କ୍ରମେ ଏହା ସ୍ପଷ୍ଟ ହୋଇ ଆସୁଛି ଯେ, ସଭ୍ୟତା ହେଉ ବା ପ୍ରୟୋଗାତ୍ମକ ବିଜ୍ଞାନର ଜୟଯାତ୍ରା ହେଉ, ଏହା ଆଧ୍ୟାତ୍ମିକତାର କାନ୍‌ଭାସ୍ ଉପରେ ଆଧାରିତ ହେବା ଆବଶ୍ୟକ। ମାନବତାବାଦ, ସାମାଜିକ ସଂପ୍ରୀତି, ସହନଶୀଳତା, ସତ୍ୟନିଷ୍ଠା ଓ ସମତା– ଏ ସମସ୍ତ ଆଧ୍ୟାତ୍ମିକତାର ବିଭୂତି।" ଅଲେଖଙ୍କ ଜୀବନର ଭିତ୍ତି ଓ ଲକ୍ଷ୍ୟ ଯେ ଆଧ୍ୟାତ୍ମିକତାକୁ ଆଶ୍ରୟକରି ଗତିଶୀଳ, ଏଥିରୁ ଏହା ଅବୁଝା ରହେନାହିଁ। ବହିଟିରେ ମୋଟ ୨୯ଟି ପରିଚ୍ଛେଦ ରହିଛି, ଯହିଁରେ ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ତାଙ୍କ ସହଭାଗିତା ସ୍ପଷ୍ଟ ହୋଇଛି। 'ଅଭିମତ' ଦେଇ ଡ. ହରେକୃଷ୍ଣ ଶତପଥୀ କହିଛନ୍ତି: "କେନ୍ଦ୍ରାପଡ଼ା-ଯାଜପୁର ଜିଲ୍ଲା ନଦୀ ଖରସ୍ରୋତା ଅବବାହିକାର ଏକ ବିସ୍ତୃତ ଭୂଖଣ୍ଡର ଶିକ୍ଷା, ସମାଜ ଜୀବନ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାର ବିକାଶ ପାଇଁ ଜୀବନବ୍ୟାପୀ ସମର୍ପିତ ଏକ ନିରଳସ, ନିଃସ୍ୱାର୍ଥପର ଓ ପ୍ରଭାବୀ ବ୍ୟକ୍ତିତ୍ୱ ହେଉଛନ୍ତି ଶ୍ରୀ ଅଲେଖ ନାୟକ। x x ବାସ୍ତବରେ ସେ ହେଉଛନ୍ତି 'ଖରସ୍ରୋତା ଗାନ୍ଧୀ'।" ପୁସ୍ତକଟି ଯୁବପିଢ଼ିକୁ ପ୍ରଭାବିତ କରିବ ବୋଲି ଆଶା।

### ବିବିଧ ପ୍ରସଙ୍ଗ



**ଲେଖକ:** ଶରତ ଚନ୍ଦ୍ର ମିଶ୍ର
**ପ୍ରକାଶକ:** ସୁଧନ୍ୟା ପ୍ରକାଶନୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ. ୧୩୦/-

ଆଲୋଚ୍ୟ ପୁସ୍ତକରେ ମୋଟ ୩୯ଟି ଗଦ୍ୟଲେଖ ସ୍ଥାନିତ, ଯାହାକୁ ଲେଖକ ପ୍ରବନ୍ଧ ଶ୍ରେଣୀଭୁକ୍ତ କରିଛନ୍ତି। ଲେଖାଗୁଡ଼ିକ ମୁଖ୍ୟତଃ ଖବରକାଗଜରେ ପ୍ରକାଶ ପାଇଥିବା 'ସ୍ତମ୍ଭ' ରଚନା ଶ୍ରେଣୀର, ଯଦିଓ ଏସବୁ ଲେଖାରେ ଲେଖକଙ୍କର ପ୍ରସଙ୍ଗଭିତ୍ତିକ ମୌଳିକ ଚିନ୍ତନ ପ୍ରମୁଖତା ପାଇଛି। ଲେଖାଗୁଡ଼ିକୁ ପାଞ୍ଚଭାଗରେ ବର୍ଗୀକରଣ କରି ଲେଖକ 'ଆନ୍ତର୍ଜାତିକ', 'ଜାତୀୟ ସମସ୍ୟା', 'ଶିକ୍ଷା ଓ ଶିକ୍ଷାୟତନ', 'ଆମୋଦପ୍ରମୋଦ' ଓ 'ଓଡ଼ିଶା' ଶୀର୍ଷକରେ ସୂଚୀବଦ୍ଧ କରିଛନ୍ତି। ପରିବେଷଣଶୈଳୀ ସରଳ ତଥା ଲୋକମୁଖି ହୋଇଥିବାରୁ ପ୍ରତ୍ୟେକଟି ପାଠକଙ୍କ ପାଇଁ ଏସବୁ ଲେଖାରେ ପ୍ରବେଶଦ୍ୱାରଟିଏ ବରାବର ଖୋଲାଥାଏ। ସମକାଳୀନ ସମସ୍ୟା ଓ ତା'ର ସମ୍ଭାବ୍ୟ ସମାଧାନର ତରିକା ସମ୍ପର୍କରେ ଲେଖକଙ୍କ ତର୍ଜମା ନିରପେକ୍ଷ। ରାଜନୀତିଠୁଁ ଶିକ୍ଷାନୀତି, ଶିକ୍ଷାଠୁଁ କ୍ରୀଡ଼ା ଓ ଅତୀତରୁ ବର୍ତ୍ତମାନଯାଏଁ ସତର୍କ ଦୃଷ୍ଟିନିକ୍ଷେପପୂର୍ବକ ତାଙ୍କର ସଧୀର ପଦପାତ ସଚେତନ ପାଠକଙ୍କୁ ମୁଗ୍ଧ କରିଥାଏ। ଗ୍ରନ୍ଥସ୍ଥ 'ଟ୍ରମ୍ପ୍ ଓ ବିଶ୍ୱ ରାଜନୀତି', 'ଭାରତ ଲାଗି କିଏ ଭଲ', 'ଆଫଗାନିସ୍ଥାନ ପ୍ରହେଳିକା', 'କାବୁଲରେ ତାଲିବାନ ଓ ତା'ପରେ', 'ବଙ୍ଗଳାଦେଶରେ ସଂଖ୍ୟାଲଘୁ', 'ମାଓବାଦ ସମସ୍ୟା ଓ ସମାଧାନ', 'କାହାକୁ କହିବା ସୁଶାସନ', 'ଆମ ଦେଶରେ କ୍ଲବ୍ କଲ୍‌ଚର' ଆଦି ଲେଖାଗୁଡ଼ିକ ଲେଖକଙ୍କ ଅନ୍ତର୍ଦୃଷ୍ଟିର ପରିଚୟ ଦିଏ। ବହିଟିର ପ୍ରସାର ଆଶାନୁରୂପ ହେବ ବୋଲି ବିଶ୍ୱାସ।

## କାଳକାଳକୁ



**"ସୁଖୀ ହେବା ଅତି ସରଳ, କିନ୍ତୁ ସରଳ ହେବା ଅତି କଠିନ।"**

**– ରବୀନ୍ଦ୍ରନାଥ ଠାକୁର**

**ରବୀନ୍ଦ୍ରନାଥ ଠାକୁରଙ୍କ** ଜନ୍ମ ୭ ମେ ୧୮୬୧ରେ ଓ ପରଲୋକ ୭ ଅଗଷ୍ଟ ୧୯୪୧ରେ, କୋଲକାତା ଯୋଡ଼ାଶଙ୍କର ଠାକୁରବାଡ଼ିରେ। ତାଙ୍କର ପ୍ରସିଦ୍ଧ ରଚନାଗୁଡ଼ିକ ମଧ୍ୟରୁ କେତୋଟି ହେଉଛି– 'ଗୀତାଞ୍ଜଳି', 'ଘରେ ବାଇରେ', 'ଭାରତ ଭାଗ୍ୟବିଧାତା' ଓ 'ଗୋରା'। 'ଗୀତାଞ୍ଜଳି' ପାଇଁ ୧୯୧୩ରେ ତାଙ୍କୁ ମିଳେ ସାହିତ୍ୟ ନିମିତ୍ତ ନୋବେଲ ପୁରସ୍କାର। ପ୍ରସିଦ୍ଧ କାବ୍ୟଗ୍ରନ୍ଥ ମଧ୍ୟରେ 'ମାନସୀ', 'ସୋନାର ତରୀ' ଓ ନାଟକ ମଧ୍ୟରେ 'ଚିତ୍ରାଙ୍ଗଦା'କୁ ବାଦ୍ ଦେଲେ ପ୍ରାୟ ଦୁଇ ହଜାରରୁ ଅଧିକ ସଂଗୀତର ସେ ଗୀତିକାର, ଯାହା କେବଳ ବଙ୍ଗୀୟ ପାଠକ ନୁହନ୍ତି, ବିଶ୍ୱ-ପାଠକଙ୍କ ନିକଟରେ ଅତୀବ ପ୍ରିୟ।

## କବିତା

### ଅନୁଭବରେ

**ଡା. ମନୋରଞ୍ଜନ ଦାଶ**

ସବୁ କଥା କହି ହୁଏନି
କିଛି ରହିଯାଏ ମନ ଆଇନାର
ଫ୍ରେମ୍ ଭିତରେ।
ସବୁ ପାରିବାପଣ ଥାଇ ବି
ପ୍ରାପ୍ତି ହାତରୁ ଖସିଯାଏ।

ସବୁ ଇଚ୍ଛାମାନେ ପାଖକୁ ଆସନ୍ତିନି।
ଛାଏଁ ଛାଏଁ ଅକସ୍ମାତ୍
ଜୀବନ ଅଗଣାକୁ
କିଛି ଇଚ୍ଛା ଧସେଇ ପଶନ୍ତି।
ସବୁ ପ୍ରାପ୍ତିରେ ଶାନ୍ତି ନ ଥାଏ,
ଶାନ୍ତି ତ ସଫେଦ୍ ଗାଲିଚାରେ
ସ୍ଥିତପ୍ରଜ୍ଞଟିଏ।
ସାମର୍ଥ୍ୟ ଓ ଅସାମର୍ଥ୍ୟର
ଦୋଛକି ଖେଳରେ
ଜୀବନର ପାରାବାର।
ନିଜକୁ, ସମୟକୁ ଓ ଦୁନିଆକୁ
ବୁଝିବାପଣରେ
ବାଟ ଚାଲୁଚାଲୁ ଭୟ ଘାରେ...

ତଥାପି ନିଜେ ତ୍ୟାଗ, ନିଷ୍ଠା ଓ
ପ୍ରେମର ମହାର୍ଘ ରାସ୍ତାରେ
ଥକା ମାରି ବସିପଡୁଚି,
ଦିନ ଓ କାଳର ବୃକ୍ଷ ଛାଇ ତଳେ।

ମୋ: ୯୪୩୭୩୧୭୭୨୨

### କିଛି ଅପହଞ୍ଚ

**ମଞ୍ଜୁଲତା ସିଂହ**

କିଛି ଲୁହରେ...
ଓଦାହୁଏ ଗୋଲାପି ଗୋଧୂଳି
ଆଖିର ଏରୁଣ୍ଡି ଡେଇଁ
ମଧୁକ୍ଷରା କିଛି ମୁହୂର୍ତ୍ତମାନେ
ଝରିଯାଆନ୍ତି ଆବେଗରେ
ଅଦିନିଆ ବର୍ଷାଟୋପା ହୋଇ।

ଠିକ୍ ସେତିକି ବେଳେ
ତୁମେ ଦିଶିଯାଅ
ଝାପ୍ସା ଛାଇଟିଏ ହୋଇ...
ଅଦୂରରେ ନିମଗ୍ନ ସାଧକଟିଏ ପରି।

ତୁମକୁ ଚିହ୍ନିବାରେ କ'ଣ ଭୁଲ ହୁଏ ?
ଫେରେନା ମୋ ମେଘିଳ ଆଖିର
ଅସହାୟ ଅତୃପ୍ତ ଅପଲକ ଚାହାଣି।
କେତେ କେତେ ଦିନ, ମାସ, ବର୍ଷର
ଦୂରତାକୁ ଅତିକ୍ରମି
ତୁମେ କାହିଁକି ଚାଲିଆସ
କେଉଁ ଏକ ଦୁର୍ବାର ଆକାଂକ୍ଷାର
ମୋହରେ ଅନ୍ଧ ହୋଇ ?
କାହିଁକି ଖୋଜିବସ ସାତଜନ୍ମ ପାଇଁ
ହଜି ସାରିଥିବା ଠିକଣାକୁ ?
କେଉଁ ପ୍ରତ୍ୟାଶାରେ ଲେଉଟାଅ
ଲୁହଲହୁ ଭିଜା ପ୍ରତିଶ୍ରୁତିର ପୃଷ୍ଠା ?
ଏବେ ତ ଅଦିନ ବସନ୍ତଟିଏ ତୁମେ...
ନିଃଶବ୍ଦରେ ଆସ ଯାଅ
ନା ଥାଏ ବଉଳର ବାସ୍ନା...
ନା ମଳୟର ପ୍ରୀତିମୟ ସ୍ପର୍ଶ।

ତଥାପି ତୁମ ବିବଶପଣରେ ଥାଏ
କିଛି ବିଶ୍ୱାସର ମହମହ ବାସ୍ନା
ମାର୍ମିକତାର ଦଲକାଏ ଶୀତଳତା
ମୋତେ ବିବଶ କରେ ଅନୁଭବିବାକୁ...
ତ୍ୟାଗରେ ବି ଥାଏ କିଛି ମଧୁର
ଆବେଗ
କିଛି ବିଧୁରିତ ବିହ୍ୱଳତା...
ଅମ୍ଳାନ ଚିର ବସନ୍ତର ସ୍ମୃତି...।

ଏବେ ଆମ ଅବାସ୍ତବ ଦୁନିଆରେ
ଦୂରରେ ଥାଅ କଳ୍ପିତ ଛାଇଟିଏ
ହୋଇ...
ଅପ୍ରାପ୍ତ ବସ୍ତୁଟିଏ ଭଳି...
କାରଣ... ସବୁ ଦୂର ଜିନିଷ ହିଁ ସୁନ୍ଦର
ଯାହା ଆବୋରିଥାଏ
ଆତ୍ମା ଓ ହୃଦୟକୁ
ଏକ ଅଦୃଶ୍ୟ ଆବେଶରେ
ଚିରକାଳ।

ମୋ: ୮୮୪୭୮୫୨୯୧୭

ଗୀତି-କବିତା

### କୃଷ୍ଣଚୂଡ଼ା

**ସନ୍ୟାସୀ ନାୟକ**

କେମିତି କହିବି
କହ କୃଷ୍ଣଚୂଡ଼ା
ମୋ' ଛାତିର ଯନ୍ତ୍ରଣା ତୋତେ,
ତୋ' ଲାଗିରେ ଆଜି
ପ୍ରିୟା ମନେପଡ଼େ
ପରବାସେ ଆଜି କେତେ...

କେଜାଣି କାହିଁକି
ତୋ' ଫୁଲରେ ଦେଖେ
ମୋ' ପ୍ରିୟା ଓଠ ଖିଲିଖିଲି,
ତୋ' ନାଲି ମୁରୁଜର
ପାଖୁଡ଼ା ଉପରେ
ପ୍ରିୟା ଓଠ ମଖମଲି...

ତୋ' ଗଭାରେ ଗଭାରେ
ଶୋଭା ବିମଣ୍ଡିତ
ଫୁଲର ଭୂଷଣ ଦୋଳି,
ଫୁଲେଇ ପ୍ରିୟା ମୋ'
ଭୂଷଣ ପାଗଳୀ
କେତେ କରୁଥା'ନ୍ତା ଅଳି...

ନିଦାଘର ଏହି
ଦାରୁଣ ଅରୁଣେ
ତୁ ହସୁଛୁ କୁରୁଳି କୁରୁଳି,
ତୋ' ରୂପ ଲାବଣ୍ୟେ
ମୋ' ମନର ବନ,
ଈର୍ଷାରେ ଯାଉଛି ଜଳି...

ମୋ: ୯୪୩୭୩୫୨୫୬୦

## କ୍ଷୁଦ୍ରଗଳ୍ପ

## ବଦଳି

**ପ୍ରଦୀପ କୁମାର ମହାପାତ୍ର**

ସରକାରଙ୍କ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ ସବୁ ଯେଉଁ ବିରାଟ ବହୁତଳ ବିଶିଷ୍ଟ ଅଟ୍ଟାଳିକାରେ ଅଛି ତା'ର ଚତୁର୍ଥ ମହଲାରେ ଶିକ୍ଷା ବିଭାଗର କାର୍ଯ୍ୟାଳୟ। ଘଟଣାକ୍ରମେ ସେଇଠି ଦିନେ ଅପରାହ୍ଣରେ ଦୁଇଜଣ ପରସ୍ପର ଚିହ୍ନାଜଣା ଅବସରପ୍ରାପ୍ତ ପ୍ରଫେସରଙ୍କର ଦେଖାସାକ୍ଷାତ ହେଲା। ଅର୍ଥନୀତିର ପ୍ରଫେସର ଡ. ନୀତିମୋହନ ଓ ଦର୍ଶନ ଶାସ୍ତ୍ରର ପ୍ରଫେସର ଡ. ବିଶ୍ୱରଞ୍ଜନ ତିରିଶବର୍ଷ ପୂର୍ବେ ରାଜଧାନୀଠାରୁ ଦୁଇଶହ କିମି ଦୂରରେ କୌଣସି ଏକ ସରକାରୀ ମହାବିଦ୍ୟାଳୟରେ ଚାକିରି ଜୀବନ ଆରମ୍ଭ କରିଥିଲେ। ଚାକିରି କରିବାର ଦୁଇବର୍ଷ ପରେ ନୀତିମୋହନ ବଦଳି ହୋଇଆସିଲେ ଭୁବନେଶ୍ୱରକୁ, କିନ୍ତୁ ବିଶ୍ୱରଞ୍ଜନ ସେଇ ଉପାନ୍ତ ଅଞ୍ଚଳରେ କର୍ମ ଆଦରି ଶିକ୍ଷାଦାନରେ ବ୍ୟସ୍ତ ରହିଲେ। ଶିକ୍ଷାଦାନ କରି ଆଦର୍ଶ ଶିକ୍ଷକ ରୂପେ ଚିହ୍ନିତ ହେଲେ ମଧ୍ୟ। ଦୀର୍ଘ ଏତେ ବର୍ଷର ବ୍ୟବଧାନ ପରେ ଏ ଦେଖାସାକ୍ଷାତ। ପରସ୍ପର କିଛି ସମୟ ଚାହାଁଚାହିଁ ହେବା ପରେ ଜଣେ ଆରଜଣକୁ ଆବିଷ୍କାର କରିବା ପାଇଁ ସ୍ୱଳ୍ପ ସମୟ ଲାଗିଥିଲା ନିଶ୍ଚୟ। ଉଭୟ ପ୍ରଥମେ ଆଶ୍ଚର୍ଯ୍ୟଚକିତ ହୋଇ ତତ୍‌ପରେ ମୃଦୁଆନନ୍ଦ ପ୍ରକାଶ କରି ପରସ୍ପରର କୁଶଳ ଜିଜ୍ଞାସା କଲେ।

ନୀତି ମୋହନ– ଓଃ, ତାହାହେଲେ ରଞ୍ଜନବାବୁ ଭୁବନେଶ୍ୱରରେ, ଆପଣ କୋଉଠି ରହୁଛନ୍ତି ? ନିଜ ଘର ନା ଆପାର୍ଟମେଣ୍ଟ ?

ବିଶ୍ୱରଞ୍ଜନ– ନା ଭୁବନେଶ୍ୱରରେ ନୁହେଁ ମ! ମୁଁ ଫୁଲବାଣୀରେ ରହୁଛି। ପେନ୍‌ସନ କାର୍ଯ୍ୟଟି ତଦାରଖ କରିବା ସକାଶେ ବସ୍‌ରେ ଆସିଥିଲି। ସନ୍ଧ୍ୟାକୁ ପୁଣି ଫେରିଯିବି।

ନୀତି ମୋହନ– ଆଶ୍ଚର୍ଯ୍ୟ! ଆପଣ ସେଇଠି ଏଯାଏଁ! ଆଉ ଆପଣଙ୍କର ବଦଳି କ'ଣ ହୋଇନଥିଲା ଅନ୍ୟ କୌଣସି ମହାବିଦ୍ୟାଳୟକୁ? ଏହା କହିବାବେଳକୁ ନୀତିମୋହନଙ୍କ ଆଖି ଦୁଇଟି ଢେର୍ ବଡ଼ ହୋଇଯାଇଥିଲା ଓ ଅପରପକ୍ଷରେ ବିଶ୍ୱରଞ୍ଜନଙ୍କର ଆଖି ଦିଓଟି ଢେର୍ କ୍ଷୁଦ୍ରାକୃତି ଧାରଣ କରିସାରିଥିଲା।

ଉଭୟଙ୍କ ବାର୍ତ୍ତାଳାପରୁ ଯାହା ଜଣାଗଲା ତା' ହେଲା– ପ୍ରତିବର୍ଷ ବିଶ୍ୱରଞ୍ଜନ ବଦଳି ପାଇଁ ବିଭାଗୀୟ ମୁଖ୍ୟଙ୍କୁ ଯଥାରୀତି ଆବେଦନ କରିଆସୁଥିଲେ। ତାଙ୍କ ଭଳି ଅନେକ ଆଶାୟୀ ଆବେଦନ କରି ଭିନ୍ନ ଭିନ୍ନ ସମୟରେ ବଦଳି ହୋଇଗଲେ ମଧ୍ୟ। କିନ୍ତୁ ସେ ନିରାଶ ନ ହୋଇ ନିଜ ପାଳିକୁ ଯାହା ଅପେକ୍ଷା କରି ରହିଥା'ନ୍ତି। ତା'ଛଡ଼ା ବଦଳି ହେବା କ'ଣ ଏତେ ସହଜ ବ୍ୟାପାର ? ତାଙ୍କର ଦୃଢ଼ ବିଶ୍ୱାସ ବିଭାଗୀୟ ଅଧିକାରୀମାନେ ମାମଲା ସବୁର ଗୁରୁତ୍ୱକୁ ପୁଙ୍ଖାନୁପୁଙ୍ଖ ବିଚାର ପୂର୍ବକ ବଦଳି ଆଦେଶ ନିର୍ଦ୍ଧାରଣ କରିବେ। ୟା' ଭିତରେ ବିଶ୍ୱରଞ୍ଜନଙ୍କ ପିଲାଛୁଆ ସେଇ ଛୋଟ ସହରରେ ବଡ଼ ହୋଇ ନିଜ ନିଜର ସାମର୍ଥ୍ୟ ମୁତାବକ କର୍ମସଂସ୍ଥାନରେ ନିୟୋଜିତ ହେଲେଣି। କିନ୍ତୁ ଚାକିରି ଶେଷ ଯାଏ ବିଶ୍ୱରଞ୍ଜନ ବଦଳି ପାଇଁ ଆବେଦନ କରିବାରେ କେବେ ହେଳା କରିନାହାନ୍ତି। ତାଙ୍କର ବିଶ୍ୱାସ ଯେ, ତାଙ୍କର ବଦଳି ବିଭାଗ ତରଫରୁ ନିଶ୍ଚୟ କାର୍ଯ୍ୟକାରୀ ହେବ। କେବଳ ବେଳକାଳକୁ ଅପେକ୍ଷା ଯାହା। ହେଲେ ସମୟାନ୍ତରରେ କାର୍ଯ୍ୟାଳୟ, ତା'ର ଅଧିକାରୀଗଣ ଓ ସରକାର ୟା'ଭିତରେ ପାଞ୍ଚ କି ଛ' ଥର ବଦଳି ସାରିଥିଲେ ବି ଏତେ ବଡ଼ ନାମକରା ପ୍ରଫେସରଙ୍କର ବଦଳି ହୋଇପାରିଲା ନାହିଁ।

ଘଟଣାଟି ସବୁ ଆମୂଳଚୂଳ ଶୁଣି ସାରି ସଂସାର ବିଦ୍ୟାରେ ପାରଙ୍ଗମ ନୀତିମୋହନ ହସିବେ, କାନ୍ଦିବେ ନା ଶୋକ ପ୍ରକାଶ କରିବେ ଅଥବା ଭୀଷଣ ଅଟ୍ଟହାସ୍ୟ କରି ପରିସ୍ଥିତିକୁ ହାଲୁକା କରିଦେବେ, ସହସା ତାଙ୍କ ମୁଣ୍ଡକୁ କିଛି ବୁଦ୍ଧି ଜୁଟିଲା ନାହିଁ। ଅଳ୍ପ ସମୟ ପରେ ସେ ଖୁବ୍ ଶାନ୍ତ ଅଥଚ ଗମ୍ଭୀର ହୋଇ କହିଲେ– ଭାଇ ରଞ୍ଜନ ବୁଝିଲ, ଏଠି କେହି କାହାର ବଦଳି କରନ୍ତି ନାହିଁ। ନିଜର ବଦଳି ନିଜକୁ କରିବାକୁ ହୋଇଥାଏ। ଅବଶ୍ୟ ଏଥିପାଇଁ ଅନ୍ୟ ଏକ ଦର୍ଶନର ଆବଶ୍ୟକତା ଥିଲା। ଏ ବିଦ୍ୟାର ଉଲ୍ଲେଖ ପାଠ ବହିରେ ତ ଆଦୌ ନାହିଁ। ଏହା କହିସାରି ସେ ସ୍ଥାନ ଛାଡ଼ି ଅବିଳମ୍ବେ ଚାଲିଗଲେ।

ପେନ୍‌ସନ କାର୍ଯ୍ୟସାରି ବିଶ୍ୱରଞ୍ଜନ ବସ୍‌ରେ ଫୁଲବାଣୀ କିପରି ଫେରିଲେ ସେ କଥା କହି କିଛି ଲାଭ ନାହିଁ। କିନ୍ତୁ ପଡ଼ିଶା ଲୋକଙ୍କ ଅଭିଯୋଗ, ସେ ଆଉ କାହା ସହିତ ପୂର୍ବ ଭଳି ମିଳାମିଶା କରୁନାହାନ୍ତି। ସ୍ତ୍ରୀ ବି ସେଇ କଥା ଠିକ୍ ଠଉରେଇ ପାରିଛନ୍ତି। କ'ଣ ଗୋଟିଏ ଜୀବନ ଦର୍ଶନର ସୁରାକ ପାଇଗଲେ ଯେ, ଦର୍ଶନବିଦ୍ୟାର ପ୍ରଫେସର ଏକବାର ଶାନ୍ତ ପଡ଼ିଯାଇଛନ୍ତି। ଅବଶ୍ୟ ଏପରି ହଠାତ୍ ଚଳଚଞ୍ଚଳ ଲୋକଟା ଶାନ୍ତ ପଡ଼ିଯିବାଟା ସଂସାର ଦୃଷ୍ଟିରୁ ଶୁଭଙ୍କର ନୁହେଁ।

ମୋ: ୮୨୮୦୪୫୫୪୮୦



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜୁନ୍ ୩/୨୦୨୩ Bhubaneswar, Saturday, June 3/ 2023



ଫ୍ରେଞ୍ଚ୍ ଓପନ ଟେନିସ ତୃତୀୟ ରାଉଣ୍ଡ ଅବସରରେ ଆରିନା ସାବାଲେଙ୍କା।

# ଚତୁର୍ଥ ରାଉଣ୍ଡରେ ସାବାଲେଙ୍କା, ପାଭ୍‌ଲ୍ୟୁଚେଙ୍କୋଭା

**ଫ୍ରେଞ୍ଚ୍ ଓପନ ଟେନିସ**

ପ୍ୟାରିସ, ୨।୬

ଆରିନା ସାବାଲେଙ୍କା, ଆନାସ୍ତାସିଆ ପାଭ୍‌ଲ୍ୟୁଚେଙ୍କୋଭା, ଏଲିସ ମେର୍ଟେନ୍ସ, ଡାରିଆ କାସାଟ୍‌କିନା ପ୍ରମୁଖ ଚଳିତ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ତୃତୀୟ ରାଉଣ୍ଡ ମ୍ୟାଚରେ ସାବାଲେଙ୍କା ୬-୨, ୬-୨ ସେଟ୍‌ରେ କାମିଲା ରାଖିମୋଭା, ପାଭ୍‌ଲ୍ୟୁଚେଙ୍କୋଭା ୪-୬, ୬-୩, ୬-୦ରେ ଆନାସ୍ତାସିଆ ପୋଟାପୋଭାଙ୍କୁ ପରାସ୍ତ କରିଛନ୍ତି। ସେହିପରି ମେର୍ଟେନ୍ସ ୬-୧, ୬-୩ରେ ଜେସିକା ପେଗୁଲା, କାସାଟ୍‌କିନା ୬-୦, ୬-୧ରେ ପେଟନ ଷ୍ଟିଅର୍ନ୍ସଙ୍କୁ ହରାଇ ଦେଇଛନ୍ତି। ଅନ୍ୟଏକ ମ୍ୟାଚରେ ଏଲିନା ସ୍ୱିତୋଲିନା ୨-୬, ୬-୨, ୭-୫ ସେଟ୍‌ରେ ଆନା ବ୍ଲିଙ୍କୋଭାଙ୍କୁ ପରାସ୍ତ କରିଛନ୍ତି। ପରାଜିତ ହୋଇଥିବା ଖେଳାଳିଙ୍କ ମଧ୍ୟରେ ଆମେରିକାର ପେଗୁଲା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ତୃତୀୟ ସ୍ଥାନରେ ରହିଛନ୍ତି। ତାଙ୍କୁ ହରାଇଥିବା ମେର୍ଟେନ୍ସ ୨୮ତମ ର୍‍ୟାଙ୍କ୍‌ରେ ଅଛନ୍ତି। ଗତ ୫ଟି ବଡ଼ ଟୁର୍ନାମେଣ୍ଟ ମଧ୍ୟରୁ ୪ଟିରେ ସେ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ଏହା ମଧ୍ୟରେ ଗତବର୍ଷର ଫ୍ରେଞ୍ଚ୍ ଓପନ ସାମିଲ। ଏହା ପୂର୍ବରୁ ୫ମ ସିଡ୍ କାରୋଲିନା ଗାର୍ସିଆ, ୮ମ ସିଡ୍ ମାରିଆ ସାକାରି ଓ ୧୦ମ ସିଡ୍ ପେଟ୍ରା କ୍ୱିଟୋଭା ମଧ୍ୟ ଶୀଘ୍ର ବିଦାୟ ନେଇଛନ୍ତି।



ଜେସିକା ପେଗୁଲା

## ଜୋକୋଭିଚ୍ ବିଜୟୀ

ପୁରୁଷ ସିଙ୍ଗଲ୍ସର ଏକ ତୃତୀୟ ରାଉଣ୍ଡ ମ୍ୟାଚରେ ନୋଭାକ୍ ଜୋକୋଭିଚ୍ ୭-୬ (୭/୪), ୭-୬ (୭/୫), ୬-୨ ସେଟ୍‌ରେ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫୋକିନାଙ୍କୁ ପରାସ୍ତ କରିଛନ୍ତି। ୭ମ ସିଡ୍ ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କୁ ବିଦାୟ ପଥ ଦେଖାଇଛନ୍ତି ଲୋରେଞ୍ଜୋ ସୋନେଗୋ। ୫ ସେଟ୍ ବିଶିଷ୍ଟ ସଂଘର୍ଷପୂର୍ଣ୍ଣ ଫାଇନାଲରେ ସୋନେଗୋ ୫-୭, ୦-୬, ୬-୩, ୭-୬ (୭/୫), ୬-୩ ସେଟ୍‌ରେ ରୁବଲେଭଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ୧୧ତମ ସିଡ୍ କରେନ ଖାଚାନୋଭ ୬-୪, ୬-୧, ୩-୬, ୭-୬ (୭/୫) ସେଟ୍‌ରେ ଥାନାସି କୋକିନାକିସ୍‌ଙ୍କୁ ହରାଇ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି।






# କୁସ୍ତିଯୋଦ୍ଧାଙ୍କୁ ୧୯୮୩ ବିଶ୍ୱକପ୍ ବିଜୟୀଙ୍କ ସମର୍ଥନ

**ତରବରିଆ ନିଷ୍ପତ୍ତି ନ ନେବାକୁ ପରାମର୍ଶ**

ନୂଆଦିଲ୍ଲୀ, ୨।୬(ପି.ଟି.)

ବିକ୍ଷୋଭ ପ୍ରଦର୍ଶନକାରୀ କୁସ୍ତିଯୋଦ୍ଧାମାନଙ୍କୁ ୧୯୮୩ କ୍ରିକେଟ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟମାନେ ସମର୍ଥନ ଜ୍ଞାପନ କରିଛନ୍ତି। ଖେଳାଳିମାନଙ୍କ ବିଷୟ ଶୁଣାଯିବ ଏବଂ ସମାଧାନ କରାଯିବ ବୋଲି ସେମାନେ ଆଶା କରିଛନ୍ତି। ତେଣୁ ତରବରିଆ ଭାବେ କୌଣସି ନିଷ୍ପତ୍ତି ନ ନେବା ଲାଗି ପରାମର୍ଶ ଦେଇଛନ୍ତି। ୧୯୮୩ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟମାନେ ଏକ ମିଳିତ ବିବୃତିରେ କହିଛନ୍ତି, କୁସ୍ତିଯୋଦ୍ଧାଙ୍କ ଉପରେ ପୋଲିସର ବଳ ପ୍ରୟୋଗ ଦୃଶ୍ୟ ସେମାନଙ୍କୁ ବ୍ୟଥିତ ଓ ବିବ୍ରତ କରିଛି। କିନ୍ତୁ ଦେଶର ଆଇନ ବ୍ୟବସ୍ଥା ଉପରେ ସେମାନଙ୍କର ଭରସା ରହିଛି। ମହିଳା କୁସ୍ତିଯୋଦ୍ଧାଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗରେ ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ମୁଖ୍ୟ ବ୍ରିଜ୍ ଭୂଷଣ ଶରଣ ସିଂଙ୍କୁ ଗିରଫ କରିବା ଲାଗି ଭିନେଶ ଫୋଗତ, ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ ସମେତ ବହୁ କୁସ୍ତିଯୋଦ୍ଧା ଦାବିକରି ଆସୁଛନ୍ତି। ଗତ ମେ' ୩୦ରେ ସେମାନେ ସମର୍ଥକମାନଙ୍କ ସହ ହରିଦ୍ୱାରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତୁରନ୍ତ ଦାବି ପୂରଣ ନ ହେଲେ ସେମାନେ ପବିତ୍ର ଗଙ୍ଗା ନଦୀରେ ସେମାନଙ୍କ ପଦକକୁ ବିସର୍ଜନ କରିଦେବେ ବୋଲି ଧମକ ଦେଇଥିଲେ। ସୂଚନାଯୋଗ୍ୟ, ଗତ ମେ' ୨୮ରେ ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାମାନେ ନୂଆ ପାର୍ଲାମେଣ୍ଟ ଭବନ ଆଡକୁ ଅଗ୍ରସର ହେଉଥିବା ବେଳେ ଆଇନ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ପୋଲିସ ସେମାନଙ୍କୁ ଗିରଫ କରି ଅଟକ ରଖିଥିଲା। କେବଳ ସେତିକି ନୁହେଁ ପୋଲିସ ଯନ୍ତରମନ୍ତରସ୍ଥିତ କୁସ୍ତିଯୋଦ୍ଧାଙ୍କ ଧାରଣାସ୍ଥଳକୁ ଯାଇ ସେମାନଙ୍କ ଜିନିଷପତ୍ରକୁ ହଟାଇ ଦେଇଥିଲା। କୁସ୍ତିଯୋଦ୍ଧାମାନଙ୍କୁ ଆଉ ଧାରଣାରେ ବସିବାକୁ ଦିଆଯିବ ନାହିଁ ବୋଲି ପୋଲିସ ପକ୍ଷରୁ ସୂଚାଇ ଦିଆଯାଇଥିଲା। କୁସ୍ତିଯୋଦ୍ଧାଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ବହୁ ବର୍ଷର କଠିନ ପରିଶ୍ରମ ଓ ଅଧ୍ୟବସାୟ ଯୋଗୁ ପଦକ ହାସଲ କରାଯାଇପାରିଛି। ଏହି ପଦକଗୁଡ଼ିକ କେବଳ ଆମର ବ୍ୟକ୍ତିଗତ ନୁହେଁ, ବରଂ ଦେଶ ପାଇଁ ଗର୍ବ ଓ ଖୁସିର ବିଷୟ ବୋଲି କୁହାଯାଇଛି। କପିଳ ଦେବଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ କ୍ଲାଇଭ୍ ଲୟଡଙ୍କ ନେତୃତ୍ୱାଧୀନ ଶକ୍ତିଶାଳୀ ୱେଷ୍ଟଇଣ୍ଡିଜକୁ ପରାସ୍ତ କରି ବିଶ୍ୱକପ୍ ଟ୍ରଫି ହାସଲ କରିଥିଲା। ଏହା ୧୯୮୩ ବିଶ୍ୱକପ୍ ବିଜୟୀ ଦଳର ସମସ୍ତ ସଦସ୍ୟଙ୍କ ମିଳିତ ବିବୃତି ବୋଲି କପିଳ କହିଛନ୍ତି।




୧୯୮୩ ବିଶ୍ୱକପ ବିଜୟୀ ଦଳର ସଦସ୍ୟ କପିଳ ଦେବ, ମହିନ୍ଦର ଅମରନାଥ ଓ ସୟଦ କିର୍ମାନୀ।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ